# CLASS-XI



## Work Book Cum Question Bank with Answers

# M.I.L. (ODIA)

SCHEDULED CASTES & SCHEDULED TRIBES
RESEARCH & TRAINING INSTITUTE (SCSTRTI)
ST & SC DEVELOPMENT DEPARTMENT
BHUBANESWAR

# WORK BOOK CUM
# QUESTION BANK WITH ANSWERS

# M.I.L. (ODIA)

## CLASS - XI


*Compiled by :*

**Dr. Pramod Kumar Parida,** M.A., Ph.D.
Retired Reader in Odia
B.J.B. (Autonomous) College, Bhubaneswar



SCHEDULED TRIBE & SCHEDULED CASTE
DEVELOPMENT DEPARTMENT
GOVERNMENT OF ODISHA

*Prepared by*

SCHEDULED CASTES & SCHEDULED TRIBES
RESEARCH AND TRAINING INSTITUTE
BHUBANESWAR – 751OO3

2020

# ସୂଚୀପତ୍ର


| ବିଷୟ | ପୃଷ୍ଠା ସଂଖ୍ୟା |
|---|---|
| • M.I.L. (Odia) (1st Year) Syllabus | ୧-୨ |
| • ଆଧୁନିକ ଭାରତୀୟ ଭାଷା ଏବଂ ଓଡ଼ିଆ | ୩-୬ |
| • ପ୍ରଥମ ଏକକ : ପ୍ରବନ୍ଧ ବିଭାଗ | ୭-୧୪ |
| • ପ୍ରଥମ ଏକକ : ପ୍ରବନ୍ଧ ବିଭାଗ (ଉତ୍ତର) | ୧୫-୨୩ |
| • ଦ୍ୱିତୀୟ ଏକକ : କବିତା ବିଭାଗ | ୨୪-୩୧ |
| • ଦ୍ୱିତୀୟ ଏକକ : କବିତା ବିଭାଗ (ଉତ୍ତର) | ୩୨-୩୮ |
| • ତୃତୀୟ ଏକକ : ଏକାଙ୍କିକା ବିଭାଗ | ୩୯-୪୬ |
| • ତୃତୀୟ ଏକକ : ଏକାଙ୍କିକା ବିଭାଗ (ଉତ୍ତର) | ୪୭-୫୪ |
| • ଚତୁର୍ଥ ଏକକ : ବୋଧଜ୍ଞାନ ପରୀକ୍ଷଣ | ୫୫ |
|     • ଗଦ୍ୟ ବିଭାଗ | ୫୫-୬୧ |
|     • ପଦ୍ୟ ବିଭାଗ | ୬୨-୬୬ |
|     • ସମ୍ବାଦ ଲିଖନ | ୬୭-୬୯ |
|     • ପ୍ରବନ୍ଧ | ୭୦-୭୨ |
|     • ପ୍ରତଲିଖନ | ୭୩-୭୬ |
|     • ବ୍ୟାକରଣ | ୭୭-୮୨ |


***

# M.I.L. (Odia) (1st Year) Syllabus

## ପ୍ରଥମ ଏକକ - ଗଦ୍ୟ (୧୬ ପିରିଅଡ଼)

୧. 'ଶରଣ୍ଣ ପଦର' - ଗୋପୀନାଥ ମହାନ୍ତି

୨. ଝେଲମ୍ ନଦୀରେ ସଂଧ୍ୟା - କୁଞ୍ଜବିହାରୀ ଦାଶ

୩. ମଧୁବାବୁ - ଚିନ୍ତାମଣି ଆଚାର୍ଯ୍ୟ

୪. ଗାଁ ମଜଲିସ୍ - ହରେକୃଷ୍ଣ ମହତାବ

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ। ସେଥି ମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ।

  ଏହାର ମୂଲ୍ୟ ୧ x ୫ = ୫ ନମ୍ବର।
- ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୩ ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୧ x୩ = ୩ ନମ୍ବର।
- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୨ x ୨ = ୪ ନମ୍ବର।
- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୩ x ୧ = ୩ ନମ୍ବର।
- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ। ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ।

  ଏହାର ମୂଲ୍ୟ ୫ ନମ୍ବର।

## ଦ୍ୱିତୀୟ ଏକକ - ପଦ୍ୟ (୧୬ ପିରିଅଡ଼)

୧. ସାହାଡ଼ା ବୃକ୍ଷ - ସାରଳା ଦାସ

୨. ଶାପ ମୋଚନ - ଜଗନ୍ନାଥ ଦାସ

୩. ହିମକାଳ - ଦୀନକୃଷ୍ଣ ଦାସ

୪. ମିତ୍ରତା - ଉପେନ୍ଦ୍ର ଭଞ୍ଜ

୫. ପୟରେ ପଶୁଛି ଶରଣ - ଭୀମଭୋଇ

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ। ସେଥି ମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ।

  ଏହାର ମୂଲ୍ୟ ୧ x ୫ = ୫ ନମ୍ବର।
- ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୩ ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୧ x୩ = ୩ ନମ୍ବର।
- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୨ x ୨ = ୪ ନମ୍ବର।
- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୩ x ୧ = ୩ ନମ୍ବର।
- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ। ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ।

  ଏହାର ମୂଲ୍ୟ ୫ ନମ୍ବର।

## ତୃତୀୟ ଏକକ - ଗଦ୍ୟ (୧୬ ପିରିଅଡ଼)

୧. ଅତ୍ୟାଚାରିତ - ପ୍ରାଣବନ୍ଧୁ କର

୨. ଭାଲୁ ଉପଦ୍ରବ - ବିଜୟ ମିଶ୍ର

୩. ସୀମିତ ସମ୍ପର୍କ - କାର୍ତ୍ତିକ ଚନ୍ଦ୍ର ରଥ

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ। ସେଥି ମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ।

  ଏହାର ମୂଲ୍ୟ ୧ x ୫ = ୫ ନମ୍ବର।
- ୪ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୩ ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୧ x୩ = ୩ ନମ୍ବର।

- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।
  ଏହାର ମୂଲ୍ୟ ୨ x ୨=୪ ନମ୍ବର।
- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ।
  ଏହାର ମୂଲ୍ୟ ୩ x ୧ = ୩ ନମ୍ବର।
- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ। ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ।
  ଏହାର ମୂଲ୍ୟ ୫ ନମ୍ବର।

## ଚତୁର୍ଥ ଏକକ - ବୋଧଜ୍ଞାନ (୧୬ ପିରିଅଡ଼)

୧. ଅବବୋଧ ପରୀକ୍ଷଣ

(କ) ଗଦ୍ୟାଂଶ

(ଖ) ପଦ୍ୟାଂଶ

୨. ସମ୍ବାଦ ଲିଖନ

(କ) ଅବବୋଧ ପରୀକ୍ଷଣ ନିମନ୍ତେ ଏକ ଗଦ୍ୟ ଅନୁଚ୍ଛେଦ ଦିଆଯିବ। ସେଥିରୁ ପ୍ରଥମ ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।
ଏହାର ମୂଲ୍ୟ ୧ x ୪ = ୪ ନମ୍ବର।

ପୁନଶ୍ଚ

ସେଥିରୁ ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।
ଏହାର ମୂଲ୍ୟ ୨ x ୩ = ୬ ନମ୍ବର।

(ଖ) ଗୋଟିଏ ଅଜ୍ଞାତ କବିତା ଦିଆଯିବ। ସେଥିରୁ ୫ଟି ପ୍ରଶ୍ନ ପଡ଼ିବ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।

ଏହାର ମୂଲ୍ୟ ୧ x ୫ = ୫ନମ୍ବର।

(ଗ) ସାଂପ୍ରତିକ ଘଟଣାକ୍ରମକୁ ଆଧାର କରି ସମ୍ବାଦ ପ୍ରସ୍ତୁତ କରାଯିବ। ଦୁଇଟି ପ୍ରଶ୍ନ ମଧ୍ୟରୁ ଗୋଟିକର ଉତ୍ତର ଦେବାକୁ ହେବ ୧୫୦ ଶବ୍ଦ ମଧ୍ୟରେ।
ଏହାର ମୂଲ୍ୟ ୫ x ୧ = ୫ ନମ୍ବର।

## ପଞ୍ଚମ ଏକକ - ପ୍ରବନ୍ଧ ଓ ବ୍ୟାକରଣ (୧୬ ପିରିଅଡ଼)

(କ) ପ୍ରବନ୍ଧ

(ଖ) ପତ୍ର ଲିଖନ

(ଗ) ବ୍ୟାକରଣ

ପଦ ପ୍ରକରଣ - ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା

- ପ୍ରବନ୍ଧରୁ ତିନୋଟି ପ୍ରଶ୍ନ ଦିଆଯିବ। ସେଥିରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୫୦ ରୁ ୨୦୦ ଶବ୍ଦ ମଧ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୫ x ୧ = ୫ ନମ୍ବର।
- ପତ୍ର ଲିଖନରୁ ଦୁଇଟି ପ୍ରଶ୍ନ ଦିଆଯିବ। ସେଥିରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦେବାକୁ ହେବ।

  ଏହାର ମୂଲ୍ୟ ୫ x ୧ = ୫ ନମ୍ବର
- ପଦ ପ୍ରକରଣରୁ ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟାରୁ ୪ଟି ଲେଖାଏଁ ପ୍ରଶ୍ନ ପଡ଼ିବ। ସେଥିରୁ ୨ଟି ଲେଖାଏଁ ପ୍ରଶ୍ନର ଉତ୍ତର ଦେବାକୁ ହେବ।

  ଏହାର ମୂଲ୍ୟ ୧ x ୨ = ୨, ୧ x ୨ = ୨, ୧ x ୨= ୨, ୧ x ୨ = ୨, ୧ x ୨ = ୨ = ୧୦ ନମ୍ବର।

# ଆଧୁନିକ ଭାରତୀୟ ଭାଷା ଏବଂ ଓଡ଼ିଆ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ପ୍ରଚଳିତ ପାଠ୍ୟକ୍ରମର ପ୍ରତ୍ୟେକ ଶାଖାରେ ଦୁଇଟି ଲେଖାଏଁ ବାଧ୍ୟତାମୂଳକ ବିଷୟ ଅନ୍ତର୍ଭୁକ୍ତ। ସେଥିମଧ୍ୟରୁ ଏମ୍.ଆଇ.ଏଲ୍. (M.I.L. - Modern Indian Language) ଆଧୁନିକ ଭାରତୀୟ ଭାଷା ଗୋଟିଏ। ଭାରତ ବର୍ଷରେ ଯେକୌଣସି ପ୍ରଦେଶରେ ପ୍ରଚଳିତ ଯେ କୌଣସି ଆଧୁନିକ ଭାଷା ଯାହା ଓଡ଼ିଶା ମାଧ୍ୟମିକ ପରିଷଦଦ୍ୱାରା ସ୍ୱୀକୃତ ହୋଇଥିବ – ତା'କୁ ଗୋଟିଏ ବିଷୟ ଭାବରେ ପରିକ୍ଷାର୍ଥୀମାନେ ଗ୍ରହଣ କରିପାରିବେ।

ଆମେ ଓଡ଼ିଶାରେ ଓଡ଼ିଆ ଭାଷାକୁ ଏମ୍.ଆଇ.ଏଲ୍. ବିଷୟ ଭାବରେ ଗ୍ରହଣ କରିଥିବାର ଦେଖାଯାଏ। ଅବଶ୍ୟ ଏହା ସହିତ ଅନ୍ୟାନ୍ୟ କେତେକ ଭାଷାକୁ ଏହି ବିଷୟ ଭାବରେ ଗ୍ରହଣ କରାଯାଉଛି। ତେବେ ଓଡ଼ିଶାରେ ଓଡ଼ିଆ ଭାଷା ଉପରେ ଗୁରୁତ୍ୱ ପ୍ରଦାନ କରି ଏହାକୁ ଅଧିକାଂଶ ଛାତ୍ରଛାତ୍ରୀ ଗ୍ରହଣ କରିଥା'ନ୍ତି। ଏଥିପାଇଁ କେତୋଟି କାରଣ ପରିଲକ୍ଷିତ ହୁଏ।

ଓଡ଼ିଆ ଭାଷା ଓଡ଼ିଶା ପ୍ରଦେଶର ରାଜ୍ୟଭାଷା। ସରକାରୀ ସ୍ତରରେ ସମସ୍ତ କାର୍ଯ୍ୟାଳୟର ବ୍ୟବହୃତ ଭାଷା ଭାବେ ଏହାକୁ ପ୍ରାଧାନ୍ୟ ଦିଆଯାଇଛି। ଏପରିକି ଅନ୍ୟ ପ୍ରଦେଶରୁ ଅନ୍ୟ ଭାଷାଭାଷୀ ବ୍ୟକ୍ତି ଓଡ଼ିଶାରେ ସରକାରୀ ଚାକିରୀ କରିବାକୁ ହେଲେ ସେମାନଙ୍କୁ ସପ୍ତମ ଶ୍ରେଣୀ ମାନକର ଓଡ଼ିଆ ଶିକ୍ଷାର ଏକ ପ୍ରମାଣପତ୍ର ମଧ୍ୟ ଦେବାକୁ ହୋଇଥାଏ।

ଏହି କ୍ରମରେ ମାଧ୍ୟମିକ, ଉଚ୍ଚମାଧ୍ୟମିକ ଏପରି ବିଶ୍ୱବିଦ୍ୟାଳୟ ସ୍ତରରେ କିମ୍ବା ଅନ୍ୟାନ୍ୟ ପ୍ରବେଶିକା ପରୀକ୍ଷାରେ ଏହି ଭାଷାରେ ମଧ୍ୟ ପରୀକ୍ଷା ଦେବାର ବନ୍ଦୋବସ୍ତ ଅଛି।

ପୁନଶ୍ଚ ଏହା ଓଡ଼ିଶା ପ୍ରଦେଶରେ ବାସକରୁଥିବା ପ୍ରତ୍ୟେକ ବ୍ୟକ୍ତିର ମାତୃଭାଷା।

ଏବଂ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା ଯେ, ସମଗ୍ର ଭାରତ ବର୍ଷରେ ପ୍ରଚଳିତ ଭାଷା ଭିତ୍ତିରେ ପ୍ରଦେଶ ଗଠନର ଶ୍ରେୟ ସର୍ବପ୍ରଥମେ ଓଡ଼ିଶାକୁ ହିଁ ଯାଏ।

ରାଜନୈତିକ ଦୃଷ୍ଟିକୋଣରୁ, ସ୍ୱାଭିମାନତା ବଜାୟ ରଖି ଏହି ଓଡ଼ିଆ ଭାଷାକୁ ଆଧୁନିକ ଭାରତୀୟ ଭାଷା ଭାବେ ଗ୍ରହଣ କରି ନିଜର ଉଚ୍ଚ ମାତୃଭାଷା ଓ ଜନ୍ମଭୂମି ପ୍ରତି ଶ୍ରଦ୍ଧା ପ୍ରକଟନ କରିବା କମ୍ ଶ୍ଲାଘ୍ୟ ନୁହେଁ। ପୁଣି ଏହି ଭାଷା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାଷା।

ପ୍ରକୃତରେ ଭାଷା ହେଉଛି ଏକ ସଙ୍କେତ। ମନର ଭାବ ପ୍ରକାଶ ପାଇଁ କିଛି ଅକୁହା ସଙ୍କେତ ବ୍ୟବହାର କରାଯାଏ। ଆଉ କିଛି ଧ୍ୱନି ମାଧ୍ୟମରେ କରାଯାଏ। ମଣିଷର ଫୁସ୍‌ଫୁସ୍‌ରୁ ବାହାରକୁ ଆସୁଥିବା ବାୟୁ ପ୍ରବାହ ଗଳା, କଣ୍ଠ, ତାଳୁ, ମୂର୍ଦ୍ଧା, ଦାନ୍ତ, ଜିଭ ଇତ୍ୟାଦି ସାହାଯ୍ୟ ନେଇ ଯେଉଁ ସବୁଧ୍ୱନି ସୃଷ୍ଟି କରନ୍ତି ସେଗୁଡ଼ିକର ସମନ୍ୱୟରେ ଅର୍ଥ ପ୍ରକାଶିତ ହେଲେ ତାହାକୁ ବାଚକ ସଙ୍କେତ ବା ଭାଷା କହନ୍ତି। ଦି ଜଣ ଲୋକ ଗୋଟିଏ କଥାକୁ ଠିକ୍ ଏକାପରି କହିବା ଟିକେ କଷ୍ଟ। ମୁଖ ଗହ୍ୱରର ଭାଷଣ ଯନ୍ତ୍ର ଗଠନର ତାରତମ୍ୟ ଏହାର କାରଣ ହୋଇପାରେ।

ବାସ୍ତବରେ ଭାଷା ସଂସ୍କୃତିର ବାହକ। ଜଣେ ଲୋକଙ୍କ ଭାଷାରୁ ତାଙ୍କର ଅଞ୍ଚଳ ଜଣାଯାଏ। ତାଙ୍କର ଶିକ୍ଷା, ଶାଳୀନତା, ରୁଚିବୋଧ ଜଣାପଡ଼େ। ତାଙ୍କର ସଂଗୀତ, କଥା, ଗୌରବ ଗାଥା, ଇତିହାସ ଇତ୍ୟାଦି ସବୁ ଜଣାଯାଏ। ତେଣୁ ଭାଷାଶିକ୍ଷା ଓ ତା'ର ଶୁଦ୍ଧପ୍ରୟୋଗ, ଇତ୍ୟାଦି ନିତାନ୍ତ ଆବଶ୍ୟକ। ପୁଣି ମାତୃଭାଷା ଶିକ୍ଷା, ପରିଚିତି, ତା'ର ପ୍ରୟୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଏହା ସ୍ୱାଭିମାନର କଥା କହେ। କାରଣ ଏଇ ଭାଷାରେ ସେ ପ୍ରଥମେ ନିଜକୁ ନିର୍ବିବାଦରେ ପ୍ରକାଶ କରିପାରେ। ତା'ର ଚତୁର୍ପାଶ୍ୱର ସାହି, ପଡ଼ିଶା, ଗଳିକନ୍ଦି, ସହର ବଜାରରେ ଚଳପ୍ରଚଳ ହେବାରେ ତାକୁ ସାହାଯ୍ୟ କରେ। ଏଇଥିରେ ଆକଟ ପାଏ, ଆଦର ପାଏ, ଗାଳିଖାଏ। ଏଇଥିରେ ଆତଯାତ ହୋଇ ସେ ଜୀବନ ବିତାଏ। ତାହା ତା'ର ଜୀବନ ହୋଇଥାଏ। ଜୀବନ ବଞ୍ଚିବାର ଏକ ବଳିଷ୍ଠ ମାଧ୍ୟମ ହୋଇଯାଏ।

ଏଇ କ୍ରମରେ ଆମ ଭାଷାର ଉତ୍ପତ୍ତି ସମ୍ପର୍କରେ ଟିକେ ଜାଣିବା ଆବଶ୍ୟକ। ପୃଥିବୀରେ ବହୁ ଭାଷାର ବ୍ୟବହାର ଦେଖାଯାଏ। ଭାରତ ବର୍ଷରେ ମଧ୍ୟ ଅନେକ ଭାଷାର ପ୍ରଚଳନ ଦେଖାଯାଏ। ସେଗୁଡ଼ିକର ବ୍ୟବହାରଗତ ସାଦୃଶ୍ୟ ଓ ଗଠନଗତ ବୈଶିଷ୍ଟ୍ୟକୁ ବିଚାର କରି ସେଗୁଡ଼ିକୁ ଭାଷା ପରିବାରର ଅନ୍ତର୍ଭୁକ୍ତ କରାଯାଇଛି। ଭାରତରେ ପ୍ରଚଳିତ ଭାଷା ପରିବାରମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ ସଦସ୍ୟ ଥିବା ପରିବାରଟି ହେଉଛି ଭାରତୀୟ ଆର୍ଯ୍ୟଭାଷା ପରିବାର। ଭାଷାତତ୍ତ୍ୱବିତ୍‌ମାନେ ଏହି ପରିବାରର ସଦସ୍ୟ ଭାବରେ ଓଡ଼ିଆ ଭାଷାକୁ ଗ୍ରହଣ କରିଥାନ୍ତି। ବିଭିନ୍ନ କାରଣରୁ ଭାଷାର ରୂପରେ ପରିବର୍ତ୍ତନ ପରିଲକ୍ଷିତ ହୁଏ। ସେହିପରି ଏହି ଭାରତୀୟ ଆର୍ଯ୍ୟଭାଷାର ପରିବର୍ତ୍ତନର ଧାରାକୁ ଅନୁଧ୍ୟାନ କଲେ ଜଣାଯିବଯେ ଏହା ତିନୋଟି ସ୍ତର ଦେଇ ବିବର୍ତ୍ତିତ ହୋଇଛି।

ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷାସ୍ତର – ଏହି ସ୍ତରର ଆଦ୍ୟରୂପ – ବୈଦିକ ସଂସ୍କୃତ। ପରେ ଏହା ଲୌକିକ ଓ ଲିଖିତ ସଂସ୍କୃତ ରୂପରେ ବିବର୍ତ୍ତିତ ହୋଇଛି।

ଏହାର ଦ୍ୱିତୀୟ ସ୍ତର ହେଉଛି ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷା। ପ୍ରାକୃତ, ପାଲି ଏବଂ ଅପଭଂଶ ଏହି ସ୍ତରର ଭାଷାର ରୂପ – ଏବଂ ତୃତୀୟ ସ୍ତର ହେଉଛଇ ଆଧୁନିକ ଭାରତୀୟ ଆର୍ଯ୍ୟଭାଷା। ଅପଭ୍ରଂଶ ଭାଷା ବିଭିନ୍ନ ଆଞ୍ଚଳିକ ବୈଭିନ୍ନ୍ୟ ଓ ବୈଶିଷ୍ଟ୍ୟ ନେଇ ବିଭିନ୍ନ ରୂପରେ ପରିଚିତ। ସେଥିମଧ୍ୟରୁ ପୂର୍ବ ସମାଧି ଅପଭ୍ରଂଶର ତିନୋଟି ରୂପ ଦେଖାଯାଏ – ଓଡ଼ିଆ, ବଙ୍ଗଳା ଏବଂ ଅହମୀୟା।

ଏ ଭାଷାଗୁଡ଼ିକର ଆଦିମତମ ରୂପଚର୍ଯ୍ୟା ଗୀତିକା ବା ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟରେ ପରିଲକ୍ଷିତ ହୁଏ। ମାତ୍ର ଓଡ଼ିଆ ଭାଷା ତା'ର ସ୍ୱକୀୟ ମର୍ଯ୍ୟାଦା ଓ ଆୁନିକତମ ରୂପ ପଞ୍ଚଦଶ ଶତାବ୍ଦୀର ସାରଳା ଦାସଙ୍କ ଦ୍ୱାରା ପ୍ରାପ୍ତ ହୋଇଥିଲା। ସେଦିନ ଓ ଆଜି ଭିତରେ କାଳର ବ୍ୟବଧାନରେ ଭାଷାର ପରିବର୍ତ୍ତନ ଘଟିଛି। ବିଭିନ୍ନ ଶାସକମାନଙ୍କ ସଂସ୍ପର୍ଶରେ ଆସି ନୂତନ ଶବ୍ଦାବଳୀ, ଆହରଣ କରିଛି। ଅନ୍ୟ ଭାଷାଭାଷିଙ୍କ ସହିତ ବାଣିଜ୍ୟିକ, ସାଂସ୍କୃତିକ, ଓ ଜୀବନଧାରଣ ସୂତ୍ରର ସଂସ୍ପର୍ଶରେ ଆସି ନିଜକୁ ସମୃଦ୍ଧ କରିଛି। ସେଥିପାଇଁ ଆଜି ଆମେ କୌଣସି ଭାଷାର ମୌଳିକ ରୂପକୁ ଦେଖିବାକୁ ପାଇବା ନାହିଁ। ଓଡ଼ିଆ ଭାଷାରେ ଆଜି ପ୍ରଚଳିତ ଥିବା ଶବ୍ଦାବଳୀକୁ ତେଣୁ ତତ୍‌ସମ (ସଂସ୍କୃତ ଭଳି), ତତ୍‌ଭବ (ସଂସ୍କୃତରୁ ବିବର୍ତ୍ତିତ) ଦେଶଜ (କିଛି ଖାଣ୍ଟିଓଡ଼ିଆ), ବୈଦେଶିକ (ବିଦେଶୀ ଭାଷା, ଇଂରାଜୀ, ପର୍ତ୍ତୁଗୀଜ, ଆରବିକ୍, ପାର୍ଶୀ (ଯାବନିକ) ଇତ୍ୟାଦି ଭାଗରେ ବିଭକ୍ତ କରାଯାଏ। ପୁଣି ଭାରତରେ ପ୍ରଚଳିତ ଦ୍ରାବିଡ଼ ଭାଷାଗୋଷ୍ଠୀ, ଅଷ୍ଟ୍ରିକ ଭାଷାଗୋଷ୍ଠୀ (ମୁଣ୍ଡାରୀ ଗୋଷ୍ଠୀ – ଆଦିବାସୀ ଭାଷା) ଓ ଚୈନିକ ତିବ୍‌ବତୀୟ ଭାଷାଗୋଷ୍ଠୀର ଶବ୍ଦାବଳୀ ମଧ୍ୟ ଓଡ଼ିଆ ଭାଷାରେ ଦେଖିବାକୁ ମିଳେ।

ସାରଳା ଦାସଙ୍କ ଦ୍ୱାରା ମର୍ଯ୍ୟାଦାପ୍ରାପ୍ତ ଭାଷାରେ ସୃଷ୍ଟ ସାହିତ୍ୟିକ ପରମ୍ପରାକ୍ରମେ ପଞ୍ଚସଖା ଯୁଗର ସାଧନଗ୍ରନ୍ଥ ଓ ଆଖ୍ୟାନଗ୍ରନ୍ଥ ଭାବରେ ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତଙ୍କ ଦ୍ୱାରା ସମୃଦ୍ଧ ହେଲା। ତା'ପରେ ଆସିଲା ରୀତିଯୁଗ ବା କାବ୍ୟଯୁଗ। ସଂସ୍କୃତ କାବ୍ୟ ପରମ୍ପରାର ଅନୁସରଣରେ ସୃଷ୍ଟକାବ୍ୟ ପରମ୍ପରା – ଉପେନ୍ଦ୍ର, ଦୀନକୃଷ୍ଣ ଅଭିମନ୍ୟୁ ଇତ୍ୟାଦିଙ୍କ ଦ୍ୱାରା ଉତ୍କର୍ଷ ଲାଭକଲା। ପରେ ପରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବରେ ପ୍ରଭାବିତ ସାହିତ୍ୟିକ ଧାରା।

ରାଧାନାଥ, ଫକୀରମୋହନ, ଗଙ୍ଗାଧର, ମଧୁସୂଦନ, ନନ୍ଦକିଶୋରଙ୍କ ନେତୃତ୍ୱରେ ସାହିତ୍ୟର ରୂପ ଓ ଆତ୍ମା ପରିବର୍ତ୍ତିତ ହେଲା । ଆମେ କହିଲୁ ଆଧୁନିକ ଯୁଗ । ରଚନା କରାହେଲା କବିତା, କାବ୍ୟ, ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ନାଟକ ଇତ୍ୟାଦି ।

ପରେ ଆସିଲେ ଆହୁରି ପଞ୍ଚସଖା । ସ୍ୱାଧୀନତା ସଂଗ୍ରାମକୁ ଆଖିଆଗରେ ରଖି ଜାତି ଗଠନ ପାଇଁ ସାହିତ୍ୟିକ ଧାରାରେ ପରିବର୍ତ୍ତନ ଆଣିଲେ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର । ଏଇଠି ସାହିତ୍ୟରେ ନୀତିଧର୍ମିତା, ଆଦର୍ଶବାଦିତା, ପ୍ରଚାରଧର୍ମିତା ପ୍ରବେଶ କଲା । ଏ ଯୁଗକୁ କୁହାଗଲା ସତ୍ୟବାଦୀ ଯୁଗ ।

ପରେ ପରେ ପାଶ୍ଚାତ୍ୟ ସାହିତ୍ୟିକ ଜଗତରେ ବିଶ୍ୱ ମାନବର କଥା, ଭାବନା, ଯନ୍ତ୍ରଣା, ଦୁଃଖ ଇତ୍ୟାଦି ରୂପାୟିତ ହେଲା । ବାସ୍ତବତାର କଠୋରତାରେ ବିବ୍ରତ ମଣିଷ ଶାନ୍ତି, ସନ୍ତୋଷ ପାଇଁ କଳ୍ପନା ରାଜ୍ୟକୁ ପଳାୟନର ବାଟ ଖୋଜିଲା । ଯେଉଁଠି ନ ଥିବ ହିଂସା, ଦ୍ୱେଷ, ଅମାନବିକତା, ବିଦ୍ୱେଷ, ଅସହାୟତା – ସବୁଠି ସବୁଜିମାର ରାଜୁତି । ଜୀବନର କଥା – କଳ୍ପିତ ଆନନ୍ଦର କଥା – ଏ ଯୁଗର ମୁଖ୍ୟ କବି ଓ ସଞ୍ଚାଳକ ଥିଲେ – ଅନ୍ନଦାଶଙ୍କର, ବୈକୁଣ୍ଠନାଥ, ଶରତ୍‌ଚନ୍ଦ୍ର, କାଳିନ୍ଦୀଚରଣ, ହରିହର ।

ପୁଣି ଆସିଲା ନୂତନ ଜୀବନ ସଂଗ୍ରାମର କାହାଣୀ । ଖଟିଖିଆ ମେହେନତି ମଣିଷର କଥା, ଶିଳ୍ପବିକାଶର ଧଳାଧୂଆଁ ତଳେ ନିଷ୍ପେଷିତ ସାଧାରଣ ଜୀବନର ସ୍ୱପ୍ନାହତର କଥା । ବାସ୍ତବ ଜୀବନଯୁଦ୍ଧରେ ପେଷି ହେଇଯାଇଥିବା, ସ୍ୱପ୍ନଭଙ୍ଗର ପୀଡ଼ା ଜର୍ଜରିତ ରୁଗ୍‌ଣମାନସିକତାରେ ପିଷ୍ଟ ମଣିଷର କଥା । ଯାହାକୁ କୁହାଗଲା ପ୍ରଗତିବାଦୀ ସାହିତ୍ୟର ଯୁଗ । ଭଗବତୀଚରଣ ପାଣିଗ୍ରାହୀ, ସଚ୍ଚି ରାଉତରାୟ, ଅନନ୍ତ ପଟ୍ଟନାୟକ ଇତ୍ୟାଦି ଇତ୍ୟାଦି ଅନେକ ସାହିତ୍ୟିକ ଉପନ୍ୟାସରେ, ଗଳ୍ପରେ, କବିତାରେ, ନାଟକରେ, କାବ୍ୟରେ, ପ୍ରବନ୍ଧରେ, ଏକାଙ୍କିକାଶରେ ମଣିଷର ସ୍ୱପ୍ନ, ଦୁଃଖ, କଳ୍ପିତ ସୁଖଲୋକ, ସବୁର କଥା କହିବାକୁ ଲାଗିଲେ । ସାହିତ୍ୟ ବ୍ୟକ୍ତିଗତ ଅନୁଭୂତିର ଗନ୍ତାଘର ପାଲଟିଗଲା । ବ୍ୟକ୍ତି ଭିତରେ ବିଶ୍ୱମାନବିକତା ଓ ବିଶ୍ୱମାନବଶୀଳତାର ପ୍ରତିବିମ୍ବନରେ ପୂରିଉଠିଲା ସାହିତ୍ୟର ଯାତ୍ରା ।

ପୁଣି ଆସିଲା ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସାହିତ୍ୟିକ ଧାରା । ଯେଉଁଠି ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱର ଅନୁବର୍ତ୍ତନରେ ଝଲସି ଉଠିଲା ଓଡ଼ିଆ ସାହିତ୍ୟ ଗ୍ରନ୍ଥ । ସବୁଠି କିନ୍ତୁ ମଣିଷର ଭିଡ଼ । ଆନନ୍ଦ ଖୋଜିହେଉଥିବା, ନିଜ ଭିତରେ କେଉଁ ଅଜଣା ସ୍ୱପ୍ନପ୍ରାପ୍ତିର ଦୌଡ଼, ପାରିବାରିକ ଶାନ୍ତି ଓ ଅଶାନ୍ତିର କାହାଣୀ, ସବୁଠି କବି, ନାଟ୍ୟକାର, ଔପନ୍ୟାସିକ, ଗାଳ୍ପିକ, ପ୍ରବନ୍ଧକାର ଇତ୍ୟାଦିଙ୍କର ଚର୍ଚ୍ଚା ଓଡ଼ିଆ ସାହିତ୍ୟକୁ ପ୍ରାଣବନ୍ତ କରିପାରିଲା । କୁନ୍ତଳାକୁମାରୀ ସାବତ୍, ଡକ୍ଟର ମାୟାଧର ମାନସିଂ, ରାଧାମୋହନ ଗଡ଼ନାୟକ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ଗୋପାଳ ଚନ୍ଦ୍ର ପ୍ରହରାଜ, ଆର୍ତ୍ତବଲ୍ଲଭ ମହାନ୍ତି, ବିପିନ୍‌ବିହାରୀ ରାୟ, ଗିରିଜାଶଙ୍କର ରାୟ – ପୁଣି ଆସିଲେ ଅଶ୍ୱିନୀ କୁମାର ଘୋଷ, କାଳୀଚରଣ, ଗୋପୀନାଥ ମହାନ୍ତି, କାହ୍ନୁଚରଣ, ସୁରେନ୍ଦ୍ର ମହାନ୍ତି, ନିତ୍ୟାନନ୍ଦ ମହାପାତ୍ର, ହରେକୃଷ୍ଣ ମହତାବ, ରବି ସିଂ, ସୌଭାଗ୍ୟ ମିଶ୍ର, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ପ୍ରତିଭା ଶତପଥୀ, ପ୍ରତିଭା ରାୟ – ଏମିତି ଆହୁରି କେତେ ।

ସବୁଠି କିନ୍ତୁ ଗୋଟିଏ କଥା ଗୋଟିଏ ବ୍ୟଥା । କଥାଟି ହେଲା ସମାଜକୁ ସରସ ସୁନ୍ଦର, ସୁଷ୍ଠୁ, ଜୀଇଲାଭଳି ଲୋଭନୀୟ କରିବାର ଆଗ୍ରହ । ବ୍ୟଥାଟି ହେଲା ଏଇ ପ୍ରୟାସରେ ରଥଚକତଳେ ପେଷି ହୋଇଯାଉଥିବା ମଣିଷର ସଂଘର୍ଷର କାହାଣୀ । ଏହି ଦଶାରେ ଆମର ଆଜିର ମାତୃଭାଷାରେ ରଚିତ ସାହିତ୍ୟର ଧାରା ।

ଏଇ ଧାରାକୁ ଜାଣିବା, ସୂଚନାରେ ତା'ରି ଭିତରେ ଆମରି ଅସ୍ତିତ୍ୱକୁ ଖୋଜିବା, ଅତୀତର ସଙ୍କଟ ମୁହାଁମୁହିଁ ହେବା ପାଇଁ ଏ ବିଷୟରେ ପ୍ରୟାସ କରାଯାଇଛି।

ଏଥିରେ ତେଣୁ ସଂଯୋଜିତ ହୋଇଛି ପାଞ୍ଚଗୋଟି ଏକକ। ପ୍ରଥମ ତିନୋଟି ଏକକରୁ ଆମର ସାହିତ୍ୟିକ ଧାରାର ପରିଚୟ ମିଳିବା ସଙ୍ଗେ ସଙ୍ଗେ ପୂର୍ବସୂରୀମାନଙ୍କର ଚେତନା, ଚିନ୍ତା ଓ ଭାବଜଗତରେ ପ୍ରବେଶ କରିବାର ସୁଯୋଗ ପ୍ରଦତ୍ତ। ସେଗୁଡ଼ିକ ହେଲା - ଗଦ୍ୟଭାଗ (ପ୍ରଥମ ଏକକ) - ପଦ୍ୟଭାଗ (ଦ୍ୱିତୀୟ ଏକକ) ଏକାଙ୍କିକା ଭାଗ (ତୃତୀୟ ଏକକ) ଏବଂ ପର ଦୁଇଟି ଏକକରେ ଏଇ ଉପଲବ୍ଧ ଜ୍ଞାନକୁ ପ୍ରୟୋଗ ମାଧ୍ୟମରେ ପରିମାର୍ଜିତ କହିବାର ଅବକାଶ। ଅବବୋଧ ପରୀକ୍ଷଣ (ଚତୁର୍ଥ ଏକକ) ଏବଂ ବ୍ୟାକରଣ ଓ ସୃଜନଶୀଳତା ବୃଦ୍ଧିପାଇଁ ପ୍ରବନ୍ଧ ଓ ପତ୍ରଲିଖନ (ପଞ୍ଚମ ଏକକ)।

ଉଦ୍ଦିଷ୍ଟ ପୁସ୍ତକରେ ଗଦ୍ୟ ଭାଗ ପ୍ରଥମ ଏକକରେ ଏକ ପ୍ରସିଦ୍ଧ ଉପନ୍ୟାସର ଏକ ଅଂଶ; ବିଶିଷ୍ଟ ବ୍ୟକ୍ତିଙ୍କର ଭ୍ରମଣକାହାଣୀର କେତେକ ଅଂଶ; ଏକ ଜୀବନୀ ଓ ଗୋଟିଏ ତଥ୍ୟଭିତ୍ତିକ ପ୍ରବନ୍ଧ ସ୍ଥାନିତ ହୋଇଛନ୍ତି। ଗଦ୍ୟ ବିଭାଗର ପ୍ରାୟ ପ୍ରତ୍ୟେକ ପ୍ରଭାଗକୁ ଏଥିରେ ସ୍ଥାନିତ କରାଯିବାର ପ୍ରୟାସ କରାଯାଇଛି।

ପୁସ୍ତକର ଦ୍ୱିତୀୟ ଏକକ ହେଉଛି ଗଦ୍ୟ ଭାଗ। ଏଠାରେ ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟ ସାହିତ୍ୟ ପରିଚିତ କରି ସେ ଯୁଗର କାବ୍ୟିକ ମହତ୍ତ୍ୱ ପ୍ରକାଶ କରିବାର ପ୍ରୟାସ ପାଇଁ କେତେକ କାବ୍ୟାଂଶ ସଂଯୋଜିତ ହୋଇଛନ୍ତି।

ତୃତୀୟ ଏକକରେ ଓଡ଼ିଆର ତିନିଜଣ ପ୍ରସିଦ୍ଧ ନାଟ୍ୟକାରଙ୍କର ଏକାଙ୍କିକା ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି।

ଏଥିରେ ସନ୍ନିବେଶିତ ପ୍ରତ୍ୟେକ ଗଦ୍ୟାଂଶ, ପଦ୍ୟାଂଶ ଏବଂ ଏକାଙ୍କିକା ସଂପୃକ୍ତ ଯୁଗ ପ୍ରତିନିଧି ସ୍ଥାନୀୟ ସୃଷ୍ଟି ଭାବରେ ଗୃହୀତ ହୋଇପାରିବେ।

ଶିକ୍ଷା ସହିତ ପ୍ରୟୋଗର ସୁଯୋଗ ଛାତ୍ରଛାତ୍ରୀଙ୍କର ଧୀଶକ୍ତି ଓ ବିଷୟ ମନସ୍କତାକୁ ଅଧିକ ଶାଣିତ କରିଥାଏ। ସେହି ସୁଯୋଗ ଦେବାପାଇଁ ଚତୁର୍ଥ ଓ ପଞ୍ଚମ ଏକକ ସନ୍ନିବେଶିତ ହୋଇଛି।

ସର୍ବଶେଷରେ ଏଇ ପୁସ୍ତିକାର ପରିକଳ୍ପନା କଲାବେଳେ ଦୁଇଟି ବିଷୟପ୍ରତି ଦୃଷ୍ଟି ପ୍ରଦାନ କରାଯାଇଛି।

ପ୍ରଥମତଃ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପରୀକ୍ଷା ପଦ୍ଧତି ଓ ପ୍ରଶ୍ନପତ୍ରର ଢାଞ୍ଚା ସହିତ ଛାତ୍ରଛାତ୍ରୀଙ୍କୁ ପରିଚିତ କରାଇବା। ଏବଂ ଦ୍ୱିତୀୟତଃ ପ୍ରଶ୍ନଗୁଡ଼ିକର ଉତ୍ତର ନମୁନା ଦେଇ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ମନସ୍କ କରାଇ ସଫଳକାମ କରାଇବାର ପ୍ରେରଣା ପ୍ରଦାନ କରିବା।

ଆମେ ପ୍ରତ୍ୟେକ ମନେକରୁଯେ ଓଡ଼ିଆ ଆମର ମାତୃଭାଷା। ଏଥିରେ ଯାହା ଲେଖିଲେ ବି ଫେଲ ହେବାର ନାହିଁ। କିନ୍ତୁ ଏଠାରେ ଅଧିକ ନମ୍ବର ରଖି ଅନ୍ୟାନ୍ୟ ବିଷୟ ସହିତ ନମ୍ବର ରଖିବାର ପ୍ରତିଯୋଗିତାରେ ସଫଳ ହେବାର ଉପାୟ ହିଁ ସଂଯୋଜିତ। ତତ୍‌ସହିତ ମାତୃଭାଷା ପ୍ରତି ମହତ୍ତ୍ୱବୋଧ ଜାଗ୍ରତ କରାଇ ଜୀବନ ସନ୍ଧାନରେ ସଫଳକାମ ହେବାର ମନୋଭାବକୁ ପୋଷିତ କରିବାର ପ୍ରେରଣା ମଧ୍ୟ ଏଥିରେ ପ୍ରଦତ୍ତ।

ଭାଷାର ଗତି ଅବାରିତ - ସେହିପରି ସାହିତ୍ୟର ଗତି-ବ୍ୟକ୍ତି ଓ ସମାଜମନସ୍କ। ଏହି ସତ୍ୟର ଉପଲବ୍ଧ ଓ ଅନୁଧ୍ୟାନ ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍‌ପ୍ରେରିତ କରିବା ଏ ପୁସ୍ତିକାର ଏକମାତ୍ର ଉଦ୍ଦେଶ୍ୟ।

***

# +୨ ପ୍ରଥମ ବର୍ଷ (ବିଜ୍ଞାନ)

## ପ୍ରଥମ ଏକକ

## ପ୍ରବନ୍ଧ ବିଭାଗ

**(୧) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

### ଶରଣ୍ଡୁ ପଦର

୧) 'ଧର୍ମଦୁଆର' ଘାଟିଠୁଁ ଉତ୍ତରକୁ କେତେ ଦୂରରେ ଶରଣ୍ଡୁ ପଦର ଗାଁ ?
(i) ଏକ କୋଶ (ii) ଦୁଇ କୋଶ
(iii) ତିନି କୋଶ (iv) ଚାରି କୋଶ

୨) ସୁକୃଜାନି ଭାରିଜାର ମୃତ୍ୟୁର କାରଣ କିଏ ?
(i) ରୋଗ (ii) ବାଘ
(iii) ନିଆଁ (iv) ପାଣି

୩) ସୁକୃଜାନିର କେତୋଟି ପିଲା ?
(i) ଦୁଇ (ii) ତିନି
(iii) ଚାରି (iv) ପାଞ୍ଚ

୪) ବିଲି କେଉଁ ଫଳର ସାବୁନ ଫେଣରେ ମୁଣ୍ଡରଗଡୁ ଥିଲା ?
(i) ବାଇଗବା (ii) ଚିଲି
(iii) କାନ୍ଦୁଲି (iv) ଅଠା

୫) ଜଣେ ଜଙ୍ଗଲ ଜମାନର ଦରମା କେତେ ?
(i) ପାଞ୍ଚ ଟଙ୍କା (ii) ଆଠ ଟଙ୍କା
(iii) ବାର ଟଙ୍କା (iv) ଅଠର ଟଙ୍କା

୬) "ଜୁହାର ଗାଇଡ଼ (ଗାର୍ଡ଼) ମହାପ୍ରୁ, ତମର ପାଦୁକାଶୀତଳ ଥାଉ" ଏ କଥା କିଏ କହିଛି ?
(i) ସୁକୃଜାନି (ii) ନାଇକ
(iii) ଡିମ୍ବବାରିକ (iv) ପୁରିଜାନି

୭) 'ପାନୁ' ଶବ୍ଦର ଅର୍ଥ କ'ଣ ?
(i) ଖଜଣା (ii) ଜୋରିମାନା
(iii) ଟିକସ (iv) ପକେଟ୍ ଖର୍ଚ୍ଚ

୮) ସମ୍ବାରି କେଉଁଠିକୁ ଶାଗ ତୋଳିବାକୁ ଯାଇଥିଲା ?
(i) ବୁଦାଗହଳକୁ (ii) ଭାଲୁଗାଡ଼କୁ
(iii) ବିଲକୁ (iv) ପୋଖରୀହୁଡ଼ାକୁ

୯) ଜିଲି ଓ ବିଲି ଚିକ୍‌ଣ ଖୋଷାରେ କେଉଁ ରଙ୍ଗର ଫୁଲ ଖୋସିଥାନ୍ତି ?
(i) ଲାଲ୍ (ii) ହଳଦିଆ
(iii) ଗୋଲାପି (iv) ଧଳା

୧୦) କେଉଁଥିରେ ମାଣ୍ଡିଆଯାଉ ପୁରାଇ ବିଲାକୁ ନିଆଯାଏ ?
(i) କୁମ୍ଫିରେ (ii) ଲାଉତୁମ୍ବାରେ
(iii) ହାଣ୍ଡିରେ (iv) ତଲାରିରେ

୧୧) ସବୁରି କର୍ତ୍ତା ଗୋଟିଏ ଭୂତ ବା 'ଡୁମା', ଏହା କାହାର ବିଶ୍ୱାସ ?
(i) ସୁକୃଜାନି (ii) ନାଇକ
(iii) ଜମାନ (iv) ଗାରଦ

୧୨) ଢୁଢୁ ବରଷାରେ ସୁକୃଜାନି ଓ ଆଉ କିଏ ମିଶି ସାନପାହାଡ଼କୁ ଚାଷଭୂଇଁ କରିଥିଲେ ?
(i) ମାଣ୍ଡିଆ (ii) ଟିକ୍ରା
(iii) ଲୋବୋ (iv) ବାଗ୍ଲା

୧୩) ସୁକୃଜାନିକର ଆବୁଆ ଆବୁଆ ବଳୁଆ ଦେହରେ ଗୋଡ଼ପେଣ୍ଡା କିପରି ?
(i) ବର୍ଷାତି (ii) କାଉଡ଼ି
(iii) ପଥର (iv)

୧୪) ମାଣ୍ଡିଆଜାନି ଠିକ୍ କାହା ପରି ?
(i) ଟିକ୍ରାଜାନି (ii) ସୁକୃଜାନି
(iii) ସମ୍ବାରି (iv) ବିଲି

୧୫) ବଣଗାଇଡ଼ କେଉଁ ଚଢ଼େଇ ଖୋଜିବାର ବାହାନାରେ ଏକଡ଼ ସେକଡ଼ ହେଉଥିଲା ?
(i) ମୟୂର (ii) କୁକୁଡ଼ା
(iii) ହରଡ଼ (iv) ଗେଣ୍ଡାଳିଆ

୧୬) ଜିଲି ସାମ୍ନାକୁ ମୁହଁକରି ତା'ର କେଉଁ ପିନ୍ଧା ଖଣ୍ଡିକ ଚଟାଣ ଉପରେ କାଚୁଥିଲା ?

(i) ଲୁଗା (ii) ଶାଢ଼ୀ

(iii) କୌପୁନୀ (iv) ପାଞ୍ଚିଆ

୧୭) ଜିନିଷ ବୋହିବାକୁ କେତେଜଣ ଭେଣ୍ଡିଆଙ୍କୁ ବିଲରୁ ଓଟାରିଆଣି ବାରିକ ହାଜର କଲା ?

(i) ଦୁଇଜଣ (ii) ତିନିଜଣ

(iii) ଚାରିଜଣ (iv) ପାଞ୍ଚଜଣ

୧୮) କିଏ ଆଣିଦିଏ ଝଡ଼ ତୋଫାନ, ଦୁଃଖ ଦୁର୍ଦ୍ଦଶା ବୋଲି ସୁକୁଜାନି ଭାବିଛି ?

(i) ଡଙ୍ଗର (ii) ଜଙ୍ଗଲ

(iii) ଡୁମା (iv) ବୁଢ଼ାରଜା

୧୯) ପୁରିଜାନିର ଝିଅ କାଜୋଡ଼ି କାହା ଲାଗି ମନୋନିତା ?

(i) ବାଗ୍ଲା (ii) ମାଣ୍ଡିଆଜାନି

(iii) ଲୋନେ (iv) ଟିକ୍ରାଜାନି

୨୦) ବାଗ୍ଲା କେଉଁ ପରଜାର ପୁଅ ?

(i) ରେଙ୍ଗୁ ପରଜା (ii) ଡେଙ୍ଗୁ ପରଜା

(iii) ଚେଙ୍ଗୁ ପରଜା (iv) ମଙ୍ଗୁ ପରଜା

## ଝେଲମ୍ ନଦୀରେ ସନ୍ଧ୍ୟା

୨୧) କେଉଁ ନଦୀ ବଙ୍କେଇ ବଙ୍କେଇ ବୁଲିବୁଲି ସମସ୍ତ ଶ୍ରୀନଗର ଅଞ୍ଚଳକୁ ସ୍ପର୍ଶ କରିଛି ?

(i) ଝେଲମ୍ (ii) ଗଙ୍ଗା

(iii) ହୋୟାଂହୋ (iv) ବ୍ରହ୍ମପୁତ୍ର

୨୨) ଝେଲମ୍ ନଦୀର ପ୍ରଶଂସାରେ କେଉଁମାନେ ମୁଖର ?

(i) ଜାମ୍ମୁବାସୀ (ii) ଭାରତବାସୀ

(iii) କାଶ୍ମୀରବାସୀ (iv) ଶ୍ରୀନଗରବାସୀ

୨୩) ଝେଲମ୍ ନଦୀର ଆକାର କେଉଁ ନଦୀ ପରି ଅପ୍ରଶସ୍ତ ?

(i) ମହାନଦୀ (ii) ବ୍ରାହ୍ମଣୀ

(iii) ବୁଢ଼ାବଳଙ୍ଗ (iv) କୁଶଭଦ୍ରା

୨୪) ଝେଲମ୍ ନଦୀର ଜଳର ରଙ୍ଗ କିପରି ?

(i) ଲାଲ୍ (ii) ଧଳା

(iii) ଈଷତ୍‌ନୀଳ (iv) ଗାଢ଼ନୀଳ

୨୫) ଶ୍ରୀନଗର କାହାର ହୃଦୟ ?

(i) ଗଙ୍ଗା (ii) ଜାମ୍ମୁ

(iii) କାଶ୍ମୀର (iv) ଝେଲମ୍

୨୬) ଝେଲମ୍ କାହାର ପ୍ରଧାନ ରକ୍ତବାହି ଧମନୀ ?

(i) କାଶ୍ମୀର (ii) ଜାମ୍ମୁ

(iii) ଶ୍ରୀନଗର (iv) ଭାରତ

୨୭) ଲେଖକ କ'ଣ ଭଡ଼ା ନେଲେ ?

(i) ଚାନ୍ଦୁଆ (ii) ଶିକାରା

(iii) ମଖମଲିଗଦି (iv) ଚୌକି

୨୮) ଚାନ୍ଦୁଆର ଚାରିଖୁଣରେ ନାଲି, ନେଳି, ହଳଦିଆ ରଙ୍ଗର କ'ଣ ଗୁଡ଼ା ହୋଇଥିଲା ?

(i) କପଡ଼ା (ii) କାଗଜ

(iii) ଫିତା (iv) ଲୁଗା

୨୯) ହାଁଜି (ନାଉରୀ) କେଉଁ ସମ୍ପ୍ରଦାୟର ଲେକ ଥିଲା ?

(i) ହିନ୍ଦୁ (ii) ମୁସଲ୍‌ମାନ

(iii) ପଞ୍ଜାବୀ (iv) ଖ୍ରୀଷ୍ଟିଆନ୍

୩୦) ନଦୀର ଦୁଇପଟେ ନଗରକୁ ଯୋଗସୂତ୍ର ରଖିବା ପାଇଁ କେତୋଟି ସେତୁ ଗଢ଼ାଯାଇଛି ?

(i) ଦୁଇଟି (ii) ଚାରୋଟି

(iii) ଛଅଟି (iv) ସାତୋଟି

୩୧) କେଉଁ ଖ୍ରୀଷ୍ଟାବ୍ଦରେ ସବୁଠାରୁ ପ୍ରାଚୀନ ସେତୁ ଆଲିକ୍‌ଦଲ ନିର୍ମିତ ହୋଇଥିଲା ?

(i) ୧୫୦୫ (ii) ୧୧୬୫

(iii) ୧୪୦୭ (iv) ୧୪୧୭

୩୨) ଶ୍ରୀନଗରସ୍ଥ ଝେଲମ୍ ନଦୀରେ ଜଳଯାତ୍ରା କଲେ କେତୋଟି ସେତୁ ପାରି ହେବାକୁ ହୁଏ ?

(i) ଚାରୋଟି (ii) ପାଞ୍ଚୋଟି

(iii) ଛଅଟି (iv) ସାତୋଟି

୩୩) କିଏ ହାଉସ୍ ବୋଟ୍ ଓଳାଉଥିଲା ?

(i) ମାଲିକାରଈ (ii) ଚାକରାଣୀ

(iii) ଘରଣୀ (iv) ମାଲୁଣୀ

୩୪) କୂଳରେ ବସି ବୁଢ଼ାପଠାଣ କ'ଣ ଖାଉଥିଲା ?

(i) ମିଠା (ii) ପିଠା

(iii) ଧୂଆଁ (iv) ମୁଢ଼ି

୩୫) ଝେଲମ୍‌ନଦୀରେ ଯାତ୍ରୀତରୀ ଏବଂ ଆଉ କେଉଁ ତରୀମାନେ ଯାତାୟାତ କରୁଛନ୍ତି ?
(i) ବେପାରୀ (ii) ମୋଟର ବୋଟ୍
(iii) ବାଣିଜ୍ୟତରୀ (iv) ନୌଚାଳକ

୩୬) ଝେଲମ୍ ନଦୀରେ ସନ୍ଧ୍ୟା କାହା ପରି ସୁନ୍ଦରୀ ?
(i) ରାଜକନ୍ୟା (ii) ପରୀ
(iii) ଦେବୀ (iv) କାଶ୍ମୀରୀ କିଶୋରୀ

୩୭) ରାଜାପୁଅ ଓ ମନ୍ତ୍ରୀପୁଅ ଦୁହେଁ କ'ଣ ଥିଲେ ?
(i) ଭାଇ (ii) ଶତ୍ରୁ
(iii) ମିତ୍ର (iv) ସଙ୍ଗାତ

୩୮) କିଏ ପିଠାବିକାଳି ଘରେ ରହିଲା ?
(i) ମନ୍ତ୍ରୀ ପୁଅ (ii) ରଜା ପୁଅ
(iii) ସେନାପତି ପୁଅ (iv) କଟୁଆଳ ପୁଅ

୩୯) କିଏ ଜେମାଙ୍କ କଣ୍ଠସ୍ୱର ଶୁଣିଲା ?
(i) ରଜା ପୁଅ (ii) ମନ୍ତ୍ରୀ ପୁଅ
(iii) କଟୁଆଳ (iv) ଜଗୁଆଳୀ

୪୦) ଶିକାରା କେଉଁ ଘାଟରେ ଲାଗିଲା ?
(i) ଗଙ୍ଗା (ii) ଗଣପତି
(iii) ଝେଲମ୍ (iv) ଶ୍ରୀନଗର

## ମଧୁବାବୁ

୪୧) ଚଉଧୁରୀ ରଘୁନାଥ ଦାସଙ୍କ ଜ୍ୟେଷ୍ଠପୁତ୍ରର ନାମ କ'ଣ ?
(i) ଗୋପାଳବଲ୍ଲଭ (ii) ରାଧାବଲ୍ଲଭ
(iii) ଉମାବଲ୍ଲଭ (iv) ଗୋବିନ୍ଦବଲ୍ଲଭ

୪୨) 'ଭୀମାଭୂୟାଁ' ଉପନ୍ୟାସର ଲେଖକ କିଏ ?
(i) ଗୋବିନ୍ଦବଲ୍ଲଭ (ii) ଗୋପାଳବଲ୍ଲଭ
(iii) ମଧୁସୂଦନ (iv) କାହ୍ନୁଚରଣ

୪୩) ଏମାନଙ୍କ ମଧ୍ୟରୁ କେଉଁଟି ସକାଳବୋଳା ପଢ଼ା ହେଉନଥିଲା ?
(i) ପଣିକଆ (ii) ଓଡ଼ାଙ୍କ
(iii) ଫେଡ଼ାଙ୍କ (iv) ମହାଭାରତ

୪୪) କେତେବେଳେ ଚାଣକ୍ୟ ଶ୍ଳୋକର ଆବୃତି ହୁଏ ?
(i) ସକାଳ ବେଳା (ii) ଉପର ବେଳା
(iii) ମଧ୍ୟାହ୍ନରେ (iv) ସନ୍ଧ୍ୟା ବେଳେ

୪୫) କଟକ ଆସିଲା ବେଳକୁ ଗୋବିନ୍ଦବଲ୍ଲଭଙ୍କ ବୟସ କେତେ ବର୍ଷ ହୋଇଥିଲା ?
(i) ବାରବର୍ଷ (ii) ତେରବର୍ଷ
(iii) ଚଉଦବର୍ଷ (iv) ପନ୍ଦରବର୍ଷ

୪୬) ସେ ସମୟରେ ଅନେକ ଇଂରାଜୀ ପଢୁଆ ସମାଜର ନିର୍ଯ୍ୟାତନା ହେତୁରୁ କେଉଁ ଧର୍ମ ଗ୍ରହଣ କରିଥିଲେ ?
(i) ହିନ୍ଦୁ (ii) ଇସ୍‌ଲାମ
(iii) ଖ୍ରୀଷ୍ଟଧର୍ମ (iv) ବୌଦ୍ଧଧର୍ମ

୪୭) ଗୋବିନ୍ଦବଲ୍ଲଭ କଟକରେ ଯେଉଁ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କଲେ, ତାହା ପରେ କେଉଁ ସ୍କୁଲ ହେଲା ?
(i) ରେଭେନ୍‌ସା କଲେଜିଏଟ୍
(ii) ମିସନ୍ ସ୍କୁଲ୍
(iii) ପ୍ୟାରୀମୋହନ ଏକାଡେମୀ
(iv) ରାଣୀହାଟ ସ୍କୁଲ୍

୪୮) ସେ ସମୟ ପର୍ଯ୍ୟନ୍ତ ସାଧାରଣ ଲୋକେ କ'ଣ ବ୍ୟବହାର କରୁନଥିଲେ ?
(i) ଛତା (ii) ଯୋତା
(iii) ପ୍ୟାଣ୍ଟ (iv) ସାର୍ଟ

୪୯) ଗୋବିନ୍ଦବଲ୍ଲଭ କଟକ ହାଇସ୍କୁଲରୁ ଏଣ୍ଟ୍ରାନ୍‌ସ ପରୀକ୍ଷାରେ ପାସ୍ କରି ବାଲେଶ୍ୱରରେ କେଉଁ କାମରେ ନିଯୁକ୍ତ ହେଲେ ?
(i) ଡେପୁଟୀ (ii) ସବ୍‌ଡେପୁଟୀ
(iii) କିରାନୀ (iv) ପୁଲିସ୍

୫୦) ବାଲେଶ୍ୱରରେ ଅବସ୍ଥାନ କାଳର କିଛି ଅର୍ଥ ସଂଗ୍ରହ କରି ଉଚ୍ଚଶିକ୍ଷା ଲାଭ କରିବାକୁ ସେ କେଉଁଠାକୁ ଗଲେ ?
(i) ଦିଲ୍ଲୀ (ii) ବମ୍ବେ
(iii) କଲିକତା (iv) ମାନ୍ଦ୍ରାଜ

୫୧) କଲିକତାରେ ଗୋବିନ୍ଦ ବଲ୍ଲଭଙ୍କୁ ପ୍ରଥମେ କିଏ ଆଶ୍ରୟ ଦେଇଥିଲେ ?
(i) ଅମ୍ବିକାପ୍ରସାଦ (ii) ବଙ୍କିମଚନ୍ଦ୍ର
(iii) ଶରତଚନ୍ଦ୍ର (iv) ରବୀନ୍ଦ୍ରନାଥ

୫୨) ଗୋବିନ୍ଦ ବଲ୍ଲଭ କେଉଁଥିରେ ଏମ୍.ଏ. ପାସ୍ କରିଥିଲେ ?
(i) ଗଣିତ (ii) ଭୂଗୋଳ
(iii) ଇଂରାଜୀ ସାହିତ୍ୟ (iv) ଇତିହାସ

୫୩) କଲିକତାର କେଉଁ କଲେଜରେ ମଧୁସୂଦନ ଅଧ୍ୟାପନା କରୁଥିଲେ ?
(i) ଚନ୍ଦନପୁର (ii) ଜଗଦଳପୁର
(iii) ଶ୍ରୀରାମପୁର (iv) ଚକ୍ରଧରପୁର

୫୪) କଲିକତାରେ ତାଙ୍କର ପ୍ରଥମ ଆଶ୍ରୟଦାତା ଅମ୍ବିକା ପ୍ରସାଦଙ୍କ କେତୋଟି କନ୍ୟାଙ୍କୁ ସେ ନିଜର କନ୍ୟା ରୂପେ ଆଜୀବନ ପାଳନ କରିଥିଲେ ?
(i) ଗୋଟିଏ (ii) ଦୁଇଟି
(iii) ତିନୋଟି (iv) ଚାରୋଟି

୫୫) ଲର୍ଡ କର୍ଜନଙ୍କ ଆଦେଶରେ ନିମ୍ନୋକ୍ତ କେଉଁ ଅଞ୍ଚଳଟିକୁ ଓଡ଼ିଶାରେ ମିଶାଇ ଦିଆଗଲା ?
(i) ରାୟପୁର (ii) ବିଳାସପୁର
(iii) ଜୟପୁର (iv) ସମ୍ବଲପୁର

୫୬) କଲିକତାରେ ଅବସ୍ଥାନ କାଳରେ ଗୋବିନ୍ଦବଲ୍ଲଭ କେଉଁ ଧର୍ମରେ ଦୀକ୍ଷିତ ହୋଇଥିଲେ ?
(i) ବ୍ରାହ୍ମଧର୍ମ (ii) ମହିମାଧର୍ମ
(iii) ଖ୍ରୀଷ୍ଟଧର୍ମ (iv) ଇସଲାମଧର୍ମ

୫୭) କେଉଁ ମସିହାରେ ଭାରତରେ ମନ୍ତ୍ରୀ ଶାସନ ପ୍ରତିଷ୍ଠିତ ହେଲା ?
(i) ୧୯୨୦ (ii) ୧୯୨୧
(iii) ୧୯୨୨ (iv) ୧୯୨୩

୫୮) ମଧୁସୂଦନ ଜୀବନର ମଧ୍ୟାହ୍ନରେ କେତେଥର ବିଲାତଗସ୍ତ କରିଥିଲେ ?
(i) ଥରେ (ii) ଦୁଇଥର
(iii) ତିନିଥର (iv) ଚାରିଥର

୫୯) କିଏ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ?
(i) ଜନ୍ ଉଡ଼ରଫ୍ (ii) ଜନ୍ ହବାକ୍
(iii) ମିଷ୍ଟର ଇଭାନ୍ସ (iv) ଜନ୍ ବୀମ୍ସ

୬୦) ମଧୁବାବୁଙ୍କ ଶ୍ରାଦ୍ଧ ଦିବସ କେବେ ପାଳନ କରାଯାଏ ?
(i) ଜାନୁୟାରୀ ୨୮ (ii) ଫେବୃୟାରୀ ୪
(iii) ମାର୍ଚ୍ଚ ୨୪ (iv) ଏପ୍ରିଲ୍ ୨୮

## ସେହି ସ୍ମରଣୀୟ ଦିବସ

୬୧) ଶେଷରେ କେଉଁ ରାତ୍ରିର ଅବସାନ ହେଲା ?
(i) କାଳ ରାତ୍ରି (ii) ଅନ୍ଧକାର ରାତ୍ରି
(iii) ଦୁଃଖ ରାତ୍ରି (iv) ଅମାବାସ୍ୟା ରାତ୍ରି

୬୨) ଭାରତ ଇତିହାସର ଏକ ନୂତନ ଯୁଗର ଅୟମାରମ୍ଭ ବିଷୟ ଘୋଷଣା କରିବାକୁ କାହାର ଆଗମନ ହେଲା ?
(i) ରାତ୍ରି (ii) ଉଷା
(iii) ପ୍ରଦୋଷ (iv) ଦିନ

୬୩) ଶୋଭାଯାତ୍ରାର କୋଳାହଳ, ଜାତୀୟ ଓ ଭକ୍ତିଗୀତର ମୂର୍ଚ୍ଛନାରେ କଟକ ସହର କେତେବେଳରୁ ମୁଖରିତ ହୋଇ ଉଠିଥିଲା ?
(i) ସକାଳରୁ (ii) ରାତି ଆରମ୍ଭରୁ
(iii) ରାତି ଅଧରୁ (iv) ରାତି ଶେଷରୁ

୬୪) ଶହ ଶହ ବର୍ଷ ଧରି କେଉଁ ସ୍ଥାନ ଓଡ଼ିଶାର ରାଜା ଓ ସୁବେଦାରମାନଙ୍କର ଦୁର୍ଗ ହୋଇ ରହିଥିଲା ?
(i) ବାରବାଟୀ ଜିଲ୍ଲା (ii) କଟକ
(iii) ସୋନପୁର (iv) ବଲାଙ୍ଗିର

୬୫) କେଉଁ ଐତିହାସିକ ସ୍ଥାନ ଦୁଇଶହ ବର୍ଷ ଧରି ମୋଗଲମାନଙ୍କ ସରକାରୀ ବାସଭବନ ହୋଇଥିଲା ?
(i) ମଙ୍ଗଳାବାଗ (ii) ଲାଲବାଗ
(iii) ଚାନ୍ଦିନୀଚୌକ (iv) ରାଣୀହାଟ

୬୬) ଡକ୍ଟର ମହତାବଙ୍କୁ କିଏ 'ତୁମେ ଜଣେ ଖାଣ୍ଟି ଐତିହାସିକ' ବୋଲି କହିଛନ୍ତି ?
(i) ଡକ୍ଟର କାଟୁଜ୍ (ii) ରେଭେନ୍ସା
(iii) ବୀମସ୍ (iv) ପାରଳାରାଜା

୬୭) ଅତି ଅଳ୍ପ ସମୟ ଭିତରେ କେବଳ ଗାନ୍ଧିଜୀ ହିଁ କାହାର ଗତି ବଦଳାଇ ଦେଇ ପାରିଥିଲେ ?
(i) ଦେଶର (ii) ଆନ୍ଦୋଳନର
(iii) ସମୟର (iv) ଇତିହାସର

୬୮) ଗଣଆନ୍ଦୋଳନ ଠାରୁ ବାରବାର ଦୂରେଇ ରହୁଥିବା କେଉଁ ଗୋଷ୍ଠୀ ଏହି ସ୍ୱାଧୀନତା ଆଣିଲେ ନାହିଁ ?
(i) ସୁବିଧାବାଦୀ (ii) ଅଶିକ୍ଷିତ
(iii) ଶିକ୍ଷିତ (iv) ଧନୀକ

୬୯) ସହରର ପ୍ରତି ଘରେ ଘରେ ସେଦିନ କ'ଣ ଲାଗି ରହିଥିଲା ?
(i) ଗୋଲମାଲ (ii) କୋଳାହଳ
(iii) ଉତ୍ସବ (iv) ପର୍ବ

୭୦) 'ଯୁଗେଯୁଗେ ଭାରତ' ଏକାଙ୍କିକା ନାଟକକୁ କିଏ ଭାଷା ଦେଇଥିଲେ ?
(i) ଡକ୍ଟର ମହତାବ୍ (ii) ସଚ୍ଚିନ୍ ଦତ୍ତ
(iii) ଡକ୍ଟର କୈଳାସ ନାଥ (iv) କାଳୀଚରଣ

୭୧) 'ଯୁଗେ ଯୁଗେ ଭାରତ' ଏକାଙ୍କିକା ନାଟକର ତେଜୀୟାନ ଯୁବକଟିର ନାମ କ'ଣ ?
(i) ଭଗତ ସିଂ (ii) ବାଜି ରାଉତ
(iii) ଖୁଦୀ ରାମ (iv) ଲକ୍ଷ୍ମଣ ନାୟକ

୭୨) 'କାରଣ ମୋର ପ୍ରାଣପାତ ବ୍ୟର୍ଥ ହୋଇ ଯାଇନାହିଁ' ଏକଥା କିଏ କହିଛି ?
(i) ଖୁଦୀ ରାମ (ii) ବାଜି ରାଉତ
(iii) ଭଗତ ସିଂ (iv) ଲକ୍ଷ୍ମଣ ନାୟକ

୭୩) କଟକରେ କେଉଁ ହଲ୍ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର କରା ଯାଇଥିଲା ?
(i) ଶତାବ୍ଦୀ ଭବନ (ii) ଶ୍ରୀରାମଚନ୍ଦ୍ର ଭବନ
(iii) ଶହୀଦ୍ ହଲ୍ (iv) ଟାଉନ୍ ହଲ୍

୭୪) ହଜାର ହଜାର ଲୋକ ନିଜର କ'ଣ ହରାଇ ଆନ୍ଦୋଳନରେ ସମସ୍ତ ନିନ୍ଦା-ଅପମାନ ସହି ନେଲେ ?
(i) ସମସ୍ତ ମାନସମ୍ମାନ (ii) ସମସ୍ତ କ୍ୟାରିଅର୍
(iii) ସମସ୍ତ ସମ୍ପତ୍ତି (iv) ସମସ୍ତ ପରିବାର

୭୫) କେବଳ ସ୍ୱାଧୀନତାର କ'ଣ ଦେଖି ଆନନ୍ଦିତ ହୋଇଥିବା ଯୋଗୁ ଶହ ଶହ ଲୋକଙ୍କୁ ଗୁଳି କରାଗଲା ଓ ଫାଶୀ ଦିଆଗଲା ?
(i) ଆଶା (ii) ଆଲୋକ
(iii) ସ୍ୱପ୍ନ (iv) ସମ୍ଭାବନା

୭୬) ହଜାର ହଜାର ଲୋକ କାହାକୁ ଜଳାଞ୍ଜଳି ଦେଇ ରାସ୍ତାରେ ଭିକ୍ଷୁକ ସାଜିବା ପଥ ବାଛି ନେଇଥିଲେ ?
(i) କ୍ୟାରିଅର (ii) ଧନସମ୍ପତ୍ତି
(iii) ଘରଦ୍ୱାର (iv) ଜୀବନ

୭୭) ସ୍ୱାଧୀନତା ହିଁ ସେମାନଙ୍କ ପକ୍ଷେ କ'ଣ ଥିଲା ?
(i) ଆନନ୍ଦ (ii) ପୁରସ୍କାର
(iii) ଉତ୍ସବ (iv) ଦୁଃଖ

୭୮) ସ୍ୱାଧୀନତା ପରେ ସଭ୍ୟତାର ବହୁ ଦୂରରେ ଥିବା କେଉଁ ଜିଲ୍ଲାର ଆଦିବାସୀ ଲୋକମାନେ ମଧ୍ୟ ଆନନ୍ଦରେ ମାତି ଉଠିଥିଲେ ?
(i) ମୟୂରଭଞ୍ଜ (ii) କୋରାପୁଟ
(iii) କଳାହାଣ୍ଡି (iv) ସମ୍ବଲପୁର

୭୯) କେତେ ବର୍ଷ ପରେ ଡକ୍ଟର ମହତାବ ପଛକୁ ଫେରି ଚାହିଁଛନ୍ତି ଓ ଲୋକଙ୍କ ଆଶା ଆକାଂକ୍ଷା କଥା ମନେ ପକାଇଛନ୍ତି ?
(i) ୧୦ ବର୍ଷ (ii) ୨୦ ବର୍ଷ
(iii) ୨୫ ବର୍ଷ (iv) ୪୦ ବର୍ଷ

୮୦) ଚରମ ବ୍ୟର୍ଥତା ଓ ନୈରାଶ୍ୟ ଭିତରେ ଆତ୍ମପ୍ରତ୍ୟୟ ହରାଇ ସାରିଥିବା ଲକ୍ଷ ଜନତାଙ୍କ ପାଇଁ କ'ଣ ସମ୍ପୂର୍ଣ୍ଣ ନିରର୍ଥକ ବୋଲି ଲେଖକ କହିଛନ୍ତି ?
(i) ଦାବୀ (ii) ସ୍ୱାଧୀନତା
(iii) ଆନନ୍ଦ (iv) ଆତ୍ମପ୍ରତ୍ୟୟ

## (୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

### ଶର୍‌ଶୁ ପଦର

୧) ଗୋଟିଏ ପାହାଡ଼ର ଢାଲୁରେ ଠିକ୍ ଅଣ୍ଟା ପାଖେ କେଉଁ ଗାଁ ଅବସ୍ଥିତ ?

୨) ଶର୍‌ଶୁ ପଦର ଗାଁରେ କେତେ ଜାତିର ଲୋକ ବାସ କରନ୍ତି ?

୩) ଶର୍‌ଶୁ ପଦର ଗାଁରେ ମୋଟ ଘରର ସଂଖ୍ୟା କେତେ ?

୪) ନୁଆଁଣିଆ କୁଡ଼ିଆର ଅଣଓସାର ପିଣ୍ଡାରେ କ'ଣ ଧିକ୍‌ଧିକ୍ ହୋଇ ଜଳେ ?

୫) ପତର-ସିଆଁ 'ତଲ୍‌ରା' ଶବ୍ଦର ଅର୍ଥ କ'ଣ ?

୬) ଛାତ ତଳେ ନାକକାନରୁନ୍ଧା ମଠୁଆ ମଠୁଆ କ'ଣ ସୁକୁଜାନିକୁ ଭଲଲାଗେ ?

୭) ସଞ୍ଜବେଳେ ଧୂଆଁ ପିଉପିଉ ସୁକୁଜାନି ଆଉ କ'ଣ ପିଇଯାଏ ?

୮) ଜିଲି ଓ ବିଲି ଦିଭଉଣୀ କେଉଁଠାରେ ଗାଧୋଉଥିଲେ ?

୯) କିଏ ରଇତମାନଙ୍କଠାରୁ ଉଚ୍ଚରେ ?

୧୦) ଶର୍‌ଶୁ ପଦର ଗାଁରେ ଚାରିଆଡ଼େ କ'ଣ ହୁଲର ହୋଇଗଲା ?

୧୧) ନାଇକର ହାତ ବାରିଶି କିଏ ?

୧୨) ବଣରେ ଗୋରୁ ଚରେଇବା ପାଇଁ ହଳପିଛା କ'ଣ ପଡ଼େ ?

୧୩) ଜଣେ ଜମାନ ଦଖଲରେ କେତେକୋଶ ନିଘଞ୍ଚ ଜଙ୍ଗଲ ?

୧୪) ଅଣ୍ଟାରୁ କ'ଣ କାଢ଼ି ସୁକୁଜାନି ତଳେ ଥୋଇ ଜମାନକୁ ହାତ ଯୋଡ଼ି ନିବେଦନ କଲା ?

୧୫) ଗାଁ ତୁଠରେ ଜଲି କେଉଁ ଶାଗ ଧୋଉଥିଲା ?

### ଝେଲମ୍ ନଦୀରେ ସନ୍ଧ୍ୟା

୧୬) କାଶ୍ମୀରବାସୀ କାହାର ପ୍ରଶଂସାରେ ମୁଖର ?

୧୭) ଝେଲମ୍ ନଦୀ କିପରି ସମସ୍ତ ଶ୍ରୀନଗର ଅଞ୍ଚଳକୁ ସ୍ପର୍ଶ କରିଛି ?

୧୮) ଝେଲମ୍‌କୁ ବାଦଦେଲେ ଶ୍ରୀନଗରରୁ କାହାକୁ ବାଦ୍ ଦେବାକୁ ହେବ ?

୧୯) କାଶ୍ମୀର ରଙ୍ଗ ମଞ୍ଚର ପ୍ରଧାନ ନର୍ତ୍ତକୀ କିଏ ?

୨୦) କାଶ୍ମୀରର ହୃଦୟ କିଏ ?

୨୧) ହାଁଜି କାହାକୁ ନଈ ମଝିକୁ ନେଇ ଆହୁଲା ମାରି ଧୀରେଧୀରେ ଚଳେଇଲା ?

୨୨) ବିଭିନ୍ନ ଯୁଗରେ କେଉଁମାନଙ୍କ ସମୟରେ ସେତୁଗୁଡ଼ିକ ନିର୍ମିତ ହୋଇଥିଲା ?

୨୩) ଲୋକେ କେଉଁଥିରେ ଆସି ଜନିଷପତ୍ର ଖର୍ଦ୍ଦି କରି ନିଅନ୍ତି ?

୨୪) କେଉଁଠାରେ ଦୋକାନ ବସେ ?

୨୫) କେଉଁଠି ଗୋଟିଏ ଗୋଟିଏ ପରିବାର ବାସ କରୁଛି ?

୨୬) ଆରତୁଠରେ କିଏ ପଥର ଉପରେ ଲୁଗାଥୋଇ ପିଟଣାରେ ବାଡ଼ଉଛି ?

୨୭) ଚିନାରା ଆଉ ସଫେଦା ବୃକ୍ଷ ଉପରେ କାହାର ସୁବର୍ଣ୍ଣକଳସ ?

୨୮) ସ୍ରୋତର ବିପରୀତ ଦିଗରେ ନୌକା କିପରି ଚାଲୁଥିଲା ?

୨୯) ମନ୍ତ୍ରୀପୁଅ କାହା ଘରେ ରହିଲା ?

୩୦) ମନ୍ତ୍ରୀପୁଅ କେଉଁ ବେଶରେ ଜେମାଙ୍କ ଉଆସରେ ପହଞ୍ଚିଲା ?

## ମଧୁବାବୁ

୩୧) ଉତ୍କଳର ଅର୍ଦ୍ଧଶତାବ୍ଦୀର ଇତିହାସ କହିଲେ କେଉଁ ମହାପୁରୁଷଙ୍କ ଜୀବନ କାହାଣୀକୁ ବୁଝାଏ ?

୩୨) ମଧୁସୂଦନଙ୍କ ଜୀବନର ଚିରଲକ୍ଷ୍ୟ କ'ଣ ଥିଲା ?

୩୩) 'ସତ୍ୟଭାମାପୁର'କୁ ପ୍ରତ୍ୟେକ ଓଡ଼ିଆର କ'ଣ ବୋଲି କୁହାଯାଏ ?

୩୪) ବାଲ୍ୟକାଳରେ ମଧୁସୂଦନ କେଉଁଠାରେ ପାଠ ପଢ଼ିଥିଲେ ?

୩୫) ବଂଶପରମ୍ପରାକ୍ରମେ ମାଟିବଂଶ ବା କ୍ଷିତିବଂଶ ଅବଧାନମାନେ କ'ଣ କରୁଥିଲେ ?

୩୬) ପିଲାମାନେ ଶୁଆପକ୍ଷିଆ ଖଡ଼ିରେ କାହା ଉପରେ ଲେଖୁଥିଲେ ?

୩୭) ପିଲାମାନେ କେଉଁଥିରେ ହସ୍ତାକ୍ଷର ମଡ଼ାଉ ଥିଲେ ?

୩୮) ଗୋପାଳ ବଲ୍ଲଭ ଏମ୍.ଏ. ପାଶ୍ କରି କି କାର୍ଯ୍ୟ ତୁଲାଉଥିଲେ ?

୩୯) ଚାଟଶାଳୀରେ କେତେବେଳେ ମାନସାଙ୍କ ପଚରା ଯାଉଥିଲା ?

୪୦) ଆଗେ ଚାନ୍ଦବାଲିଠାରୁ ଲୋକେ କିପରି କଲିକତା ଯାଉଥିଲେ ?

୪୧) ମଧୁବାବୁ କେଉଁ କଲେଜରେ ଅଧ୍ୟାପକ ହେବା ପାଇଁ ପ୍ରାର୍ଥୀ ହୋଇଥିଲେ ?

୪୨) ଗୋବିନ୍ଦ ବଲ୍ଲଭ କେଉଁ ବିଶ୍ୱବିଦ୍ୟାଳୟରୁ ବି.ଏଲ୍. ପାଶ୍ କରିଥିଲେ ?

୪୩) କେଉଁ ରାଜାଙ୍କ ନାମରେ ବର୍ଷ ଗଣନା ହୁଏ ?

୪୪) ମନ୍ତ୍ରୀ ଭାବରେ ମଧୁସୂଦନ ସର୍ବଦା ନିଜର କ'ଣ ବିକାଶ କରିଯାଇଥିଲେ ?

୪୫) ମଧୁସୂଦନଙ୍କ ଜୀବନର ମୂଳମନ୍ତ୍ର କ'ଣ ଥିଲା ?

## ସେହି ସ୍ମରଣୀୟ ଦିବସ

୪୬) ଭାରତ ଇତିହାସରେ ଏକ ନୂତନ ଯୁଗର ଅୟମାରମ୍ଭ ବିଷୟ ଘୋଷଣା କରିବାକୁ କାହାର ଆଗମନ ହେଲା ?

୪୭) ଡକ୍ଟର ମହତାବ କେଉଁଠି ରହୁଥିଲେ ?

୪୮) ଡକ୍ଟର କାଟ୍ଜୁଙ୍କ କେଉଁଠାରେ ରହୁଥିଲେ ?

୪୯) ଡକ୍ଟର କାଟ୍ଜୁଙ୍କ ଭାବବିହ୍ୱଳ ପ୍ରଶ୍ନ 'ମହତାବ ସାହବ, କେତେ ଶତାବ୍ଦୀ ପରେ' ଉତ୍ତରରେ ମହତାବ କ'ଣ କରିଥିଲେ ?

୫୦) 'ତୁମେ ଜଣେ ଖାଣ୍ଟି ଐତିହାସିକ' ଏକଥା ମହତାବଙ୍କୁ କିଏ କହିଥିଲେ ?

୫୧) ଲୋକଙ୍କର 'ଆଶ୍ରିତ ପ୍ରଜା' ଧାରଣାକୁ ଗାନ୍ଧିଜୀ କେଉଁ ବଳରେ ଧ୍ୱଂସ କରିଦେଲେ ?

୫୨) ସାଧାରଣ ଲୋକଙ୍କ ଆନନ୍ଦ ଉତ୍ସାହ ସେମାନଙ୍କ କେଉଁଥିରୁ ଜଣାପଡ଼ି ଯାଉଥିଲା ?

୫୩) କାହାର ପ୍ରାଣପାତ ବ୍ୟର୍ଥ ହୋଇନାହିଁ ?

୫୪) କେଉଁମାନେ ନିଜ 'କ୍ୟାରିଅର୍'କୁ ଜଳାଞ୍ଜଳି ଦେଇ ରାସ୍ତାରଭିକ୍ଷୁକ ସାଜିବାପଥ ବାଛିନେଲେ ?

୫୫) 'ତୁମେ ମତେ ମନେରଖିଛ' ଶବ୍ଦ କାହା କାନ ପାଖରେ ପ୍ରତିଧ୍ୱନିତ ହେବାକୁ ଲାଗିଲା ?

୫୬) ସ୍ୱାଧୀନତା ପରଦିନ ଦୁଃସ୍ଥ ରାଜନୈତିକ କର୍ମୀମାନଙ୍କୁ ଭତ୍ତା ଦେବାକୁ କ'ଣ ପ୍ରସ୍ତୁତ ହୋଇଥିଲା ?

୫୭) ଶହୀଦ୍ ହଲ୍ କେଉଁଠାରେ ନିର୍ମାଣ ହେବାକୁ ଟଙ୍କା ମଞ୍ଜୁର ହେଲା ?

୫୮) ସ୍ୱାଧୀନତା ସେମାନଙ୍କ ପକ୍ଷେ ପୁରସ୍କାର ଥିଲା ବୋଲି କେଉଁମାନେ ଭାବୁଥିଲେ ?

୫୯) ଚରମ ବ୍ୟର୍ଥତା ଓ ନୈରାଶ୍ୟ ଭିତରେ ଆତ୍ମପ୍ରତ୍ୟୟ ହରାଇ ସାରିଥିବା ଲକ୍ଷ ଜନତାଙ୍କ ପାଇଁ ସ୍ୱାଧୀନତା କ'ଣ ବୋଲି କୁହାଯାଇଛି ?

୬୦) ଗତ ୨୫ ବର୍ଷ ଭିତରର କାମକୁ ଭିତ୍ତି କରି କିଏ ରାୟ ଦେବେ ବୋଲି ଲେଖକ କହିଛନ୍ତି ?

**(୩) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଦୁଇଟି ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ।**

### ଶରଶ୍‌ଗୁ ପଦର

୧) 'ଧର୍ମଦୁଆର' ଘାଟିଠାରୁ ଲକ୍ଷ୍ମୀପୁର କେତେଦୂର ?

୨) ସୁକୃଜାନି ସଂସାରର ଲୋକସଂଖ୍ୟା କେତେ ?

୩) ଲାଉତୁମ୍ବା କେଉଁ କାମରେ ଲାଗେ ?

୪) ଡୁମାମାନେ କ'ଣ ଅଣି ଦିଅନ୍ତି ?

୫) ଜିଲି ଓ ବିଲି ହାଣ୍ଡିରେ କ'ଣ ଅଜାଡ଼ି ଚୂଲିରେ ବସାନ୍ତି ?

୬) କେଉଁଥିରେ କବକବ କରି ଡେଇଁ ଡେଇଁକା ପାଣି ଚାଲେ ?

୭) ଜଙ୍ଗଲ ଜମାନ୍‌ର ଦୟାରୁ କେଉଁ ଦୁଇଜଣ ଦଶମାଣ ଜମି ସଫା କରିଥିଲେ ?

୮) ମାଣ୍ଡିଆଜାନି ସକାଶେ କିଏ ମନୋନୀତା ?

### ଝେଲମ୍ ନଦୀରେ ସନ୍ଧ୍ୟା

୯) ଲେଖକ ଶିକାରାର ବର୍ଣ୍ଣନା କିପରି କରିଛନ୍ତି ?

୧୦) ହାଁଜି (ନାଉରୀ)ର ଚେହେରା କିପରି ?

୧୧) ସେତୁଗୁଡ଼ିକର ନିର୍ମାଣ ମୂଳରେ କି ଉଦ୍ଦେଶ୍ୟ ନିହିତ ?

୧୨) ଛାଣ୍ଟକାଣ୍ଟ ଯୁବକ ସମ୍ପର୍କରେ ଲେଖକଙ୍କ ମତ କ'ଣ ?

୧୩) ମନ୍ତ୍ରୀ ପୁଅ କି କୌଶଳ ଅବଲମ୍ବନ କରି ରାଜାଝିଅକୁ ଭେଟିଲା ?

୧୪) ରାଜାପୁଅ ଓ ରାଜାଝିଅର ପ୍ରଥମ ସାକ୍ଷାତ କାହିଁକି ବିଫଳ ହେଲା ?

୧୫) କଟୁଆଳ କାନରେ କେଉଁ ଶବ୍ଦ ପଡ଼ିଲା ?

୧୬) କଟୁଆଳର ମୁଣ୍ଡକାଟ କାହିଁକି ହେଲା ?

### ମଧୁ ବାବୁ

୧୭) ମଧୁ ବାବୁଙ୍କ ଚିରଲକ୍ଷ୍ୟ ଓ ଏକମାତ୍ର ଚିନ୍ତା କ'ଣ ଥିଲା ?

୧୮) ସନ୍ଧ୍ୟାବେଳେ ଛାତ୍ରମାନେ କ'ଣ କରନ୍ତି ?

୧୯) ଗୋବିନ୍ଦବଲ୍ଲଭ ତେରବର୍ଷ ବୟସରେ କେଉଁଠିକି ଆସିଥିଲେ ?

୨୦) ଓକିଲାତିର ପ୍ରଥମ ଅବସ୍ଥାରେ ମଧୁସୂଦନଙ୍କୁ କ'ଣ ସହିବାକୁ ପଡ଼ିଥିଲା ?

୨୧) କାହାର ପ୍ରତିଭା ନିକଟରେ ନତମସ୍ତକ ହେବାକୁ ପଡ଼େ ?

୨୨) ମଧୁସୂଦନଙ୍କ ଜୀବନର ସର୍ବଶ୍ରେଷ୍ଠ ସାଧନା କ'ଣ ?

୨୩) ମଧୁବାବୁ ସର୍ବଦା କ'ଣ କହୁଥିଲେ ?

୨୪) ମଧୁସୂଦନ କ'ଣ ଲାଗି ଦେଶବାସୀଙ୍କୁ ମତାଇ ଥିଲେ ?

### ସେହି ସ୍ମରଣୀୟ ଦିବସ

୨୫) 'ତୁମେ ଜଣେ ଖାଣ୍ଟି ଐତିହାସିକ' ଏ କଥା କିଏ କାହାକୁ କହିଛନ୍ତି ?

୨୬) ଗାନ୍ଧିଜୀ କେଉଁ ଧାରଣାକୁ ଯାଦୁବଳରେ ଧ୍ୱଂସ କରି ଦେଇଥିଲେ ?

୨୭) ସାଧାରଣ ଲୋକଙ୍କ ଆନନ୍ଦ ଉତ୍ସାହ କିପରି ଜଣାପଡ଼ି ଯାଉଥିଲା ?

୨୮) 'ନାଟକ'ରେ ଖୁଦୀରାମର ବକ୍ତବ୍ୟ କ'ଣ ଥିଲା ?

୨୯) କେଉଁ ବାକ୍ୟଟି ମହତାବଙ୍କ ମନରେ ଗଭୀର ରେଖାପାତ କଲା ?

୩୦) କେଉଁ ଯୋଜନା ତୁରନ୍ତ କାର୍ଯ୍ୟକାରୀ ହେଲା ?

୩୧) ସାରା ଦେଶର ଲୋକେ ସ୍ୱତଃ କ'ଣ ଭାବୁଥିଲେ ?

୩୨) କେଉଁ କଥା ସେମାନେ ଭାବୁଛନ୍ତି କି ବୋଲି ଲେଖକ ପ୍ରଶ୍ନ କରିଛନ୍ତି ?

**(୪) ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର, ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ।**

### ଶରଶ୍‌ଗୁ ପଦର

୧) ସୁକୃଜାନି କାହା ଭିତରେ ନିଜକୁ ଖୋଜିଲେ ପାଏ ?

୨) ସାନପାହାଡ଼ର କେଉଁ ଦୃଶ୍ୟ ସୁକୃଜାନି ଦେଖେ ?

୩) ମୃତ୍ୟୁପରେ ସୁକୃଜାନିର ଆତ୍ମାର କ'ଣ ହେବ ?

୪) ସୁକୃଜାନି କିପରି ସଞ୍ଜର ଶାନ୍ତିକୁ ପିଇଯାଏ ?

୫) ଜଙ୍ଗଲ ଜମାନର ଚରିତ୍ର ଚିତ୍ରଣ କର।

## ଝେଲମ୍ ନଦୀରେ ସଂନ୍ଧ୍ୟା

୬) ଝେଲମ୍ ନଦୀର ଭୂମିକା ବର୍ଣ୍ଣନା କର।

୭) ନଦୀର ଦୁଇପଟେ ଥିବାର ନଗରର ସଂଯୋଗକାରୀ ସେତୁଗୁଡ଼ିକ ସମ୍ପର୍କରେ ଧାରଣା ଦିଅ।

୮) ଆରତୁଠରେ ଘଟୁଥିବା ଦୃଶ୍ୟାବଳୀର ବର୍ଣ୍ଣନା କର।

୯) ମନ୍ତ୍ରୀପୁଅର ଜେମାଙ୍କ ଉଆସ ପ୍ରବେଶ ଓ ଜେମାଙ୍କୁ ରାଜପୁତ୍ର ସମ୍ପର୍କରେ କହିଥିବା କଥାର ସଂକ୍ଷିପ୍ତ ବର୍ଣ୍ଣନା କର।

୧୦) କଟୁଆଳର ମୃତ୍ୟୁଦଣ୍ଡର ଦୃଶ୍ୟ ବର୍ଣ୍ଣନା କର।

## ମଧୁ ବାବୁ

୧୧) ପ୍ରାଚୀନ ଓଡ଼ିଶାର ଚାଟଶାଳୀ ଶିକ୍ଷା ଉପରେ ଧାରଣା ପ୍ରଦାନ କର।

୧୨) ସାର୍‌ଜନ୍ ଉଡ଼୍‌ରଫ୍‌ଙ୍କ ସମ୍ପର୍କରେ ସଂକ୍ଷେପରେ ଲେଖ ?

୧୩) ମଧୁସୂଦନଙ୍କ ପ୍ରଥମ ଓକିଲାତି କାଳରେ ଉପୁଜିଥିବା ପ୍ରତିକୂଳ ପରିସ୍ଥିତିର ବର୍ଣ୍ଣନା କର।

୧୪) ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠାର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କର।

୧୫) ପୁରୀ ଜଗନ୍ନାଥ ମନ୍ଦିର ପରିଚାଳନାଭାର ସମ୍ପର୍କିତ ମାମଲାର ପରିଣତି ସମ୍ପର୍କରେ ତଥ୍ୟ ପ୍ରଦାନ କର।

## ସେହି ସ୍ମରଣୀୟ ଦିବସ

୧୬) ଡକ୍ଟର ମହତାବ ଓ ରାଜ୍ୟପାଳଙ୍କ କଥୋପକଥନ ବର୍ଣ୍ଣନା କର।

୧୭) ଇତିହାସର କେଉଁ ଘଟଣାବଳୀକୁ ମହତାବ ମନେପକାଇଥିଲେ ?

୧୮) ସ୍ୱାଧୀନତା କେଉଁମାନଙ୍କ ପାଇଁ ପୁରସ୍କାର ଥିଲା ?

୧୯) ୨୫ ବର୍ଷପରେ ଲେଖକ ନିଜକୁ କ'ଣ ପଚାରିଛନ୍ତି ?

୨୦) କାହାକୁ ଭିତ୍ତିକରି ଇତିହାସ ରାୟ ଦିଏ ?

**(୫) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରଶ୍ନର ମୂଲ୍ୟ ୫ ନମ୍ବର। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ।**

## ଶରତ୍ରୁ ପଦର

୧) 'ଶରତ୍ରୁ ପଦର' 'ପରଜା' ଉପନ୍ୟାସର 'ମୁଖଶାଳା'। ଆଲୋଚନା କର।

୨) 'ପରଜା' ଉପନ୍ୟାସର ନାମକରଣ ସାର୍ଥକତା ହିଁ 'ଶରତ୍ରୁ ପଦର'ରେ ନିହିତ ଆଲୋଚନା କର।

୩) 'ଶରତ୍ରୁ ପଦର' ଅନୁସରଣରେ ଗୋପୀନାଥଙ୍କ ସୃଷ୍ଟିରେ ବୈଶିଷ୍ଟ୍ୟ ନିରୂପଣ କର।

୪) 'ଶରତ୍ରୁ ପଦର'ରେ ଦୁଇଗୋଟି ମଣିଷଙ୍କ ଜୀବନ ଚିତ୍ର ସାର୍ଥକ ଭାବେ ଉପସ୍ଥାପିତ ହୋଇଛି, ଆଲୋଚନା କର।

## ଝେଲମ୍ ନଦୀରେ ସନ୍ଧ୍ୟା

୫) ଝେଲମ୍ ନଦୀରେ ସନ୍ଧ୍ୟାର ଦୃଶ୍ୟ ପଠିତ ପ୍ରବନ୍ଧ ଅବଲମ୍ବନରେ ବର୍ଣ୍ଣନା କର।

୬) ଏକ ସାର୍ଥକ ଭ୍ରମଣ କାହାଣୀ ଭାବେ 'ଝେଲମ୍ ନଦୀରେ ସନ୍ଧ୍ୟା'ର ବିଚାର କର।

୭) ଲୋକଗଳ୍ପ ବା ଲୋକ କାହାଣୀର ସୃଷ୍ଟି ମୂଳରେ ଥିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟ 'ଝେଲମ୍ ନଦୀରେ ସନ୍ଧ୍ୟା' ପ୍ରବନ୍ଧରେ କେତେଦୂର ସାର୍ଥକ ହୋଇଛି ଆଲୋଚନା କର।

୮) 'ଝେଲମ୍ ନଦୀରେ ସନ୍ଧ୍ୟା' ପ୍ରବନ୍ଧର ନାମକରଣର ସାର୍ଥକତା ପ୍ରତିପାଦନ କର।

## ମଧୁ ବାବୁ

୯) ପଠିତ ପ୍ରବନ୍ଧ ଅବଲମ୍ବନରେ ମଧୁବାବୁଙ୍କ ବହୁମୁଖୀ ପ୍ରତିଭାର ପରିଚୟ ପ୍ରଦାନ କର।

୧୦) ଉତ୍କଳର ଅର୍ଦ୍ଧଶତାବ୍ଦୀର ଇତିହାସ ସହିତ ମଧୁବାବୁଙ୍କ ଜୀବନ କାହାଣୀ କିପରି ସଂଶ୍ଳିଷ୍ଟ ଆଲୋଚନା କର।

୧୧) 'ଉତ୍କଳ ପ୍ରତି ମଧୁବାବୁଙ୍କ ଅବଦାନ ଅବିସ୍ମରଣୀୟ', ଆଲୋଚନା କର।

୧୨) 'ଉତ୍କଳର ସର୍ବବିଧ ଉନ୍ନତି ହିଁ ତାଙ୍କ ଜୀବନର ଲକ୍ଷ୍ୟ ଥିଲା ପଠିତ ପ୍ରବନ୍ଧ ଅବଲମ୍ବନରେ ବିଚାର କର।

## ସେହି ସ୍ମରଣୀୟ ଦିବସ

୧୩) 'ସେହି ସ୍ମରଣୀୟ ଦିବସ' ପ୍ରବନ୍ଧର ସାରମର୍ମ ଉଦ୍‌ଘାଟନ କର।

୧୪) ସାଧାରଣ ଜନତା କିଭଳି ନିଜେ ନିଜର ସ୍ୱାଧୀନତା ହାସଲ କଲେ, ପଠିତ ପ୍ରବନ୍ଧ ଅବଲମ୍ବନରେ ବିଚାର କର।

୧୫) 'ସେମାନେ ହିଁ ନିଜର ସ୍ୱାଧୀନତା ରକ୍ଷା କରିବେ' କେଉଁମାନେ ଓ ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ଆଲୋଚନା କର।

# ପ୍ରଥମ ଏକକ

# ପ୍ରବନ୍ଧ ବିଭାଗ (ଉତ୍ତର)

## (୧) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ।

୧) (i) ଏକ କୋଶ
୨) (ii) ବାଘ
୩) (iii) ଚାରି
୪) (iv) ଅଠା
୫) (ii) ଆଠ ଟଙ୍କା
୬) (ii) ନାଇକ
୭) (iii) ଟିକସ
୮) (ii) ଭାଲୁଗାଡ଼ିକୁ
୯) (i) ଲାଲ୍
୧୦) (ii) ଲାଉତୁମ୍ବାରେ
୧୧) (i) ସୁକୃଜାନି
୧୨) (iii) ଲୋବୋ
୧୩) (iii) ପଥର
୧୪) (ii) ସୁକୃଜାନି
୧୫) (iii) ହରଡ଼
୧୬) (iv) ପାଞ୍ଚଆ
୧୭) (iii) ଚାରିଜଣ
୧୮) (iii) ଡୁମା
୧୯) (ii) ମାଣ୍ଡିଆଜାନି
୨୦) (i) ରେଙ୍ଗୁ ପରଜା
୨୧) (i) ଝେଲମ୍
୨୨) (iii) କାଶ୍ମୀରବାସୀ
୨୩) (iii) ବୁଢ଼ାବଲଙ୍ଗ
୨୪) (iv) ଗାଢ଼ନୀଳ
୨୫) (iii) କାଶ୍ମୀର
୨୬) (i) କାଶ୍ମୀର
୨୭) (ii) ଶିକାରା
୨୮) (ii) କାଗଜ
୨୯) (ii) ମୁସଲ୍‌ମାନ
୩୦) (iv) ସାତୋଟି
୩୧) (iv) ୧୪୧୭
୩୨) (iv) ସାତୋଟି
୩୩) (iii) ଘରଣୀ
୩୪) (iii) ଧୂଆଁ
୩୫) (iii) ବାଣିଜ୍ୟତରୀ
୩୬) (iv) କାଶ୍ମୀରୀ କିଶୋରୀ
୩୭) (iv) ସଙ୍ଗାତ
୩୮) (i) ମନ୍ତ୍ରୀ ପୁଅ
୩୯) (iii) କଟୁଆଳ
୪୦) (ii) ଗଣପତି
୪୧) (iv) ଗୋବିନ୍ଦବଲ୍ଲଭ
୪୨) (ii) ଗୋପାଳବଲ୍ଲଭ
୪୩) (iv) ମହାଭାରତ
୪୪) (iv) ସନ୍ଧ୍ୟା ବେଳେ
୪୫) (ii) ତେରବର୍ଷ
୪୬) (iii) ଖ୍ରୀଷ୍ଟଧର୍ମ
୪୭) (i) ରେଭେନ୍‌ସା କଲେଜିଏଟ୍
୪୮) (ii) ଯୋତା
୪୯) (iii) କିରାନୀ
୫୦) (iii) କଲିକତା
୫୧) (i) ଅମ୍ବିକାପ୍ରସାଦ
୫୨) (iii) ଇଂରାଜୀ ସାହିତ୍ୟ
୫୩) (iii) ଶ୍ରୀରାମପୁର
୫୪) (ii) ଦୁଇଟି
୫୫) (iv) ସମ୍ବଲପୁର
୫୬) (iii) ଖ୍ରୀଷ୍ଟଧର୍ମ
୫୭) (ii) ୧୯୨୧
୫୮) (ii) ଦୁଇଥର
୫୯) (i) ଜନ୍ ଉଡ଼ରଫ୍
୬୦) (ii) ଫେବୃୟାରୀ ୪
୬୧) (ii) ଅନ୍ଧକାର ରାତ୍ରି
୬୨) (ii) ଉଷା
୬୩) (iii) ରାତି ଅଧରୁ
୬୪) (i) ବାରବାଟୀ ଜିଲ୍ଲା
୬୫) (ii) ଲାଲବାଗ
୬୬) (i) ଡକ୍ଟର କାଟ୍‌ଜ୍
୬୭) (iv) ଇତିହାସର
୬୮) (iii) ଶିକ୍ଷିତ
୬୯) (iii) ଉତ୍ସବ
୭୦) (ii) ସଚ୍ଚିନ୍ ଦତ୍ତ
୭୧) (iii) ଖୁଦୀ ରାମ
୭୨) (i) ଖୁଦୀ ରାମ
୭୩) (iii) ଶହୀଦ୍ ହଲ୍
୭୪) (iii) ସମସ୍ତ ସମ୍ପତ୍ତି
୭୫) (iii) ସ୍ୱପ୍ନ
୭୬) (i) କ୍ୟାରିଅର
୭୭. (ii) ପୁରସ୍କାର
୭୮) (ii) କୋରାପୁଟ
୭୯) (iii) ୨୫ ବର୍ଷ
୮୦) (ii) ସ୍ୱାଧୀନତା

## (୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

୧. ଶରଶ୍ରୁ ପଦର
୨. ତିନିଜାତି
୩. ବାଇଶି
୪. ଛୋଟିଆ ନିଆଁଟିଏ
୫. ପିଠିପଖିଆ
୬. ଧୂଆଁ
୭. ସଞ୍ଜର ଶାନ୍ତି, ଖୋଲାପାହାଡ଼ର ଶାନ୍ତି
୮. ପାହାଡ଼ତଳ ଝୋଲାରେ
୯. ଗାଁ ନାଇକ
୧୦. ଗାରଡ଼, ଗାରଡ଼
୧୧. ଡମ୍ବ ବାରିକ
୧୨. ଲଙ୍ଗଳ ପାନୁ
୧୩. ଦଶ ପନ୍ଦର କୋଣ
୧୪. ଯୋଡ଼ିଏ ଟଙ୍କା
୧୫. ଗୁର୍ଦ୍ଦିଶାଗ
୧୬. ଝେଲମ୍ ନଦୀର
୧୭. ବଙ୍କେଇ ବଙ୍କେଇ ବୁଲିବୁଲି
୧୮. 'ଶ୍ରୀ'ଟିକୁ
୧୯. ଝେଲମ୍
୨୦. ଶ୍ରୀନଗର
୨୧. ଶିକାରା
୨୨. ବିଭିନ୍ନ ଶାସକମାନଙ୍କ
୨୩. ଶିକାରାରେ
୨୪. କୁଳଲଗା ହାଉସ୍‌ବୋଟ୍‌ରେ
୨୫. ନୌକାରେ
୨୬. ପ୍ରୌଢ଼ାଟିଏ
୨୭. ପକ୍ଷୀର
୨୮. ଧୀରେ-ଅତିଧୀରେ
୨୯. ପିଠା ବିକାଳି
୩୦. ସ୍ତ୍ରୀ ବେଗରେ
୩୧. ମଧୁବାବୁ
୩୨. ଓଡ଼ିଆମାନେ ବିଦେଶରେ କିପରି ସମ୍ମାନିତ ହେବ
୩୩. ତୀର୍ଥସ୍ଥାନ
୩୪. ଗାଁ ଚାଟଶାଳୀରେ
୩୫. ପ୍ରାଥମିକ ଶିକ୍ଷାର ଗ୍ରହଣ କରୁଥିଲେ
୩୬. ଭୂମି ଉପରେ
୩୭. ତାଳପତ୍ର ଓ ଲେଖନରେ
୩୮. ଡେପୁଟୀ ମାଜିଷ୍ଟ୍ରେଟ୍
୩୯. ସନ୍ଧ୍ୟାବେଳେ
୪୦. ଷ୍ଟିମରଯୋଗେ
୪୧. ଶ୍ରୀରାମପୁର
୪୨. କଲିକତା ବିଶ୍ୱବିଦ୍ୟାଳୟ
୪୩. ପୁରୀ ଗଜପତି
୪୪. ସ୍ୱାତନ୍ତ୍ର୍ୟ ଓ ଶକ୍ତିର
୪୫. ଜାତି-ସଂଗଠନ
୪୬. ଉଷାର
୪୭. ବାରବାଟି ଜିଲ୍ଲାସ୍ଥ ସରକାରୀ ବାସଭବନରେ
୪୮. ଐତିହାସିକ ସ୍ଥାନ ଲାଲ୍‌ବାଗରେ
୪୯. ପ୍ରାୟ ୧ ହଜାର ବର୍ଷ ପରେ
୫୦. ଡକ୍ଟର କାଟୁଜ୍
୫୧. ଯାଦୁବଳରେ
୫୨. ଆଖି ଓ କଥାବାର୍ତ୍ତାରୁ
୫୩. ଶହୀଦ୍ ଖୁଦୀରାମଙ୍କର
୫୪. ହଜାର ହଜାର ଲୋକ
୫୫. ଡକ୍ଟର ମହତାବଙ୍କର
୫୬. ଏକ ଯୋଜନା
୫୭. କଟକ ଠାରେ
୫୮. ବିଶାଳ ଜନତା
୫୯. ସମ୍ପୂର୍ଣ୍ଣ ନିରର୍ଥକ
୬୦. ଇତିହାସ

**(୩) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଦୁଇଟି ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ।**

୧. ପ୍ରବନ୍ଧ - ଶରତ୍ଶୁ ପଦର
ଲେଖକ - ଗୋପୀନାଥ ମହାନ୍ତି
ଦେଢ଼ କୋଶ ଦୂର।

୨. ପ୍ରବନ୍ଧ - ଶରତ୍ଶୁ ପଦର
ଲେଖକ - ଗୋପୀନାଥ ମହାନ୍ତି
ଦୁଇପୁଅ, ଦୁଇଝିଅ ଓ ସେ ନିଜେ ମୋଟ ୫ ଜଣ।

୩. ପ୍ରବନ୍ଧ - ଶରତ୍ଶୁ ପଦର
ଲେଖକ - ଗୋପୀନାଥ ମହାନ୍ତି
ମାଣ୍ଡିଆ ଯାଉ ପୁରାଇ ବିଲକୁ ବାଟକୁ ନେବା କାମ।

୪. ପ୍ରବନ୍ଧ - ଶରତ୍ଶୁ ପଦର
ଲେଖକ - ଗୋପୀନାଥ ମହାନ୍ତି
କେଉଁ ଡୁମା ସୌଭାଗ୍ୟ, ଆନନ୍ଦ, ଆଉ କିଏ ଝଡ଼ତୋଫାନ, ଦୁଃଖଦୁର୍ଦ୍ଦଶା।

୫. ପ୍ରବନ୍ଧ - ଶରତ୍ଶୁ ପଦର
ଲେଖକ - ଗୋପୀନାଥ ମହାନ୍ତି
ମାଣ୍ଡିଆ ଚୂନା କଡ଼ ଶାଗ, ପେସା ହୋଇଥିବା ଆମ୍ବ ଟାକୁଆ କୋଇଲି।

୬. ପ୍ରବନ୍ଧ - ଶରତ୍ଶୁ ପଦର
ଲେଖକ - ଗୋପୀନାଥ ମହାନ୍ତି
ଝୋଲା ବା ପାହାଡ଼ୀ ନଈରେ।

୭. ପ୍ରବନ୍ଧ - ଶରତ୍ଶୁ ପଦର
ଲେଖକ - ଗୋପୀନାଥ ମହାନ୍ତି
ସଲ୍ମନ ଡମ୍ବ ଓ ଇଷ୍ଟିଫାନ ଡମ୍ବ।

୮. ପ୍ରବନ୍ଧ - ଶରତ୍ଶୁ ପଦର
ଲେଖକ - ଗୋପୀନାଥ ମହାନ୍ତି
ପୁରିଜାନିର ଝିଅ କାଜୋଡ଼ି।

୯. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ
ଶିକାରାରେ ଦୁଇଟି ଚଉକି, ସେଥିରେ ମଖମଲୀ ଗଦି, ଚାରିଜଣ ବସିପାରିବେ, ପୁଣି ମୁଣ୍ଡ ଉପରେ ବିଚିତ୍ର ଚାନ୍ଦୁଆ, ନାଲିନେଳି, ହଳଦୀଆ ରଙ୍ଗର କନାଗୁଡ଼ିଆ ଖମ୍ବ ଉପରେ ଶୋଭାପାଉଛି।

୧୦. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ
ହାଁଜି (ନାଉରୀ) ପାଞ୍ଚହାତ ମର୍ଦ୍ଦ, ମୁସଲମାନ, ପୋଷାକପତ୍ର ଅପରିଷ୍କାର।

୧୧. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ
ବିଭିନ୍ନ ଶାସକମାନଙ୍କ ସମୟରେ ନିର୍ମାଣ କରାଯାଇଥିବା ସାତଗୋଟି ସେତୁର ମୁଖ୍ୟ ଉଦ୍ଦେଶ୍ୟ ନଦୀର ଦୁଇପଟେ ଥିବା ନଗର ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବା।

୧୨. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ
ଛାଣ୍ଟକାଣ୍ଟ ଯୁବକଜଣକର ବେପରୁଆ ଭାବ, ଓଠରେ ସିଗାରେଟ୍, ତରବର ଚାଲି ବୋଧହୁଏ ସିନେମା ଦେଖିବାର ଉଦ୍ଦେଶ୍ୟକୁ ଅନୁମାନ କରି କଲେଜ ଛାତ୍ର ହେବ ବୋଲି ଲେଖକ ଅନୁମାନ କରିଛନ୍ତି।

୧୩. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ
ମନ୍ତ୍ରୀପୁଅ ସ୍ତ୍ରୀ ବେଶ ପରିଧାନ କରି ରାଜା ଝିଅକୁ ଭେଟିଲା।

୧୪. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ
ରାଜାଝିଅ କଥା ଭାବି ଭାବି, ତାକୁ ଅପେକ୍ଷା କରିକରି ରାତି ଦଶଘଡ଼ି ବେଳକୁ ରଜାପୁଅ ନିଘୋଡ଼ ନିଦରେ ଶୋଇପଡ଼ିବାରୁ ରାଜା ଝିଅ ସହିତ ତାର ସାକ୍ଷାତ ହୋଇପାରିଲା ନାହିଁ।

୧୫. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ
କଟୁଆଳନଗର ପରିକ୍ରମା କଲାବେଳେ ରାଜାପୁଅ ଓ ଜେମାଙ୍କ କଥୋପକଥନ ଶବ୍ଦଠୁ ଜେମାଙ୍କ କଣ୍ଠସ୍ୱର ଶବ୍ଦ ତା' କାନରେ ପଡ଼ିଲା।

୧୬. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ
କଏଦୀ ଘରେ କଟୁଆଳ ଜେମାଙ୍କୁ ଚିହ୍ନ କରିବାରେ ରାଜା ଓଢ଼ଣା ଖୋଲି ସେ ଜେମା ନୁହଁନ୍ତି ବୋଲି ନିଶ୍ଚିତ ହେବାରୁ କଟୁଆଳର ମୁଣ୍ଡକାଟ କଲେ।

୧୭. ପ୍ରବନ୍ଧ - ମଧୁବାବୁ
ଲେଖକ - ଚିନ୍ତାମଣି ଆଚାର୍ଯ୍ୟ
ଓଡ଼ିଆ କିପରି ଓଡ଼ିଶା ବାହାରେ ଦେଶବିଦେଶରେ ସମ୍ମାନିତ ହେବ ଏହା ତାଙ୍କର ଚିରଲକ୍ଷ୍ୟ ଥିଲା ଓ ଓଡ଼ିଆର ଉନ୍ନତି ତାଙ୍କର ଏକମାତ୍ର ଚିନ୍ତାଥିଲା ।

୧୮. ପ୍ରବନ୍ଧ - ମଧୁବାବୁ
ଲେଖକ - ଚିନ୍ତାମଣି ଆଚାର୍ଯ୍ୟ
ସନ୍ଧ୍ୟାବେଳେ ପିଲାଏ ସନ୍ଧ୍ୟାବନ୍ଦନା କରନ୍ତି ଓ ଚାଣକ୍ୟ ଶ୍ଳୋକର ଆବୃତ୍ତି ସହିତ ମାନସାଙ୍କ ପ୍ରଶ୍ନର ଉତ୍ତର କରନ୍ତି ।

୧୯. ପ୍ରବନ୍ଧ - ମଧୁବାବୁ
ଲେଖକ - ଚିନ୍ତାମଣି ଆଚାର୍ଯ୍ୟ
ଗୋବିନ୍ଦବଲ୍ଲଭ ତେରବର୍ଷ ବୟସରେ ଚାଟଶାଳୀ ପଢ଼ା ଶେଷକରି କଟକରେ ଇଂରାଜୀ ବିଦ୍ୟାଳୟରେ ପଢ଼ିବାକୁ କଟକ ଆସିଥିଲେ ।

୨୦. ପ୍ରବନ୍ଧ - ମଧୁବାବୁ
ଲେଖକ - ଚିନ୍ତାମଣି ଆଚାର୍ଯ୍ୟ
ଓକିଲାତିର ପ୍ରଥମ ଅବସ୍ଥାରେ ମଧୁସୂଦନଙ୍କୁ କେତେକ ବ୍ୟଙ୍ଗ, ବିଦ୍ରୁପ, ନିର୍ଯ୍ୟାତନା ସହିବାକୁ ପଡ଼ିଥିଲା ଓ କେତେ ନିରାଶବାଣୀ ଶୁଣିବାକୁ ହୋଇଥିଲା ।

୨୧. ପ୍ରବନ୍ଧ - ମଧୁବାବୁ
ଲେଖକ - ଚିନ୍ତାମଣି ଆଚାର୍ଯ୍ୟ
ପ୍ରତିଭାଶାଳୀ ବ୍ୟକ୍ତିର ପ୍ରତିଭା ନିକଟରେ ତା'ର ଶତ୍ରୁମାନଙ୍କୁ ନତ ମସ୍ତକ ହେବାକୁ ପଡ଼େ ।

୨୨. ପ୍ରବନ୍ଧ - ମଧୁବାବୁ
ଲେଖକ - ଚିନ୍ତାମଣି ଆଚାର୍ଯ୍ୟ
ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରିକରଣ ମଧୁସୂଦନଙ୍କ ଜୀବନର ସର୍ବଶ୍ରେଷ୍ଠ ସାଧନା ।

୨୩. ପ୍ରବନ୍ଧ - ମଧୁବାବୁ
ଲେଖକ - ଚିନ୍ତାମଣି ଆଚାର୍ଯ୍ୟ
ମଧୁସୂଦନ ସର୍ବଦା ଆଲୋ ସଖି, ଆପଣା ମହତ ଆପେରଖି' ବୋଲି କହୁଥିଲେ ।

୨୪. ପ୍ରବନ୍ଧ - ମଧୁବାବୁ
ଲେଖକ - ଚିନ୍ତାମଣି ଆଚାର୍ଯ୍ୟ
ମଧୁସୂଦନ ମଫସଲରେ ସ୍ୱଦେଶୀବସ୍ତୁ ନିର୍ମାଣ ଓ ପରିଧାନ ଲାଗି ଦେଶବାସୀଙ୍କୁ ମତାଇଥିଲେ ।

୨୫. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ
ଲେଖକ - ହରେକୃଷ୍ଣ ମହତାବ
ତତ୍‌କାଳୀନ ଓଡ଼ିଶାର ରାଜ୍ୟପାଳ ଡକ୍ଟର କୈଳାଶନାଥ କାଟ୍‌ଜୁ ମହତାବଙ୍କୁ କହିଛନ୍ତି ।

୨୬. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ
ଲେଖକ - ହରେକୃଷ୍ଣ ମହତାବ
ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟଙ୍କ ମନରେ ସୃଷ୍ଟି ହୋଇଥିବା ଭ୍ରାନ୍ତଧାରଣା, 'ସେମାନେ ଶାସକମାନଙ୍କର ଆଶ୍ରିତପ୍ରଜା'କୁ ଗାନ୍ଧିଜୀ ଯାଦୁବଳରେ ଧ୍ୱଂସ କରିଦେଇଥିଲେ ।

୨୭. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ
ଲେଖକ - ହରେକୃଷ୍ଣ ମହତାବ
ସାଧାରଣ ଲୋକଙ୍କର ଆନନ୍ଦ ଉତ୍ସାହ ସେମାନଙ୍କର ଆଖି ଓ କଥାବାର୍ତ୍ତାରୁ ଜଣାପଡ଼ି ଯାଉଥିଲା ।

୨୮. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ
ଲେଖକ - ହରେକୃଷ୍ଣ ମହତାବ
ଲୋକମାନଙ୍କର ଖୁଦୀରାମଙ୍କୁ ମନେ ରଖିବାର ଆବଶ୍ୟକତା ନାହିଁ କାରଣ ସେହି ଆଜିର ଆନନ୍ଦର ଜଣେ ଭାଗିଦାର କାରଣ ତା'ର ପ୍ରାଣପାତ ବ୍ୟର୍ଥ ହୋଇଯାଇନାହିଁ ।

୨୯. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ
ଲେଖକ - ହରେକୃଷ୍ଣ ମହତାବ
'ଆପଣମାନେ ମତେ ଚିହ୍ନି ପାରୁଛନ୍ତି, ମନେ ରଖିଛନ୍ତି ? ପ୍ରତିଦାନ ଦାନରେ କିଛି ପାଇବାର ଆଶା ନ ରଖି ଫାଶୀ ଖୁଣ୍ଟରେ ଚଢ଼ିଥିଲି ଓ ପ୍ରାଣବଳି ଦେଇଥିଲି ବାକ୍ୟଟି ।'

୩୦. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ
ଲେଖକ - ହରେକୃଷ୍ଣ ମହତାବ
ରାଜନୈତିକ କର୍ମୀମାନଙ୍କୁ ଭତ୍ତା ଦେବା ଯୋଜନା ତୁରନ୍ତ କାର୍ଯ୍ୟକାରୀ ହେଲା ।

୩୧. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ
ଲେଖକ - ହରେକୃଷ୍ଣ ମହତାବ
ସାରା ଦେଶର ଲୋକ ସ୍ୱତଃ ଭାବୁଥିଲେ ସ୍ୱାଧୀନତାରେ ଅତୀତର ସମସ୍ତ ଦୁଃଖ ଦୁର୍ଦ୍ଦଶା ପୂର୍ବରାତ୍ରିର ଦୁଃସ୍ୱପ୍ନ ଭଳି ମିଳେଇଯିବ ଓ ଉଷାର ଆଗମନରେ ସୁଖ ସମୃଦ୍ଧି ବୃଦ୍ଧିପାଇବ ।

୩୨. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ
ଲେଖକ - ହରେକୃଷ୍ଣ ମହତାବ
ଏହି ଦେଶ ସେମାନଙ୍କର - ସେମାନେ ହିଁ ନିଜର ମୁନିବ ଏବଂ ନିଜ ଭାଗ୍ୟର ନିୟାମକ, ଏକଥା ସେମାନେ ଭାବୁଛନ୍ତି କି ବୋଲି ଲେଖକ ପ୍ରଶ୍ନ କରିଛନ୍ତି ।

## (୪) ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର, ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ।

୧. ପ୍ରବନ୍ଧ - ଶରଣ୍ଣୁ ପଦର
ଲେଖକ - ଗୋପୀନାଥ ମହାନ୍ତି
ସଞ୍ଜବୁଡ଼ିଲେ ସୁକୃଜାନି ଧୂଆଁପତ୍ର ବଳି ପିକା ଟାଣିବା - ନୁଆଁଣିଆ କୁଡ଼ିଆ - ଚାରିଟି ଛୁଆ - ଧାଙ୍ଗୁଡ଼ା ଦୁଇ - ଧାଙ୍ଗୁଡ଼ୀ ଦୁଇଚାରି ପାଖେ ଜଙ୍ଗଲ - ମଥା ଉପରେ ବିରାଟ ଆକାଶର ବିସ୍ତୃତ - ଏହାଭିତରେ ବି ସେ ନିଜର ସ୍ଥିତି ଅନୁଭବ କରେ - ନିଜେ ଅଛି ବୋଲି ବୁଝେ।

୨. ପ୍ରବନ୍ଧ - ଶରଣ୍ଣୁ ପଦର
ଲେଖକ - ଗୋପୀନାଥ ମହାନ୍ତି
ସୁକୃଜାନିର ଦୃଷ୍ଟି ପଡ଼େ ସାମ୍ନାରେ ଥିବା ସାନ ପାହାଡ଼ ଉପରେ - ପାହାଡ଼ ମୁଣ୍ଡକୁ ଢୁ ଢୁ ବରଷାରେ ଲୋବୋ କନ୍ଧ ଓ ସେ ଦୁହେଁ ହାଣି ସଫା କରିବା - ଚାଷଭୂଇଁରେ ପରିଣତ କରିବା ଇତ୍ୟାଦି।

୩. ପ୍ରବନ୍ଧ - ଶରଣ୍ଣୁ ପଦର
ଲେଖକ - ଗୋପୀନାଥ ମହାନ୍ତି
ସୁକୃଜାନି ଭାବେ - ଗାଁ-ମଝି ଗୁରୁଡ଼ି ଆମ୍ବଗଛ - ତାମୂଳେ ମଣିଷର ମଲାପରେ ଖଣ୍ଡେ ଗୋଜିଆ ପଥର ତା' ନାଁରେ ପୋତାହେବା ସତେକି ସେ ଗୋଜିଆ ପଥରେ ଭିତରେ ସୁକୃଜାନିର ଆତ୍ମା ଡୁମା ହୋଇ ଭବିଷ୍ୟତରେ ତା'ପୁଅ, ନାତିଙ୍କର ସୁଖ ସୌଭାଗ୍ୟକୁ ମିଟିମିଟି କରି ଚାହିଁ ରହିବ।

୪. ପ୍ରବନ୍ଧ - ଶରଣ୍ଣୁ ପଦର
ଲେଖକ - ଗୋପୀନାଥ ମହାନ୍ତି
ସଞ୍ଜର ନିଆଁ ପାଖେ ବଉଁଶକୁଟୁମ୍ବଙ୍କ ପଙ୍ଗତ ବସିବା - ଜିଲିବିଲି ଝୋଲାରୁ ପାଣିମାଠିଆ ଧରି ଫେରିବା - ହସଖେଳ-ଥଟ୍ଟା ନ କଲେ - ସୁକୃଜାନି କାନରୁ ଦରପୋଡ଼ା ପିକାରେ ନିଆଁ ଲଗେ ଧୂଆଁ ପିଇବା, ତା' ସହିତ ସଞ୍ଜର ଶାନ୍ତି - ଖୋଲା ପାହାଡ଼ର ଶାନ୍ତି ପିଇବା।

୫. ପ୍ରବନ୍ଧ - ଶରଣ୍ଣୁ ପଦର
ଲେଖକ - ଗୋପୀନାଥ ମହାନ୍ତି
ଜଙ୍ଗଲ ଜମାନର ଲୋଭ - ଶୋଷଣ ମନୋବୃତ୍ତି - ଲାଞ୍ଚନେବାର ଧୂରନ୍ଧର - ଜଙ୍ଗଲ ଜଗୁଆଳି ହୋଇ ବି ଲାଞ୍ଚନେଇ ଜଙ୍ଗଲ ହାଣିବାର ଅନୁମତି ଦେବା - ଆଦିବାସୀ ଝିଅମାନଙ୍କ ପ୍ରତି ଅଶ୍ଳୀଳ, ଚାହାଣି ଓ ଇଙ୍ଗିତ ତା ଚରିତ୍ରର ଦୋଷ।

୬. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ
ଝେଲମ୍ ନଦୀରେ ମା' ଭୂମିକା - ବଙ୍କେଇ ବଙ୍କେଇ ବୁଲିବୁଲି ସମସ୍ତ ଶ୍ରୀନଗରକୁ ସ୍ପର୍ଶ - କାଶ୍ମୀରବାସୀଙ୍କ ପ୍ରଶଂସା - ଝେଲମ୍‌କୁ ବାଦଦେଲେ ଶ୍ରୀନଗରକୁ 'ଶ୍ରୀ'କୁ ବାଦଦେବା - କାଶ୍ମୀରର ରଙ୍ଗମଞ୍ଚର ପ୍ରଧାନ ନର୍ତ୍ତକୀ - କାଶ୍ମୀରର ରକ୍ତବାହୀ ଧମନୀ।

୭. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ
ଝେଲମ୍ ନଦୀ ଉପରେ ସାତୋଟି ସେତୁ - ବିଭିନ୍ନ ଯୁଗରେ ଶାସକଙ୍କ ଦ୍ୱାରା ନିର୍ମିତ - ଆଲିକ୍ ଦଲ୍ ସବୁଠାରୁ ପ୍ରାଚୀନ ସେତୁ - କାଠ ନିମିତ୍ତ ସେତୁ - ନୌକା ବିହାର କଲେ ସାତ ସେତୁ ବ୍ୟତିକ୍ରମ କରିବାକୁ ହୁଏ।

୮. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ
ଆର ତୁଠରେ ପ୍ରୌଢ଼ାର ଲୁଗାକଚା ଦୃଶ୍ୟ - ଘାଟ ନୌକାରୁ ଖଲସୀର ଜିନିଷପତ୍ର ଖଲାସ୍ - ବୁଢ଼ା ପଠାଣର ଧୂଆଁଖିଆ - ଛେଳି ପଲ ଧରି ଫେରୁଥିବା ଛେଳିଜଗା ଟୋକା।

୯. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ
ମନ୍ତ୍ରୀପୁଅର ସ୍ତ୍ରୀ ନେବାରେ ଜେମାଙ୍କ ଉଆସ ପ୍ରବେଶ - ଜେମାଙ୍କ ସାକ୍ଷାତ - ରାଜାପୁଅ ସମ୍ପର୍କରେ କହିବା - ଜେମାଙ୍କ ଲାଗି ତାର ଶୋଚନୀୟ ଅବସ୍ଥାର ବର୍ଣ୍ଣନାର ବିବରଣୀ ଦିଆଯିବ।

୧୦. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ
କଟୁଆଳର ନଗର ପରିକ୍ରମା - ଜେମା ଓ ରାଜପୁତ୍ରର କଥୋପକଥନ ଶ୍ରବଣ - ଦୁଇଜଣଙ୍କୁ ବନ୍ଦୀ କରି ବନ୍ଦୀଶାଳାରେ ରଖିବା - ରାଜାଙ୍କୁ ସମ୍ବାଦ ଦେବା - ରାଜାଙ୍କ ସତ୍ୟାସତ୍ୟ ପରୀକ୍ଷା ଲାଗି କଏଦୀ ଘରେ ପ୍ରବେଶ - ଛଦ୍ମବେଶୀ ଜେମା ନୁହେଁ ଜାଣି କ୍ରୋଧିତ ରାଜା କଟୁଆଳର ମୁଣ୍ଡକାଟ କରିବା।

୧୧. ପ୍ରବନ୍ଧ - ମଧୁବାବୁ

ଲେଖକ - ଚିନ୍ତାମଣି ଆଚାର୍ଯ୍ୟ

ପ୍ରାଚୀନ ଓଡ଼ିଶାରେ ପ୍ରାଥମିକ ଶିକ୍ଷାଗାଁ ଛାଟଶାଳୀରେ ହିଁ ସମ୍ପନ୍ନ ହେଉଥିଲା। ମାଟିବଂଶ ବା କ୍ଷିତିବଂଶ ଅବଧାନମାନେ ଏହି ଶିକ୍ଷାଭାର ଗ୍ରହଣ କରୁଥିଲେ। ଗାଁ ଖଳିଘରେ ଅଥବା ଶୀତଦିନେ ଆମ୍ବବଗିଚାରେ ଶିକ୍ଷା ଗ୍ରହଣ। ମାଟି ଉପରେ ଶୁଆପକ୍ଷୀଆ ଖଡ଼ିରେ ଲେଖିଥିବା ହସ୍ତାକ୍ଷର ତାଳପତ୍ର ଓ ଲେଖନୀରେ ମଡ଼ାଇବା ମୁଖ୍ୟ ଥିଲା।

୧୨. ପ୍ରବନ୍ଧ - ମଧୁବାବୁ

ଲେଖକ - ଚିନ୍ତାମଣି ଆଚାର୍ଯ୍ୟ

ସାର୍ ଜନ୍ ଉଡରଫ୍ କଲିକତା ହାଇକୋର୍ଟର ବାରିଷ୍ଟର - ସଂସ୍କୃତ ଭାଷାବିତ୍ ପଣ୍ଡିତ - ତନ୍ତ୍ରଶାସ୍ତ୍ର ସମ୍ବନ୍ଧରେ ପୁସ୍ତକ ରଚନା - କଲିକତା ହାଇକୋର୍ଟର ବିଚାରପତି ଭାବେ ଆସନ ଗ୍ରହଣ।

୧୩. ପ୍ରବନ୍ଧ - ମଧୁବାବୁ

ଲେଖକ - ଚିନ୍ତାମଣି ଆଚାର୍ଯ୍ୟ

ଓକିଲାତିର ପ୍ରଥମ ଅବସ୍ଥାରେ ବ୍ୟଙ୍ଗ, ବିଦ୍ରୂପ, ନିର୍ଯ୍ୟାତନା - କେତେ ନିରାଶ ବାଣ ? - ପ୍ରାୟତଃ ସବୁ ଓକିଲ ବଙ୍ଗାଳୀ - ହାକିମମାନେ ବଙ୍ଗାଳୀ - କେବଳ ଜିଲ୍ଲାଜଜ୍, ଜିଲ୍ଲାମାଜିଷ୍ଟ୍ରେଟ୍ ଓ କମିସନର ସାହେବ। ବଙ୍ଗାଳୀ ଓକିଲଙ୍କ ପ୍ରତିପତ୍ତି ଅଧିକ।

୧୪. ପ୍ରବନ୍ଧ - ମଧୁବାବୁ

ଲେଖକ - ଚିନ୍ତାମଣି ଆଚାର୍ଯ୍ୟ

ଉତ୍କଳରେ ଶିଳ୍ପ ପ୍ରତିଷ୍ଠାର ଲକ୍ଷ୍ୟ - ସମସ୍ତ ଓଡ଼ିଆଙ୍କର ଅନ୍ନସଂସ୍ଥାନ ଓ ଚମଡ଼ାଶିଳ୍ପର ଉନ୍ନତ ଲାଗି ସ୍ଥାପନ ଉତ୍କଳ ଟ୍ୟାନେରୀର ଉଦ୍ଦେଶ୍ୟ - ଓଡ଼ିଶାର ଖ୍ୟାତି ବଢୁ ଏହା ତାଙ୍କର ଇଚ୍ଛାଥିଲା।

୧୫. ପ୍ରବନ୍ଧ - ମଧୁବାବୁ

ଲେଖକ - ଚିନ୍ତାମଣି ଆଚାର୍ଯ୍ୟ

ପୁରୀ ମନ୍ଦିରର ପରିଚାଳନା ଭାର ଇଂରେଜ ସରକାର ନେବାର ପ୍ରଚେଷ୍ଟା - ଗଜପତିଙ୍କ ସପକ୍ଷରୁ ମଧୁସୂଦନଙ୍କ କୋର୍ଟରେ ଯୁକ୍ତି ଉପସ୍ଥାପନ - କଲିକତା ହାଇକୋର୍ଟ ପର୍ଯ୍ୟନ୍ତ ସରକାରଙ୍କ ବିରୁଦ୍ଧରେ ମୋକଦ୍ଦମା ଲଢ଼ିବା, ଅକାଟ୍ୟ ଯୁକ୍ତି ଉପସ୍ଥାପନ କରି ଜିତିବା - ବିଚାରପତି ଉଡ୍‌ରଫ ଓ ଇଭାନ୍‌ସ ସାହେବଙ୍କ ମଧୁବାବୁଙ୍କୁ ପ୍ରଶଂସା ଇତ୍ୟାଦି।

୧୬. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ

ଲେଖକ - ହରେକୃଷ୍ଣ ମହତାବ

ପ୍ରଥମ ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷରୁ ମହତାବ ବାରବାଟି କିଲ୍ଲାସ୍ଥ ସ୍ୱସରକାରୀ ବାଭବନରୁ ତତ୍କାଳୀନ ରାଜ୍ୟପାଳ କୈଳାସ ନାଥ କାଟୁଜ୍‌ଙ୍କୁ ସାକ୍ଷାତ୍ କରିବା ଲାଗି ଲାଲ୍ ବାଗ୍ କୋଠିକୁ ଯିବା - ରାଜ୍ୟପାଳଙ୍କୁ ସାକ୍ଷାତ ସମୟରେ ଭାବବିହ୍ୱଳ କାଟୁଜ୍ କେତେ ଶତାବ୍ଦୀ ପରେ ବୋଲି ପ୍ରଶ୍ନ କରନ୍ତେ ମହତାବଙ୍କ ଏକ ହଜାର ବର୍ଷ ପାରେର ଉତ୍ତର ସମସ୍ତଙ୍କୁ ଚମତ୍କୃତ କରେ।

୧୭. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ

ଲେଖକ - ହରେକୃଷ୍ଣ ମହତାବ

ଇତିହାସର କେଉଁ କାଳର ରାଜନୀତି ପ୍ରତି ଜନତାଙ୍କ ବୀତସ୍ପୃହ ଭାବ-ପରବର୍ତ୍ତୀ ଶତାବ୍ଦୀମାନଙ୍କରେ ଭାରତୀୟମାନଙ୍କ ଧାରଣା - ସେମାନେ ଶାସକମାନଙ୍କର ଆଶ୍ରିତ ପ୍ରଜା - ଦେଶ ଶାସନରେ ସେମାନଙ୍କର କିଛି ନ କରିବା ଭାବନା - ଇତ୍ୟାଦିକୁ ମହତାବ ମନେ ପକାଇବା।

୧୮. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ

ଲେଖକ - ହରେକୃଷ୍ଣ ମହତାବ

ଆନନ୍ଦରେ ବିଭୋର ବିଶାଳ ଜନତା - ରାଜନୈତିକ କ୍ୟାରିଅର୍‌ରେ ଆଗ୍ରହୀ ନଥିବା ଜନତାଙ୍କ ପକ୍ଷରେ ପୁରସ୍କାର ଥିଲା ସ୍ୱାଧୀନତା।

୧୯. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ

ଲେଖକ - ହରେକୃଷ୍ଣ ମହତାବ

ସ୍ୱାଧୀନତାର ୨୫ ବର୍ଷ ପରେ ବି ଶାସନ ବ୍ୟବସ୍ଥାର ତ୍ରୁଟିବିଚ୍ୟୁତି - ଚରମ ବ୍ୟର୍ଥତା ଓ ନୈରାଶ୍ୟ ଭିତରେ ଆତ୍ମପ୍ରତ୍ୟୟ ହରାଇ ସାରିଥିବା ଲକ୍ଷ ଜନତାଙ୍କ ଅସହାୟତା - ମହତାବଙ୍କ ନିଜକୁ ପ୍ରଶ୍ନ - ଲୋକଙ୍କର ଆଶା ଆକାଙ୍‌କ୍ଷାକୁ ଚରିତାର୍ଥ କରିବାକୁ ଯାହାକିଛି ସମ୍ଭବ ତାହା ନେତୃବୃନ୍ଦ କରିଛନ୍ତି କି ? ବୋଲି ନିଜକୁ ପ୍ରଶ୍ନ ପଚାରିବା।

୨୦. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ

ଲେଖକ - ହରେକୃଷ୍ଣ ମହତାବ

ସ୍ୱାଧୀନ ଗଣତନ୍ତ୍ର ରାଷ୍ଟ୍ରରେ ଜନସାଧାରଣ ନିଜେ ନିଜର ମୁନିବ - ନିଜେ ନିଜ ଭାଗ୍ୟର ନିୟାମକ - ତେବେ ଶାସକ ସାଜିଥିବା ପ୍ରତିନିଧିମାନଙ୍କର କାର୍ଯ୍ୟ - ଜନସାଧାରଣଙ୍କ ମଙ୍ଗଳ ଓ ଉନ୍ନତି ଲାଗି ନେଇଥିବା ପଦକ୍ଷେପକୁ ଭିତ୍ତିକରି ଇତିହାସର ପ୍ରାୟ ପ୍ରଦତ୍ତ ହୁଏ।

## (୫) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରଶ୍ନର ମୂଲ୍ୟ ୫ ନମ୍ବର। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ।

୧. ପ୍ରବନ୍ଧ - ଶର୍‌ଶୁ ପଦର
ଲେଖକ - ଗୋପୀନାଥ ମହାନ୍ତି

'ମୁଖଶାଳା'ରୁ ମୁଖ୍ୟ ମନ୍ଦିର ସମ୍ପର୍କରେ କିଞ୍ଚିତ୍ ସୂଚନା ପ୍ରାପ୍ତ ହେବା ମନ୍ଦିରର ଶୈଳୀ - ଉଦ୍ଦେଶ୍ୟ - ଲକ୍ଷ୍ୟ - ଶିଳ୍ପକଳା ସମ୍ବନ୍ଧରେ ଜ୍ଞାନଲାଭ କରାଯାଇଥାଏ। 'ଶର୍‌ଶୁ ପଦର' ଗଦ୍ୟର ଉପନ୍ୟାସର ସମସ୍ତ ବର୍ଣ୍ଣିତ ବିଷୟବସ୍ତୁ - 'ତା'ର ଶିଳ୍ପକଳା- ଚରିତ୍ର - ଘଟଣା - ସମ୍ପର୍କରେ ସୂଚନା ମିଳେ। ତତ୍‌ସହିତ ଭାଷା ସମ୍ପଦ - ବର୍ଣ୍ଣନା ଶୈଳୀର ପରିଚୟ ମିଳେ।

୨. ପ୍ରବନ୍ଧ - ଶର୍‌ଶୁ ପଦର
ଲେଖକ - ଗୋପୀନାଥ ମହାନ୍ତି

ଯେ କୌଣସି ସୃଷ୍ଟିର ନାମକରଣ ଯଥେଚ୍ଛାଚାରରେ କରାଯାଇ ପାରିବ ନାହିଁ। ନାମକରଣ ଭିତରେ ସୃଷ୍ଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିହିତ ଥାଏ। ନାମକରଣ ଅର୍ଥଶୂନ୍ୟ ଓ ଉଦ୍ଦେଶ୍ୟ ବିହୀନ ନୁହେଁ। 'ପରଜା' ସଂପ୍ରଦାୟର ଜୀବନ ଗାଥା, ହସକାନ୍ଦ, ଦୈନନ୍ଦିନ ଜୀବନ ଯାପନ ପ୍ରଣାଳୀ, ତା'ର ସାମାଜିକ ବ୍ୟବସ୍ଥା, ଆର୍ଥିକ ଅବସ୍ଥା - ପାରିବାରିକ ଜୀବନର ଚିତ୍ର ଶର୍‌ଶୁ ପଦରରେ ପ୍ରତିବିମ୍ବିତ - ଯାହା ପରେ ସମଗ୍ର ଉପନ୍ୟାସରେ ବିସ୍ତୃତ ଭାବେ ପ୍ରତିଫଳିତ।

୩. ପ୍ରବନ୍ଧ - ଶର୍‌ଶୁ ପଦର
ଲେଖକ - ଗୋପୀନାଥ ମହାନ୍ତି

'ସୃଷ୍ଟି' ହିଁ ସ୍ରଷ୍ଟାର ମାନସ ସନ୍ତାନ। ସ୍ରଷ୍ଟାର ହୃଦୟରେ ସୃଷ୍ଟି ହୋଇଥିବା କ୍ରିୟା-ପ୍ରତିକ୍ରିୟା - ଭାବ-ଭାବନା ସବୁ ସାର୍ଥକ ଭାବେ ସୃଷ୍ଟିରେ ରୂପ ପରିଗ୍ରହ କରେ। ପ୍ରଥମଥର ଲାଗି ଅନାଲୋଚିତ, ଅବହେଳିତ, ସଭ୍ୟତାର ଆଲୋକଠାରୁ ବହୁଦୂରରେ ଅବସ୍ଥାପିତ ଆଦିବାସୀ ଜନଜୀବନର ହସକାନ୍ଦ, ଲହୁଲୁହର କାହାଣୀକୁ ଗୋପୀନାଥ ସଭ୍ୟ ପାଠକମାନଙ୍କ ନିକଟରେ ଉପସ୍ଥାପନ କଲେ ଓ ସଫଳତା ଲାଭ କଲେ। ବିଷୟବସ୍ତୁ ସହିତ ତୁଳନାତ୍ମକ ଭାବେ ଏସବୁକୁ ବର୍ଣ୍ଣନା କରାଯିବ।

୪. ପ୍ରବନ୍ଧ - ଶର୍‌ଶୁ ପଦର
ଲେଖକ - ଗୋପୀନାଥ ମହାନ୍ତି

'ଶର୍‌ଶୁ ପଦର' ଗଦ୍ୟାଂଶରେ ଦୁଇ ଗୋଷ୍ଠୀର ମଣିଷ ଦେଖିବାକୁ ମିଳନ୍ତି। ସରଳ, ନିରୀହ, ନିରକ୍ଷର ଛନ୍ଦକପଟହୀନ ପରଜା ଜନଜାତି ଆଉ ଅନ୍ୟ ପଟେ ସଭ୍ୟଜଗତର ମଣିଷ, ପ୍ୟାଣ୍ଟ କାମିଜ୍ ପିନ୍ଧା, କାନ୍ଧରେ ବନ୍ଧୁକ ଥିବା ଜଙ୍ଗଲ ଜମାନ୍। ଜଣେ ଶାସିତ ଆଉ ଜଣେ ଶାସକ। ପରଜାର ସରଳ ଜୀବନ ଧାରା - ଜଙ୍ଗଲ ଜମାନ୍ ଯେ କି ସଭ୍ୟ ମଣିଷର ପ୍ରତିନିଧି - କୁଟୀଳ - ଉଦ୍ଦେଶ୍ୟଯୁକ୍ତ କାର୍ଯ୍ୟାବଳୀ ସହ ସ୍ୱାର୍ଥ ସାଧନର ଲକ୍ଷ୍ୟ। ଏସବୁର ତୁଳନାତ୍ମକ ବର୍ଣ୍ଣନା କରାଯିବ।

୫. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ

ଝେଲମ୍ ନଦୀ ଉପରେ ସନ୍ଧ୍ୟାର ଆକାଶ - ଆକାଶରେ ବିରଳ ମେଘ - ଆକାଶ ପରେ ମେଘ - ମେଘ ପରେ ଆକାଶ - ସୂର୍ଯ୍ୟଙ୍କର ନଦୀଜଳକୁ ନଇଁବା - ସନ୍ଧ୍ୟାଢେଉ ଉପରେ ଗୋଲାପି ପାଦ ଚାଳନା କରି ଲେଖକଙ୍କ ଆଡ଼କୁ ଆଗେଇ ଆସିବା - ସୁବର୍ଣ୍ଣ ସ୍ରୋତ - ସୁବର୍ଣ୍ଣ ତରୀ - ସେଥିରେ ସନ୍ଧ୍ୟା ସୁନ୍ଦରୀ - କାଶ୍ମୀରୀ କିଶୋରୀ ପରି ସୁନ୍ଦରୀ। ସହର ଶୈଳ-ବୃକ୍ଷରେ - ଅଗ୍ନିର ଫୁଲ - ମେଘରେ ବାଷ୍ପର ତୃଷାନଳ- ତୁଷାର ଉପରେ ଲୋହିତ ହୁତାଶନ - ଶୃଙ୍ଗେଶୃଙ୍ଗେ ନୂତନ ଶୃଙ୍ଗର ହିମାଦ୍ରିର ସହସ୍ର ଶୃଙ୍ଗସିନ୍ଦୂରିତ - ଶେଷରେ ବିନ୍ଦୁ ହୋଇ ଲିଭିଯିବାର ବର୍ଣ୍ଣନା ରହିବ।

୬. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ

'ଭ୍ରମଣ କାହାଣୀ' ସାହିତ୍ୟରେ ଏକ ସ୍ୱତନ୍ତ୍ର ବିଭାଗ। ଭ୍ରମଣ କାହାଣୀ ବାସ୍ତବ ଓ ଜୀବନ୍ତ ହେବା ଆବଶ୍ୟକ। ପାଠକ ହୃଦୟରେ, ତା'ର ମାନସ ପଟରେ ପ୍ରକୃତବସ୍ତୁ, ଦୃଶ୍ୟ ଅଥବା ବର୍ଣ୍ଣିତ ସ୍ଥାନର, ଚିତ୍ରପଟ ପୂର୍ଣ୍ଣରୂପେ ଜୀବନ୍ତ ଭାବେ ଉଦ୍ଭାସିତ ହେବା ତା'ର ସାର୍ଥକତାର ଲକ୍ଷଣ। ବର୍ଣ୍ଣନାର ଚମତ୍କାରିତା ପାଠକ ପ୍ରାଣକୁ ଆକର୍ଷିତ ଓ ଆମୋଦିତ କରିବା ଉଚିତ୍। ଏ ଦୃଷ୍ଟିରୁ 'ଝେଲମ୍ ନଦୀରେ ସନ୍ଧ୍ୟା'ର ବିଚାର ଉପସ୍ଥାପନ

କରାଯିବ। କାଶ୍ମୀରର ଶ୍ରୀନଗର ଓ ଝେଲମ୍ ନଦୀ, ସନ୍ଧ୍ୟାର ମନଲୋଭା ଦୃଶ୍ୟର ଉପସ୍ଥାପନ ସହ ହାଁଜି (ନାଉରୀ) ବର୍ଣ୍ଣିତ ଲୋକ ଗଳ୍ପର ଉପସ୍ଥାପନା କରାଯାଇ ଏହାକୁ ସାର୍ଥକ ଭ୍ରମଣ କାହାଣୀ ଭାବେ ପ୍ରତିପାଦିତ କରାଯିବ।

୭. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ

ଲୋକଗଳ୍ପ ବା ଲୋକ କାହାଣୀର ବିଶିଷ୍ଟ ଗବେଷକ, ପ୍ରାବନ୍ଧିକ କୁଞ୍ଜବିହାରୀ ଦାଶ। ଲୋକ ଗଳ୍ପର ସୃଷ୍ଟିର ଉଦ୍ଦେଶ୍ୟ - ଶ୍ରମ ଅପନୋଦନ - କ୍ଲାନ୍ତ, ଅବସନ୍ନ ମନ ଓ ଶରୀରକୁ ନୂତନ ସ୍ଫୁର୍ତ୍ତିରେ ଭରିଦେବା ଏହାର ଲକ୍ଷ୍ୟ - ଆମୋଦ ପ୍ରଦାନ ସହ କିୟତ୍‌କାଳ ଲାଗି ଏକ ଅଜଣା ରାଜ୍ୟକୁ ଟାଣିନେଇ ଆନନ୍ଦ ପ୍ରଦାନ - ଲେଖକ ଓ ସହଯାତ୍ରୀ କ୍ଲାନ୍ତ ହେବା ବେଳେ ନାଉରୀକୁ ଗଳ୍ପ କହିବାକୁ ଅନୁରୋଧ, ନାଉରୀର ଗଳ୍ପ କଥନ ଭିତରେ ସେମାନଙ୍କର ଭ୍ରମଣଜନିତ ଶ୍ରମର ଅପନୋଦନ ଓ ଗଳ୍ପର ପରିସମାପ୍ତିରେ ଯାତ୍ରାର ପରିସମାପ୍ତି ବର୍ଣ୍ଣନା ରହିବ।

୮. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ

'ନାମକରଣ' ଭିତରେ ସୃଷ୍ଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିହିତ। ନାମକରଣ ମନଇଚ୍ଛା କରାଯାଇ ପାରିବ ନାହିଁ। ନାମକରଣ ସୃଷ୍ଟିର ସାରବତ୍ତାକୁ ଧରି ରଖିଥାଏ। ଏ ଦୃଷ୍ଟିରୁ ଝେଲମ୍ ନଦୀରେ ସନ୍ଧ୍ୟାର ନାମକରଣର ଯଥାର୍ଥତାକୁ ବିଚାର କରାଯିବ। ଝେଲମ୍ ନଦୀରେ ନୌ ଯାତ୍ରାକାଳରେ ସନ୍ଧ୍ୟାର ଅପରୂପ ଶୋଭା ବର୍ଣ୍ଣନା, ପାରିପାର୍ଶ୍ୱିକ ଅବସ୍ଥା ଓ ଦୃଶ୍ୟର ବର୍ଣ୍ଣନା, ଝେଲମ୍ ନଦୀର ଜଳ ଉପରେ ସନ୍ଧ୍ୟା ସୂର୍ଯ୍ୟର ଅବତରଣ, ହିମାଦ୍ରିର ସହସ୍ର ଶୃଙ୍ଗ ଉପରେ ସନ୍ଧ୍ୟା ସୂର୍ଯ୍ୟର ରକ୍ତିମ ପ୍ରଲେପର ବର୍ଣ୍ଣନା ସହିତ ନାମକରଣର ସାର୍ଥକତାକୁ ଯୁକ୍ତିସହ ଉପସ୍ଥାପନ କରାଯିବ।

୯. ପ୍ରବନ୍ଧ - ମଧୁବାବୁ
ଲେଖକ - ଚିନ୍ତାମଣି ଆଚାର୍ଯ୍ୟ

ଉଚ୍ଚାଭିଳାଷୀ ମଧୁବାବୁଙ୍କ ଜୀବନଯାତ୍ରା ଯେଭଳି ବିଧି ନିର୍ଘଣ୍ଟ - ଉଚ୍ଚ ଶିକ୍ଷା ଲାଭ ଉପରେ କଲିକତାର ଶ୍ରୀରାମପୁର କଲେଜରେ ଅଧ୍ୟାପନା - ଓକିଲାତି ପଢ଼ା ଶେଷ - ପ୍ରଥମ ଆଶ୍ରୟଦାତା ଅମ୍ବିକା ପ୍ରସାଦ ହାଜିରାଙ୍କ ସନ୍ତାନମାନଙ୍କର ଦାୟିତ୍ୱ ଗ୍ରହଣ ଓ ସମ୍ପାଦନ - କଲିକତାରେ ଥିବା ଓଡ଼ିଆମାନଙ୍କ ଶିକ୍ଷାଲାଭ ନିମନ୍ତେ ନୈଶ୍ୟବିଦ୍ୟାଳୟ ସ୍ଥାପନ - କଟକ ପ୍ରତ୍ୟାବର୍ତ୍ତନ ଓ ଓକିଲାତି - ପ୍ରତିଭା ବଳରେ ସର୍ବୋଚ୍ଚ ସ୍ଥାନ ଲାଭ - ପୁରୀ ଗଜପତିଙ୍କ ସପକ୍ଷରେ ଲଢ଼ି ଶ୍ରୀ ମନ୍ଦିର ପରିଚାଳନା ଦାୟିତ୍ୱ ଗ୍ରହଣରେ ଇଂରେଜ ସରକାରଙ୍କୁ ପରାସ୍ତ - ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରିକରଣ - ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଲାଗି ପ୍ରଚେଷ୍ଟା - ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା- ଜାତୀୟତାବୋଧକ, କବିତା ସୃଷ୍ଟି - ଶିଳ୍ପର ଉନ୍ନତି ଲାଗି ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା ଇତ୍ୟାଦିର ବର୍ଣ୍ଣନା ରହିବ।

୧୦. ପ୍ରବନ୍ଧ - ମଧୁବାବୁ
ଲେଖକ - ଚିନ୍ତାମଣି ଆଚାର୍ଯ୍ୟ

ଉତ୍କଳର ଅର୍ଦ୍ଧ ଶତାବ୍ଦୀର ଇତିହାସ କହିଲେ ଦୀର୍ଘ ପଚାଶ ବର୍ଷର ଇତିହାସ - ମଧୁସୂଦନଙ୍କ ୮୬ ବର୍ଷ ଜୀବନକାଳ - ଜନ୍ମରୁ ୩୬ ବର୍ଷ ଯାହା ଘଟିଛି - ତା'ର ସ୍ରଷ୍ଟା ମଧୁବାବୁ। କଟକରେ ଓକିଲାତି - ପୁରୀ ମନ୍ଦିର ପରିଚାଳନା ଭାର ସମ୍ବନ୍ଧିୟମାମଲାରେ ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରିକରଣ - ଉତ୍କଳ ସମ୍ମିଳନୀ ଗଠନ - ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପ୍ରଚେଷ୍ଟା - କଟକରେ ସୁନାରୂପା ତାରକସି କାମର ଆରମ୍ଭ - ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା - ବ୍ୟବସ୍ଥାପକ ସଭାର ସଦସ୍ୟ - ବିହାର-ଓଡ଼ିଶା ପ୍ରଦେଶର ଏକତମ ମନ୍ତ୍ରୀ - ଓଡ଼ିଶା ପ୍ରଜା ସ୍ୱତ୍ତ୍ୱ ଆଇନ, ବିହାର-ଓଡ଼ିଶା ମ୍ୟୁନିସିପାଲିଟି ଆଇନ ପ୍ରଣୟନରେ କୃତିତ୍ୱ ଇତ୍ୟାଦି।

୧୧. ପ୍ରବନ୍ଧ - ମଧୁବାବୁ
ଲେଖକ - ଚିନ୍ତାମଣି ଆଚାର୍ଯ୍ୟ

ଉତ୍କଳର ନିରକ୍ଷର କର୍ମଜୀବି ଜନତାଙ୍କୁ କଲିକତାରେ ଶିକ୍ଷିତ କରିବା ଉଦ୍ଦେଶ୍ୟରେ ନୈଶ୍ୟ ବିଦ୍ୟାଳୟ ସ୍ଥାପନ - କଟକରେ ଓକିଲାତି - ପୁରୀ ମନ୍ଦିର ପରିଚାଳନା ମାମଲାରେ ବିଜୟ କରାଇବା - ବିଚ୍ଛିନ୍ନାଞ୍ଚଳ ଏକତ୍ରିକରଣ ପ୍ରଚେଷ୍ଟା - ଉତ୍କଳ ସମ୍ମିଳନୀ ପଠନ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପ୍ରଚେଷ୍ଟା- ଶିଳ୍ପର ଉନ୍ନତି ଲାଗି ସୁନାରୂପା ତାରକସି ଶିଳ୍ପ ପ୍ରତିଷ୍ଠା ଓ ଉତ୍କଳ ଟାନେରୀ, ଯୋତା କାରଖାନା ପ୍ରତିଷ୍ଠା - ମୃତ୍ୟୁ ପର୍ଯ୍ୟନ୍ତ ଉତ୍କଳର ଉନ୍ନତି ଚିନ୍ତା - ବିଷୟର ବର୍ଣ୍ଣନା ରହିବ।

୧୨. ପ୍ରବନ୍ଧ - ମଧୁବାବୁ

ଲେଖକ - ଚିନ୍ତାମଣି ଆଚାର୍ଯ୍ୟ

ପ୍ରତିମୁହୂର୍ତ୍ତରେ ଉତ୍କଳର ଉନ୍ନତି ଚିନ୍ତା - ଉତ୍କଳର ଶିକ୍ଷା କ୍ଷେତ୍ରରେ ଉନ୍ନତି ଚିନ୍ତା - ଶିଳ୍ପ କ୍ଷେତ୍ରରେ ଉନ୍ନତି ଚିନ୍ତା - ବିଚ୍ଛିନ୍ନାଞ୍ଚଳର ଏକତ୍ରିକରଣ ଚିନ୍ତା - ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଚିନ୍ତା - ଉତ୍କଳକୁ ଶିଳ୍ପସମୃଦ୍ଧ କରିବାର ଚିନ୍ତା - ତାରକସି ଶିଳ୍ପ ଓ ଚମଡ଼ା ଶିଳ୍ପର ପ୍ରତିଷ୍ଠା - ସମଗ୍ର ବିଶ୍ୱରେ ଓଡ଼ିଆ ଓ ଓଡ଼ିଶାର ସମ୍ମାନ ଚିନ୍ତା ଇତ୍ୟାଦି ବର୍ଣ୍ଣନା ରହିବ।

୧୩. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ

ଲେଖକ - ହରେକୃଷ୍ଣ ମହତାବ

ପ୍ରଥମ ସ୍ୱାଧୀନତା ଦିବସ ପାଳନର ପୂର୍ବ ରାତ୍ରିର ପ୍ରସ୍ତୁତି ଓ ପରଦିନର ଉତ୍ସାହ ବର୍ଣ୍ଣନା - ଜନସାଧାରଣଙ୍କ ଆନନ୍ଦ ଉତ୍ସାହ - ସ୍ୱାଧୀନତା ସଂଗ୍ରାମୀଙ୍କ ଆତ୍ମବଳିଦାନ - ଦୀର୍ଘ ୨୫ ବର୍ଷର ସ୍ୱାଧୀନତା ଲାଭ ପରେ ଲେଖକଙ୍କ ପ୍ରଶ୍ନ - ଜନସାଧାରଣଙ୍କ ଆଶାର ପରିପୂରଣ ନ ହେବା - ସ୍ୱାଧୀନତାର ମୂଲ୍ୟହୀନ ଅବବୋଧ - ଲେଖକଙ୍କ ଯୁବ ସମାଜ ଉପରେ ଆସ୍ଥା ସ୍ଥାପନ ଇତ୍ୟାଦିର ବର୍ଣ୍ଣନା ରହିବ।

୧୪. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ

ଲେଖକ - ହରେକୃଷ୍ଣ ମହତାବ

ସ୍ୱାଧୀନତା ଆନ୍ଦୋଳନରେ ଜନସାଧାରଣଙ୍କ ସ୍ୱତସ୍ଫୂର୍ତ୍ତ ଯୋଗଦାନ - ସ୍ୱ ସ୍ୱ କ୍ୟାରିଅରକୁ ଜଳାଞ୍ଜଳି ଦେଇ ଆନ୍ଦୋଳନରେ ଝାସ - ସ୍ୱାଧୀନତା ଲାଭ ଲାଗି ଆତ୍ମୋତ୍ସର୍ଗ - ଶେଷରେ ସ୍ୱାଧୀନତା ଲାଭ - ଲେଖକଙ୍କ ଯୁକ୍ତି - ନିଜେ ଜନତା ନିଜ ସ୍ୱାଧୀନତା ହାସଲ କରିବା।

୧୫. ପ୍ରବନ୍ଧ - ସେହି ସ୍ମରଣୀୟ ଦିବସ

ଲେଖକ - ହରେକୃଷ୍ଣ ମହତାବ

ଚରମ ବ୍ୟର୍ଥତା ଓ ନୈରାଶ୍ୟ ଭିତରେ ଆତ୍ମପ୍ରତ୍ୟୟ ହରାଇ ସାରିଥିବା ଲକ୍ଷ୍ୟ ଜନତା - ସ୍ୱାଧୀନତା ପରର ଦୃଶ୍ୟ - ଜନସାଧାରଣଙ୍କ ଆଶାର ଧୂଳିସାତ୍ ହେବା - ଲକ୍ଷ୍ୟ ପୂରଣ ନ ହେବା - ରାମରାଜ୍ୟ ପ୍ରତିଷ୍ଠାକଳ୍ପନାରେ ରହିଯିବା - ୨୫ ବର୍ଷର ସ୍ୱାଧୀନତା ଭିତରେ ଉନ୍ନତିକର କାର୍ଯ୍ୟ ନ ହେବା - ରକ୍ଷକ ଭକ୍ଷକ ସାଜିବା - ଏଣିକି ଜନତା ନିଜ ଆତ୍ମପ୍ରତ୍ୟୟ ଓ ସଂକଳ୍ପ ବଦ୍ଧତା ବଳରେ ସ୍ୱାଧୀନତାକୁ ରକ୍ଷା କରିବା - ବର୍ଣ୍ଣନା ରହିବ।

# ଦ୍ୱିତୀୟ ଏକକ

## କବିତା ବିଭାଗ

**(୧) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

### ସାହାଡ଼ା ବୃକ୍ଷ

୧. ଗୋଲକ ବୃକ୍ଷକୁ କେଉଁ ବୃକ୍ଷ ବୋଲି କୁହାଯାଏ ?
(i) ମହାଦ୍ରୁମ (ii) ବୋଧିଦ୍ରୁମ
(iii) ମହାକଳ୍ପ (iv) ସତ୍ୟକଳ୍ପ

୨. ବିଶ୍ୱନାଥ ସ୍ୱାମୀ କେଉଁ ନକ୍ଷତ୍ରରେ ବୁଲି ବାହାରିଥିଲେ ?
(i) ଚିତ୍ରା (ii) ଶତଭିଷା
(iii) ସ୍ୱାତୀ (iv) ବିଶାଖା

୩. ବାମ ଦିଗରେ ଥିବା ସାହାଡ଼ା ବୃକ୍ଷର ପତ୍ରକୁ ଆଣି ବୃଷଭ କ'ଣ କଲା ?
(i) ମୁଣ୍ଡରେ ଲଗାଇଲା (ii) ଖାଇଦେଲା
(iii) ଦେହରେ ଲଗାଇଲା (iv) ଦୂରକୁ ପକାଇଲା

୪ କେଉଁ ପତ୍ର ଛିଣ୍ଡାଇ ମଥାରେ ଘେନିଲେ ଅନେକ ଦୋଷ କ୍ଷୟ ଯାଏ ?
(i) ଶ୍ୱେତଦୁବ (ii) କୁଶ
(iii) ବରକୋଳି ପତ୍ର (iv) ବେଲପତ୍ର

୫. 'ସାହାଡ଼ା ବୃକ୍ଷ' କବିତା ମହାଭାରତର କେଉଁ ପର୍ବରୁ ଗୃହୀତ ?
(i) ଆଦି (ii) ମଧ୍ୟ
(iii) ବନ (iv) ସଭା

୬. ଶିବ କପିଳାସକୁ କେତେବେଳେ ଫେରିଲେ ?
(i) ପ୍ରଭାତରେ (ii) ମଧ୍ୟାହ୍ନରେ
(iii) ସୂର୍ଯ୍ୟାସ୍ତରେ (iv) ରାତ୍ରିରେ

୭. ପଞ୍ଚ ବକ୍ତ୍ରର ଅର୍ଥ କ'ଣ ?
(i) ପାଞ୍ଚଟି ଆଖି (ii) ପାଞ୍ଚଟି ମୁହଁ
(iii) ପାଞ୍ଚଟି ହାତ (iv) ପାଞ୍ଚଟି ଗୋଡ଼

୮. ଉମା କେତେବେଳେ ଖାଇବସିଲେ ?
(i) ଦ୍ୱିପହର ବେଳେ
(ii) ତେର ଘଡ଼ି ଗଡ଼ିଯିବାରୁ
(iii) ଅପରାହ୍ଣରେ
(iv) ସଂଧ୍ୟାରେ

୯. ପାଣି ଆଧାର କରି ଉମା କେତେ ଗୁଣ୍ଡି ଭୁଞ୍ଜିଲେ ?
(i) ଦୁଇ ଗୁଣ୍ଡି (ii) ତିନି ଗୁଣ୍ଡି
(iii) ଚାରି ଗୁଣ୍ଡି (iv) ପାଞ୍ଚ ଗୁଣ୍ଡି

୧୦. ନନ୍ଦିକେଶ୍ୱରଙ୍କୁ ଡାକି ସଦାନନ୍ଦ ବୃଷଭ ଗୋଟିକୁ କ'ଣ କରିବାକୁ ଆଦେଶ ଦେଲେ ?
(i) ଖାଇବାକୁ ଦେବାକୁ (ii) ଗୁଆଣିରେ ବାନ୍ଧିବାକୁ
(iii) ପିଇବାକୁ ଦେବାକୁ (iv) ବିଶ୍ରାମ ଦେବାକୁ

୧୧. ଈଶ୍ୱର ତାକୁ କ'ଣ କଲେ ବୋଲି ବୃଷଭ ବିଚାର କଲା ?
(i) ଆଶୀର୍ବାଦ କଲେ (ii) କଷିଲେ
(iii) ନିନ୍ଦା କଲେ (iv) ପ୍ରଶଂସା କଲେ

୧୨. ବୃଷଭ କିଭଳି ଭୋଜନ କଲା ?
(i) ଦୁଃଖରେ (ii) ସୁଖରେ
(iii) ସନ୍ତୋଷରେ (iv) ଆନନ୍ଦରେ

୧୩. ବୃଷଭ ଶୋଷକୁ ପଣା, ଭୋକକୁ କେଉଁ ଯୋଗାଡ଼ ପାଇଲା ?
(i) ଖାଦ୍ୟ (ii) ମିଷ୍ଟାନ୍ନ
(iii) ଅମୃତ (iv) ସ୍ୱାଦିଷ୍ଟ

୧୪. ବଇଲ ଈଶ୍ୱରଙ୍କୁ କ'ଣ ମିଥ୍ୟା ନୁହେଁ ବୋଲି କହିଲା ?
(i) ବଚନ (ii) ଶାହାସ୍ର
(iii) ସତ୍ୟ (iv) ଧର୍ମ

୧୫. ସେବକର ଚିନ୍ତା କାହାକୁ ଲାଗିଥାଏ ?
(i) ରାଜାକୁ (ii) ସ୍ୱାମୀକୁ
(iii) ଦେବତାଙ୍କୁ (iv) ଦସ୍ୟୁଙ୍କୁ

୧୬. ଗୁଆଣିର ସ୍ୱରୂପ ଦେଖି ଈଶ୍ୱର କ'ଣ ହୋଇଲେ ?
(i) ବିଷାଦ (ii) ଆନନ୍ଦ
(iii) କ୍ରୋଧିତ (iv) ସନ୍ତୋଷ

୧୭. ପାର୍ବତୀଙ୍କି ଈଶ୍ୱର କିପରି ହୋଇ ପଚାରିଲେ ?
(i) ଆନନ୍ଦ (ii) ଦୁଃଖିତ
(iii) ସଲ୍ଲଜ (iv) କ୍ରୋଧିତ

୧୮. ପାର୍ବତୀ ଈଶ୍ୱରଙ୍କ ବଚନ ଶୁଣି କ'ଣ କଲେ ?
(i) ଦୁଃଖ କଲେ (ii) ହସିଲେ
(iii) କାନ୍ଦିଲେ (iv) ଲଜ୍ଜିତ ହେଲେ

୧୯. କ୍ଷୁଧାତୁର ଶିବ ପାର୍ବତୀଙ୍କୁ କ'ଣ କରିବେ ବୋଲି ସେ ଭାବିଲେ ?
(i) ଗାଳି କରିବେ (ii) କୋପ କରିବେ
(iii) ଅଭିଶାପ ଦେବେ (iv) ଦଣ୍ଡ ଦେବେ

୨୦. ପାର୍ବତୀଙ୍କ କଥା ଶୁଣି ଶିବ କ'ଣ କଲେ ?
(i) ରାଗିଲେ (ii) ହସିଲେ
(iii) କାନ୍ଦିଲେ (iv) ଦୁଃଖ କଲେ

## ଶାପମୋଚନ

୨୧. ପ୍ରଦ୍ୟୁମ୍ନ, ଶାମ୍ବ ଆଦି ଖେଳିବା ପରେ ବନ ମଧ୍ୟରେ କ'ଣ ଖୋଜୁଥିଲେ ?
(i) ଫୁଲ (ii) ବାରି
(iii) ଫଳ (iv) ଜନ୍ତୁ

୨୨. କୂପରେ ପଡ଼ିଥିବା ଅଦ୍ଭୁତ ଜନ୍ତୁଟିର ନାମ କ'ଣ ?
(i) ବାଘ (ii) ସିଂହ
(iii) ନବଗୁଞ୍ଜର (iv) କୃକଳାଶ

୨୩. ଶ୍ରୀକୃଷ୍ଣଙ୍କ ପୁତ୍ରମାନେ ହାରିଯିବାର ଶୁଣି କିଏ ହସିବେ ?
(i) ଚକ୍ରପାଣି (ii) ରୋହିଣୀସୁତ
(iii) ସର୍ବଜନ (iv) କୃକଳାସ

୨୪. ରୋହିଣୀସୁତ କୃଷ୍ଣ ପୁତ୍ରମାନେ ହାରିଯିବା କଥା ଶୁଣି କ'ଣ ହେବେ ?
(i) ଖୁସି ହେବେ (ii) ନିର୍ଦ୍ଦୟ ହେବେ
(iii) ପାଖକୁ ଡାକିବେ (iv) ଆନନ୍ଦିତ ହେବେ

୨୫. ଦ୍ୱାରକାପୁର ବଧୂମାନେ କୃଷ୍ଣ ପୁତ୍ରମାନଙ୍କ ହାରିଯିବା କଥା ଶୁଣି ମୁହଁରେ କ'ଣ ଦେଇ ହସିବେ ?
(i) ବସନ (ii) ତିରିଶ
(iii) ହାତ (iv) ମୁଖା

୨୬. ପୁତ୍ରମାନଙ୍କର କୃକଳାଶକୁ ଓଟାରି ନ ପାରିବାର କଥା ଶୁଣି ଯଦୁନାଥ କ'ଣ କଲେ ?
(i) ଦୁଃଖ କଲେ (ii) ହସିଲେ
(iii) ଆଶ୍ଚର୍ଯ୍ୟ ହେଲେ (iv) କ୍ରୋଧିତ ହେଲେ

୨୭. ଗିରିଶୃଙ୍ଗ ପ୍ରାୟ କୃକଳାଶକୁ ଦେଖି ଦେବରାଜ କ'ଣ ହେଲେ ?
(i) ଆଶ୍ଚର୍ଯ୍ୟ (ii) ଚକିତ
(iii) ହତବାକ୍ (iv) ଆନନ୍ଦିତ

୨୮. କୂପ ମଧ୍ୟରୁ ହୃଷୀକେଶ କୃକଳାଶକୁ ତୋଳିଲା ପରେ ତା'ର କ'ଣ ହେଲା ?
(i) ପ୍ରାଣ ଛାଡ଼ିଲା (ii) ସ୍ୱର୍ଗକୁ ଚାଲିଗଲା
(iii) ଦିବ୍ୟରୂପ ହେଲା (iv) ଆନନ୍ଦିତ ହେଲା

୨୯. କୃଷ୍ଣଙ୍କ କରଲାଗି କୃକଳାଶର କ'ଣ ହେଲା ?
(i) ହସିଲା (ii) ଚାଲିଲା
(iii) ଦିବ୍ୟରୂପ ହେଲା (iv) ଦଉଡ଼ିଲା

୩୦. କିଏ କୃକଳାଶକୁ ତା' ପୂର୍ବଜନ୍ମ ବୃତ୍ତାନ୍ତ ବିଷୟରେ ପ୍ରଶ୍ନ କରିଥିଲେ ?
(i) ଶୁକ (ii) ପରୀକ୍ଷୀତ
(iii) କୃଷ୍ଣ (iv) ବଳରାମ

୩୧. ନୃଗରାଜ କେଉଁ ବଂଶରେ ଜାତ ହୋଇଥିଲା ?
(i) ଦାସ ବଂଶ (ii) ଇକ୍ଷ୍ୱାକୁ ବଂଶ
(iii) ନାଗ ବଂଶ (iv) ସୋମ ବଂଶ

୩୨. ନୃଗରାଜ ଜଗତ ମଧ୍ୟରେ କେଉଁମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ ?
(i) ମାନୀ (ii) ଦାନୀ
(iii) ଜ୍ଞାନୀ (iv) ଗୁଣୀ

୩୩. ନୃଗରାଜଙ୍କ ମୁଖ୍ୟଦାନ କ'ଣ ଥିଲା ?
(i) ଗୋରୁ ଦାନ (ii) ସୁବର୍ଣ୍ଣ ଦାନ
(iii) ଭୂମି ଦାନ (iv) ବସ୍ତ୍ର ଦାନ

୩୪. ନୃଗରାଜ କେଉଁ ମାପର ଭୂମି ବ୍ରାହ୍ମଣଙ୍କୁ ଦାନ ଦେଇଥିଲେ ?
(i) ଗୁଣ୍ଠ ମାପ (ii) ଏକର ମାପ
(iii) ଗୋଚର୍ମ ମାପ (iv) ହସ୍ତ ମାପ

୩୫. ରାଜାନୃଗ କେଉଁଠାରେ ସୁମିଷ୍ଟ ପବିତ୍ର ଭୋଜନ ଦାନ କରିଥିଲେ ?
(i) ରାଜ୍ୟରେ (ii) ଦେବ ମନ୍ଦିରରେ
(iii) ବାଟରେ (iv) ରାଜଧାନିରେ

୩୬. ବ୍ରାହ୍ମଣ ଧେନୁ ଘେନି ଗଲାବେଳେ ରାଜପଥରେ କିଏ ଦେଖିଲା ?
(i) ମନ୍ତ୍ରୀ (ii) ସେନାପତି
(iii) କଟୁଆଳ (iv) ବିପ୍ର

୩୭. ଉତ୍ସର୍ଗ ଦାନ ହରଣ କଲେ ଜୀବ ଅନ୍ତକାଳରେ କ'ଣ ଭୋଗ କରେ ?
(i) ପାପ (ii) ନରକ
(iii) ସ୍ୱର୍ଗ (iv) ଭୂମି

୩୮. ନୃଗରାଜଙ୍କୁ ଦେଖି ରବିନନ୍ଦନ କ'ଣ କଲା ?
(i) ଗାଳି କଲା (ii) କ୍ରୋଧ କଲା
(iii) ସନମାନ କଲା (iv) ନିନ୍ଦା କଲା

୩୯. ନୃଗରାଜ ପ୍ରଥମେ କେଉଁ ଭାରକୁ ବହନ କଲେ ?
(i) ପୁଣ୍ୟ (ii) ପାପ
(iii) ଦୁଃଖ (iv) ଶୋକ

୪୦. ପାପ ଭୋଗର ଅନ୍ତେ ନୃଗରାଜା କାହାକୁ ଭେଟିବେ ବୋଲି ଯମ କହିଥିଲେ ?
(i) ମଦନଗୋପାଳ (ii) ବିପ୍ର
(iii) ବ୍ରାହ୍ମଣ (iv) ଯମରାଜା

## ହିମକାଳ

୪୧. 'ହିମକାଳ' କବିତାଟି କେଉଁ କାବ୍ୟର ଅଂଶ ବିଶେଷ ?
(i) ରସକଲ୍ଲୋଳ (ii) ରସବିନୋଦ
(iii) ଲାବଣ୍ୟବତୀ (iv) ମଥୁରାମଙ୍ଗଳ

୪୨. ନିମ୍ନଲିଖିତ କେଉଁ ନାମଟି କୃଷ୍ଣଙ୍କର ନୁହେଁ ?
(i) ପୀତବାସ (ii) କଞ୍ଜନୟନ
(iii) ରୋହିଣୀ ନନ୍ଦନ (iv) ଯଶୋଦା ଜୀବନ

୪୩. ପଦ୍ମିନୀର ସ୍ୱାମୀ କିଏ ?
(i) ଚନ୍ଦ୍ର (ii) ପୃଥିବୀ
(iii) ସୂର୍ଯ୍ୟ (iv) ପୁଷ୍କରିଣୀ

୪୪. କର୍ପୂର ଚନ୍ଦନ କେତେବେଳେ ଅଗ୍ନିଠାରୁ ଜ୍ୱଳନପ୍ରଦ ହୁଏ ?
(i) ବର୍ଷାଋତୁରେ (ii) ଗ୍ରୀଷ୍ମକାଳରେ
(iii) ବିରହ କାଳରେ (iv) ମିଳନ କାଳରେ

୪୫. ଯାହା କପାଳରେ ଥିଲା ତାହା କିଏ ଭୋଗକଲା ?
(i) ସୂର୍ଯ୍ୟ (ii) ପଦ୍ମ
(iii) କୁମୁଦ (iv) ଦିବସ

୪୬. କୋଟିବ୍ରହ୍ମାଣ୍ଡ ନାଥ କିଏ ?
(i) କୃଷ୍ଣ (ii) ଜଗନ୍ନାଥ
(iii) ରାମ (iv) ରାଜା

୪୭. ଚିତ୍ରଭାନୁର ଅର୍ଥ କ'ଣ ?
(i) ନିଆଁ (ii) ପାଣି
(iii) ଖରା (iv) ରେଜେଇ

୪୮. ନିମ୍ନଲିଖିତ କେଉଁ କାର୍ଯ୍ୟଟି ଶୀତଋତୁ ଲାଗି ପ୍ରଯୁଜ୍ୟ ନୁହେଁ ?
(i) ନବନିଶାର ସଜାଡ଼ିଲା
(ii) ତପତଜଣେ ପ୍ରୀତି କଲା
(iii) ମନ୍ଦିରଭେଦ ନିରୋଧିଲା
(iv) ଚନ୍ଦ୍ରଚନ୍ଦନକୁ ସ୍ନେହକଲା

୪୯. ହିମଋତୁରେ ନିମ୍ନଲିଖିତ କେଉଁ କାର୍ଯ୍ୟଟି ହୁଏନାହିଁ ?
(i) ଦିବସ ସାନ ହୁଏ
(ii) ପଦ୍ମବନ ବିକଶିତ ହୁଏ
(iii) ପଦ୍ମବନ ପୋଡ଼ିଯାଏ
(iv) ଶୀତଳ ଜଳରୁ ଆଗ୍ରହ ତୁଟିଯାଏ

୫୦. ଶୀତ କାଳରେ ପଦ୍ମର ଜଳିଯିବାକୁ କବି କ'ଣ ଭାବରେ ଗ୍ରହଣ କରିଛନ୍ତି ?
(i) ଭାଗ୍ୟଫଳ (ii) ଦୈବବଳ
(iii) ପୁଣ୍ୟବଳ (iv) ପାପଫଳ

୫୧. ହସନ୍ତୀ କହିଲେ କାହାକୁ ବୁଝାଏ ?
(i) ହସୁଥିବା ଝିଅ (ii) ସକାଳର ସୂର୍ଯ୍ୟକିରଣ
(iii) ନିଆଁ ଉହ୍ମେଇ (iv) ଉଦିତଚନ୍ଦ୍ର

୫୨. ଆମ ଦେଶରେ କେଉଁ ମାସକୁ ହିମଋତୁ କୁହାଯାଏ ?
(i) ଆଷାଢ଼-ଶ୍ରାବଣ (ii) କାର୍ତ୍ତିକ-ମାର୍ଗଶିର
(iii) ଫାଲ୍‌ଗୁନ-ଚୈତ୍ର (iv) ବୈଶାଖ-ଜ୍ୟେଷ୍ଠ

୫୩. ନିମ୍ନଲିଖିତ କେଉଁ ନାମଟି ସୂର୍ଯ୍ୟଙ୍କର ନୁହେଁ ?
(i) ସହସ୍ରାଂଶୁ (ii) ସହସ୍ରାକ୍ଷ
(iii) ବିକର୍ତ୍ତନ (iv) ଦିବାକର

## ମିତ୍ରତା

୫୪. 'ମିତ୍ରତା' କବିତାର କବି କିଏ ?
(i) ଦୀନକୃଷ୍ଣ ଦାସ (ii) ଅଭିମନ୍ୟୁ
(iii) ଉପେନ୍ଦ୍ରଭଞ୍ଜ (iv) ଭକ୍ତଚରଣ

୫୫. 'ମିତ୍ରତା' କବିତା ବୈଦେହୀଶ ବିଳାସର କେଉଁ ଛାନ୍ଦରୁ ଉଦ୍ଧୃତ ?
(i) ଏକବିଂଶ (ii) ତ୍ରୟୋବିଂଶ
(iii) ସପ୍ତବିଂଶ (iv) ଅଷ୍ଟବିଂଶ

୫୬. 'ବିଭାବସୁ' ବଂଶ କହିଲେ କେଉଁ ବଂଶକୁ ବୁଝାଏ ?
(i) ସୋମ (ii) ନାଗ
(iii) ସୂର୍ଯ୍ୟ (iv) ଚନ୍ଦ୍ର

୫୭. ରାମ ଓ ସୁଗ୍ରୀବଙ୍କର କାହାକୁ ସାଧିବା ପାଇଁ ଇଚ୍ଛା ?
(i) ପାପ (ii) ବୈରି
(iii) ପୁଣ୍ୟ (iv) ଧର୍ମ

୫୮. ସୁଗ୍ରୀବ ବାଳି ଡରରେ କେଉଁଠି ଲୁଚିଥିଲେ ?
(i) ବନ (ii) ଗିରି
(iii) ଗୃହ (iv) ପ୍ରାସାଦ

୫୯. କିଏ ହାତୀକୁ ମାରିଲେ ମଧ୍ୟ ଶରଭକୁ ଡରେ ?
(i) ସିଂହ (ii) ବାଘ
(iii) ଭାଲୁ (iv) ଗଣ୍ଡା

୬୦. କେଉଁ ଲୋକରେ ଥିଲେ ବି ସୀତାଙ୍କୁ ଖୋଜାଇ ଆଣିବାକୁ ସୁଗ୍ରୀବ କହିଛି ?
(i) ନାଗଲୋକ (ii) ନରଲୋକ
(iii) ଦେବଲୋକ (iv) ବ୍ରହ୍ମଲୋକ

୬୧. ହନୁମାନ ଜନ୍ମ ହେବା ମାତ୍ରେ କାହାକୁ ଡେଇଁ ଧରିଥିଲା ?
(i) ବାଳଭାନୁ (ii) ବାଳଚନ୍ଦ୍ର
(iii) ବାଳନକ୍ଷତ୍ର (iv) ବାଳଗ୍ରହ

୬୨. ରାମ ଓ ସୁଗ୍ରୀବ କାହାକୁ ସାକ୍ଷୀ ରଖି ମିତ୍ର ହେଲେ ?
(i) ଲକ୍ଷ୍ମଣ (ii) ହନୁମାନ
(iii) ବହ୍ନି (iv) ପର୍ବତ

୬୩. କାହା ଅସ୍ଥିକୁ ରାମଚନ୍ଦ୍ର ବାମପାଦର ବୃଦ୍ଧାଙ୍ଗୁଳିରେ ଫିଙ୍ଗିଦେଲେ ?
(i) ଶର (ii) ଦୁଷଣ
(iii) ଦୁନ୍ଦୁଭି (iv) ତାଡ଼କା

୬୪. ବଜ୍ରଠାରୁ କାହାର ଆଣ୍ଟ ଅଧିକ ?
(i) ସପ୍ତଶାଳା (ii) ଲକ୍ଷ୍ମଣର ଶର
(iii) ରାମଙ୍କ ବାଣ (iv) ବାଳିର ଶକ୍ତି

୬୫. ବାଳିର ଅଧାବଳକୁ ବ୍ରହ୍ମା କାହାଠାରେ ରଖିଥିଲେ ?
(i) ପର୍ବତ ଗୁମ୍ଫାରେ (ii) ଦୁନ୍ଦୁଭି ଅସ୍ଥିରେ
(iii) ସୁପ୍ତଶାଳାରେ (iv) ପାତାଳରେ

୬୬. ବଳିମୁଖ ଶ୍ରେଷ୍ଠ ବୋଲି କହି କାହାକୁ କହିଛନ୍ତି ?
(i) ରାମ (ii) ଲକ୍ଷ୍ମଣ
(iii) ସୁଗ୍ରୀବ (iv) ବାଳି

୬୭. ବିରାଧାରି କିଏ ?
(i) ରାମ (ii) ଲକ୍ଷ୍ମଣ
(iii) ସୁଗ୍ରୀବ (iv) ବାଳି

## ପୟରେ ପଶୁଛି ଶରଣ

୬୮. ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ କେଉଁ ଘରେ ଜାଳି ଦେବା ଲାଗି ଉଦ୍ୟମ କରିଥିଲା ?
(i) କୋଠଘରେ (ii) ସୁବର୍ଣ୍ଣପୁରେ
(iii) ଜଉଘରେ (iv) ଚାଳଘରେ

୬୯. ପରମ ପ୍ରଭୁ କ'ଣ ଲୁଚାଇ ମାୟା ଦେଖାଇ ପାଣ୍ଡବମାନଙ୍କୁ ଗୁପ୍ତରେ ପାରିକଲେ ?
(i) ମାୟା (ii) ଛାୟା
(iii) କାୟା (iv) ଜାୟା

୭୦. ସତ୍ୟ ଓ ଧର୍ମ ମାର୍ଗରେ କ'ଣ କ୍ଷୟ ହୁଏ ?
(i) ଦୟା (ii) ବିପଦ
(iii) ଧର୍ମ (iv) ସମ୍ପଦ

୭୧. କଳଙ୍କ ଫିଟିଗଲେ ବ୍ୟକ୍ତି କ'ଣ ଉପଭୋଗ କରେ ?
(i) ସାତ୍ତ୍ୱିକ (ii) ଜଗତମୁଖ
(iii) ସ୍ୱର୍ଗସୁଖ (iv) ସନ୍ତାନ ସୁଖ

୭୨. ତ୍ରେତୟା ଯୁଗରେ ରାମାଭିଷେକ ବେଳେ ଋଷିମାନେ କ'ଣ ଚାହିଁ ମୁଗ୍ଧ ହୋଇଥିଲେ ?
(i) ବଳବୀର୍ଯ୍ୟ (ii) ରୂପରାଶି
(iii) ପାଣ୍ଡିତ୍ୟ (iv) ଧନସମ୍ପତ୍ତି

୭୩. ହରି କ'ଣ କଲେ ଭୀମଭୋଇ ନିସ୍ତରି ଯିବି ବୋଲି ବିଚାର କରିଛନ୍ତି ?
(i) ଚାହିଁଦେଲେ (ii) ଦେଖାଦେଲେ
(iii) ଛୁଇଁଦେଲେ (iv) ପାଖକୁ ଆସିଲେ

୭୪. ପ୍ରଭୁ ବେନୁ ପାଣି କାହା ଆଜ୍ଞା ଘେନି ପଦ୍ମପୁଷ୍ପ ତୋଳି ଯାଇଥିଲେ ?
(i) ଯଶୋଦା (ii) ନନ୍ଦ
(iii) ଅକ୍ରୁର (iv) କଂସ

୭୫. ଜ୍ୟୋତିର୍ମୟ ବ୍ରହ୍ମଦେବତା ଏତେବଡ଼ ଅପରାଧରୁ କାହାକୁ କ୍ଷମା କଲେ ?
(i) କଂସକୁ (ii) ଅସୁରକୁ
(iii) କାଳୀକୁ (iv) ବଳିକୁ

୭୬. ମୃଗୟା ବିନୋଦେ ଯାଇ ଜାରା କେଉଁଠି ଶରାଘାତ କଲା ?
(i) ପାଦରେ (ii) ମସ୍ତକରେ
(iii) କରରେ (iv) ଅଙ୍ଗରେ

୭୭. ପ୍ରଭୁ ଜାରାର ଅପରାଧ ଭାରାଖଣ୍ଡନ କରି କାହାକୁ ପଠାଇ ସ୍ୱର୍ଗପୁରକୁ ନେଇଗଲେ ?
(i) ଶିବଦୂତ (ii) ଦେବଦୂତ
(iii) ବିଷ୍ଣୁଦୂତ (iv) ଯମଦୂତ

୭୮. ନୀଳଗିରିବାସୀ ମଞ୍ଚରେ କେଉଁ ରୂପ ଧାରଣ କରିଛନ୍ତି ?
(i) କୃଷ୍ଣ (ii) ରାମ
(iii) ଯୋଗୀ (iv) ମହିମା ସ୍ୱାମୀ

୭୯. କବି ଭୀମ ଭୋଇ ପରିତ୍ରାଣ ପାଇଁ କାହାର ଆଶା ନେଇଛନ୍ତି ?
(i) ଜମିଦାର (ii) ଭଗବାନ୍
(iii) ଶୂନ୍ୟବାନା (iv) ରାଜା

୮୦. କାହାର ଦୟା ବିନା ଏ ଶରୀର ମୋକ୍ଷଲାଭ କରିପାରିବ ନାହିଁ ?
(i) ଈଶ୍ୱର (ii) ଗୁରୁଦେବ
(iii) ରାଜା (iv) ପୁରୋହିତ

## (୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

### ସାହାଡ଼ା ବୃକ୍ଷ

୧. କାହାକୁ ମହାକଳପ ବୃକ୍ଷ ବୋଲି କୁହାଯାଇଛି ?
୨. କେଉଁ ରାଜାର ନବର ମଝିରେ ଗୋଲକ ବୃକ୍ଷ ଅଛି ?
୩. ଗାନ୍ଧାର ସେନଙ୍କୁ ଭାଗ୍ୟବନ୍ତ ରାଜା ବୋଲି କିଏ କହିଲେ ?
୪. ଶୂଳ ପାଣି ହୃଦୟରେ କ'ଣ ଆଭରଣ କରିଥିଲେ ?
୫. ଅନେକ ତୀର୍ଥ ବୁଲି ମହେଶ୍ୱର କେଉଁ ନଦୀକୂଳକୁ ଗଲେ ?
୬. କେଉଁ ବୃକ୍ଷର ପତ୍ର ବୃଷଭ ମଥାରେ ଧାରଣ କଲା ?
୭. ଡାହାଣ ପଟରେ ଥିବା କେଉଁ ବୃକ୍ଷର ପତ୍ର ଘେନିଲେ ଶତ୍ରୁ କ୍ଷୟ ଯାଏ ?
୮. କେଉଁ ବୃକ୍ଷର ଝଡ଼ିଲା ପତ୍ର ମଥାରେ ଘେନିଲେ ପାପ କ୍ଷୟ ଯାଏ ?
୯. ସାହାଡ଼ା ପତ୍ର ଘେନିଲେ କ'ଣ ପ୍ରାପତ ହୁଏ ବୋଲି ବୃଷଭ କହିଲା ?
୧୦. ମହାଦେବ କେତେ ଭୁବନ ବୁଲିଲେ ?
୧୧. ମହାଦେବ ବୃଷଭକୁ କ'ଣ କରି ମନ ଭରି ବୁଲାଉଥିଲେ ?
୧୨. ସୂର୍ଯ୍ୟାସ୍ତରେ ମହାଦେବ କେଉଁଠାକୁ ଫେରିଲେ ?

### ଶାପମୋଚନ

୧୩. ଶାପମୋଚନ କବିତାର କବି କିଏ ?
୧୪. ଶାପମୋଚନ କବିତା କେଉଁ ଗ୍ରନ୍ଥରୁ ଉଦ୍ଧୃତ ହୋଇଛି ?
୧୫. କୃଷ୍ଣ କୁମର ମାନେ କ୍ରୀଡ଼ା କରିବା ପରେ କ'ଣ ଖୋଜିଲେ ?
୧୬. କୂପ ମଧ୍ୟରେ ପଡ଼ିଥିବା ଜୀବଟିର ନାମ କ'ଣ ?
୧୭. ଦେବରାଜ କୃକଳାଶର କେଉଁ ଅଙ୍ଗକୁ ଧରି ବାହାର କଲେ ?
୧୮. ଶାପ ମୋଚନ କବିତାରେ କେଉଁ ଦାନୀ ରାଜାଙ୍କ କଥା କୁହାଯାଇଛି ?
୧୯. ଗୋରୁମାନଙ୍କ ଦୋହନ ପାଇଁ ନୃଗରାଜ କେଉଁ ପାତ୍ର ଦାନ ଦେଇଥିଲେ ?
୨୦. ଦୁଇ ବ୍ରାହ୍ମଣ କେଉଁଠାରେ କଳି କଲେ ?
୨୧. ବ୍ରାହ୍ମଣ ଦ୍ୱୟ ଉଛବାଚ ହୋଇ କେଉଁଠି ପହଞ୍ଚିଲେ ?
୨୨. ବିପ୍ର ବାକ୍ୟ ଶୁଣି ରାଜାଙ୍କ ମୁଣ୍ଡରେ କ'ଣ ପଡ଼ିଲା ବୋଲି ମନେକଲେ ?
୨୩. ମୃତ୍ୟୁକାଳରେ କେଉଁମାନେ ନୃଗରାଜାଙ୍କ ନିକଟରେ ପହଞ୍ଚିଲେ ?
୨୪. ପାପଭାର ଭୋଗ କରିବା ପାଇଁ ନୃଗରାଜ କେଉଁ ଜନ୍ମ ନେଇଥିଲେ ?

### ହିମକାଳ

୨୫. 'ହିମକାଳ' କବିତାଟି କେଉଁ କାବ୍ୟରୁ ଆସିଅଛି ?
୨୬. ବ୍ରହ୍ମାଙ୍କ ଆସନ କିଏ ?
୨୭. ଶ୍ରୀନିବାସ ବୋଲି କାହାକୁ କୁହାଯାଇଛି ?
୨୮. କେତେବେଳେ ବନ୍ଧୁମାନେ ବିମୁଖ ହୁଅନ୍ତି ?
୨୯. କର୍ପୂର ଚନ୍ଦନ କେତେବେଳେ ଅଗ୍ନି ପରି ପ୍ରତୀୟମାନ ହୁଅନ୍ତି ?
୩୦. ଭଗବାନ ଜଗନ୍ନାଥ କେତେବେଳେ କାହାଙ୍କୁ କୋଳରେ ବସାଇ ଅନେକ ବସ୍ତ୍ର ଘୋଡ଼ାଇ ହୁଅନ୍ତି ?
୩୧. କିଏ ଘରେ ଘରେ ପୂଜା ପାଇଲେ ?
୩୨. କହୁଁ କହୁଁ କିଏ ମାଡ଼ିପଡ଼ିଲା ?
୩୩. ବିକଳରେ କେହି କେହି କାହାକୁ ଲୋଡ଼ିଲେ ?
୩୪. କେଉଁ ଜଳ ପ୍ରତି ଲୋକଙ୍କ ପ୍ରୀତି ବଢ଼ିଲା ?
୩୫. କ୍ରମେ କ୍ରମେ କାହାର ସ୍ନେହ ଚାଲିଗଲା ?
୩୬. କେହି କେହି କେଉଁ ଗୀତରେ ତୋଷ ହେବେ ?

## ମିତ୍ରତା

୩୭. ବିଭାବସୁ ବଂଶରେ କାହାର ଜନ୍ମ ?

୩୮. ସୁଗ୍ରୀବ କାହା ଡରରେ ଲୁଚିଥିଲେ ?

୩୯. କ'ଣ ଖାଇ ସୁଗ୍ରୀବ ଦିନ ବଞ୍ଚୁଥିଲେ ?

୪୦. ରଘୁସୁତ କିଏ ?

୪୧. ବଳବନ୍ତ କେଶରୀ କାହାକୁ ଡରିଥାଏ ?

୪୨. ଦୁନ୍ଦୁଭି ଅସ୍ଥିଟେକି କ'ଣ କରିବାକୁ ସୁଗ୍ରୀବ ରାମଚନ୍ଦ୍ରଙ୍କୁ କହିଲେ ?

୪୩. ବାମ ପାଦର କେଉଁ ଅଙ୍ଗୁଳିରେ ଦୁନ୍ଦୁଭି ଅସ୍ଥିକୁ ରାମଚନ୍ଦ୍ର ଟେକି ଫିଙ୍ଗିଦେଲେ ?

୪୪. କେଉଁ ପର୍ବତ ଉଡ଼ିବାବେଳେ ବଜ୍ରାଘାତରେ ପଡ଼ିଗଲା କି ବୋଲି କିଷ୍କିନ୍ଧ୍ୟାବାସୀ ମନେକଲେ ?

୪୫. ବ୍ରହ୍ମା ବାଳିର ଅଧାବଳଙ୍କୁ କାହାଠାରେ ରଖିଥିଲେ ?

୪୬. ସପ୍ତଶାଳାର ଆଣ୍ଠ କାହାଠାରୁ ଅଧିକ ?

୪୭. ସୁଗ୍ରୀବ ପ୍ରଭୁରାମଚନ୍ଦ୍ରଙ୍କୁ କେଉଁଥିରେ ସପ୍ତଶାଳା ଛେଦନ ଲାଗି କହିଲେ ?

୪୮. ବଳିମୁଖ ଶ୍ରେଷ୍ଠ କାହାକୁ କୁହାଯାଇଛି ?

## ପୟରେ ପଶୁଛି ଶରଣ

୪୯. ପୟରେ ପଶୁଛି ଶରଣ କବିତାର କବି କିଏ ?

୫୦. ପଞ୍ଚୁପାଣ୍ଡବଙ୍କୁ ଦୁର୍ଯ୍ୟୋଧନ କେଉଁ ଘରେ ଭରି ଦେଇଥିଲା ?

୫୧. ଗୁରୁଦେବ ସ୍ୱାମୀ କ'ଣ ଲୁଚାଇ କ'ଣ ଦେଖାଇଲେ ?

୫୨. କ'ଣ ଫିଟାଇ ସାତୁକ୍ୟ ଭୁଞ୍ଜାଇବାକୁ କବି କହିଛନ୍ତି ?

୫୩. କେଉଁ ଦେଶରେ ଅର୍ଜ୍ଜୁନ ଗୁପ୍ତରେ ଥାଇ ଲାଖବିନ୍ଧିଥିଲେ ?

୫୪. କବି ଗୁରୁଦେବ ସ୍ୱାମୀଙ୍କୁ କ'ଣ ବୋଲି କହିଛନ୍ତି ?

୫୫. ରାମ ଅବତାର କେଉଁ ଯୁଗରେ ହୋଇଥିଲା ?

୫୬. କ'ଣ କରି ଗୁପ୍ତରେ ଋଷିମାନଙ୍କର ମନବାଞ୍ଛା ପ୍ରଭୁ ପୂର୍ଣ୍ଣ କରିଥିଲେ ?

୫୭. ପ୍ରଭୁ କାଳୀକୁ କାହିଁକି କ୍ଷମା ପ୍ରଦାନ କରିଥିଲେ ?

୫୮. ବିଷ୍ଣୁଦୂତମାନେ କାହାକୁ ସ୍ୱର୍ଗକୁ ନେଇଥିଲେ ?

୫୯. କେଉଁ ଜଳରୁ ତାରଣ ହେବାକୁଆଉ ବୁଦ୍ଧି ଦିଶୁନାହିଁ ?

୬୦. କାହା ବିନା ଶରୀର ମୋକ୍ଷ ହେବନାହିଁ ?

**(୩) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଦୁଇଟି ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ।**

## ସାହାଡ଼ା ବୃକ୍ଷ

୧. ବ୍ରହ୍ମା କେଉଁ ବୃକ୍ଷ ସୃଷ୍ଟି କରିଥିଲେ ଓ କାହିଁକି ?

୨. ମହେଶ୍ୱର ଅନେକ ତୀର୍ଥ ଦର୍ଶନ ପରେ କ'ଣ କଲେ ?

୩. ଉମା ତେରଘଡ଼ି ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ କ'ଣ କଲେ ?

୪. ନନ୍ଦିକେଶ୍ୱର ବୃଷଭଙ୍କୁ ବାନ୍ଧିବା ପରେ ବୃଷଭ କ'ଣ ବିଚାର କରିଛି ?

୫. ଈଶ୍ୱର ବୃଷଭଙ୍କୁ ଚାହିଁ କ'ଣ କହିଲେ ?

୬. ଗିରିଜାଙ୍କ କଥା ଶୁଣି ଶିବ କି ପ୍ରତିକ୍ରିୟା ପ୍ରକାଶ କଲେ ?

## ଶାପମୋଚନ

୭. କୃଷ୍ଣ ପୁତ୍ରମାନେ କ'ଣ ଲଗାଇ ଶକ୍ତ କରି ବାନ୍ଧିଲେ ?

୮. କେଉଁ କଥା ଶୁଣି ସବୁଲୋକ ହସିବେ ବୋଲି କୃଷ୍ଣ ପୁତ୍ରମାନେ ଭାବିଛନ୍ତି ?

୯. ପୁତ୍ରମାନଙ୍କ କଥା ଶୁଣି କୃଷ୍ଣ କ'ଣ କଲେ ?

୧୦. ହୃଷୀକେଶ କୃକଳାଶକୁ କୂପରୁ ଉଦ୍ଧାର କଲାପରେ କ'ଣ ହେଲା ?

୧୧. ରାଜପଥରେ ବ୍ରାହ୍ମଣ ଦୁହେଁ ପରସ୍ପର ମଧ୍ୟରେ କ'ଣ କଲେ ?

୧୨. ମୃତ୍ୟୁପରେ ଯମଦୂତମାନେ ନୃଗରାଜଙ୍କର କ'ଣ କଲେ ?

## ହିମକାଳ

୧୩. କୃଷ୍ଣ କଥା ଶ୍ରବଣ କଲେ କେଉଁ ବ୍ୟଥା ଦୂର ହୁଏ ବୋଲି କହି କହିଛନ୍ତି ?

୧୪. କପାଳରେ ଯାହା ଥିଲା କିଏ ଭୋଗକଲା ?

୧୫. ଶୀତକୁ ମହାଭୟ କରି ଅଗ୍ନି କ'ଣ କଲେ ?

୧୬. ଶୀତରେ ବିକଳ ହୋଇ କେହି କେହି କ'ଣ କଲେ ?

୧୭. କାକର ବହୁତ ବାଧିବାରୁ କେହି କେହି କ'ଣ କଲେ ?

୧୮. ଅଗୁରୁ ଧୂପପୂର୍ଣ୍ଣ ଘରେ ପଶି କେହି କେହି କ'ଣ କଲେ ?

## ମିତ୍ରତା

୧୯. ଇନ୍ଦ୍ର ମୈନାକ ଉପରେ ବଜ୍ରାଘାତ କରିଥିଲେ କାହିଁକି ?

୨୦. କିଏ ପିଲାବେଳେ ସୂର୍ଯ୍ୟଙ୍କୁ ଧରିଥିଲା ଓ କାହିଁକି ?

୨୧. ବିଧିରେ କିଏ ବିଭାବସୁଙ୍କ ପୁତ୍ର ଅଟନ୍ତି ?

୨୨. ସପ୍ତଶାଳା କ'ଣ ?

୨୩. ସୁଗ୍ରୀବ କାହିଁକି ଓ କେଉଁଠି ଲୁଚିଥିଲେ ?

୨୪. ସୁଗ୍ରୀବ ବିନୟର ସହିତ କ'ଣ କହିଲେ ?

## ପୟରେ ପଶୁଛି ଶରଣ

୨୫. ଜଗତରେ ଠାବ ଦେବା ପାଇଁ କିଏ କାହାକୁ ଅନୁରୋଧ କରିଛନ୍ତି ?

୨୬. କିଏ ସର୍ବଅନ୍ତର୍ଯ୍ୟାମୀ ବୋଲି କହି କହିଛନ୍ତି ?

୨୭. ହରି ଚାହିଁଦେଲେ କବିଙ୍କର କ'ଣ ହେବ ବୋଲି କହିଛନ୍ତି ?

୨୮. କେଉଁଥିରୁ ତାରଣ ହେବାକୁ କବିଙ୍କୁ ବୁଦ୍ଧି ଦିଶୁନାହିଁ ?

୨୯. ପ୍ରଭୁଭକ୍ତମାନେ ହୃଦୟ ଦେଇ କେଉଁ ନାମ ଭଜନ କରୁଛନ୍ତି ?

୩୦. କାହା ପାଦଧରି କେଉଁ ସାଗରରୁ ପାରି ହେବାକୁ କବି ଭାବିଛନ୍ତି ?

**(୪) ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର, ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ।**

## ସାହାଡ଼ା ବୃକ୍ଷ

୧. ସାହାଡ଼ା ପତ୍ର ଘେନିଲେ କ'ଣ ହୁଏ ?

୨. ତୁଳସୀ ପତ୍ରକୁ ମଥାରେ ମାରିଲେ କ'ଣ ହୁଏ ?

୩. ବୃଷଭକୁ ଗୁଆଣିରେ ବାନ୍ଧିବା ପରେ କ'ଣ ହେଲା ?

## ଶାପମୋଚନ

୪. କୃଷ୍ଣକୁମରମାନେ କୃକଲାଶର ଉଦ୍ଧାର ପାଇଁ କ'ଣ ଚେଷ୍ଟା କଲେ ?

୫. କୃଷ୍ଣଙ୍କର ହାତ ଲାଗିବା ପରେ କୃକଲାଶର କ'ଣ ହେଲା ?

୬. ଯମ ନୃଗରାଜଙ୍କୁ କେଉଁ ପରାମର୍ଶ ଦେଲେ ?

## ହିମକାଳ

୭. 'ସମସ୍ତେ ସୁଖର ସାଥୀ' - ଏହି ପ୍ରସଙ୍ଗକୁ କବି ଦୀନକୃଷ୍ଣ କିପରି ବର୍ଣ୍ଣନା କରିଛନ୍ତି ?

୮. ସାଧାରଣ ଲୋକେ ଶୀତକୁ କିପରି ଅନୁଭବ କଲେ ?

୯. ଶୀତରୁ ରକ୍ଷା ପାଇବା ପାଇଁ ଲୋକେ କ'ଣ କଲେ ?

## ମିତ୍ରତା

୧୦. 'ବେନିଜନେ ପଡ଼ିଛି ଏକ ଦଶା' - କାହା ପ୍ରସଙ୍ଗରେ ଓ କାହିଁକି କୁହାଯାଇଛି ?

୧୧. ରାମଚନ୍ଦ୍ର ଦୁନ୍ଦୁଭି ଅସ୍ଥିକୁ ସହଜରେ ଫିଙ୍ଗିଦେବାରୁ ସୁଗ୍ରୀବ ମନରେ କି ସନ୍ଦେହ ଜାତ ହେଲା ?

୧୨. ସୁଗ୍ରୀବର କାହା ଉପରେ ଭରସା ଥିଲା ଓ କାହିଁକି ?

## ପୟରେ ପଶୁଛି ଶରଣ

୧୩. କବି କେଉଁ ଆଜ୍ଞା ଏକା ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ?

୧୪. ଜାରା ତା ଅପରାଧର କ ଫଳ ପାଇଲା ?

୧୫. ସଂସାର ସାଗରରୁ ଭୀମ କିପରି ପାରି ହେବେ ବୋଲି ଭାବିଛନ୍ତି ?

***

**(୫) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରଶ୍ନର ମୂଲ୍ୟ ୫ ନମ୍ବର। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ।**

## ସାହାଡ଼ା ବୃକ୍ଷ

୧. 'ସାହାଡ଼ା ବୃକ୍ଷ' କବିତାର ସାରମର୍ମ ନିଜ ଭାଷାରେ ଲେଖ।

୨. 'ଗୋଲୋକ ବୃକ୍ଷ'ର ମାହାତ୍ମ୍ୟ ଉପସ୍ଥାପନରେ କବି ସାରଳା ଦାସଙ୍କ କଳ୍ପନା ବିଳାସର ପରିଚୟ ପ୍ରଦାନ କର।

୩. ସାରଳା ଦାସଙ୍କ ଲେଖନୀରେ ଓଡ଼ିଆ ଲୋକକଥାର ସଫଳରୂପାୟନ କିପରି କରାଯାଇଛି ଆଲୋଚନା କର।

## ଶାପମୋଚନ

୪. 'ଶାପମୋଚନ' କବିତାରେ କବି ଜଗନ୍ନାଥ ଦାସଙ୍କ ବିଷୟ ବିନ୍ୟାସ କୌଶଳ ଉପସ୍ଥାପନ କର।

୫. ପଠିତ 'ଶାପମୋଚନ' କବିତା ଅବଲମ୍ବନରେ କବିଙ୍କ ସୃଷ୍ଟି ଆଭିମୁଖ୍ୟର ବିଚାର କର।

୬. 'ଶାପମୋଚନ' କବିତା ଏକ ଶିକ୍ଷଣୀୟ କବିତା – ଆଲୋଚନା କର।

## ହିମକାଳ

୭. 'ହିମକାଳ' କବିତାରେ ଶୀତଋତୁର ଯେଉଁ ପ୍ରାକୃତିକ ଚିତ୍ର ଅଙ୍କିତ ତାହା ବର୍ଣ୍ଣନା କର।

୮. 'ହିମକାଳ' କବିତାରେ କବି ଦୀନକୃଷ୍ଣଙ୍କ କବିତ୍ୱ ଓ ପାଣ୍ଡିତ୍ୟର ମଧୁର ସମନ୍ୱୟ ଘଟିଛି : ଆଲୋଚନା କର।

୯. ସମସ୍ତେ ସୃଷ୍ଟିର ନିୟମରେ ବନ୍ଧା, ଏହାର ଯଥାର୍ଥତା ହିମକାଳ କବିତା ଅବଲମ୍ବନରେ ପ୍ରଦାନ କର।

## ମିତ୍ରତା

୧୦. 'ମିତ୍ରତା' କବିତାର ସାରମର୍ମ ନିଜ ଭାଷାରେ ଲେଖ।

୧୧. 'ମିତ୍ରତା' କବିତାର ନାମକରଣର ସାର୍ଥକତା ବିଚାର କର।

୧୨. 'ମିତ୍ରତା' କବିତା ଅବଲମ୍ବନରେ କବିଙ୍କ କବିତ୍ୱ ଓ ପାଣ୍ଡିତ୍ୟର ବିଚାର କର।

## ପୟରେ ପଶୁଛି ଶରଣ

୧୩. ସମର୍ପଣରେ ହିଁ ମୋକ୍ଷ ପ୍ରାପ୍ତି ସମ୍ଭବ। ପଠିତ କବିତା ଅବଲମ୍ବନରେ ବିଚାର କର।

୧୪. 'ପୟରେ ପଶୁଛି ଶରଣ' କବିତାରୁ କବିଙ୍କ ଭକ୍ତିମତ୍ତାର ପରିଚୟ ପ୍ରଦାନ କର।

୧୫. 'ପୟରେ ପଶୁଛି ଶରଣ' କବିତାର ସାରମର୍ମ ନିଜ ଭାଷାରେ ଲେଖ।

# ଦ୍ୱିତୀୟ ଏକକ

# କବିତା ବିଭାଗ (ଉତ୍ତର)

## ୧. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ।

୧. (iii) ମହାକଚ୍ଛ
୨. (ii) ଶତଭିଷା
୩. (i) ମୁଣ୍ଡରେ ଲଗାଇଲା
୪ (i) ଶ୍ୱେତଦୁବ
୫. (i) ଆଦି
୬. (iii) ସୂର୍ଯ୍ୟାସ୍ତରେ
୭. (i) ପାଞ୍ଚଟି ଆଖି
୮. (ii) ତେର ଘଡ଼ି ଗଡ଼ିଯିବାରୁ
୯. (ii) ତିନି ଗୁଣ୍ଡି
୧୦. (ii) ଗୁଆଣିରେ ବାନ୍ଧିବାକୁ
୧୧. (ii) କଷିଲେ
୧୨. (iii) ସନ୍ତୋଷରେ
୧୩. (iii) ଅମୃତ
୧୪. (ii) ଶାହାସ୍ର
୧୫. (ii) ସ୍ୱାମୀକୁ
୧୬. (i) ବିଷାଦ
୧୭. (iii) ସଲ୍ଲଜ
୧୮. (ii) ହସିଲେ
୧୯. (ii) କୋପ କରିବେ
୨୦. (ii) ହସିଲେ
୨୧. (ii) ବାରି
୨୨. (iv) ବୃକଲାଶ
୨୩. (iii) ସର୍ବଜନ
୨୪. (ii) ନିର୍ଦ୍ଦୟ ହେବେ
୨୫. (i) ବସନ
୨୬. (ii) ହସିଲେ
୨୭. (ii) ଚକିତ
୨୮. (i) ପ୍ରାଣ ଛାଡ଼ିଲା
୨୯. (iii) ଦିବ୍ୟରୂପ ହେଲା
୩୦. (iii) କୃଷ୍ଣ
୩୧. (ii) ଇକ୍ଷ୍ୱାକୁ ବଂଶ
୩୨. (ii) ଦାନୀ
୩୩. (i) ଗୋରୁ ଦାନ
୩୪. (iii) ଗୋଚର୍ମ ମାପ
୩୫. (ii) ଦେବ ମନ୍ଦିରରେ
୩୬. (iv) ବିପ୍ର
୩୭. (ii) ନରକ
୩୮. (iii) ସନମାନ କଲା
୩୯. (ii) ପାପ
୪୦. (i) ମଦନଗୋପାଳ
୪୧. (i) ରସକଲ୍ଲୋଳ
୪୨. (iii) ରୋହିଣୀ ନନ୍ଦନ
୪୩. (iii) ସୂର୍ଯ୍ୟ
୪୪. (iv) ମିଳନ କାଳରେ
୪୫. (ii) ପଦ୍ମ
୪୬. (ii) ଜଗନ୍ନାଥ
୪୭. (iv) ରେଜେଇ
୪୮. (iv) ଚନ୍ଦ୍ରଚନ୍ଦନକୁ ସ୍ନେହକଲା
୪୯. (ii) ପଦ୍ମବନ ବିକଶିତ ହୁଏ
୫୦. (i) ଭାଗ୍ୟଫଳ
୫୧. (iii) ନିଆଁ ଉହ୍ଲେଇ
୫୨. (ii) କାର୍ତ୍ତିକ-ମାର୍ଗଶିର
୫୩. (ii) ସହସ୍ରାକ୍ଷ
୫୪. (iii) ଉପେନ୍ଦ୍ରଭଞ୍ଜ
୫୫. (iv) ଅଷ୍ଟବିଂଶ
୫୬. (iii) ସୂର୍ଯ୍ୟ
୫୭. (ii) ବୈରି
୫୮. (ii) ଗିରି
୫୯. (i) ସିଂହ
୬୦. (iv) ବ୍ରହ୍ମଲୋକ
୬୧. (i) ବାଳଭାନୁ
୬୨. (iii) ବହ୍ନି
୬୩. (iii) ଦୁନ୍ଦୁଭି
୬୪. (i) ସପ୍ତଶାଳା
୬୫. (iii) ସପ୍ତଶାଳାରେ
୬୬. (iii) ସୁଗ୍ରୀବ
୬୭. (i) ରାମ
୬୮. (iii) ଜଉଘରେ
୬୯. (iii) କାୟା
୭୦. (ii) ବିପଦ
୭୧. (i) ସାତ୍ତ୍ୱିକ
୭୨. (ii) ରୂପରାଶି
୭୩. (i) ଚାହିଁଦେଲେ
୭୪. (iv) କଂସ
୭୫. (iii) କାଳୀକୁ
୭୬. (iv) ଅଙ୍ଗରେ
୭୭. (iii) ବିଷ୍ଣୁଦୂତ
୭୮. (iv) ମହିମା ସ୍ୱାମୀ
୭୯. (iii) ଶୂନ୍ୟବାନା
୮୦. (ii) ଗୁରୁଦେବ

## (୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।

୧. ଗୋଲକ ବୃକ୍ଷ
୨. ଗାନ୍ଧାରସେନ
୩. ବ୍ୟାସଦେବ
୪. ସପ୍ତଫେଣୀ ନାଗ
୫. ବୈତରଣୀ
୬. ସାହାଡ଼ା ବୃକ୍ଷର ପତ୍ର
୭. ବରକୋଳି ଗଛ
୮. ତୁଳସୀ
୯. ଭୋଜନ
୧୦. ଚତୁର୍ଦ୍ଦିଗ ଭୁବନ
୧୧. ଉପବାସରେ ରଖି
୧୨. କପିଳାସକୁ
୧୩. ଜଗନ୍ନାଥ ଦାସ
୧୪. ଭାଗବତ ଗ୍ରନ୍ଥ
୧୫. ବାରି ବା ଜଳ
୧୬. କୃକଳାଶ
୧୭. ଲାଞ୍ଜକୁ
୧୮. ନୃଗରାଜା
୧୯. କାଂସ୍ୟପାତ୍ର
୨୦. ପଥ ମଧ୍ୟରେ
୨୧. ନୃଗରାଜଙ୍କ ଦରବାରରେ
୨୨. ବଜ୍ର
୨୩. ଯମଦୂତମାନେ
୨୪. କୃକଳାଶ
୨୫. ରସକଲ୍ଲୋଳ
୨୬. ପଦ୍ମଫୁଲ
୨୭. ପଦ୍ମକୁ
୨୮. କଷ୍ଟ ବା ବିପଦ କାଳରେ
୨୯. ଶୀତରତୁରେ
୩୦. ଶୀତରତୁରେ ଲକ୍ଷ୍ମୀଙ୍କୁ
୩୧. ଅଗ୍ନି
୩୨. ଜାଡ଼
୩୩. ଚିତ୍ରଭାନୁ
୩୪. ତପ୍ତଜଳ
୩୫. ଚନ୍ଦ୍ର ଓ ଚନ୍ଦନର
୩୬. କୃଷ୍ଣଚରିତ ଗୀତ
୩୭. ରାମଚନ୍ଦ୍ରଙ୍କର
୩୮. ବଡ଼ଭାଇ ବାଳି ଉପରେ
୩୯. ଫଳମୂଳ
୪୦. ପ୍ରଭୁ ରାମଚନ୍ଦ୍ର
୪୧. ଗରଭକୁ
୪୨. ବଳ କଷିବାକୁ
୪୩. ବୃଦ୍ଧାଙ୍ଗୁଳିରେ
୪୪. ମୈନାକ
୪୫. ସପ୍ତଶାଳାଠାରେ
୪୬. ବଜ୍ରଠାରୁ
୪୭ ଗୋଟିଏ ବାଣରେ
୪୮. ସୁଗ୍ରୀବକୁ
୪୯. ଭୀମଭୋଇ
୫୦. ଜଉଘରେ
୫୧. କାୟାଲୁଚାଇ ମାୟା ଦେଖାଇଲେ
୫୨. କଳଙ୍କ
୫୩. ପାଞ୍ଚାଳ ଦେଶରେ
୫୪. କର୍ମସିଦ୍ଧି ବିଧାନକ
୫୫. ତ୍ରେତୟାଯୁଗରେ
୫୬. ବ୍ରଜନାରୀ କରି
୫୭. ଶରଣ ପଶିବାରୁ
୫୮. ଜାରାଶବରକୁ
୫୯. କାରୁଣ୍ୟ ଜଳରୁ
୬୦. ଗୁରୁଦେବଙ୍କ ବିନା

## (୩) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଦୁଇଟି ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ।

୧. କବିତା - ସାହାଡ଼ାବୃକ୍ଷ
କବି - ସାରଳା ଦାସ
ଗୋଲକବୃକ୍ଷ, ଦୋଷୀ କନ୍ୟାକୁ ବିବାହ ଓ ମହାପାତକ ହରଣ କରିବା ଲାଗି।

୨. କବିତା - ସାହାଡ଼ାବୃକ୍ଷ
କବି - ସାରଳା ଦାସ
ଅନେକ ତୀର୍ଥ ଦର୍ଶନ ପରେ ବୈତରଣୀକୂଳକୁ ଗଲେ।

୩. କବିତା - ସାହାଡ଼ାବୃକ୍ଷ
କବି - ସାରଳା ଦାସ
ତେରଘଡ଼ି ପର୍ଯ୍ୟନ୍ତ ଅପେକ୍ଷା କରିବାପରେ ଉମା ମଣୋହିକୁ ବିଜେ କଲେ।

୪. କବିତା - ସାହାଡ଼ାବୃକ୍ଷ
କବି - ସାରଳା ଦାସ
ନନ୍ଦିକେଶ୍ୱର ବୃଷଭଙ୍କୁ ବାନ୍ଧିବା ପରେ ବୃଷଭ ବିଚାରକଲେ ଯେ, ଈଶ୍ୱର ତାଙ୍କ ପରୀକ୍ଷା କଲେ ତେବେ ସୂର୍ଯ୍ୟଦେବତା ଏହା କିପରି ବିଚାର କଲେନାହିଁ।

୫. କବିତା - ସାହାଡ଼ାବୃକ୍ଷ
କବି - ସାରଳା ଦାସ
ସାହାଡ଼ାପତ୍ର ଧାରଣ କରି କ'ଣ ଫଳ ପାଇଲୁ ବୋଲି ବୃଷଭକୁ ଚାହିଁ ଈଶ୍ୱର କହିଲେ ?

୬. କବିତା - ସାହାଡ଼ାବୃକ୍ଷ
କବି - ସାରଳା ଦାସ
ଗିରିଜାଙ୍କ କଥା ଶୁଣି ଶିବ ହସିଲେ।

୭. କବିତା - ଶାପମୋଚନ
କବି - ଜଗନ୍ନାଥ ଦାସ
ଘାସ, ବଲ୍‌କଳ ଓ ଚମଡ଼ାରେ ତିଆରି ଦଉଡ଼ି ଲଗାଇ ଶକ୍ତ କରି ବାନ୍ଧିଲେ।

୮. କବିତା - ଶାପମୋଚନ
କବି - ଜଗନ୍ନାଥ ଦାସ
କୃକଳାଶକୁ କୂପରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବା କଥାଶୁଣି।

୯. କବିତା - ଶାପମୋଚନ
କବି - ଜଗନ୍ନାଥ ଦାସ
ପୁତ୍ରମାନଙ୍କ କଥା ଶୁଣି କୃଷ୍ଣବନକୁ ଯିବାକୁ ସ୍ଥିର କଲେ।

୧୦. କବିତା - ଶାପମୋଚନ
କବି - ଜଗନ୍ନାଥ ଦାସ
ହୃଷୀକେଶ କୃକଳାଶକୁ ଉଦ୍ଧାର କଲାପରେ ସେ ଦିବ୍ୟରୂପ ଧାରଣ କଲା।

୧୧. କବିତା - ଶାପମୋଚନ
କବି - ଜଗନ୍ନାଥ ଦାସ
ରାଜପଥରେ ବ୍ରାହ୍ମଣ ଦୁହେଁ ପରସ୍ପର ମଧ୍ୟରେ କଳି କରିବାକୁ ଲାଗିଲେ।

୧୨. କବିତା - ଶାପମୋଚନ
କବି - ଜଗନ୍ନାଥ ଦାସ
ମୃତ୍ୟୁ ପରେ ଯମଦୂତମାନେ ନୃଗରାଜଙ୍କୁ ବାନ୍ଧିନେଇ ଯମଙ୍କ ନିକଟରେ ହାଜର କଲେ।

୧୩. କବିତା - ହିମକାଳ
କବି - ଦୀନକୃଷ୍ଣ ଦାସ
ଦଣ୍ଡଧର ବା ଯମର ବ୍ୟଥା ଦୂର ହୁଏ।

୧୪. କବିତା - ହିମକାଳ
କବି - ଦୀନକୃଷ୍ଣ ଦାସ
ପଦ୍ମବନରେ ଥିବା ପଦ୍ମଫୁଲ।

୧୫. କବିତା - ହିମକାଳ
କବି - ଦୀନକୃଷ୍ଣ ଦାସ
ମହାଭୟ କରି ପୁରେପୁରେ ନିଜ କାନ୍ତିର ପ୍ରକାଶ କଲେ।

୧୬. କବିତା - ହିମକାଳ
କବି - ଦୀନକୃଷ୍ଣ ଦାସ
ଶୀତରେ ବିକଳ ହୋଇ କେହି କେହି ନିଆଁକୁ ଆଶ୍ରୟ କଲେ।

୧୭. କବିତା - ହିମକାଳ
କବି - ଦୀନକୃଷ୍ଣ ଦାସ
କାକର ବା ଥଣ୍ଡା ବହୁତ ବାଧିବାରୁ କେହି କେହି ଘରେ ଥିବା ଜଳାକାବାଟିକୁ ବନ୍ଦ କରିଦେଲେ।

୧୮. କବିତା - ହିମକାଳ
କବି - ଦୀନକୃଷ୍ଣ ଦାସ
ଅଗୁରୁ ଧୂପ ଧୂଆଁ ପୂର୍ଣ୍ଣ ଘରେ ପଶି କୃଷ୍ଣଚରିତ ଗୀତ ଗାନ କରି ସନ୍ତୁଷ୍ଟ ହେଲେ।

୧୯. କବିତା - ମିତ୍ରତା
କବି - ଉପେନ୍ଦ୍ର ଭଞ୍ଜ
ପର୍ବତମୈନାକର ପକ୍ଷଥିବାରୁ ସେ ଉଡ଼ିଉଡ଼ି ଜନବସତି ଉପରେ ପଡୁଥିବାରୁ ଜନପଦ ନଷ୍ଟ ହେଉଥିବାରୁ ଇନ୍ଦ୍ର ପକ୍ଷଛେଦନ ଲାଗି ବ୍ରଜାଘାତ କରିଥିଲେ।

୨୦. କବିତା – ମିତ୍ରତା
କବି – ଉପେନ୍ଦ୍ର ଭଞ୍ଜ
ହନୁମାନ ପିଲାବେଳେ ଉଦିତ ସୂର୍ଯ୍ୟଙ୍କୁ ଖାଦ୍ୟ ଭାବି ଖାଇବାକୁ ଧରିଥିଲା।

୨୧. କବିତା – ମିତ୍ରତା
କବି – ଉପେନ୍ଦ୍ର ଭଞ୍ଜ
ସୁଗ୍ରୀବ ବିଧିରେ ସୂର୍ଯ୍ୟଙ୍କ ପୁତ୍ର ଅଟନ୍ତି।

୨୨. କବିତା – ମିତ୍ରତା
କବି – ଉପେନ୍ଦ୍ର ଭଞ୍ଜ
ସାତଗୋଟି ଶାଳଗଛ ଶୋଇଥିବା ନାଗ ସାପର ସାତବାଙ୍କ ଉପରେ ଠିଆ ହୋଇ ଥିବାରୁ ଏହାକୁ ସପ୍ତଶାଳା କୁହାଯାଇଛି।

୨୩. କବିତା – ମିତ୍ରତା
କବି – ଉପେନ୍ଦ୍ର ଭଞ୍ଜ
ସୁଗ୍ରୀବ ବାଳି ଭୟରେ ପର୍ବତ ଗୁମ୍ଫାରେ ଲୁଚିଥିଲେ।

୨୪. କବିତା – ମିତ୍ରତା
କବି – ଉପେନ୍ଦ୍ର ଭଞ୍ଜ
ବିନୟର ସହିତ ସୁଗ୍ରୀବ, ବାଳିକି ବଧିବାକୁ ଇଚ୍ଛା ଥିଲେ ଦୁନ୍ଦୁଭି ଅସୁରର ଅସ୍ଥିଟେକି ବଳ କଷିବାକୁ କହିଛନ୍ତି।

୨୫. କବିତା – ପୟରେ ପଶୁଛି ଶରଣ
କବି – ଭୀମଭୋଇ
ଜଗତରେ ଠାବ ଦେବା ପାଇଁ କବି ଗୁରୁଦେବ ସ୍ୱାମୀଙ୍କୁ କହିଛନ୍ତି।

୨୬. କବିତା – ପୟରେ ପଶୁଛି ଶରଣ
କବି – ଭୀମଭୋଇ
ଗୁରୁଦେବ ସ୍ୱାମୀ ସର୍ବଅନ୍ତର୍ଯ୍ୟାମୀ ବୋଲି କବି କହିଛନ୍ତି।

୨୭. କବିତା – ପୟରେ ପଶୁଛି ଶରଣ
କବି – ଭୀମଭୋଇ
ହରି ଚାହିଁଦେଲେ କବି ନିସ୍ତାର ଲାଭ କରିବେ ବୋଲି କହିଛନ୍ତି।

୨୮. କବିତା – ପୟରେ ପଶୁଛି ଶରଣ
କବି – ଭୀମଭୋଇ
କାରୁଣ୍ୟ ବା ଦୁଃଖ ଜଳରୁ ତାରଣ ହେବାକୁ କବିଙ୍କୁ ବୁଦ୍ଧି ଦିଶୁନାହିଁ।

୨୯. କବିତା – ପୟରେ ପଶୁଛି ଶରଣ
କବି – ଭୀମଭୋଇ
ଗୁରୁଭକ୍ତମାନେ ହୃଦୟ ଦେଇ ରାମନାମ ଭଜନ କରୁଛନ୍ତି।

୩୦. କବିତା – ପୟରେ ପଶୁଛି ଶରଣ
କବି – ଭୀମଭୋଇ
ସାଧୁଜନମାନଙ୍କ ପାଦଧରି ସଂସାର ସାଗରରୁ ପାରି ହେବାକୁ କବି ଭାବିଛନ୍ତି।

## (୪) ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର, ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ।

୧. କବିତା – ସାହାଡ଼ାବୃକ୍ଷ
କବି – ସାରଳା ଦାସ

ମହାଦେବଙ୍କ ବିଭିନ୍ନ ତୀର୍ଥଭ୍ରମଣ – ବୈତରଣୀ ନଦୀକୂଳରେ ପ୍ରବେଶ – ବୃଷଭ ମଥାରେ ସାହାଡ଼ା ପତ୍ର ଧାରଣା – ଶିବଙ୍କ ବୃଷଭକୁ ପ୍ରଶ୍ନ – ବୃଷଭର ସାହାଡ଼ାବୃକ୍ଷର ମହିମା ବର୍ଣ୍ଣନା – ପତ୍ର ଧାରଣରେ ଅମୃତ ଭୋଜନପ୍ରାପ୍ତି – ପ୍ରଭୃତିର ବର୍ଣ୍ଣନା ରହିବ।

୨. କବିତା – ସାହାଡ଼ାବୃକ୍ଷ
କବି – ସାରଳା ଦାସ

ତୁଳସୀ ବୃକ୍ଷର ମହିମା ବର୍ଣ୍ଣନା – ଝଡ଼ିଇଲା ପତ୍ର ମଥାରେ ଧାରଣ କଲେ ପାପକ୍ଷୟର ବିସ୍ତୃତ ବର୍ଣ୍ଣନା କବିତାର ବର୍ଣ୍ଣନା ଅନୁସାରେ ରହିବ।

୩. କବିତା – ସାହାଡ଼ାବୃକ୍ଷ
କବି – ସାରଳା ଦାସ
ସଦାନନ୍ଦଙ୍କ ଆଦେଶରେ ନନ୍ଦିକେଶ୍ୱରର ବୃଷଭକୁ ଗୁଆଣିରେ ବାନ୍ଧିବା – କିଛି ଖାଇବାକୁ ପିଇବାକୁ ନ ଦେଇ କବାଟ କିଳିବା – ବାସି ଖାଦ୍ୟ ଖାଇବାକୁ କୁଣ୍ଡରେ ମୁହଁଦେବା – କୁଣ୍ଡରେ ଅମୃତ ଯୋଗାଡ଼ ପୂର୍ଣ୍ଣ ଥିବା ଦେଖିବା ଓ ସନ୍ତୋଷରେ ଭୋଜନ କରିବା ଇତ୍ୟାଦି ବର୍ଣ୍ଣନା ରହିବ।

୪. କବିତା – ଶାପମୋଚନ
କବି – ଜଗନ୍ନାଥ ଦାସ
କୃଷ୍ଣକୁମାରମାନଙ୍କର କୃକଳାଶକୁ ଉଦ୍ଧାର ଚେଷ୍ଟା – ଲାଙ୍ଗୁଳରେ ଚର୍ମ ଓ ତୃଣର ଦଉଡ଼ି ଲଗାଇବା – ଜଣେ ଜଣେ ନିରାଶ ହେବା – ପରିଶେଷରେ ସମସ୍ତେ ମିଳେ ଏକାବେଳକେ ଟାଣିବାକୁ ଚେଷ୍ଟା କରି ବିଫଳ ହେବା।

୫. କବିତା – ଶାପମୋଚନ
କବି – ଜଗନ୍ନାଥ ଦାସ
ପୁତ୍ରମାନଙ୍କଠାରୁ ସମ୍ବାଦ ପାଇବା – କୃଷ୍ଣଙ୍କର ବନପ୍ରବେଶ ଓ କୂପକୁ ଦୃଷ୍ଟିଦେବା – ଅଦ୍ଭୁତ କୃକଳାଶକୁ ଦେଖିବା – କୂପରୁ ଉତ୍ତୋଳନ କରିବା କୃଷ୍ଣଙ୍କ କର ସ୍ପର୍ଶରେ ଦିବ୍ୟରୂପ ଲାଭ କରିବା କୃକଳାଶର ବର୍ଣ୍ଣନା ରହିବ।

୬. କବିତା – ଶାପମୋଚନ
କବି – ଜଗନ୍ନାଥ ଦାସ
ଯମଦୂତମାନେ ରାଜାନୃଗଙ୍କୁ ମୃତ୍ୟୁପରେ ବାନ୍ଧିନେବା – ଯମଙ୍କ ଛାମୁରେ ଉପନୀତ କରିବା – ଯମଙ୍କର ନୃଗରାଜାଙ୍କୁ ସମ୍ମାନ ପ୍ରଦର୍ଶନ – ପାପପୁଣ୍ୟର ବିଚାର – ଅଳ୍ପ ପାପ ଲାଗି ଦଣ୍ଡ ଭୋଗ – ପୁଣ୍ୟଲାଗି ସ୍ୱାର୍ଥବାସ – କାହାକୁ ପ୍ରଥମେ ଗ୍ରହଣ ଲାଗି ପଚାରିବା – ନୃଗଙ୍କ ପ୍ରଥମେ ପାପ ଭାର ଭୁଞ୍ଜିବାକୁ ସମ୍ମତି ଦେବା – ପରେ କୃଷ୍ଣ କରସ୍ପର୍ଶରେ ଦିବ୍ୟ ତନୁ ଲାଭକରି ସ୍ୱର୍ଗ ସୁଖଲାଭ ଲାଗି ପରାମର୍ଶ।

୭. କବିତା – ହିମକାଳ
କବି – ଦୀନକୃଷ୍ଣ ଦାସ
ହିମକାଳରେ ପଦ୍ମର ଅବସ୍ଥା – ପଦ୍ମ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଆସନ– ପାଳନକର୍ତ୍ତା ବିଷ୍ଣୁ ବା କୃଷ୍ଣଙ୍କ କରରେ ଶୋଭାପାଏ – ଶୀତରେ ପଦ୍ମର ଦୁର୍ଦ୍ଦଶା – କେହି ରକ୍ଷା କରି ନ ପାରିବା – କବିଙ୍କର ଏକ ଉକ୍ତିର ଉପସ୍ଥାପନା – ସୁଖର ସାଥୀ ସମସ୍ତେ – ଦୁଃଖରସାଥୀ କେହି ନୁହଁନ୍ତିର ବର୍ଣ୍ଣନା ରହିବ।

୮. କବିତା – ହିମକାଳ
କବି – ଦୀନକୃଷ୍ଣ ଦାସ
ସାଧାରଣ ଲୋକେ ଶୀତକୁ ହାତ ଯୋଡ଼ିବା – ଶୀତରୁ ରକ୍ଷା ପାଇବାକୁ କେହି ଦୁଇ ହାତକୁ ହୃଦୟରେ ଛନ୍ଦି ଶୀତକଷ୍ଟରୁ ରକ୍ଷା ପାଇବାକୁ ଚେଷ୍ଟା କରିବାକୁ କେହି ଶୀତକୁ ନିନ୍ଦା କରିବା – କେହି ବିକଳରେ ନିଆଁର ଆଶ୍ରୟ ନେବା ବର୍ଣ୍ଣନା ରହିବ।

୯. କବିତା – ଶାପମୋଚନ
କବି – ଜଗନ୍ନାଥ ଦାସ
ଶୀତରୁ ରକ୍ଷାପାଇବା ପାଇଁ କେହି ନୂଆ ଶୀତବସ୍ତ୍ର ଅଥବା ରେଜେଇ ସଜାଡ଼ିବା – କେହି ତୂଳିତଳ୍ପ ଶଯ୍ୟା ଗ୍ରହଣ କରିବା – କେହି ଉଷ୍ମ ଜଳରେ ସ୍ନାନ କରିବା – କେହି ଜଳାକବାଟି ବନ୍ଦ କରିବା ଇତ୍ୟାଦିର ବର୍ଣ୍ଣନା ରହିବ।

୧୦. କବିତା – ଶାପମୋଚନ
କବି – ଜଗନ୍ନାଥ ଦାସ
ସୁଗ୍ରୀବ ଓ ରାମଚନ୍ଦ୍ରଙ୍କ ପ୍ରସଙ୍ଗରେ କୁହାଯାଇଛି। ଅଯୋଧ୍ୟାର ରାଜପଦ ଛାଡ଼ି ବନବାସୀ ହେବା – କିଷ୍କିନ୍ଧ୍ୟାର ରାଜ୍ୟଛାଡ଼ି ସୁଗ୍ରୀବ ବନବାସୀ ହେବା – ଉଭୟଙ୍କ ଭାଗ୍ୟର ବିଡ଼ମ୍ବନା ପ୍ରାୟ ସମାନ – ଜଣେ ବିଭାବସୁ ବଂଶଜ – ଅନ୍ୟଜଣେ ବିଭାବସୁଙ୍କ ପୁତ୍ର – ସମସ୍ୟା ଏକ ଥିବାର ବର୍ଣ୍ଣନା ରହିବ।

୧୧. କବିତା – ମିତ୍ରତା
କବି – ଉପେନ୍ଦ୍ର ଭଞ୍ଜ
ରାମଚନ୍ଦ୍ରଙ୍କ ଦୁନ୍ଦୁଭି ଅସ୍ଥିକୁ ବାମପାଦ ବୃଦ୍ଧାଙ୍ଗୁଳିରେ ଫିଙ୍ଗିଦେବା – ସୁଗ୍ରୀବର ସନ୍ଦେହ – ମାଂସଚର୍ମ ଆଚ୍ଛାଦିତ ଅସ୍ଥି – କାଳକ୍ରମେ ସୂର୍ଯ୍ୟ କିରଣରେ ଶୁଷ୍କ ଓ ହାଲୁକା ହେବା ଅନୁମାନ କରିବା ଇତ୍ୟାଦିର ବର୍ଣ୍ଣନା ରହିବ।

୧୨. କବିତା – ମିତ୍ରତା
କବି – ଉପେନ୍ଦ୍ର ଭଞ୍ଜ
ସୁଗ୍ରୀବର ବୀର କପି ହନୁମାନ ଉପରେ ଭରସା – ଯେଉଁଠି ଥିଲେ ବି ସେ ସୀତାଙ୍କୁ ଖୋଜିଦେବ – ବ୍ରହ୍ମଲୋକରେ ଥିଲେ ବି – କାରଣ ଜନ୍ମ ବେଳରୁ ବାଳସୂର୍ଯ୍ୟଙ୍କୁ ଡେଇଁ ଧରିଥିବା ହନୁମାନ ସବୁ ସମ୍ଭବ କରିପାରିବ, ଏହି ବର୍ଣ୍ଣନା ରହିବ।

୧୩. କବିତା – ପୟରେ ପଶୁଛି ଶରଣ
କବି – ଭୀମ ଭୋଇ
ସତ୍ୟଧର୍ମ ମାର୍ଗରେ ଗଲେ ବିପଦ କ୍ଷୟ ହୁଏ – ସମସ୍ତ କଳଙ୍କ ବା ପାପ ଦୂରୀଭୂତ ହୁଏ – ସାତ୍ତ୍ୱିକ ଫଳପ୍ରାପ୍ତି ହୁଏ – ଏହା ଗୁପ୍ତରେ ପରମପ୍ରଭୁ ସମ୍ପାଦନ କରୁଥିବାରୁ ଅନ୍ୟମାନଙ୍କ ଅଗୋଚରରେ ସେ ସେହି ଆଜ୍ଞା ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

୧୪. କବିତା – ପୟରେ ପଶୁଛି ଶରଣ
କବି – ଭୀମ ଭୋଇ
ଜାରାଶବର ମୃଗୟା ବିନୋଦ – ଶ୍ରୀକୃଷ୍ଣଙ୍କ ପାଦରେ ଶରାଘାତ – ଅଜ୍ଞତା ଲାଗି ବିଳାପ – କୃଷ୍ଣ ଦୂତ ପଠାଇବା ସ୍ୱୟଂ ନାରାୟଣ ସ୍ୱର୍ଗବାସ ଜାରାକୁ ପ୍ରଦାନର ବର୍ଣ୍ଣନା ରହିବ।

୧୫. କବିତା – ପୟରେ ପଶୁଛି ଶରଣ
କବି – ଭୀମ ଭୋଇ
କବିଙ୍କର ସଂସାର ସାଗରରୁ ଉଦ୍ଧାର ପ୍ରାପ୍ତିଇଚ୍ଛା – ପ୍ରଭୁ ଭକ୍ତମାନେ ରାମନାମ ଭଜନ କରି ମ୍ଳେଚ୍ଛ ପତିତ ଜୀବନରୁ ମୁକ୍ତିଲାଭ ପ୍ରଚେଷ୍ଟା କରିବା – କବି ନିଜକୁ ବାଳୁତ ଅଜ୍ଞାନ କହିବା – ସାଧୁଜନମାନଙ୍କ ପାଦ ଧରି ଏ ସଂସାର ସାଗରରୁ ପାରିହେବା ଲାଗି ଆଶାପୋଷଣ କରିବା – ଇତ୍ୟାଦି ବର୍ଣ୍ଣନା ରହିବ।

## (୫) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରଶ୍ନର ମୂଲ୍ୟ ୫ ନମ୍ବର। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ।

୧. କବିତା – ସାହାଡ଼ା ବୃକ୍ଷ
କବି – ସାରଳା ଦାସ

କବି ଶୁଦ୍ରମୁନି ସାରଳା ଦାସଙ୍କ ସମ୍ପର୍କରେ ସ୍ୱଳ୍ପ ଉପକ୍ରମ ରହିବ। ସାହାଡ଼ା ବୃକ୍ଷର ମାହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣନା ସହିତ ବିଭିନ୍ନ ବୃକ୍ଷ ଓ ଏହାର ପତ୍ରଙ୍କ ମାହାତ୍ମ୍ୟ ବର୍ଣ୍ଣନା ରହିବା ପରିଶେଷରେ ଶ୍ରଦ୍ଧାଳୁଙ୍କ ଫଳପ୍ରାପ୍ତିର ବର୍ଣ୍ଣନା ରହିବ।

୨. କବିତା – ସାହାଡ଼ା ବୃକ୍ଷ
କବି – ସାରଳା ଦାସ

ମାଟିର ମହାକବି ସରଳା ଦାସଙ୍କ କବିତ୍ୱ କିପରି ଉଚ୍ଚ କୋଟିର ଥିଲା, ସେ ସମ୍ପର୍କରେ ବର୍ଣ୍ଣନା – ସାରଳା ଦାସ ସଂସ୍କୃତଜ୍ଞ ପଣ୍ଡିତ ଥିଲେ – ତାଙ୍କର କଳ୍ପନା ବିଳାସ ଉଚ୍ଚ କୋଟୀର ଥିଲା – ଏକ କାଳ୍ପନିକ କଥାବସ୍ତୁ, ତାର ଚମତ୍କାର ଉପସ୍ଥାପନାରୁ କବିଙ୍କ କବିତ୍ୱର ପରିଚୟ ମିଳେ ବୋଲି ଲେଖାଯିବ।

୩. କବିତା – ସାହାଡ଼ା ବୃକ୍ଷ
କବି – ସାରଳା ଦାସ

ସାରଳା ଦାସଙ୍କ ମହାଭାରତ ଲୋକ କଥାର ଗନ୍ତାଘର – ତତ୍କାଳୀନ ଲୋକ ପ୍ରଚଳିତ ବିଭିନ୍ନ କାହାଣୀ ଏଥିରେ ସଂଯୋଜିତ – ଧୃତରାଷ୍ଟ୍ରଙ୍କୁ କନ୍ୟା ନାହିଁ – କି ଗାନ୍ଧାରୀକୁ ବର ନାହିଁର ସଫଳ ପ୍ରକାଶ ସହିତ ସାହାଡ଼ାବୃକ୍ଷର ମହିମା କଥନ – ଲୋକକଥାର ସାମାଜିକ ପ୍ରଭାବ ପ୍ରଭୃତିର ବର୍ଣ୍ଣନା ରହିବ।

୪. କବିତା – ଶାପମୋଚନ
କବି – ଜଗନ୍ନାଥ ଦାସ

ଭକ୍ତ କବି ଜଗନ୍ନାଥ ଦାସଙ୍କ ସମ୍ପର୍କରେ ଉପକ୍ରମ ରହିବ। ଭାଗବତର ଦଶମ ସ୍କନ୍ଧ ୬୯ ଅଧ୍ୟାୟ 'ନୃଗରାଜା ମୋକ୍ଷଣ' ପ୍ରସଙ୍ଗ – ଶାପମୋଚନ କବିତା – କବିଙ୍କ ଅଲୌକିକ କବିତ୍ୱ ଶକ୍ତି – ଚମତ୍କାର ବିଷୟ ବିନ୍ୟାସ – ଶିକ୍ଷଣୀୟ ଶୈଳୀରେ ବିଷୟ ଉପସ୍ଥାପନ ଓ ବର୍ଣ୍ଣନା ଉପରେ ଆଲୋଚନା କରାଯିବ।

୫. କବିତା – ଶାପମୋଚନ
କବି – ଜଗନ୍ନାଥ ଦାସ

ଭକ୍ତ କବି ଜଗନ୍ନାଥ ଦାସଙ୍କ ଭାଗବତ ସୃଷ୍ଟି ଏକ ଅନନ୍ୟ ଅବଦାନ – ଜନ୍ମଜନ୍ମାନ୍ତରବାଦର ବିଶ୍ୱାସ – ପାପପୁଣ୍ୟର ବିଚାର – କର୍ମ ଅକର୍ମର ଫଳପ୍ରାପ୍ତି – ସୁକର୍ମର ଫଳଲାଭ– ଇତ୍ୟାଦିର ବର୍ଣ୍ଣନା କରାଯିବ। ଶେଷରେ ମହତ୍ ଉଦ୍ଦେଶ୍ୟ ସମାଜର ମଙ୍ଗଳ କାର୍ଯ୍ୟର ବର୍ଣ୍ଣନା ରହିବ।

୬. କବିତା – ଶାପମୋଚନ
କବି – ଜଗନ୍ନାଥ ଦାସ

ଭକ୍ତ କବି ଜଗନ୍ନାଥ ଦାସଙ୍କ 'ଭାଗବତ' ପ୍ରତ୍ୟେକ ଓଡ଼ିଆର ଶ୍ରେୟ ଓ ଧ୍ୟେୟ କିପରି ତାହା ଉଲ୍ଲେଖ କରାଯିବ। ପାପ ଓ ପୁଣ୍ୟର ବିଚାର–କର୍ମ ଫଳରେ ବିଶ୍ୱାସ – ଜୀବନରେ ସୁକର୍ମର ପ୍ରଭାବ – ଦାନର ପ୍ରଭାବ – ବିନୟ ଗୁଣର ଫଳ ସମ୍ପର୍କରେ ବର୍ଣ୍ଣନା ରହିବ।

୭. କବିତା – ହିମକାଳ
କବି – ଦୀନକୃଷ୍ଣ ଦାସ

ମଧ୍ୟଯୁଗର କବି ଦୀନକୃଷ୍ଣ – ଭଞ୍ଜଙ୍କ ପୂର୍ବବର୍ତ୍ତୀ କବି – ସେ ସମୟର ନିୟମାନୁଯାୟୀ କାବ୍ୟରେ ବିଭିନ୍ନ ଋତୁ ବର୍ଣ୍ଣନା – ଶୀତଋତୁର ଆଗମନ – ତାର ବାସ୍ତବ ବର୍ଣ୍ଣନା କିପରି ହୋଇଛି ତାର ଆଲୋଚନା ରହିବ।

୮. କବିତା – ହିମକାଳ
କବି – ଦୀନକୃଷ୍ଣ ଦାସ

କବି ଦୀନକୃଷ୍ଣଙ୍କ ସମୟ ଓ ତତ୍କାଳୀନ ସାହିତ୍ୟ ସୃଷ୍ଟିର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା ରହିବ – ନିର୍ମଳ କବିତ୍ୱର କବି ଦୀନକୃଷ୍ଣ – କୃଷ୍ଣକଥା ପ୍ରକାଶ ଭିତରେ ତାଙ୍କର କବିତ୍ୱ ଓ ପାଣ୍ଡିତ୍ୟର ପରିପ୍ରକାଶ – ଭାଷାସଂଯୋଜନା – ବର୍ଣ୍ଣନାଶୈଳୀ – ଶବ୍ଦସଂଯୋଜନା – ଇତ୍ୟାଦି କିଭଳି କରାଯାଇଛି ତା'ର ବଣର୍ଣନା ରହିବ।

୯. କବିତା – ହିମକାଳ
କବି – ଦୀନକୃଷ୍ଣ ଦାସ

କବି ଦୀନକୃଷ୍ଣଙ୍କ ସମୟରେ ସାହିତ୍ୟରେ ଋତୁବର୍ଣ୍ଣନା – ବର୍ଣ୍ଣନା ମାଧ୍ୟମରେ ଶାଶ୍ୱତ ସତ୍ୟର ପରିପ୍ରକାଶ – ଶୀତ ଋତୁର ବର୍ଣ୍ଣନା ଭିତରେ ସୃଷ୍ଟିର ନିୟମ ଓ ଏହାର ନିର୍ଦ୍ଦେଶରେ କିପରି ସମସ୍ତେ ପରିଚାଳିତ ତା'ର ବର୍ଣ୍ଣନା ରହିବ।

୧୦. କବିତା - ମିତ୍ରତା
କବି - ଉପେନ୍ଦ୍ର ଭଞ୍ଜ

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସମ୍ପର୍କରେ ସ୍ୱଚ୍ଛ ବର୍ଣ୍ଣନା ପ୍ରଦାନ କରାଯିବ - 'ବୈଦେହୀଶ ବିଳାସ' କାବ୍ୟର ଅଂଶ - ରାମାୟଣ ଆଧାରିତ ବିଷୟ - ମିତ୍ର ହେବାର ଉଦ୍ଦେଶ୍ୟ ମହତ୍ ହେବା ଦରକାର - ଉତ୍ତମ ମିତ୍ରତା ସୁଫଳ ପ୍ରାପ୍ତି କରାଏ - ରାମ ଓ ସୁଗ୍ରୀବଙ୍କର ମିତ୍ରତା ଅନ୍ୟାୟ ଓ ଅସତ୍ୟ ବିରୁଦ୍ଧରେ - ଧର୍ମ ଓ ନ୍ୟାୟର ଯୁଦ୍ଧ ବୋଲି ବର୍ଣ୍ଣନା ରହିବ।

୧୧. କବିତା - ମିତ୍ରତା
କବି - ଉପେନ୍ଦ୍ର ଭଞ୍ଜ

କାବ୍ୟ କବିତାର ନାମକରଣ ଉଦ୍ଦେଶ୍ୟଯୁକ୍ତ - ପ୍ରତ୍ୟେକ ସୃଷ୍ଟିର ସାରବତ୍ତା ନାମକରଣରେ ନିହିତ - ଉକ୍ତ କବିତାରେ ମିତ୍ରତାର ସଫଳ ପରିଭାଷା ବର୍ଣ୍ଣିତ - ରାମ ଓ ସୁଗ୍ରୀବଙ୍କର ମିତ୍ରତାର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା ରହିବ।

୧୨. କବିତା - ମିତ୍ରତା
କବି - ଉପେନ୍ଦ୍ର ଭଞ୍ଜ

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସମୟ - ରୀତିକାବ୍ୟର ଶ୍ରେଷ୍ଠ କବି - ସର୍ବଶ୍ରେଷ୍ଠ କାବ୍ୟ ବୈଦେହୀଶ ବିଳାସ - କବିତ୍ୱ ଓ ପାଣ୍ଡିତ୍ୟର ଅପୂର୍ବ ସମନ୍ୱୟ - ରାମାୟଣର କଥାବସ୍ତୁ ହୋଇଥିଲେ ମଧ୍ୟ ସ୍ୱକବିତ୍ୱ ଓ ପାଣ୍ଡିତ୍ୟ ପ୍ରକାଶର ଏକ ଉଜ୍ଜ୍ୱଳ ଉଦାହରଣ - ଇତ୍ୟାଦିର ବର୍ଣ୍ଣନା ରହିବ। ଶବ୍ଦସଂଯୋଜନା - ଭାଷା ପ୍ରୟୋଗର ବର୍ଣ୍ଣନା ରହିବ।

୧୩. କବିତା - ପଥରେ ପଶୁଛି ଶରଣ
କବି - ଭୀମ ଭୋଇ

ଭକ୍ତ କବି ଭୀମ ଭୋଇ କବିମାନଙ୍କ କ୍ଷେତ୍ରରେ ଏକ ବିସ୍ମୟ- ନିରକ୍ଷର ଭୀମଙ୍କ ଭକ୍ତିଭାବ ଓ କବିତ୍ୱ - ଭକ୍ତି ଭାବନାର ଶ୍ରେଷ୍ଠତ୍ୱ - ମୋକ୍ଷପ୍ରାପ୍ତିର ଉପାୟ ନିର୍ଦ୍ଦେଶ - ସମର୍ପଣ ହିଁ ମୋକ୍ଷ ପ୍ରାପ୍ତିର ଶ୍ରେଷ୍ଠ ଉପାୟ ଇତ୍ୟାଦିର ବର୍ଣ୍ଣନା ରହିବ।

୧୪. କବିତା - ପଥରେ ପଶୁଛି ଶରଣ
କବି - ଭୀମ ଭୋଇ

ଭକ୍ତ କବି ଭୀମ ଭୋଇ - ପ୍ରଥମେ ଭକ୍ତ ତାପରେ କବି - ମହିମାଧର୍ମର ଶ୍ରେଷ୍ଠ ପ୍ରବକ୍ତା - ଭକ୍ତିମାର୍ଗରେ ମୁକ୍ତି ପ୍ରାପ୍ତିର ପଥନିର୍ଦ୍ଦେଶ - ଭୀମ ଭୋଇଙ୍କ ଶ୍ରେଷ୍ଠ ସଫଳତା - ପ୍ରଭୁଙ୍କ ପାଦପଦ୍ମରେ ନିଜକୁ ସମର୍ପଣ କରି ମୁକ୍ତକାମୀ ହେବା କବିଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

୧୫. କବିତା - ପଥରେ ପଶୁଛି ଶରଣ
କବି - ଭୀମ ଭୋଇ

ସନ୍ଥକବି ଭୀମ ଭୋଇ - ନିରକ୍ଷର କବି - ଅନ୍ଧ-ଭୀମଙ୍କ ଭକ୍ତି ଭାବ - ଭକ୍ତର ଅଧୀନ ଭଗବାନ - ଭକ୍ତିଭାବରେ ଆରାଧ୍ୟ ଦେବତାଙ୍କୁ ସନ୍ତୁଷ୍ଟ କରି ମୋକ୍ଷପ୍ରାପ୍ତି ଲାଗି ଚେଷ୍ଟା - ଆତ୍ମସମର୍ପଣ ମୁକ୍ତିଲାଭର ସର୍ବଶ୍ରେଷ୍ଠ ମାଧ୍ୟମ - ନିଜର ମୁଁକାର ଭାବକୁ ପରିତ୍ୟାଗ କରି ପରଂବ୍ରହ୍ମଙ୍କ ପାଦରେ ଲୀନ ହେବାର ଶ୍ରେଷ୍ଠ ମାଧ୍ୟମ ଭକ୍ତି ଭାବ - ଏପରି ବର୍ଣ୍ଣନା ରହିବ।

# ତୃତୀୟ ଏକକ

## ଏକାଙ୍କିକା ବିଭାଗ

**(୧) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

### ଅତ୍ୟାଚାରିତ

୧. କିଏ ବ୍ରଜବିହାରୀଙ୍କୁ ତେଢ଼ିକରି କଥା କହୁଥିଲା ?
(i) କୁଲି (ii) ଅନାଦି
(iii) ଦନେଇ (iv) ବିନୋଦ

୨. ଦନେଇର କ'ଣ ବିଗିଡ଼ି ଯାଇଛି ବୋଲି ବ୍ରଜବିହାରୀ ପ୍ରଶ୍ନ କଲେ ?
(i) ଦେହ (ii) ମୁଣ୍ଡ
(iii) ମନ (iv) କାମ

୩. କେଉଁ ଚାକର ସଭାରେ ଆଇନ ପାଶ ହୋଇଛି ବୋଲି ଦନେଇ କହିଛି ?
(i) ନିଖିଳ ଉତ୍କଳ (ii) ନିଖିଳ ଓଡ଼ିଶା
(iii) ନିଖିଳ ଭାରତ (iv) ନିଖିଳ କଟକ

୪. କେଉଁ କଥାକୁ ଛାଡ଼ି ବାବୁ ଚାକର ଆଉ ସବୁ ବିଷୟରେ ସମାନ ବୋଲି ଦନେଇ କହିଛି ?
(i) ଖାଇବା (ii) ପିନ୍ଧିବା
(iii) ଶୋଇବା (iv) ଦରମା

୫. ଚାକରମାନେ କେତେ ଘଣ୍ଟାରୁ ଅଧିକ କାମ କରିବେନି ବୋଲି ସଂଘରେ ଆଇନ ପାଶ୍ ହୋଇଥିଲା ?
(i) ଛଅ ଘଣ୍ଟା (ii) ସାତ ଘଣ୍ଟା
(iii) ଆଠ ଘଣ୍ଟା (iv) ଦଶ ଘଣ୍ଟା

୬. ରାତି କେତେଟା ପୂର୍ବରୁ ବୁଲାବୁଲି କରି ଥିଏଟର ସିନେମା ଦେଖି ଚାକରମାନେ ଘରକୁ ଫେରିବେ ବୋଲି ଦନେଇ କହିଛି ?
(i) ବାରଟା (ii) ଦଶଟା
(iii) ନଅଟା (iv) ଏଗାରଟା

୭. ଆଜିକାଲି ଚାକରଗୁଡ଼ାକ ବି କ'ଣ ହୋଇଗଲେଣି ବୋଲି ବ୍ରଜ ବିହାରୀ କହିଛନ୍ତି ?
(i) ଦଲାଲ୍ (ii) ଟାଉଟର୍
(iii) ଅମାନିଆ (iv) ଚାଲାଖ

୮. କେତେ ମାସ ପରେ ବ୍ରଜ ବିହାରୀ ଘରକୁ ଫେରିଥିଲେ ?
(i) ଦୁଇ ମାସ (ii) ତିନି ମାସ
(iii) ଚାରି ମାସ (iv) ପାଞ୍ଚ ମାସ

୯. ଆଜିକାଲି ନାରୀମାନେ କ'ଣ ହେଲେଣି ବୋଲି ବ୍ରଜବାବୁ କହିଛନ୍ତି ?
(i) ଦୁର୍ବଳ (ii) ପ୍ରବଳ
(iii) ଅମାନିଆ (iv) ଦୁଷ୍ଟା

୧୦. କିଏ ନାରୀ ସ୍ୱାଧୀନତାର ପ୍ରଧାନ ଶତ୍ରୁ ବୋଲି ବନମାଳା ଦେବୀ କହିଛନ୍ତି ?
(i) ନେତା (ii) ମନ୍ତ୍ରୀ
(iii) ପୁରୁଷ (iv) ସରକାର

୧୧. ବ୍ରଜ ବିହାରୀଙ୍କ ଅନୁପସ୍ଥିତିରେ ସାନଭାଇ ରାଜେନ୍ଦ୍ର କ'ଣ ହୋଇଯାଇଛି ବୋଲି ସେ କହିଲେ ?
(i) ଚତୁର (ii) ଫାଜିଲ
(iii) ଅଭଦ୍ର (iv) ଧୁରନ୍ଧର

୧୨. କେଉଁ ଡାକଟା ଗୋଟିଏ ଅବଜ୍ଞାସୂଚକ ସମ୍ବୋଧନ ବୋଲି କୁହାଯାଇଛି ?
(i) ଚାକର (ii) ହେ
(iii) ହଇହୋ (iv) ମାଷ୍ଟ୍ରେ

୧୩. ବୁଲୁକୁ ପଢ଼େଇବାକୁ ମାଷ୍ଟ୍ରେ କେତେବେଳେ ଆସିଥିଲେ ?
(i) ସାଢ଼େ ତିନିଟା (ii) ସାଢ଼େ ଚାରିଟା
(iii) ସାଢ଼େ ପାଞ୍ଚଟା (iv) ସାଢ଼େ ଛଅଟା

୧୪. ମାଷ୍ଟ୍ରେ ବୁଲୁକୁ କେତେ ମିନିଟ୍ ପଢ଼ାଇ ଥିଲେ ?
(i) ପଚାଶ ମିନିଟ୍ (ii) ଚାଳିଶ ମିନିଟ୍
(iii) ପଇଁଚାଳିଶ ମିନିଟ୍ (iv) ପଞ୍ଚାବନ ମିନିଟ୍

୧୫. ମାଷ୍ଟ୍ରେ ଓଳିକେ କେତେଟା କରି ଟିଉସନ କରୁଥିଲେ ?
(i) ଚାରିଟା (ii) ତିନିଟା
(iii) ପାଞ୍ଚଟା (iv) ଛଅଟା

୧୬. ବିନୋଦ ଅତ୍ୟାଚାରିତ ସ୍ୱାମୀସଂଘର କେଉଁ ପଦବୀରେ ଥିଲେ ?
(i) ଚେୟାରମ୍ୟାନ (ii) ସଭାପତି
(iii) ସମ୍ପାଦକ (iv) ଉପସଭାପତି

୧୭. ବିନୋଦ ବ୍ରଜ ବିହାରୀଙ୍କୁ କେତେଟଙ୍କା ଫିସ୍ ଦେବାକୁ ପଡ଼ିବ ବୋଲି କହିଲେ ?
(i) ଶହେଟଙ୍କା (ii) ଦୁଇଶହ ଟଙ୍କା
(iii) ତିନିଶହ ଟଙ୍କା (iv) ଚାରିଶହ ଟଙ୍କା

୧୮. ବନମାଳାଙ୍କର ବୟସ କେତେ ଥିଲା ?
(i) ଚାଳିଶ (ii) ତିରିଶ
(iii) ବତିଶ (iv) ଛତିଶ

୧୯. ବ୍ରଜ ବିହାରୀ କେତେବର୍ଷ ହେବ ବିବାହ କରିଥିଲେ ?
(i) ପନ୍ଦର (ii) ଦଅଶ
(iii) କୋଡ଼ିଏ (iv) ପଚିଶ

୨୦. ବ୍ରଜ ବିହାରୀଙ୍କ କେତୋଟି ପୁଅ ଥିଲେ ?
(i) ଗୋଟିଏ (ii) ଦୁଇଟି
(iii) ତିନୋଟି (iv) ଚାରୋଟି

୨୧. ବ୍ରଜ ବିହାରୀଙ୍କ ବଡ଼ପୁଅର ବୟସ କେତେ ଥିଲା ?
(i) ଛଅ (ii) ସାତ
(iii) ଆଠ (iv) ଦଶ

୨୨. ବ୍ରଜବିହାରୀ ହାରାହାରି କେତେଦିନ ଟୁର୍ କରନ୍ତି ?
(i) ଦଶ ଦିନ (ii) ପନ୍ଦର ଦିନ
(iii) କୋଡ଼ିଏ ଦିନ (iv) ପଚିଶି ଦିନ

୨୩. ବାକି ଦିନରେ ବ୍ରଜ ବିହାରୀ କେଉଁ କାମରେ ବ୍ୟସ୍ତ ରୁହନ୍ତି ?
(i) ଘର (ii) ବାହାର
(iii) ଅଫିସ୍ (iv) ସମାଜସେବା

୨୪. ଯେଉଁମାନେ ଚାକିରି ସର୍ବସ୍ୱ ସେମାନଙ୍କର କେଉଁମାନେ ସ୍ୱେଚ୍ଛାଚାରୀ ହେବାକୁ ବାଧ୍ୟ ହୁଅନ୍ତି ?
(i) ପିଲାମାନେ (ii) କୁଟୁମ୍ବମାନେ
(iii) ଭାଇମାନେ (iv) ସ୍ତ୍ରୀମାନେ

୨୫. ଅନାଦିଙ୍କ ସ୍ତ୍ରୀଙ୍କ ନାମ କ'ଣ ଥିଲା ?
(i) ମିନତି ଦେବୀ (ii) ସୁଷମା ଦେବୀ
(iii) ସେବତୀ ଦେବୀ (iv) ବିନତି ଦେବୀ

## ଭାଲୁ ଉପଦ୍ରବ

୨୬. ରେଡ଼ିଓରେ ଜରୁରୀ ଘୋଷଣା ଶୁଣିବାବେଳକୁ ସୁରେଶ କ'ଣ ଭାଙ୍ଗୁଥିଲା ?
(i) ପଥର (ii) ମୁଗୁର
(iii) ଇଟା (iv) ହାତୁଡ଼ି

୨୭. କାହା ହାତରେ ବଜାର ଥଳି ଥିଲା ?
(i) କୈଳାସ (ii) ନିଶାକର
(iii) ସୁରେଶ (iv) ଗୋପୀ

୨୮. କିଏ ହଠାତ୍ ଉତ୍କ୍ଷିପ୍ତ ହୋଇ ଜଙ୍ଗଲ ଭିତରୁ ପଳେଇ ଆସି ସହର ଭିତରେ ଢୁକି ପଡ଼ିଥିଲା ?
(i) ଗୋଟିଏ ବାଘ (ii) ଗୋଟିଏ ସିଂହ
(iii) ଗୋଟିଏ ଭାଲୁ (iv) ଗୋଟିଏ ବାରହା

୨୯. କିଏ ଯାଇ ରେଡ଼ିଓ ବନ୍ଦ କରି ଦେଇଛି ?
(i) ଦେବକାନ୍ତ (ii) ନିଶାକର
(iii) ଗୋପୀ (iv) ମନମୋହନ

୩୦. କୈଳାସର ସଂସ୍କୃତ ଶ୍ଳୋକ ଶୁଣି ତାହା କେଉଁ ଭାଷାର ବୋଲି ସୁରେଶ କହିଛି ?
(i) ଓଡ଼ିଆ (ii) ହିନ୍ଦୀ
(iii) ତେଲୁଗୁ (iv) ତାମିଲି

୩୧. କୌଣସି ଏକ ଭାଲୁ ବିଶ୍ୱାସଘାତକ ବନ୍ଧୁର କେଉଁଠି ସସେମିରା ଲେଖି ଦେଇଥିଲା ?
(i) କପାଳରେ (ii) ଜିଭରେ
(iii) ହାତରେ (iv) ଛାତିରେ

୩୨. ଭାଲୁ ଆଦୌ କ'ଣ ସହିପାରେ ନାହିଁ ?
(i) ବନ୍ଧୁତା (ii) ମାନବିକତା
(iii) ବିଶ୍ୱାସଘାତକତା (iv) ଶଠତା

୩୩. ନିଶାକର ବାବୁଙ୍କୁ କିଏ ବିଶ୍ୱାସ ଘାତକ ବୋଲି କହିଛି ?
(i) କୈଳାସ (ii) ସୁରେଶ
(iii) ମନମୋହନ (iv) ଦେବକାନ୍ତ

୩୪. କଳା କମ୍ବଳଟା କିଏ ଘୋଡ଼ି ହୋଇ ଶୋଇଥିଲା ?
(i) ସୁରେଶ (ii) ଦେବକାନ୍ତ
(iii) ଗୋପୀ (iv) ମନମୋହନ

୩୫. ଭାଲୁର କାହା ପ୍ରତି ଆଲର୍ଜି ବୋଲି ମନମୋହନ କହିଛନ୍ତି ?
(i) ଅନ୍ଧାର (ii) ଆଲୁଅ
(iii) ଦ୍ୱିପ୍ରହର (iv) ସକାଳ

୩୬. ଭାଲୁର ବିଶ୍ୱାସ ପ୍ରତି କ'ଣ ରଖାଯାଉ ବୋଲି ଗୋପୀକୁ ନିଶାକର ବାବୁ କହିଲେ ?
(i) ନଜର (ii) ଆସ୍ଥା
(iii) ଭରସା (iv) ଖାତିର୍

୩୭. କ'ଣ ଏମିତି କେତେ ଜୀବନରେ ଆସିବ ବୋଲି ନିଶାକର ବାବୁ କହିଛନ୍ତି ?
(i) ଦୁଃଖ (ii) ଶୋକ
(iii) ଭୟ (iv) ବନ୍ଦ

୩୮. ଭାଲୁ ବିଷୟରେ କ'ଣ ମିଳିଗଲା ବୋଲି ଦେବକାନ୍ତ କହିଛନ୍ତି ?
(i) ତଥ୍ୟ (ii) ଖବର
(iii) ସୂଚନା (iv) ରଚନା

୩୯. ଦରକାର ପଡ଼ିଲେ କିଏ ଭାଲୁଠୁ ଆହୁରି ହିଂସ୍ର ହୋଇପାରେ ?
(i) ସିଂହ (ii) ବାଘ
(iii) ଗୟଳ (iv) ମଣିଷ

୪୦. ଗୋପୀକୁ କିଏ ପିଟିଲା ବୋଲି ସେ କହିଲା ?
(i) ଭୂତ (ii) ଭାଲୁ
(iii) ପୋଲିସ୍ (iv) କିଏ ଜଣେ

୪୧. ପିମ୍ପୁଡ଼ିଟାଏ ବି ଆପଣଙ୍କୁ ଡରେଇ ଦେଉଛି ବୋଲି ମନମୋହନ କାହାକୁ କହିଛନ୍ତି ?
(i) ନିଶାକର (ii) ସୁରେଶ
(iii) ଦେବକାନ୍ତ (iv) କୈଳାସ

୪୨. ଗୋପୀ ସୁରେଶଙ୍କୁ କ'ଣଟା ଆଣିଦେବ ବୋଲି ପଚାରିଛ ?
(i) ବାଡ଼ିଟା (ii) ବାଉଁଶଟା
(iii) ଲୁହାରଡ୍‌ଟା (iv) ଠେଙ୍ଗାଟା

୪୩. କୈଳାସ କ'ଣ ବଜେଇ ବଜେଇ ଭିତରକୁ ଆସିଥିଲା ?
(i) ବଂଶୀ (ii) କେନ୍ଦରା
(iii) ଖଞ୍ଜଣୀ (iv) ମୃଦଙ୍ଗ

୪୪. କୈଳାସ କ'ଣ ହୋଇଗଲା ବୋଲି ସୁରେଶ କହିଛନ୍ତି ?
(i) କଳାକାର (ii) ଯୋଗୀ
(iii) ପାଗଳ (iv) ପଣ୍ଡିତ

୪୫. କୈଳାସ ବାବୁ କେଉଁ ଭକ୍ତ ହୋଇଗଲେ ବୋଲି ନିଶାକର କହିଛନ୍ତି ?
(i) ଶିବ ଭକ୍ତ (ii) ବିଷ୍ଣୁ ଭକ୍ତ
(iii) ହରି ଭକ୍ତ (iv) ରାମ ଭକ୍ତ

୪୬. ଏ ଭାଲୁର ପୂର୍ବପୁରୁଷ କିଏ ବୋଲି କୈଳାସ କହିଛି ?
(i) ହନୁମାନ (ii) ଜାମ୍ବବାନ
(iii) ସୁଗ୍ରୀବ (iv) ଅଙ୍ଗଦ

୪୭. ଭାଲୁକୁ ମାରିଲେ ଏହା କେଉଁଭଳି ଏକ ଇସ୍ୟୁ ହୋଇଯିବ ବୋଲି କୁହାଯାଇଛି ?
(i) ଅଯୋଧ୍ୟା (ii) ଲଙ୍କା
(iii) କିଷ୍କିନ୍ଧ୍ୟା (iv) ମଥୁରା

୪୮. ନିଶାକର ବାବୁଙ୍କ ଜିମାରେ କିଏ ଗୋପୀକୁ ଛାଡ଼ି ଦେଇଯାଇଥିଲା ?
(i) ବୁଢ଼ା ବାପା (ii) ବୁଢ଼ୀ ମା'
(iii) ଭାଇ (iv) ମା'

୪୯. ସମସ୍ତେ ମିଶି କାହା ମୁହଁକୁ ଠେଲି ଦେଉଛନ୍ତି ବୋଲି ଗୋପୀ କହିଲା ?
(i) ବିପଦ (ii) ମରଣ
(iii) ହାଣ (iv) ଭାଲୁ

୫୦. କିଏ ଦୟାକରି ଗୋପୀକୁ ଛାଡ଼ିଦେଲା ବୋଲି ଗୋପୀ କହିଛି ?
(i) ଦୁଃଖ (ii) ଭାଲୁ
(iii) ବିପଦ (iv) ମରଣ

## ସୀମିତ ସମ୍ପର୍କ

୫୧. ସୀମିତ ସମ୍ପର୍କ ନାଟକଟିର ପ୍ରଥମ ଚରିତ୍ର କିଏ ?
(i) ମାନମୟୀ ଦେବୀ (ii) କୃପାମୟୀ ଦେବୀ
(iii) ପ୍ରେମମୟୀ ଦେବୀ (iv) ସ୍ନେହମୟୀ ଦେବୀ

୫୨. ସ୍ନେହମୟୀ ଦେବୀଙ୍କ ବୟସ କେତେଥିଲା ?
(i) ପାଇଁଚାଳିଶ (ii) ପଞ୍ଚାବନ
(iii) ପଚାଶ (iv) ଷାଠିଏ

୫୩. କରୁଣାଙ୍କ ପୁଅର ବୟସ କେତେ ?
(i) ଚାରିବର୍ଷ (ii) ପାଞ୍ଚବର୍ଷ
(iii) ତିନିବର୍ଷ (iv) ଦୁଇବର୍ଷ

୫୪. କରୁଣା କେଉଁ ଚାକିରୀ କରିଥିଲେ ?
(i) କିରାଣୀ (ii) ଶିକ୍ଷୟିତ୍ରୀ
(iii) ନର୍ସ (iv) ପିଅନ

୫୫. ସ୍ନେହମୟୀ ଦେବୀଙ୍କ ସ୍ୱାମୀ କି ଚାକିରୀ କରିଥିଲେ ?
(i) ଶିକ୍ଷକ (ii) ପିଅନ
(iii) ମାଷ୍ଟର (iv) କିରାଣୀ

୫୬. ସମସ୍ତଙ୍କର ଗୋଟାଏ କ'ଣ କରିବାର ସୀମାଥାଏ ବୋଲି କୁହାଯାଇଛି ?

(i) କହିବାର (ii) ସହ୍ୟ କରିବାର
(iii) ଭୋଗ କରିବାର (iv) ଅନୁଭବ କରିବାର

୫୭. ଛାତିରେ କ'ଣ ପଡ଼ିଲେ ସହିବାକୁ ହୁଏ ବୋଲି କୁହାଯାଇଛି ?

(i) ପତର (ii) ମାଙ୍କଡ଼ା
(iii) ଇଟା (iv) ପଥର

୫୮. 'ନାଟର ଗୋବର୍ଦ୍ଧନ' କେତେ ନମ୍ବର ଚରିତ୍ର ?

(i) ଏକ (ii) ଦୁଇ
(iii) ତିନି (iv) ଚାରି

୫୯. ନାଟର ଗୋବର୍ଦ୍ଧନ ଚରିତ୍ରର ପ୍ରକୃତ ନାମ କ'ଣ ?

(i) ଗୋବର୍ଦ୍ଧନ (ii) ଗନ୍ଧର୍ବ
(iii) ମୁକୁନ୍ଦ (iv) ଯୋଗୀନ୍ଦ୍ର

୬୦. କାହା ପାଇଁ ଏ ଘରେ ସେ ଅଛନ୍ତି ବୋଲି କରୁଣା କହିଛି ?

(i) ସ୍ୱାମୀଙ୍କ ପାଇଁ (ii) ଶାଶୁଙ୍କ ପାଇଁ
(iii) ପୁଅ ପାଇଁ (iv) ସାଙ୍ଗ ପାଇଁ

୬୧. ମରି ମରି ଖଟିକି ଆସିବା ବେଳକୁ ଏମିତିଆ କି କଥା କହି ସହାନୁଭୂତି ଜଣାଉଛ ବୋଲି ବୋହୂ କହିଛି ?

(i) ଅସଭ୍ୟ କଥା (ii) କଟୁ କଥା
(iii) ଆବର୍ଜନିଆ କଥା (iv) ଅପରିଷ୍କାର କଥା

୬୨ ଘରର ବାସିକାମ ନ ସରୁଣୁ କ'ଣ ଆରମ୍ଭ ହୋଇଯାଏ ବୋଲି କୁହାଯାଇଛି ?

(i) ସ୍ଲୋଗାନ (ii) ପାଟିତୁଣ୍ଡ
(iii) ହୋହଲ୍ଲା (iv) ଗଣ୍ଡଗୋଳ

୬୩. ତାଙ୍କର କ'ଣ ଏକା ମାଡ଼ିବସୁଚି ବୋଲି ମା' କହିଛି ?

(i) ବଳ (ii) ବୟସ
(iii) ବଳବୟସ (iv) ଶକତି

୬୪. କ'ଣ ହୋଇଯିବାକୁ ଆଉ ବେଶିବେଳ ଲାଗିବନି ବୋଲି ପୁଅ କହିଛି ?

(i) ବାଇଆ (ii) ପାଗଳ
(iii) ଖରାପ (iv) ରୋଗୀ

୬୫. ବାହାରୁ ଦେଖିବାକୁ ପରିବାରଟି ଛୋଟ ହେଲେ ବି ଭିତରଟା କ'ଣ ବୋଲି କୁହାଯାଇଛି ?

(i) ଅଯୋଧ୍ୟା (ii) ଲଙ୍କା
(iii) ମଥୁରା (iv) ଦ୍ୱାରିକା

୬୬. କେଉଁ ଯୁଗରେ ଚାକରଟାଏ ପୁଣି କ'ଣ ବୋଲି ଶାଶୁ କହିଛି ?

(i) ଅଭାବୀ ଯୁଗ (ii) ମହରଗ ଯୁଗ
(iii) ଦରଦାମ ଯୁଗ (iv) ଲେଖାପଢ଼ା ଯୁଗ

୬୭. ନିଜକୁ ଗୋଟାଏ ଚାକରାଣୀ ବୋଲି କିଏ କହିଛି ?

(i) ଶାଶୁ (ii) ବୋହୂ
(iii) ସ୍କୁଲର ଦାସୀ (iv) ମୂଲିଆଣୀ

୬୮. କାହା ଘରେ ପିଲାଟାକୁ ରୋଜ୍ ଛାଡ଼ି ଯାଉଛି ବୋଲି ବୋହୂ କହିଛି ?

(i) ଚାକରାଣୀ (ii) ପାଖ ପଡ଼ୋଶୀ
(iii) ସ୍କୁଲର ଦାସୀ (iv) ସାଙ୍ଗ ଘରେ

୬୯. କାହା ପାଇଁ ବୋହୂଟି ବଞ୍ଚିବାକୁ ଚାହେଁ ବୋଲି କହିଛି ?

(i) ମୁନା (ii) କୁନା
(iii) ଟୁନା (iv) ସୁନା

୭୦. ନାଟକଟିର ଉପସଂହାରକୁ କ'ଣ କୁହାଯାଇଛି ?

(i) କନ୍‌କ୍ଲୁଜନ (ii) ସସ୍‌ପେନସ୍
(iii) କାଟାଷ୍ଟ୍ରୋଫି (iv) ପ୍ରିଲ୍ୟୁଡ

୭୧. ନିଜଆଡ଼ୁ ନରମି ଗଲେ କ'ଣଟା ଅଶୁଦ୍ଧି ହୋଇଯାନ୍ତା ବୋଲି ସ୍ୱାମୀ କହିଛି ?

(i) ପୁରାଣ (ii) ରାମାୟଣ
(iii) ବେଦ (iv) ମହାଭାରତ

୭୨. ସ୍ୱାମୀ ମୁହଁରୁ ଭୁଲ୍‌ରେ ସୁଦ୍ଧା ତା'ପାଇଁ କେଉଁ କଥା ପଦେ ବାହାରିଲାନି ବୋଲି ସ୍ତ୍ରୀ କହିଛି ?

(i) ସତକଥା (ii) ମିଠାକଥା
(iii) ଭଲକଥା (iv) ହକ୍‌କଥା

୭୩. ତାଙ୍କ ସମ୍ପର୍କଟା ଖାଲି ଗୋଟାଏ କ'ଣ ବୋଲି ସ୍ତ୍ରୀ ଜାଣିଥିବାର କହିଛି ?

(i) ବାହାର ଦେଖାଣିଆ (ii) ମିଛମିଛିକା
(iii) ବାହାନା (iv) ଛଳନା

୭୪. ସ୍ତ୍ରୀ ତା ସ୍ୱାମୀକୁ କେଉଁ ଲୋକ ବୋଲି କହିଛି ?

(i) ଗର୍ବୀ (ii) ଅହଂକାରୀ
(iii) ଜିଦ୍‌ଖୋର (iv) କ୍ରୋଧୀ

୭୫ ସ୍ତ୍ରୀ କାହାଭଳି ମୂକ ହୋଇଥିବ ବୋଲି କୁହାଯାଇଛି ?

(i) ମେଣ୍ଢା ଭଳି (ii) ଗାଈ ଭଳି
(iii) ଗଧ ଭଳି (iv) ଓଟ ଭଳି

## (୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

### ଅତ୍ୟାଚାରିତ

୧. କେଉଁ କଥା କହିପାରିବନି ବୋଲି ଦନେଇ ବ୍ରଜ ବିହାରୀଙ୍କୁ କହିଛି ?

୨. କେଉଁ ସଂଘରେ ତାଙ୍କ ପାଇଁ ଆଇନ୍ ପାଶ୍ ହୋଇଛି ବୋଲି ଦନେଇ କହିଥିଲା ?

୩. ଜନାର୍ଦ୍ଦନ କେଉଁ ସଂଘର ସେକ୍ରେଟାରୀ ଥିଲେ ?

୪. ଆଜିକାଲି କୌଣସି ପୁରୁଷ ନିରୁଦ୍ଦିଷ୍ଟ ହେବାର ଅର୍ଥ କ'ଣ ହୋଇପାରେ ?

୫. ଛାତ୍ର ସଂଘର ନୂଆ ଆଇନ ଅନୁଯାୟୀ କୌଣସି ଗାଡ଼ିଆନ୍ ଛାତ୍ରର କେଉଁ କଥା ଉପରେ ହସ୍ତକ୍ଷେପ କରିପାରିବେ ନାହିଁ ?

୬. ଅଧ୍ୟାପକ ଓ ଶିକ୍ଷକମାନେ କ'ଣ କରିପାରିବେନି ବୋଲି କୁହାଯାଇଛି ?

୭. ପରୀକ୍ଷାରେ ସବୁ ସବଜେକ୍ଟରେ ବାସ୍ତବିକ ଫେଲ ହେଲେ ମଧ୍ୟ ସେମାନଙ୍କୁ କ'ଣ କରାଯିବ ବୋଲି କୁହାଯାଇଛି ?

୮. ମାଷ୍ଟରକୁଳ ଭାସିଯିବେ ବୋଲି କାହିଁକି କୁହାଯାଇଛି ?

୯. ବ୍ରଜ ବିହାରୀଙ୍କର ଦୁଇ ପୁଅଙ୍କ ନାମ କ'ଣ ?

୧୦. ବ୍ରଜ ବିହାରୀ ବାବୁ କେତେବର୍ଷ ହେଲା ବିବାହ କରିଥିଲେ ବୋଲି କହିଛନ୍ତି ?

୧୧. ବନମାଳା କଲେଜରେ କେଉଁ ଶ୍ରେଣୀରେ ଦୁଇଥର ଫେଲ୍ ହୋଇଥିଲେ ?

୧୨. ବ୍ରଜ ବିହାରୀ ତାଙ୍କ ସ୍ତ୍ରୀଙ୍କୁ କାହିଁକି ସିନେମା ଥିଏଟର ଦେଖାଇ ନେଇପାରନ୍ତିନି ?

୧୩. କେଉଁ ଆହତ ସୈନ୍ୟମାନଙ୍କ ପାଇଁ ବନମାଳା ସ୍ୱେଟର, ମଫଲର ବୁଣୁଥିଲେ ?

୧୪. ବ୍ରଜ ବିହାରୀଙ୍କର କେଉଁମାନଙ୍କ ବିଷୟରେ ଧାରଣା ନାହିଁ ବୋଲି କୁହାଯାଇଛି ?

୧୫. ତାଙ୍କୁ କ'ଣ କରିବାକୁ ଚେଷ୍ଟା କରନ୍ତୁ ବୋଲି ବ୍ରଜବିହାରୀ ଶିବରାମଙ୍କୁ କହିଛନ୍ତି ?

୧୬. ବ୍ରଜ ବିହାରୀଙ୍କ ପରି ଅନାଦି ବି କ'ଣ ଥିଲେ ?

୧୭. ଅନାଦି ବାବୁଙ୍କ ଆଦର ସମାଜରେ କେଉଁ ଭାବରେ ବଢୁଥିଲା ?

୧୮. ଅନାଦି ବାବୁଙ୍କ କେସ୍‌ଟା ବଡ଼ ସାଂଘାତିକ ବୋଲି କାହିଁକି କୁହାଯାଇଛି ?

୧୯. ସ୍ତ୍ରୀଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଅନାଦି ବାବୁ କାହାର ସାହାଯ୍ୟ ନେଇଥିଲେ ?

୨୦. କେଉଁ ବିଷୟରେ ସନ୍ଦେହ ରହିବା ଉଚିତ ନୁହେଁ ବୋଲି ବିନୋଦ ବାବୁ ବ୍ରଜ ବିହାରୀଙ୍କୁ କହିଥିଲେ ?

### ଭାଲୁ ଉପଦ୍ରବ

୨୧. ରେଡ଼ିଓରେ ଜରୁରୀ ଘୋଷଣା ଶୁଣି କୈଳାସର ଅବସ୍ଥା କ'ଣ ହୋଇଛି ?

୨୨. ସହର ଭିତରକୁ ଭାଲୁଟିଏ ପଶି ଆସିଥିବାର ଶୁଣି ସୁରେଶର ଅବସ୍ଥା କ'ଣ ହୋଇଛି ?

୨୩. ଭାଲୁ କେଉଁ ବାଟ ଦେଇ ବାଥ୍‌ରୁମ୍‌କୁ ପଶି ଆସିଥିଲା ବୋଲି ଦେବକାନ୍ତ ଅନୁମାନ କରିଛି ?

୨୪. ଭାଲୁ ବେଡ୍‌ରୁମ୍‌ରେ ଢୁକିଥିଲେ କ'ଣ ହୋଇଥା'ନ୍ତା ?

୨୫. ଭାଲୁ କେଉଁଠିଥିଲେ ବାହାରିବାର ଉପାୟ ନାହିଁ ବୋଲି ମନମୋହନ କହିଛି ?

୨୬. ନିଶାକର ବାବୁ ଗୋପୀକୁ ଠେଲି ଦେଇ କ'ଣ କହିଥିଲେ ?

୨୭. ମନମୋହନ ଭାଲୁକୁ ଶୋଇଥିବାର ଦେଖିବା ବେଳେ ଭାଲୁ କେଉଁ ଅବସ୍ଥାରେ ଥିଲା ବୋଲି ନିଶାରେ କହିଲେ ?

୨୮. ମନମୋହନ ଓ ନିଶାକର ଭାଲୁ ସମ୍ପର୍କରେ କଥା ହେଲାବେଳେ ସୁରେଶ ହାତରେ କ'ଣ ସବୁ ଧରି ଆସିଥିଲେ ?

୨୯. କେଉଁ କଥା ପ୍ରମାଣ ମାଗିଲେ ଦବା କଷ୍ଟକର ବୋଲି ନିଶାକର କହିଛି ?

୩୦. ଆଲୁଅ ନ ଜାଳିବାକୁ ନିଶାକର କାହିଁକି କହିଛି ?

୩୧. ଭାଲୁ ବିଷୟରେ କାହାକୁ ଖବର ଦେବେ ବୋଲି ମନମୋହନ କହିଛି ?

୩୨. ସ୍କାର୍ଡଫ୍ୱାର୍ଡ କଥା ରଖି କ'ଣ ଦରକାର ବୋଲି ମନମୋହନ କହିଛି ?

୩୩. ଭାଲୁଟାର କେଉଁ ଜ୍ଞାନ ନାହିଁ ବୋଲି ନିଶାକର କହିଛି ?

୩୪. ମହାତ୍ମାଗାନ୍ଧୀ ମଣିଷମାନଙ୍କ ଉଦ୍ଦେଶ୍ୟରେ କ'ଣ କହିଛନ୍ତି ବୋଲି କୁହାଯାଇଛି ?

୩୫. ଓଡ଼ିଆ ସାହିତ୍ୟରେ ସର୍ପଜଣାଣ ଥିଲା ଏବଂ କେଉଁ ଜଣାଣ ନ ଥିଲା ବୋଲି କୁହାଯାଇଛି ?

୩୬. ଯଦି ସମସ୍ତେ ମିଶି ଭାଲୁକୁ ଆକ୍ରମଣ କରନ୍ତି, ତେବେ ଭାଲୁ କ'ଣ କରିବ ?

୩୭. କୈଳାସ କବାଟ ଜଞ୍ଜିର ଖୋଲିବାକୁ କାହିଁକି ନାହିଁକଲା ?

୩୮. ଗୋପୀ ନ ଗଲେ କିଏ କବାଟ ଖୋଲିବାକୁ ଯିବ ବୋଲି କୁହାଗଲା ?

୩୯. ସମସ୍ତେ ମିଶି ତାକୁ କ'ଣ କରୁଛନ୍ତି ବୋଲି ଗୋପୀ କହିଲା ?

୪୦. ଗୋପୀର ବୁଢ଼ୀ ମା' କ'ଣ ଜାଣିନଥିଲା ବୋଲି ସେ କହିଲା ?

## ସୀମିତ ସମ୍ପର୍କ

୪୧. "ଏଡ଼େ ବହପ ତୋର" ଏହା କିଏ କାହାକୁ କହିଛି ?

୪୨. 'ଭାରି ଭୋକ' ବୋଲି ନାତି କହିବାରୁ କାହାକୁ ଖାଇଦେ ବୋଲି ତା' ମା' କହିଛି ?

୪୩. ବୋହୂ ତା'ର କ'ଣ ପୋଡ଼ି ଯାଉଚି ବୋଲି କହିଛି ?

୪୪. କାହାକୁ ବି ଟିକିଏ ଜଗୁନୁ ବୋଲି ଶାଶୁ ବୋହୂକୁ କହିଛି ?

୪୫. ବୋହୂର କାହା ମୁହଁକୁ ଲାଜନାହିଁ ବୋଲି ଶାଶୁ କହିଛି ?

୪୬. ପାହାନ୍ତା ପହରୁ ରାତି ଅଧରେ ଶୋଇଲା ଯାଏଁ କିଏ ହାଡ଼ଭାଙ୍ଗି ଖଟୁଚି ବୋଲି କହିଛି ?

୪୭. କେଉଁ କଥା ମିଛ ବୋଲି ସ୍ୱାମୀ କହିଛି ?

୪୮. 'ସବୁ କଥାକୁ କିଭଳି ବୁଝିବା ତମର ଗୋଟିଏ ଅଭ୍ୟାସ' ବୋଲି ସ୍ୱାମୀ ତା' ସ୍ତ୍ରୀକୁ କହିଛି ?

୪୯. ମା' ତା' ପୁଅକୁ କେଉଁ କଥା ପଚାରିଛି ?

୫୦. ମା' ତା' କଥାଗୁଡ଼ାକ କିପରି ଲାଗୁଛି ବୋଲି ମା' ପୁଅକୁ କହିଛି ?

୫୧. ପୁଅକୁ ମା' ତାକୁ କେଉଁଠି ନେଇ ଛାଡ଼ିଦେବାକୁ କହିଛି ?

୫୨. କେଉଁ କଥା ଶେଷ ହେବାକୁ ନାହିଁ ବୋଲି ପୁଅ ତା' ମା'କୁ କହିଛି ?

୫୩. କେଉଁ କଥା ନିଜେଇ ଠିକ୍ ବୁଝିପାରୁନି ବୋଲି ପୁଅ କହିଛି ?

୫୪. କ'ଣ ଯାଇ ଦେଖିବାକୁ ପୁଅ ମା'କୁ କହିଛି ?

୫୫. କେଉଁ କଥା ହେଲେ ବସି ମଜା ପାଉଥିବ ବୋଲି ପୁଅ କହିଛି ?

୫୬. କ'ଣ ମାଟି ହୋଇଗଲା ବୋଲି ବୋହୂ କହିଛି ?

୫୭. ପୂର୍ବଜନ୍ମରେ ବୋହୂ କ'ଣ ହୋଇ ଜନ୍ମ ହୋଇଥିଲା ବୋଲି ଶାଶୁ କହିଛି ?

୫୮. କେଉଁ କଥା ଶୁଣିବାକୁ ଚାହାନ୍ତିନି ବୋଲି ସ୍ୱାମୀ ସ୍ତ୍ରୀଙ୍କୁ କହିଛନ୍ତି ?

୫୯. ଏ ବୟସରେ କାହାକୁ ବଦଳାଇବା ସମ୍ଭବ ନୁହେଁ ବୋଲି ସ୍ୱାମୀ କହିଛି ?

୬୦. କେଉଁ କଥା ଆପେ ଆପେ ଫୁଟି ବାହାରି ପଡ଼ିବ ବୋଲି କୁହାଯାଇଛି ?

**(୩) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।**

## ଅତ୍ୟାଚାରିତ

୧. ବ୍ରଜ ବିହାରୀଙ୍କ ବୟସ କେତେ ଥିଲା ଓ ଦେଖିବାକୁ କିପରି ଥିଲେ ?

୨. ଦରଖାସ୍ତ ପାଇ ଦନେଇ କ'ଣ କହିଥିଲା ?

୩. ଗୃହଲକ୍ଷ୍ମୀଙ୍କ ଦ୍ୱାରା ଗଢ଼ା ସଂଘଟିର ପ୍ରଧାନ ଲକ୍ଷ୍ୟ କ'ଣ ଥିଲା ?

୪. କେଉଁଥିରେ ବଡ଼ଭାଇ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ରାଜେନ୍ଦ୍ର କହିଛି ?

୫. ବୁଲୁକୁ ପଢ଼ାଇବାକୁ ମାଷ୍ଟ୍ରେ କେତେବେଳେ ଆସିଥିଲେ ଓ କେତେବେଳ ଯାଇଥିଲେ ?

୬. ବ୍ରଜ ବିହାରୀଙ୍କ କେଉଁ କଥା ମନେପଡୁନି ବୋଲି ସେ ସାଇକିଆଟ୍ରିଷ୍ଟଙ୍କୁ କହିଥିଲେ ?

୭. 'ପାରିବାରିକ ଥଇଥାନ ସମିତି'ରେ କେଉଁମାନେ କାର୍ଯ୍ୟ କରୁଥିବାର ଶିବରାମ କହିଛନ୍ତି ?

୮. ଅନାଦିଙ୍କ ଉପରେ ତାଙ୍କ ସ୍ତ୍ରୀ କାହିଁକି ଅତ୍ୟାଚାର ଆରମ୍ଭ କରିଦେଇ ଥିଲେ ?

୯. "ଆପଣ ତାଙ୍କୁ ଚିହ୍ନନ୍ତି" ? ବିନୋଦ ବାବୁଙ୍କ ଏ ପ୍ରଶ୍ନର ଉତ୍ତରରେ ବନମାଳା ଦେବୀ କ'ଣ କହିଥିଲେ ?

୧୦. ବିନୋଦ ଓ ଅନାଦି କାହିଁକି ବିସ୍ମିତ ହୋଇଥିଲେ ?

## ଭାଲୁ ଉପଦ୍ରବ

୧୧. କେଉଁ କଥା ମନମୋହନ ଜାଣି ପାରିବନି ବୋଲି ଗୋପୀ ମନମୋହନକୁ କହିଛି ?

୧୨. ସୁରେଶର ସେଦିନ କ'ଣ କାମ ଥିଲା ବୋଲି ସେ କହିଛି ?

୧୩. ସରକାର ସମସ୍ତଙ୍କୁ କେଉଁ ବିଷୟରେ ଜଣାଇବାକୁ ଅନୁରୋଧ କରିଥିଲେ ?

୧୪. ଭାଲୁ କେଉଁ ଦଣ୍ଡଦେବ ବୋଲି ସୁରେଶକୁ ଜଣାନଥିଲା ?

୧୫. କୈଳାସ ଘର ଭିତରେ ବସି ବସି କ'ଣ କରିଛି ?

୧୬. କୈଳାସ ତା' ମନଟାକୁ କିପରି ବୁଝେଇ ସାରିଛି ବୋଲି କହିଛି ?

୧୭. ଗୋପୀ କବାଟର ଜଞ୍ଜିରଟା ଖୋଲିଦେବା ପ୍ରସ୍ତାବ ଶୁଣି କୈଳାସ କ'ଣ କହିଛି ?

୧୮. ରାତି ସାରା ଭାଲୁ କ'ଣ କଲା ବୋଲି ଗୋପୀ କହିଛି ?

୧୯. ପଛପଟ ଦରଜାଟା ଖୋଲିଦେବାକୁ ଗୋପୀ କାହିଁକି ନାହିଁ କରିଥିଲା ?

୨୦. ଗୋପୀ ତା' ଘରକୁ ଚାଲିଯିବା ବେଳେ ଭାଲୁ ଏବଂ ଅନ୍ୟ ସମସ୍ତଙ୍କ ମଧ୍ୟରେ କ'ଣ ପ୍ରଭେଦ ଥିବାର କହିଥିଲା ?

## ସୀମିତ ସମ୍ପର୍କ

୨୧. ସ୍ନେହମୟୀ ଦେବୀଙ୍କ ସମ୍ପର୍କରେ କ'ଣ କୁହାଯାଇଛି ?

୨୨. ସ୍କୁଲ୍ କଥା ସମ୍ପର୍କରେ କରୁଣା କ'ଣ କହିଛି ?

୨୩. ସେ ଘରକୁ କେମିତି ବୋହୂ ହୋଇ ଆସିଥିଲା ବୋଲି ବୋହୂ କହିଛି ?

୨୪. "ଯାହା ମୁଁ ଦେଖୁଚି" – କ'ଣ ଦେଖୁଛନ୍ତି ବୋଲି ସ୍ୱାମୀ କହିଛନ୍ତି ?

୨୫. କ'ଣ ଚାହିଁବେନି ଓ କ'ଣ କରିବେ ବୋଲି ସ୍ତ୍ରୀ ସ୍ୱାମୀଙ୍କୁ କହିଛନ୍ତି ?

୨୬. ପୁଅ କ'ଣ ଦେଖୁଚି ବୋଲି ମା'କୁ କହିଛି ?

୨୭. ବୋହୂ ନିଜେ ତା ଭାଇ ସମ୍ପର୍କରେ କ'ଣ କହିଛି ?

୨୮. ବୋହୂର ବାପା-ଭାଇ ସମ୍ପର୍କରେ ଶାଶୁ କ'ଣ କହିଛି ?

୨୯. ପୁଅ କୁନା ବିଷୟରେ ସେ କାହିଁକି ଚିନ୍ତିତ ବୋଲି ସ୍ତ୍ରୀ ସ୍ୱାମୀଙ୍କୁ କହିଛି ?

୩୦. ସ୍ତ୍ରୀ ପ୍ରକୃତରେ କ'ଣ କହିବାକୁ ଚାହାନ୍ତି ବୋଲି ସ୍ୱାମୀ କହିଛନ୍ତି ?

**(୪) ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର, ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

## ଅତ୍ୟାଚାରିତ

୧. ବ୍ରଜ ବିହାରୀ ବାବୁ ବୈଠକଖାନାର ପ୍ରବେଶ କଲା ପରେ କ'ଣ କରିଥିଲେ ?

୨. ବ୍ରଜ ବିହାରୀ ଦେଇଥିବା ଦରଖାସ୍ତଟିର ବିଷୟବସ୍ତୁ କ'ଣ ଥିଲା ?

୩. କିଏ ଉପଯୁକ୍ତ ଗୃହିଣୀ ତିଆରି କରିପାରିବ ବୋଲି ବ୍ରଜ ବିହାରୀ କହିଛନ୍ତି ?

୪. 'ପାରିବାରିକ ଥଇଥାନ ସମିତି' କାହାକୁ ସାହାଯ୍ୟ କରିଥାଏ ?

୫. ସ୍ତ୍ରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅନାଦି କ'ଣ କରିଥିଲେ ?

## ଭାଲୁ ଉପଦ୍ରବ

୬. ଭାଲୁ ସହ ସଂସ୍କୃତିର ସମ୍ପର୍କ ବିଷୟରେ କୈଳାସ କ'ଣ କହିଛି ?

୭. ଭାଲୁକୁ ସମନ ସଦନକୁ ପଠାଇବା କାହିଁକି ସମ୍ଭବ ହେଲାନି ବୋଲି ସୁରେଶ କହିଛି ?

୮. ଟି.ଭି.ର ଦର୍ଶକମାନଙ୍କୁ କ'ଣ ଜଣାଇ ଦେଉଛୁ ବୋଲି କିଏ କାହିଁକି କହିଛି ?

୯. ଗୋପୀ ଦରଜା ଖୋଲିବାକୁ ନାହିଁ କରିବାରୁ ଅନ୍ୟମାନଙ୍କର ପ୍ରତିକ୍ରିୟା କ'ଣ ଥିଲା ?

୧୦. 'ସସେମିରା' ଗପ ମନେ ପକାଇ ଗୋପୀ ଗଲାବେଳେ ବାବୁମାନଙ୍କୁ କ'ଣ କହିଯାଇଥିଲା ?

## ସୀମିତ ସମ୍ପର୍କ

୧୧. କେଉଁ ଯୋଗ୍ୟତା ତାଙ୍କର ହେଇନି ବୋଲି ସ୍ତ୍ରୀ ସ୍ୱାମୀଙ୍କୁ କହିଥିଲା ?

୧୨. ଘରର ବାସିକାମ ନ ସରୁଣୁ କ'ଣ ଆରମ୍ଭ ହୋଇଯାଏ ବୋଲି କୁହାଯାଇଛି ?

୧୩. ବୋହୂଟି କୋହଭରା କଣ୍ଠରେ ତା' ଶାଶୁକୁ କ'ଣ କହିଛି ?

୧୪. କେମିତି ଏକାଥରକେ ସବୁ ସମସ୍ୟାର ସମାଧାନ ହୋଇଯାନ୍ତା ବୋଲି ସ୍ତ୍ରୀ ସ୍ୱାମୀଙ୍କୁ କହିଛନ୍ତି ?

୧୫. ଯଦି ଭବିଷ୍ୟତରେ ତା' ପୁଅବୋହୂ ତାଙ୍କୁ ଅବହେଳା କରନ୍ତି – ତେବେ କରୁଣା କ'ଣ କରିବେ ବୋଲି ସ୍ୱାମୀଙ୍କୁ କହିଛନ୍ତି ?

**(୫) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରଶ୍ନର ମୂଲ୍ୟ ୫ ନମ୍ବର। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ।**

## ଅତ୍ୟାଚାରିତ

୧. ଏକ ସାର୍ଥକ ସାମାଜିକ ଏକାଙ୍କିକା ଭାବେ 'ଅତ୍ୟାଚାରିତ' ଏକାଙ୍କିକାର ମୂଲ୍ୟାଙ୍କନ କର।

୨. 'ଅତ୍ୟାଚାରିତ' ଏକାଙ୍କିକାରୁ ବ୍ରଜ ବିହାରୀଙ୍କ ଚରିତ୍ର ଚିତ୍ରଣ କର।

୩. 'ଅତ୍ୟାଚାରିତ' ଏକାଙ୍କିକାର ନାମକରଣର ସାର୍ଥକତା ବିଚାର କର।

୪. ଚରିତ୍ର ଏକାଙ୍କିକାର ମୁଖ୍ୟ ଅଙ୍ଗ। 'ଅତ୍ୟାଚାରିତ' ଏକାଙ୍କିକାରେ ଥିବା ଚରିତ୍ରଗୁଡ଼ିକର ଆବଶ୍ୟକତା ବିଚାର କର।

## ଭାଲୁ ଉପଦ୍ରବ

୬. ନାମକରଣ ଦୃଷ୍ଟିରୁ 'ଭାଲୁ ଉପଦ୍ରବ' ଏକାଙ୍କିକାର ସାର୍ଥକତା ବିଚାର କର।

୭. 'ଭାଲୁ ଉପଦ୍ରବ' ଏକାଙ୍କିକାରୁ 'ଗୋପୀ'ର ଚରିତ୍ରର ଆବଶ୍ୟକତା ବିଚାର କର।

୮. 'ଭାଲୁ ଉପଦ୍ରବ' ଏକାଙ୍କିକାରେ ମାନବିକତାର ଅପମୃତ୍ୟୁ ଘଟିଛି ଆଲୋଚନା କର।

୯. 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ସୁରେଶର ଚରିତ୍ର ଚିତ୍ରଣ କର।

୧୦. 'ଭାଲୁ ଉପଦ୍ରବ' ଏକାଙ୍କିକାରେ 'ସସେମିରା' ଗଳ୍ପର ସଂଯୋଜନାର ସଫଳତା ବିଚାର କର।

## ସୀମିତ ସମ୍ପର୍କ

୧୧. 'ସୀମିତ ସମ୍ପର୍କ' ଏକାଙ୍କିକାରେ ଏକ ନିମ୍ନମଧ୍ୟବିତ୍ତ ପରିବାରର ସଫଳ ଚିତ୍ର ଉପସ୍ଥାପିତ, ଆଲୋଚନା କର।

୧୨. 'ସୀମିତ ସମ୍ପର୍କ' ଏକାଙ୍କିକାରେ ଶାଶୁ ବୋହୂଙ୍କର ସମ୍ପର୍କର ତିକ୍ତତା ସମ୍ପର୍କରେ ଯାହା ଜାଣ ଲେଖ।

୧୩. 'କରୁଣା' ଚରିତ୍ର ଉପରେ ତୁମର ମତାମତ ପ୍ରଦାନ କର।

୧୪. 'ନାଟର ଗୋବର୍ଦ୍ଧନ' ବୋଲାଉଥିବା ଚରିତ୍ରର ଅସହାୟତାର ବିଚାର କର।

୧୫. 'ସୀମିତ ସମ୍ପର୍କ' ଏକାଙ୍କିକାର ନାମକରଣର ସାର୍ଥକତା ପ୍ରତିପାଦନ କର।

# ତୃତୀୟ ଏକକ

## ଏକାଙ୍କିକା ବିଭାଗ (ଉତ୍ତର)

### (୧) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ ।

୧. (iii) ଦନେଇ
୨. (ii) ମୁଣ୍ଡ
୩. (iv) ନିଖିଳ କଟକ
୪. (iv) ଦରମା
୫. (iv) ଦଶ ଘଣ୍ଟା
୬. (i) ବାରଟା
୭. (iv) ଚାଲାଖ
୮. (i) ଦୁଇ ମାସ
୯. (ii) ପ୍ରବଳ
୧୦. (iii) ପୁରୁଷ
୧୧. (iii) ଅଭଦ୍ର
୧୨. (iv) ମାଷ୍ଟ୍ରେ
୧୩. (ii) ସାଢ଼େ ଚାରିଟା
୧୪. (i) ପଚାଶ ମିନିଟ୍
୧୫. (iv) ଛଅଟା
୧୬. (iii) ସମ୍ପାଦକ
୧୭. (i) ଶହେଟଙ୍କା
୧୮. (ii) ତିରିଶ
୧୯. (i) ପନ୍ଦର
୨୦. (ii) ଦୁଇଟି
୨୧. (iv) ଦଶ
୨୨. (iii) କୋଡ଼ିଏ ଦିନ
୨୩. (iii) ଅଫିସ୍
୨୪. (iv) ସ୍ତ୍ରୀମାନେ
୨୫. (iv) ବିନତି ଦେବୀ
୨୬. (ii) ମୁଗୁର
୨୭. (iv) ଗୋପୀ
୨୮. (iii) ଗୋଟିଏ ଭାଲୁ
୨୯. (iv) ମନମୋହନ
୩୦. (iii) ତେଲୁଗୁ
୩୧. (ii) ଜିଭରେ
୩୨. (iii) ବିଶ୍ୱାସଘାତକତା
୩୩. (ii) ସୁରେଶ
୩୪. (iii) ଗୋପୀ
୩୫. (ii) ଆଲୁଅ
୩୬. (ii) ଆସ୍ଥା
୩୭. (iv) ବନ୍ଦ
୩୮. (iv) ରଚନା
୩୯. (iv) ମଣିଷ
୪୦. (ii) ଭାଲୁ
୪୧. (i) ନିଶାକର
୪୨. (ii) ବାଉଁଶଟା
୪୩. (iv) ମୃଦଙ୍ଗ
୪୪. (iii) ପାଗଳ
୪୫. (iv) ରାମ ଭକ୍ତ
୪୬. (ii) ଜାମ୍ବବାନ
୪୭. (i) ଅଯୋଧ୍ୟା
୪୮. (ii) ବୁଢ଼ୀ ମା'
୪୯. (ii) ମରଣ
୫୦. (ii) ଭାଲୁ
୫୧. (iv) ସ୍ନେହମୟୀ ଦେବୀ
୫୨. (ii) ପଞ୍ଚାବନ
୫୩. (iii) ତିନିବର୍ଷ
୫୪. (ii) ଶିକ୍ଷୟିତ୍ରୀ
୫୫. (iv) କିରାଣୀ
୫୬. (ii) ସହ୍ୟ କରିବାର
୫୭. (iv) ପଥର
୫୮. (iv) ଚାରି
୫୯. (i) ଗୋବର୍ଦ୍ଧନ
୬୦. (iii) ପୁଅ ପାଇଁ
୬୧. (iii) ଆବର୍ଜନିଆ କଥା
୬୨ (i) ସ୍ଲୋଗାନ
୬୩. (iii) ବଳବୟସ
୬୪. (ii) ପାଗଳ
୬୫. (ii) ଲଙ୍କା
୬୬. (ii) ମହରଗ ଯୁଗ
୬୭. (i) ଶାଶୁ
୬୮. (iii) ସ୍କୁଲର ଦାସୀ
୬୯. (ii) କୁନା
୭୦. (iii) କାଟାଷ୍ଟ୍ରୋଫି
୭୧. (ii) ରାମାୟଣ
୭୨. (ii) ମିଠାକଥା
୭୩. (ii) ମିଛମିଛିକା
୭୪. (iii) ଜିଦ୍‌ଖୋର
୭୫ (ii) ଗାଈ ଭଳି

## (୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।

୧. ମା' କଣ କରୁଛନ୍ତି
୨. ନିଖିଳ କଟକ ଚାକର ସଂଘ
୩. ନିଖିଳ କଟକ ଚାକର ସଂଘ
୪. କୌଣସି ନାରୀ କବଳରେ ପଡ଼ିବା
୫. ବ୍ୟକ୍ତିଗତ ସ୍ୱାଧୀନତା
୬. ଶାସନ କରିପାରିବେନି
୭. ସେଣ୍ଟ୍ଅପ୍‌ନ ହେଲେ କ୍ଲାସ ଉଠାଇ ଦିଆଯିବ
୮. ବୁଝି କରି ପିଲା ପାଠ ପଢ଼ିଲେ
୯. ବୁଲ୍ଲୁ, ଟୁଲୁ
୧୦. ପନ୍ଦର ବର୍ଷ
୧୧. ଆଇ.ଏ.
୧୨. ସମୟ ନ ଥିବାରୁ
୧୩. ଇଣ୍ଡୋନେସିଆ
୧୪. ନାରୀମାନଙ୍କ ବିଷୟରେ
୧୫. ସାମାଜିକ
୧୬. ଅତ୍ୟାଚାରିତ ସ୍ୱାମୀ
୧୭. ବିନତିଦେବୀଙ୍କ ସ୍ୱାମୀ ଭାବରେ
୧୮. ତାଙ୍କ ସ୍ତ୍ରୀ ଅନ୍ୟ ସହିତ ପ୍ରଣୟ ଆରମ୍ଭ କରି ଦେଇଥିବାରୁ
୧୯. ପାରିବାରିକ ଥଇଥାନ ସମିତି
୨୦. ସଂଘର ସାଧୁ ଉଦ୍ଦେଶ୍ୟ
୨୧. ଶ୍ରୀର୍ଷାସନରେ ଥିବା କୈଳାସର ଗୋଡ଼ ଦୁଇଟା ତଳକୁ ଓହ୍ଲେଇ ଆସିଛି
୨୨. ମହିଷାସୁର ମର୍ଦ୍ଦନୀ ପରି ଭଙ୍ଗୀରେ ସ୍ଥିର
୨୩. ପଛପଟ ଦରଜା
୨୪. ପିଣ୍ଡାରେ ସେମାନେ ଶୋଇ ପଡ଼ିଥାନ୍ତେ
୨୫. ବାହାରେ ଥିଲେ
୨୬. ଏଇଟା ପରା ସେମିତିଆ
୨୭. ଜରରେ କମ୍ପୁଥିଲା
୨୮. ଗୋଟିଏ ବଲ୍‌ବ ହୋଲ୍ଡର ସହିତ କିଛି ତାର ଓ ହାତୁଡ଼ି
୨୯. ବିଶ୍ୱାସର ପ୍ରମାଣ ମାଗିଲେ
୩୦. ଭାଲୁର ବିଶ୍ୱାସ ପ୍ରତି ଆସ୍ଥା ରଖି
୩୧. ଆଣ୍ଟିଭାଲ୍ୟୁ ସ୍କ୍ୱାର୍ଡ
୩୨. ବାଉଁଶ
୩୩. ବଡ଼ ସାନ ଜ୍ଞାନ
୩୪. ଗୋଟାଏ ଗାଲରେ ମାରିଲେ ଆରଗାଲ ଦେଖେଇ ଦିଅ
୩୫. ଭାଲୁଜଣାଣ
୩୬. ପ୍ରତି ଆକ୍ରମଣ
୩୭. ଗୋଡ଼ଟା ମାଙ୍କଡ଼ ହୋଇଯାଇ ଥିବାରୁ
୩୮. ନିଶା କରିବାକୁ
୩୯. ମରଣ ମୁହଁକୁ ଠେଲି ଦେଉଛନ୍ତି
୪୦. ବିପଦରୁ ମୁକୁଳିବା ଲାଗି ମଝି ଦରିଆକୁ ଠେଲିଦେବା କଥା
୪୧. ଶାଶୁ ବୋହୂକୁ
୪୨. ମୋତେ ଖାଇବେ
୪୩. ପେଟ
୪୪. ମାନ ମହତ
୪୫. ବାପ ଭାଇ ମୁହଁକୁ
୪୬. ବୋହୂ
୪୭. ଗଲେ ଆଉ ଫେରିବନି
୪୮. ଓଲଟା
୪୯. ସବୁତକ ବୋଝ ତା' ମୁଣ୍ଡକୁ ନେଲି
୫୦. ଗନ୍ଧଉଛି
୫୧. ମଠ କି ଆଶ୍ରମରେ
୫୨. ଘରର ପାଲା
୫୩. କାହାକୁ କ'ଣ ବୁଝେଇବ
୫୪. ରନ୍ଧାରନ୍ଧି
୫୫. ଚାକିରି ଚାଲିଗଲେ
୫୬. ଘର ସଂସାର କରିବାର ଆଶା
୫୭. ସୀତା ସାବିତ୍ରୀ
୫୮. ମା' ବିରୋଧରେ କଥା
୫୯. ମା'କୁ
୬୦. ସତକଥାଟା

**(୩) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଦୁଇଟି ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ।**

୧. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ବୟସ ୪୦ ବର୍ଷ, ସ୍ୱାସ୍ଥ୍ୟବାନ୍, ଗୌରବର୍ଣ୍ଣ, କୁଞ୍ଚୁକୁଞ୍ଚିଆ ବାଳ, ଆଖିରେ ଚଷମା।

୨. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ଚାକର ସଂଘରେ ଦରଖାସ୍ତରେ ଲେଖା ଯାଇଥିବା ବିଷୟ ପକାଇବ।

୩. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ପରିବାର ପାଇଁ ଉପଯୁକ୍ତ ଗୃହିଣୀ ଗଢ଼ିବା।

୪. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ବ୍ୟକ୍ତିଗତ ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିପରିବେ ନାହିଁ।

୫. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ଆସିଥିଲେ ସାଢ଼େଚାରିଟା ବେଳେ ଓ ଗଲେ ପାଞ୍ଚଟା କୋଡ଼ିଏରେ।

୬. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ସ୍ତ୍ରୀଙ୍କୁ 'ତୁମେ ଖୁବ୍ ସୁନ୍ଦରୀ' ବୋଲି କହିବା।

୭. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ଅତି ବିଶିଷ୍ଟ ଭଦ୍ରମହିଳାମାନେ କାର୍ଯ୍ୟ କରୁଥିବାର ଶିବରାମ କହିଛନ୍ତି।

୮. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ଅତି ବେଶି ମାତ୍ରାରେ ସ୍ତ୍ରୀଙ୍କ ଉପରେ ଦୃଷ୍ଟି ଦେବାରୁ ସ୍ତ୍ରୀ ତାଙ୍କ ଉପରେ ଅତ୍ୟାଚାର ଆରମ୍ଭ କରିଦେଇଥିଲେ।

୯. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
'ମୁଁ ତାଙ୍କୁ ଭଲକରି ଚିହ୍ନେ। ମୁଁ ତାଙ୍କୁ ତାଙ୍କ ସ୍ତ୍ରୀଙ୍କ ଅତ୍ୟାଚାରରୁ ମୁକ୍ତ କରବି।'

୧୦. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ସମିତିର ଚେୟାରମ୍ୟାନ୍ ବନମାଳା ଦେବୀ ବ୍ରଜ ବିହାରୀଙ୍କ ସହଧର୍ମିଣୀ ବୋଲି ଜାଣିବା ପରେ।

୧୧. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଭାଲୁ ଆମ୍ପୁଡ଼ା କି ଭୟାନକ ମନମୋହନ ଜାଣିପାରିବନି ବୋଲି ଗୋପୀ କହିଛି।

୧୨. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଅଫିସ୍‌ରେ ଗୋଟିଏ ଜରୁରୀ ଫାଇଲ୍ ଡିସ୍‌ପୋଜ୍ କରିବାର ଥିଲା।

୧୩. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଯେଉଁମାନେ ଜଙ୍ଗଲରୁ ପଳାଇ ଆସିଥିବା ଭାଲୁର ସନ୍ଧାନ ପାଇବେ ତାହା ବିଷୟରେ ଅନୁସନ୍ଧାନ ସ୍କ୍ୱାର୍ଡକୁ ଜଣାଇବାକୁ ଅନୁରୋଧ କରିଥିଲେ।

୧୪. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଦିନସାରା ଓପାସ ରଖାଇବା ଏବଂ ବାଥ୍‌ରୁମ୍‌କୁ ବି ଯାଇନପାରିବା ଦଣ୍ଡ।

୧୫. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଘର ଭିତରେ ବସି ବସି କୈଳାସ ଭାଲୁ ଜଣାଣଟିଏ ଲେଖିଛି।

୧୬. ବିଷୟ - ଭାଲୁ ଉପଦ୍ରବ
ଲେଖକ - ବିଜୟ ମିଶ୍ର
ଏଠି ପଢ଼ିଆ ନାହିଁ, ପୋଖରୀ ନାହିଁ, ପାଇଖାନା ଦଖଲ ସରିଛି ତେଣୁ ମନ ଶୋଇଯା - ଶୋଇଯା - ବୋଲି ମନକୁ ବୁଝାଇ ସାରିଛି ।

୧୭. ବିଷୟ - ଭାଲୁ ଉପଦ୍ରବ
ଲେଖକ - ବିଜୟ ମିଶ୍ର
ଜାମ୍ବବାନ ବଂଶଧର ଭାଲୁ ତାକୁ ମୁକ୍ତି ଦେଲେ ଇହକାଳ ପରକାଳ ସବୁକାଳକୁ ମୁକ୍ତି ମିଳିଯିବ ।

୧୮. ବିଷୟ - ଭାଲୁ ଉପଦ୍ରବ
ଲେଖକ - ବିଜୟ ମିଶ୍ର
ରାତିସାରା ଗୋପୀକୁ ଭାଲୁ କୁତୁ କୁତୁ କଲା ବୋଲି ଗୋପୀ କହିଛି ।

୧୯. ବିଷୟ - ଭାଲୁ ଉପଦ୍ରବ
ଲେଖକ - ବିଜୟ ମିଶ୍ର
ଭାଲୁଟା ରାଗିଯାଇଥିବା ପଛପଟ ଦରଜା ଖୋଲିବା କ୍ଷଣି ସେ ତା ଉପରକୁ ଝାମ୍ପି ପଡ଼ିବ ।

୨୦. ବିଷୟ - ଭାଲୁ ଉପଦ୍ରବ
ଲେଖକ - ବିଜୟ ମିଶ୍ର
ଭାଲୁ ସେମାନଙ୍କଠାରୁ ବେଶ୍ ନିରୀହ, ହଠାତ୍ ମୁଠାରେ ପାଇ ଛାଡ଼ିଦେଲା, ହେଲେ ସେ ସେମାନଙ୍କ କଥା ନ ମାନିଥିଲେ ସେମାନେ ତାକୁ ପିଟିପିଟି ମାରି ଦେଇଥାନ୍ତେ ।

୨୧. ବିଷୟ - ସୀମିତ ସମ୍ପର୍କ
ଲେଖକ - କାର୍ତ୍ତିକ ଚନ୍ଦ୍ର ରଥ
ତାଙ୍କର କଥାଗୁଡ଼ିକ ହିଁ ତାଙ୍କର ଗୁମର ଫିଟେଇ ଦେବ ।

୨୨. ବିଷୟ - ସୀମିତ ସମ୍ପର୍କ
ଲେଖକ - କାର୍ତ୍ତିକ ଚନ୍ଦ୍ର ରଥ
ଖାଲି ସ୍କୁଲ୍‌ରେ ପାଠ ପଢ଼େଇଲେ ହେବନାହିଁ, ତା' ସହିତ ନାନା କାମ କରିବାକୁ ପଡୁଛି

୨୩. ବିଷୟ - ସୀମିତ ସମ୍ପର୍କ
ଲେଖକ - କାର୍ତ୍ତିକ ଚନ୍ଦ୍ର ରଥ
ସେ ଘରକୁ ତାକୁ ବୋହୂ କରି ଅଣାଯାଇ ନ ଥିଲା, ସେ ମନକୁ ମନ ପଶି ଆସିଥିଲା ।

୨୪. ବିଷୟ - ସୀମିତ ସମ୍ପର୍କ
ଲେଖକ - କାର୍ତ୍ତିକ ଚନ୍ଦ୍ର ରଥ
ସ୍ତ୍ରୀ ସବୁବେଳେ ବାଜେକଥାଗୁଡ଼ାକ ମୁଣ୍ଡ ଭିତରେ ଭର୍ତ୍ତିକରି ମୁଣ୍ଡଟାକୁ ଏକଦମ୍ ବିଗାଡ଼ି ସାରିଲାଣି ବୋଲି ସ୍ୱାମୀ କହିଛି ।

୨୫. ବିଷୟ - ସୀମିତ ସମ୍ପର୍କ
ଲେଖକ - କାର୍ତ୍ତିକ ଚନ୍ଦ୍ର ରଥ
ତା' ତରଫରୁ ଘରେ କୋଉକଥାକୁ ବଢ଼େଇବାକୁ ଚାହିଁବିନି ବରଂ କମେଇବାକୁ ଚେଷ୍ଟା କରିବ ।

୨୬. ବିଷୟ - ସୀମିତ ସମ୍ପର୍କ
ଲେଖକ - କାର୍ତ୍ତିକ ଚନ୍ଦ୍ର ରଥ
ମା' ଓ ସ୍ତ୍ରୀ ଦୁହେଁ ମିଶି ତା ଭେଜାଟାକୁ ଏକଦମ୍ ଖାଇଗଲେଣି ବୋଲି ପୁଅ କହିଛି ।

୨୭. ବିଷୟ - ସୀମିତ ସମ୍ପର୍କ
ଲେଖକ - କାର୍ତ୍ତିକ ଚନ୍ଦ୍ର ରଥ
କଟା ଘା'ରେ ଚୂନ ଦେବାଭଳି କହିଛ ଯେ, ତାର ଅଭାବ ଅସୁବିଧା କଥା ତା' ବରକୁ ଜଣାଇବାକୁ, ସେମାନେ କିଛି କରିପାରିବେନି ।

୨୮. ବିଷୟ - ସୀମିତ ସମ୍ପର୍କ
ଲେଖକ - କାର୍ତ୍ତିକ ଚନ୍ଦ୍ର ରଥ
ଶାଶୁ କହିଛି, ବାପ ଭାଇ ଯଦି ତାକୁ ପୋଷିବାକୁ ଚାହିଁବେ ତେବେ ନେଇ ପୋଷନ୍ତୁ, ଜୀବନସାରା ମୁଣ୍ଡରେ ବସାନ୍ତୁ ।

୨୯. ବିଷୟ - ସୀମିତ ସମ୍ପର୍କ
ଲେଖକ - କାର୍ତ୍ତିକ ଚନ୍ଦ୍ର ରଥ
କୁନା ବିଷୟରେ ସେ ବେଶି ଚିନ୍ତିତ କାରଣ ସେ ଗୋଟାଏ ମା' ।

୩୦. ବିଷୟ - ସୀମିତ ସମ୍ପର୍କ
ଲେଖକ - କାର୍ତ୍ତିକ ଚନ୍ଦ୍ର ରଥ
ସେ ଦୁହିଁଙ୍କର ଏତେଦିନର ସ୍ୱାମୀ ସ୍ତ୍ରୀର ସମ୍ପର୍କ ପୁରାପୁରି ଲୋକ ଦେଖାଣିଆ ଗୋଟାଏ ମିଛିମିଛିକା ବାହାନା ।

## (୪) ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର, ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ।

୧. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ବ୍ରଜ ବିହାରୀ ବାବୁଙ୍କ ବୈଠକଖାନାରେ ପ୍ରବେଶ – ଫ୍ୟାନ୍ ଖୋଲି ଗୋଟିଏ ଆର୍ମଚେୟାରରେ ବସିବା – ଶ୍ୱସ୍ତିର ନିଶ୍ୱାସମାରି ଟେବୁଲ ଉପରୁ ଖବରକାଗଜଟା ଉଠାଇ ନେଇ ପଢ଼ିବା ଓ ଏକ ଖବର ପଢ଼ି ଦନେଇ ବୋଲି ଚିତ୍କାର କରି ଡାକିବାର ବର୍ଣ୍ଣନା ରହିବ।

୨. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ଘରୋଇ ଚାକର ଦନେଇ ବେହେରାଙ୍କର କାର୍ଯ୍ୟର ଉପଯୁକ୍ତ ତଦନ୍ତ କରି ତାଙ୍କୁ ଚାକିରୀରୁ ବାହାର କରିବା ନିମିତ୍ତ ସଂଘର ସେକ୍ରେଟାରୀ ଜନାର୍ଦ୍ଦନ ବେହେରାଙ୍କ ନିକଟକୁ ଦରଖାସ୍ତ ଥିଲା।

୩. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ଦୁଇମାସ ଟୁର୍‌ଯାଇ ଘରକୁ ଫେରିବା – ସ୍ତ୍ରୀ ତାଙ୍କର ଚର୍ଚ୍ଚା କରିବାର ଲୋଭକୁ ସମ୍ବରଣ କରି ସଂଘର ସଭାନେତ୍ରୀ କାମ କରିବାକୁ ବାହାରିବା – ଏଭଳି ସ୍ତ୍ରୀ ଓ ତାଙ୍କର ସଂଘ ଉପଯୁକ୍ତ ଗୃହିଣୀ ତିଆରି କରିପାରିବ ବୋଲି ବ୍ରଜ ବାବୁଙ୍କ ଉକ୍ତିର ବର୍ଣ୍ଣନା ରହିବ।

୪. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
'ପାରିବାରିକ ଥଇଥାନ ସମିତି' ଅତ୍ୟାଚାରିତ ସ୍ୱାମୀମାନଙ୍କୁ ପରିବାରରେ ଶାନ୍ତିଶୃଙ୍ଖଳା ଆଣିବା ଦିଗରେ କାର୍ଯ୍ୟ କରିଥାଏ। ଯେଉଁ ସ୍ୱାମୀମାନେ ଅତ୍ୟାଚାରିତ ସେମାନଙ୍କୁ ସାମାଜିକ କରିବାରେ ସମିତିର ସଭ୍ୟାମାନେ ସାହାଯ୍ୟ କରିଥାନ୍ତି।

୫. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ସ୍ତ୍ରୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଅନାଦି ଯେତେବେଳେ ଯାହା ଦରକାର ଯୋଗାଇଥାନ୍ତି – ଶାଢ଼ୀ, ଗାଡ଼ି, 'ବାଡ଼ି'ମାନେ ଘରବାଡ଼ି କ୍ରୟ କରି ଟଙ୍କା ଖର୍ଚ୍ଚ କରିଥିବାର ବର୍ଣ୍ଣନା ରହିବ।

୬. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଭାଲୁ ସାଙ୍ଗରେ ସଂସ୍କୃତର ଘନିଷ୍ଠ ସମ୍ପର୍କ – ଭାଲୁଜାତି ସଂସ୍କୃତରେ ପଣ୍ଡିତ – ନହେଲେ ଗଛରେ ଚଢ଼ିଥିବା ମଣିଷ ଜିଭରେ ସସେମିରା ଲେଖିଦେଲା କାହିଁକି ? କାଳିଦାସ ଥିଲେ ବୋଲି ସିନା ରାଜପୁତ୍ର ଭଲ ହେଲେ ନ ହେଲେ ଅଜାଙ୍କୁ ଭାଲୁର ଆଶ୍ରୟନେବାକୁ ପଡ଼ିଥାନ୍ତାର ବର୍ଣ୍ଣନା ରହିବ।

୭. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଭାଲୁକୁ ସମନ ସଦନକୁ ପଠେଇବାକୁ ଗଦା ବୁଲାଇ ସୁରେଶର ଆଗେଇଯିବା – ଭାଲୁ ବାଥ୍‌ରୁମ୍‌ରେ ଥିବାର ଜାଣି ଅଟକିଯିବା – କାରଣ ପଚାରନ୍ତେ, ବାଥ୍‌ରୁମ୍‌ଟା ଛୋଟ, ସେଠି ଭାଲୁସହ ଫାଇଟ୍ କରି ହେବନି ବୋଲି ସୁରେଶର ସଫେଇ ଦେବାର ବର୍ଣ୍ଣନା ରହିବ।

୮. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଟି.ଭି.ର ଦର୍ଶକମାନଙ୍କୁ ଜଣେ ମହିଳା ଉଦ୍‌ଯାପକ ଜଣାଇ ଦେଇଛନ୍ତି ଯେ, ସେଦିନ ରାତି, ୯ ଟା ୫୦ ରେ ଭାଲୁ ଉପରେ ଏକ ବୃତ୍ତଚିତ୍ର ଟି.ଭି.ରେ ପ୍ରଦର୍ଶନ କରାଯିବ ଏବଂ ଏହି ଚିତ୍ରଟି ଭାଲୁର ସ୍ୱଭାବ, ଚରିତ୍ର ଏବଂ ଅନ୍ୟାନ୍ୟ ବିଷୟକୁ ନେଇ ପ୍ରସ୍ତୁତ କରାଯାଇଛି ବୋଲି କହିବାର ବର୍ଣ୍ଣନା ରହିବ।

୯. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଗୋପୀ ଦରଜା ଖୋଲିବାକୁ ମନା କରିବା – ଅନ୍ୟମାନେ ଜଣଜଣ କରି ପ୍ରଥମେ ତାକୁ ବାଧ କରିବା – ପରେ ସମସ୍ତେ ମିଶି ବିଧା, ଚାପୁଡ଼ା, ଗୋଇଠା ମାରି ତଳେ ପକେଇ ଦେବା – ଇତ୍ୟାଦିର ବର୍ଣ୍ଣନା ରହିବ।

୧୦. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଗୋପୀ ଗଲାବେଳେ 'ସସେମିରା' ଗପ ମନେ ପକାଇ ବାବୁମାନଙ୍କୁ ତା' ବୁଢ଼ୀ ମା'କୁ ଦେଇଥିବା କଥା ସେମାନେ ରଖିପାରିଲେ ନାହିଁ ବୋଲି କହବା – ସମସ୍ତେ ମିଶି ତା' ବିଶ୍ୱାସକୁ ଭାଙ୍ଗିଦେବା କଥା କହିବା ଓ ସମସ୍ତେ ନିଜ ଜିଭଟାଣି ନିଜ ହାତରେ ସସେମିରା ଲେଖିବାକୁ କହିବାର ବର୍ଣ୍ଣନା ରହିବ।

୧୧. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

ସ୍ୱାମୀ ଗୋବର୍ଦ୍ଧନ ବାବୁ ସ୍ତ୍ରୀ କରୁଣାଙ୍କ ସହିତ କଥାହେବା – ପୁଅଶୋଇବା କଥା ପଚାରିବା – ଖାଇବାକୁ ବାଢ଼ିବା ଲାଗି କହିବା ଓ ମିଶିକରି ଏକାଠି ଦୁହେଁ ଖାଇବା ବୋଲି କହିବା – କେବେ ଆଗରୁ ସ୍ତ୍ରୀଙ୍କୁ ଡାକି ନାହାନ୍ତି ଏଭଳି ଖାଇବାକୁ ଓ ତାଙ୍କର ଯୋଗ୍ୟତା କେବେ ହୋଇଛି ବୋଲି ସ୍ତ୍ରୀ କହିବାର ବର୍ଣ୍ଣନା ରହିବ।

୧୨. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

ଏହା ନାଟ୍ୟକାରଙ୍କ ଉକ୍ତି – ପ୍ରତିଦିନ ସକାଳୁ ସକାଳୁ ନାଟିକାର ପଚୁଆର ଆରମ୍ଭ ହୁଏ ବୋଲି ଲେଖକ କହିବା – ଘରର ବାସିକାମ ନସରୁଣୁ ସ୍ଲୋଗାନ ଆରମ୍ଭ ହୋଇଯାଏ ଓ ଆମର ଦାବି ପୂରଣ ହେଉ ଠାରୁ ଆରମ୍ଭ ହୋଇ ଅନଶନ, ଧର୍ମଘଟ ପର୍ଯ୍ୟନ୍ତ ଗଲେ ବୋଲି ଲେଖକ ପ୍ରକାଶ କରିବାର ବର୍ଣ୍ଣନା ରହିବ।

୧୩. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

ଶାଶୁର କଟୂକ୍ତିକୁ ବୋହୂ ସହ୍ୟ କରିବା – କୋହଭରା କଣ୍ଠରେ ନିଜର ଏକମାତ୍ର ବାଲୁତପୁତ୍ର କୁନାଲାଗି ବଞ୍ଚିବାକୁ ଚାହେଁ ବୋଲି କହିବା – ସେଥିପାଇଁ ନିଜ ବରକୁ ଘୃଣା କରୁଥିଲେ ବି ତାଙ୍କ ସହିତ ସେ ରହିବାକୁ ବାଧ ବୋଲି କହିବାର ବର୍ଣ୍ଣନା ରହିବ।

୧୪. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

ସ୍ୱାମୀ ମୁହଁରୁ ସ୍ତ୍ରୀ ପାଇଁ ମିଠା କଥା ପଦେ ବାହାରିଲାନି ବୋଲି ଆକ୍ଷେପ କରି ସ୍ତ୍ରୀ କହିବା – ତାକୁ ସେ କହି ପାରୁଛନ୍ତି ହେଲେ ତାଙ୍କ ମା'ଙ୍କୁ କିଛି କହିପାରୁ ନାହାନ୍ତି ବୋଲି କହିବା – ଶାଶୁ ଯେମିତି କିଛି କାମ ନ କରି ହାତଗୋଡ଼ ଜାକି ବସିଛନ୍ତି, ଠିକ୍ ସେମିତି ମୁହଁ ବନ୍ଦ କରି ଚୁପ୍‌ଚାପ୍ ବସି ରହିଲେ ସବୁ ସମସ୍ୟାର ଏକାଥରକେ ସମାଧାନ ହୋଇଯାନ୍ତା ବୋଲି କହିବାର ବର୍ଣ୍ଣନା ରହିବ।

୧୫. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

ଯଦି ଭବିଷ୍ୟତରେ ତାଙ୍କ ପୁଅବୋହୂ ତାକୁ ଅବହେଳା କରନ୍ତି ତେବେ ସେ ଭାବିନେବେ ଯେ ତାଙ୍କ ଜୀବନଟାକୁ ଖାଲିଟାରେ ବିତେଇ ଦେଇଛନ୍ତି – ତାଙ୍କ ଭାଗ୍ୟରେ ସୁଖ ବୋଲି କିଛି ନାହିଁ – ଶେଷରେ ସେମାନଙ୍କ ହସଖୁସି ଦେଖି ତାଙ୍କ ହଜିଲା ଦିନର ଦୁଃଖ – ଶୋକର ବୋଝକୁ ସେ ଟିକିଏ ହାଲୁକା କରି ନେବେ ବୋଲି କହିଥିବାର ବର୍ଣ୍ଣନା ରହିବ।

**(୫) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରଶ୍ନର ମୂଲ୍ୟ ୫ ନମ୍ବର। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ।**

୧. ବିଷୟ – ଅତ୍ୟାଚାରିତ

ଲେଖକ – ପ୍ରାଣବନ୍ଧୁ କର

ସାମାଜିକ ଏକାଙ୍କିକା ସମ୍ପର୍କରେ ଦୁଇଧାଡ଼ି ଉପକ୍ରମ ରହିବ – ନାଟକ ଓ ଏକାଙ୍କିକା ସମାଜର ଦର୍ପଣ ସଦୃଶ – ସାମାଜିକ ଏକାଙ୍କିକାର ସମାଜର ସାର୍ଥକ ଛବିର ପ୍ରତିଫଳନ ଘଟିଥାଏ – ସେ ଦୃଷ୍ଟିରୁ ଏହାର ସୃଷ୍ଟି ଗୁରୁତ୍ୱ ବହନ କରେ – ନିତି ପ୍ରତି ସମାଜରେ ଘଟୁଥିବା ଘଟଣାକୁ ନାଟ୍ୟକାର ଏଥିରେ ରୂପ ଦିଏ – ଆଲୋଚ୍ୟ ଏକାଙ୍କିକାରେ ସେହିଭଳି ଏକ ସାମାଜିକ ଘଟଣାର ରୂପଚିତ୍ର ପ୍ରଦତ୍ତ।

୨. ବିଷୟ – ଅତ୍ୟାଚାରିତ

ଲେଖକ – ପ୍ରାଣବନ୍ଧୁ କର

ଚରିତ୍ର ଏକାଙ୍କିକାର ପ୍ରଧାନ ଅଙ୍ଗ ମଧ୍ୟରୁ ଅନ୍ୟତମ। ଚରିତ୍ର ବ୍ୟତିରେକେ ଏକାଙ୍କିକା ସୃଷ୍ଟି ସମ୍ଭବ ନୁହେଁ – ବିଚିତ୍ର ବାସ୍ତବ ଓ ଜୀବନ୍ତ ହେବା ଆବଶ୍ୟକ – ଏକ ସାମାଜିକ ଓ ପାରିବାରିକ ଏକାଙ୍କିକାର ଚରିତ୍ର ଜୀବନ୍ତ ନ ହେଲେ ଦର୍ଶକ ଓ ପାଠକମାନଙ୍କ ଦ୍ୱାରା ଏହା ଗ୍ରାହ୍ୟ ହୋଇ ପାରିବ ନାହିଁ। ବ୍ରଜ ବିହାରୀ ଡେପୁଟୀ କଲେକ୍ଟର। ଦାୟିତ୍ୱସମ୍ପନ୍ନ ସରକାରୀ କର୍ମଚାରୀ। କାର୍ଯ୍ୟଚାପରେ ବହୁ ସମୟ ଟୁର୍‌ରେ ରହନ୍ତି – ପତ୍ନୀ ବନମାଳାଙ୍କର ସବୁ ଦାୟିତ୍ୱ ବୁଝିବା – ଅନ୍ୟ ସମୟରେ ପାରିବାରିକ ଥଇଥାନ ସମିତିର ଚେୟାରମ୍ୟାନ୍ ଭାବେ କାର୍ଯ୍ୟ କରିବା – ବ୍ରଜ ବିହାରୀଙ୍କର ସ୍ୱାମୀ ହିସାବରେ ବନମାଳୀଙ୍କ ଠାରୁ ଚର୍ଚ୍ଚା ଆଶା କରିବା – ଅପରପକ୍ଷେ ନିଜେ ସ୍ତ୍ରୀଙ୍କ ଲାଗି କିଛି କରିନପାରିବା ପ୍ରଭୃତିର ଆଲୋଚନା କରାଯିବ।

୩. ବିଷୟ – ଅତ୍ୟାଚାରିତ

ଲେଖକ – ପ୍ରାଣବନ୍ଧୁ କର

ସୃଷ୍ଟିର ନାମକରଣରେ ସ୍ରଷ୍ଟାର ସତର୍କତା ଅବଲମ୍ବନ – ନାମକରଣ ସ୍ରଷ୍ଟା ମନଇଚ୍ଛା କରିପାରିବ ନାହିଁ – ସୃଷ୍ଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନାମକରଣ ଭିତରେ ନିହିତ ହେବା ଆବଶ୍ୟକ– ନାମକରଣରୁ ହିଁ ସୃଷ୍ଟି ବିଷୟରେ ଜାଣିହେବ – ନିଜକୁ ଅତ୍ୟାଚାରିତ ଭାବୁଥିବା ସ୍ୱାମୀଙ୍କର କାର୍ଯ୍ୟଧାରା – ଇଚ୍ଛା ଓ ଉଦ୍ଦେଶ୍ୟ – ଏସବୁର ବର୍ଣ୍ଣନା ରହିବ – ଅପରପକ୍ଷେ ସ୍ତ୍ରୀଙ୍କ କର୍ତ୍ତବ୍ୟ ପ୍ରତି ସଚେତନ ସ୍ୱାମୀଙ୍କର ନିଜ କର୍ତ୍ତବ୍ୟ ସମ୍ପର୍କରେ ଅସଚେତନ ଭାବର ଉଲ୍ଲେଖ କରାଯିବା ଓ ନାମକରଣର ସାର୍ଥକତା ପ୍ରତପାଦନ କରାଯିବ ।

୪. ବିଷୟ – ଅତ୍ୟାଚାରିତ

ଲେଖକ – ପ୍ରାଣବନ୍ଧୁ କର

ଚରିତ୍ର ବ୍ୟତିରେକେ ଏକାଙ୍କିକାର ସୃଷ୍ଟି ସମ୍ଭବ ନୁହେଁ । ସୀମିତ ଚରିତ୍ର ଏଥିରେ ସ୍ଥାନ ପାଇଲେ ବି ପ୍ରତ୍ୟେକ ଚରିତ୍ରର ଆବଶ୍ୟକତା ରହିଛି । ମୁଖ୍ୟ ଚରିତ୍ର ଓ ଗୌଣ ଚରିତ୍ର ବିଷୟରେ ଅବତାରଣା କରାଯିବ । ଆଲୋଚ୍ୟ ଏକାଙ୍କିକାରେ ଯେଉଁ ଚରିତ୍ରଗୁଡ଼ିକ ସଂଯୋଜିତ ପ୍ରତ୍ୟେକର କିଛି ନା କିଛି ଭୂମିକା ରହିଛି । ଏକାଙ୍କିକାର ବିଷୟକ୍ରମ ଗତିଶୀଳତା, ଉଦ୍ଦେଶ୍ୟ ଓ ପରିଣତିକୁ ବିଚାର କଲେ ଏସବୁ ଚରିତ୍ରର ଆବଶ୍ୟକତା ରହିଛି । ପ୍ରତ୍ୟେକ ଚରିତ୍ରର ଭୂମିକା ସ୍ୱତନ୍ତ୍ର । ତେଣୁ କୌଣସି ଚରିତ୍ରକୁ ବାଦଦେଲେ ଏକାଙ୍କିକାର ଅଙ୍ଗହାନି ହେବା ସ୍ୱାଭାବିକ । ପ୍ରତ୍ୟେକ ଚରିତ୍ରର ଆବଶ୍ୟକତା ଉପରେ ଆଲୋକପାତ କରାଯିବାର ସହିତ ଏସବୁ ଚରିତ୍ରର ସଂଯୋଜନା କିପରି ଏକାଙ୍କିକାକୁ ସର୍ବାଙ୍ଗସୁନ୍ଦର କରିଛି ତାହା ଆଲୋଚନା କରାଯିବ ।

୫. ବିଷୟ – ଅତ୍ୟାଚାରିତ

ଲେଖକ – ପ୍ରାଣବନ୍ଧୁ କର

'ପାରିବାରିକ ଥଇଥାନ ସମିତି' ଗୃହଲକ୍ଷ୍ମୀ ସମିତିର ଏକ ଅଙ୍ଗ । ଅତ୍ୟାଚାରିତ ସ୍ୱାମୀମାନଙ୍କୁ ପରିବାରରେ ଶାନ୍ତି ଶୃଙ୍ଖଳା ଆଣିବା ଦିଗରେ ସାହାଯ୍ୟ କରିବା – ଅତ୍ୟାଚାରିତ ସ୍ୱାମୀମାନଙ୍କୁ ସାମାଜିକ କରିବା – ଭଦ୍ର ଘରର ମହିଳାମାନେ ଏହାର ସଦସ୍ୟ – ଚିତ୍ତାକର୍ଷକ ବ୍ୟବହାର ଦ୍ୱାରା ପୁରୁଷମାନଙ୍କୁ ମୁଗ୍ଧ କରି ବାଟକୁ ଆଣିବା – ସମାଜରେ ପାରିବାରିକ ସୁସ୍ଥତା ଓ ସୁଖ ଫେରେଇ ଆଣିବା ଦିଗରେ ବ୍ରତୀ ହୋଇ ଏହି ମହିଳା ସଭ୍ୟମାନେ କାର୍ଯ୍ୟକରିବା ଇତ୍ୟାଦିରେ ବର୍ଣ୍ଣନା ରହିବ ।

୬. ବିଷୟ – ଭାଲୁ ଉପଦ୍ରବ

ଲେଖକ – ବିଜୟ ମିଶ୍ର

ନାମକରଣ ସ୍ରଷ୍ଟାର ନିଜସ୍ୱ ହେଲେବି ଏହା ଉଦ୍ଦେଶ୍ୟବିହୀନ ହୋଇନପାରେ । ମନଇଚ୍ଛା ସୃଷ୍ଟିର ନାମକରଣ କରାଯାଇପାରିବ ନାହିଁ । ସୃଷ୍ଟିର ସାରବତ୍ତା, ସ୍ରଷ୍ଟାର ଉଦ୍ଦେଶ୍ୟ ନାମକରଣ ଭିତରେ ନିହିତ ହେବା ଆବଶ୍ୟକ । ଅନାବଶ୍ୟକ ଏବଂ ଉଦ୍ଦେଶ୍ୟହୀନ ନାମକରଣ ଗ୍ରହଣୀୟ ନୁହେଁ । ଏ ଦୃଷ୍ଟିରୁ 'ଭାଲୁ ଉପଦ୍ରବ' ଏକାଙ୍କିକାର ନାମକରଣକୁ ବିଚାର କରାଯିବ । ଭାଲୁ ଏକ ହିଂସ୍ର ଜୀବ । ତେବେ ଭାଲୁଠାରୁ ଯେ ସଭ୍ୟ ଜଗତରେ ବାସ କରୁଥିବା ମଣିଷ ଅଧିକ ହିଂସ୍ର ଏହା ଉକ୍ତ ଏକାଙ୍କିକାରେ ପ୍ରମାଣିତ । ଜଙ୍ଗଲରେ ବାସ କରୁଥିବା ହିଂସ୍ର ପଶୁ ଭାଲୁର ଦୟା ନିକଟରେ ସଭ୍ୟ ସହରୀ ମଣିଷ ପରାସ୍ତ ହୋଇଛି । ଚାକର ପିଲା ଗୋପୀର ବ୍ୟକ୍ତିତ୍ୱରୁ ଏହା ସ୍ପଷ୍ଟ । ଏ ଦୃଷ୍ଟିରୁ ଆଲୋଚନା କରାଯିବ ।

୭. ବିଷୟ – ଭାଲୁ ଉପଦ୍ରବ

ଲେଖକ – ବିଜୟ ମିଶ୍ର

ଗୋପୀ ଚରିତ୍ରର ବିଚାର କଲାବେଳେ ଆମକୁ ବେଶ୍ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ଏହା ଏକ ସାଧାରଣ ଗରିବ ଚାକର ଚରିତ୍ର । ପ୍ରଥମରୁ ଏହା ଗୌଣଚରିତ୍ର ପରି ମନେହେଲେ ହେଁ ଏକାଙ୍କିକାର ପରିସମାପ୍ତିରେ ଏହା ଏକ ମୁଖ୍ୟ ଚରିତ୍ର ଭାବେ ଆମ ନିକଟରେ ଉଭା ହୁଏ । ମୁଖ୍ୟ ଚରିତ୍ରକୁ ବାଦ୍‌ଦେଲେ ଏକାଙ୍କିକା ଗଢ଼ି ଉଠିପାରିବ ନାହିଁ । ଗୋପୀ ଚରିତ୍ର ହିଁ ଏକାଙ୍କିକାରେ ନାମକରଣର ସାର୍ଥକତା ପ୍ରତିପାଦନ କରିବାରେ ସମର୍ଥ । ଶେଷ ଭାଗରେ ତା'ର ସଂଳାପର ଗୁରୁତ୍ୱକୁ ବିଚାରକୁ ନିଆଯାଇ ଆଲୋଚନା କରାଯିବ ।

୮. ବିଷୟ – ଭାଲୁ ଉପଦ୍ରବ

ଲେଖକ – ବିଜୟ ମିଶ୍ର

'ଭାଲୁ ଉପଦ୍ରବ' ଏକାଙ୍କିକାରେ ଏକ ସାଧାରଣ ଘଟଣା ଭିତରେ ଅସାଧାରଣ ବିଷୟର ଉଦ୍‌ଘାଟନ କରିବା ଲକ୍ଷ୍ୟ ସ୍ରଷ୍ଟାଙ୍କର ଥିବାର ଅନୁମେୟ । ଭାଲୁର ସହର ପ୍ରବେଶ ନାଟକୀୟ – ସଭ୍ୟ ଶିକ୍ଷିତ ମଣିଷମାନଙ୍କର ଭାଲୁଠାରୁ ରକ୍ଷା ପାଇବାର ପ୍ରଚେଷ୍ଟା ତତୋଽଧିକ ନାଟକୀୟ ଏବଂ ସର୍ବଶେଷରେ ହିଂସ୍ର ପଶୁର ପ୍ରକୃତି ତୁଳନାରେ ମଣିଷ କେତେ ନ୍ୟୁନ ତାହା ପ୍ରମାଣିତ ହୋଇଛି । ଏହାର ବିଚାର ଆଲୋଚନା ଗୋପୀର ସଂଳାପକୁ ଆଧାର କରି କରାଯିବ ।

୯. ବିଷୟ - ଭାଲୁ ଉପଦ୍ରବ

ଲେଖକ - ବିଜୟ ମିଶ୍ର

'ଚରିତ୍ର' ଏକାଙ୍କିକାର ପ୍ରଧାନ ଅଙ୍ଗ । ଚରିତ୍ରବିନା ଏକାଙ୍କିକା ଗଠନ ସମ୍ଭବ ନୁହେଁ । ମୁଖ୍ୟଚରିତ୍ର ଓ ଗୌଣଚରିତ୍ରର ସଂଯୋଜନରେ ଏକାଙ୍କିକା ଗଢ଼ି ଉଠିଥାଏ । 'ସୁରେଶ' ଏକ ପ୍ରତିକ୍ରିୟାଶୀଳ ଚରିତ୍ର । ପ୍ରଥମରୁ ସେ ସାଲିସ୍‌ହୀନ ଚରିତ୍ର ଭାବେ ଜଣାଯାଆନ୍ତି । ମେସ୍ ବୁଝୁଥିବା ନିଶାକରଙ୍କୁ ବିଶ୍ୱାସଘାତକ କହିବା, ପୋଲିସ୍‌କୁ ଖବରଦେବାକୁ କହିବା, ମୁଦ୍‌ଗର ବୁଲେଇ ଭାଲୁ ସହ ଫାଇଟ୍ କରିବାକୁ ବାହାରିବା - ବନ୍ଧକୁ ବରଦାସ୍ତ କରିନପାରିବାକୁ କହିବା, ଗୋପୀକୁ ବେକଧରି ଜୋରରବରଦସ୍ତ କବାଟ ଖୋଲିବାକୁ ପଠାଇବାରୁ ଏହା ଜଣାଯାଏ ।

୧୦. ବିଷୟ - ସୀମିତ ସମ୍ପର୍କ

ଲେଖକ - କାର୍ତ୍ତିକଚନ୍ଦ୍ର ରଥ

'ସସେମିରା' ଗଳ୍ପର ଅବତାରଣା କରାଯିବ । ସେଥିରେ ଭାଲୁ ସହ ବିଶ୍ୱାସଘାତକତା କରିଥିବାରୁ ରାଜପୁତ୍ର ଜିଭରେ ଭାଲୁ ତା ନଖରେ ସସେମିରା ଲେଖିଦେବା, କାଳିଦାସ ପ୍ରତ୍ୟେକ ଅକ୍ଷର ଉପରେ ଶ୍ଳୋକ ରଚନା କରି ରାଜପୁତ୍ରକୁ ମୁକ୍ତ କରିବା ସଂସ୍କୃତରେ ବର୍ଣ୍ଣିତ । ତେବେ ଏଠାରେ ଗୋପୀ ପ୍ରତି ଯେଉଁ ବିଶ୍ୱାସ ଘାତକତା କରାଯାଇଛି, ଗୋପୀ ପ୍ରତିକ୍ରିୟାଶୀଳ ହୋଇ ବାବୁମାନେ ନିଜ ଜିଭରେ ସସେମିରା ଲେଖିବାକୁ କହିବା ଭିତରେ ଏହାର ସଂଯୋଜନାର ସାର୍ଥକତା ରହିଛି ଏହା ଆଲୋଚନା କରାଯିବ ।

୧୧. ବିଷୟ - ସୀମିତ ସମ୍ପର୍କ

ଲେଖକ - କାର୍ତ୍ତିକଚନ୍ଦ୍ର ରଥ

ଗୋବର୍ଦ୍ଧନ ବାବୁ କିରାଣୀ, ତାଙ୍କର ପତ୍ନୀ ପ୍ରାଇମେରୀ ସ୍କୁଲ୍‌ର ଶିକ୍ଷୟିତ୍ରୀ । ଏକ ନିମ୍ନ ମଧ୍ୟବିତ୍ତ ପରିବାର । ଘରକାମକୁ ନେଇ ଶାଶୁ ବୋହୂ ମଧ୍ୟରେ ମନାନ୍ତର, କଳିତକରାଳ - ଗୋବର୍ଦ୍ଧନ ନା ସ୍ତ୍ରୀ ନା ମା'କୁ କିଛି କହିପାରିବା ଭିତରେ ଏକାଙ୍କିକାଟି ଗତିଶୀଳ । ନିମ୍ନମଧ୍ୟବିତ୍ତ ପରିବାରର ବିକଳ ଚିତ୍ର କିଭଳି ପ୍ରଦତ୍ତ ତାର ବର୍ଣ୍ଣନା କରାଯିବ ।

୧୨. ବିଷୟ - ସୀମିତ ସମ୍ପର୍କ

ଲେଖକ - କାର୍ତ୍ତିକଚନ୍ଦ୍ର ରଥ

ଏକାଙ୍କିକାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶାଶୁ ସ୍ନେହମୟୀ ଦେବୀ ଏବଂ ବୋହୂ ସ୍କୁଲଶିକ୍ଷୟିତ୍ରୀ କରୁଣାଙ୍କ ମଧ୍ୟରେ କଥା କଟାକଟି, ଯୁକ୍ତିତର୍କ, ଆରୋପ ପ୍ରତ୍ୟାରୋପ, ଆକ୍ଷେପୋକ୍ତି ପ୍ରତିଆକ୍ଷେପୋକ୍ତି ଦେଖିବାକୁ ମିଳେ । ଏ ସବୁର ସମାଧାନ ଦୂରୁହ । ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କର ପରସ୍ପର ପ୍ରତି ଥିବା ଅସୂୟାଭାବ ପ୍ରକାଶିତ । ଏସବୁର ଆଲୋଚନା କରାଯିବ ।

୧୩. ବିଷୟ - ସୀମିତ ସମ୍ପର୍କ

ଲେଖକ - କାର୍ତ୍ତିକଚନ୍ଦ୍ର ରଥ

ଏକାଙ୍କିକାରେ କରୁଣା ଚରିତ୍ର ସହନଶୀଳ ଚରିତ୍ର ଭାବେ ପ୍ରତୀୟମାନ ହେଲେବି ଏହା ଏକ ପ୍ରତିକ୍ରିୟାଶୀଳ ଚରିତ୍ର ଭାବେ ପ୍ରତିଭାତ । ଶାଶୁ ହେଉ ବା ସ୍ୱାମୀ ହେଉ ପ୍ରତ୍ୟେକଙ୍କୁ ସେ ନିଜର ପ୍ରତିକ୍ରିୟା ପ୍ରଦର୍ଶନ କରିଛି । କାର୍ଯ୍ୟଭାରରେ ସେ ସନ୍ତୁଳିତ ଓ ଶାଶୁଙ୍କ ଦୁର୍ବ୍ୟବହାରରେ ସେ ସନ୍ତପ୍ତ ତଥାପି ସେ ସଂଗ୍ରାମରତ । ସେ ଭାଙ୍ଗିପଡ଼ିନି ଏଭଳି ବର୍ଣ୍ଣନା କରାଯିବ ।

୧୪. ବିଷୟ - ସୀମିତ ସମ୍ପର୍କ

ଲେଖକ - କାର୍ତ୍ତିକଚନ୍ଦ୍ର ରଥ

ନାଟର 'ଗୋବର୍ଦ୍ଧନ' ଚରିତ୍ର 'ଗୋବର୍ଦ୍ଧନ' ଏକ କିଂକର୍ତ୍ତବ୍ୟ ବିମୂଢ଼ ଚରିତ୍ର । ମା'କୁ କିଛି ନ କହିବା, ସ୍ତ୍ରୀକୁ କିଛି ନ କହି ପାରିବା, କେବଳ ପରିସ୍ଥିତିରେ ପଡ଼ି ସେଥିରୁ ମୁକ୍ତି ପାଇବାକୁ ପଦେ ପଦେ କହିଦେଇ ଘଟଣାକୁ ଏଡ଼େଇ ଯିବାର ଦେଖାଯାଏ । ବାସ୍ତବ ଦୃଷ୍ଟିକୋଣରୁ ବିଚାର କଲେ ସେ ବେଶ୍ ଅସହାୟ । ତଥାପି ସେ ଚେଷ୍ଟା କରିଛି, କରୁଣାକୁ ବୁଝେଇ ବାଟକୁ ଆଣିବାକୁ । ଏହାର ବର୍ଣ୍ଣନା ରହିବ ।

୧୫. ବିଷୟ - ସୀମିତ ସମ୍ପର୍କ

ଲେଖକ - କାର୍ତ୍ତିକଚନ୍ଦ୍ର ରଥ

ନାମକରଣର ଉଦ୍ଦେଶ୍ୟ, ଏହାର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରାଯିବ । 'ସୀମିତ ସମ୍ପର୍କ' ଏକାଙ୍କିକାରେ ମା' ପୁଅ ଓ ସ୍ତ୍ରୀ ତିନିଗୋଟି ଚରିତ୍ର ଥିଲେ ବି, ସେମାନଙ୍କ ମଧ୍ୟରେ ସମ୍ପର୍କ କିପରି ସୀମିତ, ଆନ୍ତରିକତାର ଅଭାବ, ପାରିବାରିକ ସ୍ନେହ, ପ୍ରେମ ଓ ସୁଖଠାରୁ ସେମାନେ କିଭଳି ଦୂରରେ ତା'ର ଆଲୋଚନା କରାଯିବ । ଖାଲି ଲୋକ ଦେଖାଣିଆ ସମ୍ପର୍କ ଭିତରେ ସେମାନେ କିପରି ବଞ୍ଚିଛନ୍ତି ତା'ର ଆଲୋଚନା କରାଯାଇ ନାମକରଣର ସାର୍ଥକତା ପ୍ରତିପାଦନ କରାଯିବ ।

# ଚତୁର୍ଥ ଏକକ

## ବୋଧଜ୍ଞାନ ପରୀକ୍ଷଣ

### ଗଦ୍ୟ ବିଭାଗ

**ଅନୁଚ୍ଛେଦଟି ପାଠ କରି ତାର ଆଧାରରେ ସଂଲଗ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଦେବାକୁ ହେବ।**

**ଏକ ନମ୍ବର ପାଇଁ ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦୁଇ ନମ୍ବର ପାଇଁ ପ୍ରଶ୍ନର ଉତ୍ତର ଦୁଇଟି ଲେଖାଏଁ ବାକ୍ୟରେ ଦେବାକୁ ହେବ।**

୧. ସେମାନେ ସମସ୍ତେ ମଧୁସୂଦନଙ୍କର ଶିଷ୍ୟ। ୧୯୦୩ ରୁ ଆନ୍ଦୋଳନ ଆରମ୍ଭ ହୋଇ ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା। କିନ୍ତୁ ଦୁର୍ଭାଗ୍ୟର କଥା, ମଧୁସୂଦନ ନିଜ ଆଖିରେ ସ୍ୱତନ୍ତ୍ର ଓଡ଼ିଶା ଦେଖିପାରିଲେ ନାହିଁ। ତାର ଦୁଇବର୍ଷ ପୂର୍ବରୁ ସେ ମରିଯାଇଥିଲେ; କିନ୍ତୁ ଓଡ଼ିଶାର ଆନ୍ଦୋଳନ କଥା ପଡ଼ିଲେ ଆଗ ଲୋକେ ମଧୁସୂଦନଙ୍କ ନାଁ ଧରନ୍ତି। କାରଣ, ଓଡ଼ିଶାକୁ ସ୍ୱତନ୍ତ୍ର କରିବା ଉଦ୍ଦେଶ୍ୟରେ ସେ ୧୯୦୭ ମସିହାରେ ବିଲାତ ଯାଇଥିଲେ। ଅବଶ୍ୟ ୧୮୯୭ ମସିହାରେ ଆଗରୁ ଥରେ ସେ ତାଙ୍କ ପେଟ ଭଲ କରିବା ପାଇଁ ବିଲାତ ଯାଇଥିଲେ। ଜଣେ ଓଡ଼ିଆ ଲୋକଙ୍କର ବିଲାତ ଯିବା ଏଇ ପ୍ରଥମ। ସାତ ସମୁଦ୍ର ଓ ତେର ନଦୀ ପାର ହେବା ଏଇ ପ୍ରଥମ।

ଓଡ଼ିଶା ପାଇଁ ମଧୁସୂଦନଙ୍କ ପ୍ରାଣ ବରାବର କାନ୍ଦୁଥିଲା। ସେ ସବୁବେଳେ କହୁଥିଲେ ଓଡ଼ିଆ ଲୋକ ନିଜ ହାତରେ ନିଜ ଲୁଗା ବୁଣି ନ ପିନ୍ଧିଲେ, ନିଜ ଜିନିଷକୁ ବାହାରେ ବ୍ରିକି ନ କଲେ, ସେମାନଙ୍କର କୌଣସି ଉନ୍ନତି ହେବନାହିଁ କିମ୍ବା ସେମାନଙ୍କୁ କେହି ଚିହ୍ନିବେ ନାହିଁ। ସେଥିପାଇଁ ସେ ଉତ୍କଳ ଟାନେରୀ କରି ଲକ୍ଷ ଲକ୍ଷ ଟଙ୍କାର ଯୋତା ଓଡ଼ିଶା ବାହାରକୁ ପଠାଉଥିଲେ ଓ ସୁନାରୂପାର ତାରକସି କାମକୁ ବାହାରେ ଖୁବ୍ ପ୍ରଚାର କରିଥିଲେ। କିନ୍ତୁ ତାଙ୍କର ଏମିତି ନ୍ୟାୟଜ୍ଞାନ ଥିଲା ଯେ, ପଇସା ପାଇଁ ସେ କେବେ ଅନ୍ୟାୟ କରିବାକୁ ରାଜି ହେଉ ନ ଥିଲେ। ଥରେ କଲିକତାର ଗୋଟାଏ ସାହେବ କମ୍ପାନୀ ତାଙ୍କ ଟାନେରୀ ଯୋତା ଦେଖି ତାଙ୍କୁ ଲକ୍ଷେ ଟଙ୍କାର ଯୋତା ବରାଦ ଦେଲେ। କିନ୍ତୁ କମ୍ପାନୀ କହିଲେ ଯେ ଯୋତା ଉପରେ ଉତ୍କଳ ଟାନେରୀ ମୋହର ନ ରହି ତାଙ୍କ ସାହେବ କମ୍ପାନୀର ମୋହର ରହିବ। ଲକ୍ଷେ ଟଙ୍କା ଗଲା ପଛେ, ମଧୁସୂଦନ ସେଥିରେ ରାଜି ହେଲେନାହିଁ। ବାସ୍ତବରେ ଦୁନିଆରେ ଧନ ବଡ଼ ନୁହେଁ, ବଡ଼ ହେଉଛି ଜାତି ଓ ଦେଶର ମାନ। ପଇସା ପାଇଁ ଯେ ସମ୍ମାନକୁ ଭୁଲିଯାଏ, ସେ ହୀନ,ସେ ଘୃଣ୍ୟ।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୧x୪)**

(କ) ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଆନ୍ଦୋଳନ କେବେ ଆରମ୍ଭ ହୋଇଥିଲା ?

(ଖ) ଓଡ଼ିଶାର ଆନ୍ଦୋଳନ କଥା ପଡ଼ିଲେ ଲୋକେ କାହାର ନାଁ ଧରନ୍ତି ?

(ଗ) କଲିକତାର ସାହେବ କମ୍ପାନି ଟାନେରୀ ଯୋତା ଦେଖି କ'ଣ କରିଥିଲେ ?

(ଘ) ବାସ୍ତବରେ ଦୁନିଆରେ ଧନଠାରୁ ବଡ଼ କ'ଣ ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) ଦୁର୍ଭାଗ୍ୟର କଥା କ'ଣ ଥିଲା ବୋଲି ବର୍ଣ୍ଣିତ ?

(ଖ) ମଧୁସୂଦନ କେବେ କେବେ କ'ଣ ପାଇଁ ବିଲାତ ଯାଇଥିଲେ ?

(ଗ) ମଧୁସୂଦନ ସବୁବେଳେ କ'ଣ କହୁଥିଲେ ?

### ଉତ୍ତର

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର (୧x୪)**

(କ) ୧୯୦୩ ମସିହାରେ ଆନ୍ଦୋଳନ ଆରମ୍ଭ ହୋଇଥିଲା।

(ଖ) ଓଡ଼ିଶାର ଆନ୍ଦୋଳନ କଥା ପଡ଼ିଲେ ଲୋକେ ମଧୁସୂଦନଙ୍କ ନାଁ ଧରନ୍ତି।

(ଗ) ମଧୁସୂଦନଙ୍କୁ ଲକ୍ଷେ ଟଙ୍କାର ଯୋତା ବରାଦ ଦେଇଥିଲେ।

(ଘ) ବାସ୍ତବରେ ଦୁନିଆରେ ବଡ଼ ହେଉଛି ଜାତି ଓ ଦେଶର ମାନ।

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର (୨x୩)**

(କ) ମଧୁସୂଦନ ନିଜ ଆଖିରେ ସ୍ୱତନ୍ତ୍ର ଓଡ଼ିଶା ଦେଖିପାରିଲେ ନାହିଁ। ତା'ର ଦୁଇବର୍ଷ ପୂର୍ବରୁ ସେ ମରିଯାଇଥିଲେ। ଏହାହିଁ ଦୁର୍ଭାଗ୍ୟର କଥା ଥିଲା।

(ଖ) ମଧୁସୂଦନ ୧୮୯୭ ମସିହାରେ ନିଜ ପେଟ ଭଲ କରିବା ପାଇଁ ଥରେ ବିଲାତ ଯାଇଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର କରିବା ଉଦ୍ଦେଶ୍ୟରେ ୧୯୦୭ ରେ ମଧ ବିଲାତ ଯାଇଥିଲେ।

(ଗ) ମଧୁସୂଦନ କହୁଥିଲେ, ଓଡ଼ିଆ ଲୋକେ ନିଜ ହାତରେ ନିଜ ଲୁଗାବୁଣି ନ ପିନ୍ଧିଲେ, ନିଜ ଜିନିଷକୁ ବାହାରେ ବିକ୍ରି ନ କଲେ, ସେମାନଙ୍କର କୌଣସି ଉନ୍ନତି ହେବନାହିଁ କି ସେମାନଙ୍କୁ କେହି ଚିହ୍ନିବେ ନାହିଁ।

**୨.** ସେ କାଳରେ ଇଂରେଜମାନଙ୍କର କ୍ଷମତା ପ୍ରବଳ ଥିଲା। ଆମ ଦେଶର ଲୋକମାନଙ୍କୁ ସେମାନେ ବଡ଼ ହୀନଚକ୍ଷୁରେ ଦେଖୁଥିଲେ। ସେ ମନ୍ତ୍ରୀ ଥିଲାବେଳେ ତାଙ୍କର ଜଣେ ସାହେବ ସେକ୍ରେଟାରୀ ଥିଲେ। ସେ ଆମ ଦେଶର କିରାନୀମାନଙ୍କୁ ଯା ଇଚ୍ଛା ତାହା ଗାଳି ଦେଉଥିଲେ ଓ ଘଣ୍ଟା ଘଣ୍ଟା ଠିଆ କରାଇ ରଖୁଥିଲେ। ମଧୁସୂଦନ ଏସବୁ କଥା ଜାଣିପାରି ଶେଷରେ ଦିନେ ସେ ଭଦ୍ରଲୋକଙ୍କୁ ଉପଯୁକ୍ତ ଶିକ୍ଷା ଦେବାପାଇଁ ଠିକ୍ କଲେ। ଦିନେ ସେ ତାଙ୍କ ଅଫିସଘରୁ ସମସ୍ତ ଚଉକି କାଢ଼ିନେଇ ନିଜେ ଗୋଟିଏ ଚଉକିରେ ବସି କାଗଜପତ୍ର ଧରି ଆସିବା ପାଇଁ ସେହି ସାହେବଙ୍କୁ ଡକାଇଲେ। ଦୁଇ ତିନି ଘଣ୍ଟା ପର୍ଯ୍ୟନ୍ତ କାମ ଚାଲିଲା। ମଧୁବାବୁ କାଗଜ ଦେଖୁଥାନ୍ତି।

ସେ କେଡ଼େ ନିର୍ଲୋଭ, କେଡ଼େ ସ୍ୱାଧୀନଚେତା, ଆଉ ଗୋଟିଏ ଘଟଣାରୁ ଆମେ ଜାଣିପାରିବା। ୧୯୨୧ ମସିହାରେ ସେ ବିହାର-ଓଡ଼ିଶାର ଜଣେ ମନ୍ତ୍ରୀ ହେଲେ। ସେତିକିବେଳେ ଥରେ ସେ ବାଲେଶ୍ୱରରେ ବକ୍ତୃତା ଦେଉଥିବାବେଳେ କହିଲେ, "ପ୍ରତ୍ୟେକ ଲୋକର ସ୍ୱାର୍ଥ ଛାଡ଼ି ଦେଶପାଇଁ କାମ କରିବା ଉଚିତ।" ଏକଥା ଶୁଣି ସଭାର କେହି କେହି ଲୋକ କହିଲେ, "ନିଜେ ମନ୍ତ୍ରୀ ହୋଇ ଅନ୍ୟଙ୍କୁ ସ୍ୱାର୍ଥ ଛାଡ଼ିବା ପାଇଁ କହିବାର ମୂଲ୍ୟ କ'ଣ ?" ମଧୁସୂଦନ କଥାଟାର ମର୍ମ ବେଶ୍ ବୁଝିପାରିଲେ। ସେହି ବର୍ଷ ସେ ସରକାରଙ୍କୁ କହିଲେ ଯେ, ସେ ଦରମା ନ ନେଇ ମନ୍ତ୍ରୀ ରହିବାକୁ ଚାହାନ୍ତି; ମାତ୍ର ସରକାର ସେଥିରେ ରାଜି ନ ହେବାରୁ ସେ ୧୯୨୩ ମସିହାରେ ଇସ୍ତଫା ଦେଇ ଚାଲିଆସିଲେ। ଆଜି ଭାରତଯାକ ଖୋଜି ଆସିଲେ ପଇସାକୁ ଏମିତି ଖାତିର ନ କରିବା ଲୋକ କେଇଜଣ ଅଛନ୍ତି ? ବର୍ଷକୁ ୬୪ ହଜାର ଟଙ୍କା ଦରମା। ଆଜିକାଲି ଶସ୍ତା ଟଙ୍କାରେ ହିସାବ କଲେ ପାଞ୍ଚ, ଛଅ ଲକ୍ଷରୁ କମ୍ ହେବନାହିଁ। କାଉଁରିଆ କାଠି ଭାଙ୍ଗିଯିବ ପଛେ, ନଇଁବ ନାହିଁ।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୧x୪)**

(କ) ଇଂରେଜମାନେ ଆମ ଲୋକଙ୍କୁ କିପରି ଦେଖୁଥିଲେ ?

(ଖ) ସାହେବ ସେକ୍ରେଟେରୀ ଜଣକ ଆମ ଲୋକଙ୍କୁ କିପରି ଅପମାନିତ କରୁଥିଲେ ?

(ଗ) ମଧୁବାବୁ କେବେ କାହାର ମନ୍ତ୍ରୀ ହେଲେ ?

(ଘ) ସେତେବେଳେ ମଧୁବାବୁଙ୍କର ଦରମା ବର୍ଷକୁ କେତେ ଥିଲା ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) ମଧୁସୂଦନ ସାହେବ ସେକ୍ରେଟେରୀଙ୍କୁ ଶିକ୍ଷା ଦେବା ପାଇଁ କ'ଣ କଲେ ?

(ଖ) ବାଲେଶ୍ୱରରେ ମଧୁବାବୁଙ୍କ ବକ୍ତୃତା ଶୁଣି ଲୋକେ କ'ଣ କହିଲେ ?

(ଗ) କଥାର ମର୍ମବୁଝି ମଧୁବାବୁ କ'ଣ କଲେ ?

## ଉତ୍ତର

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର (୧x୪)**

(କ) ଇଂରେଜମାନେ ଆମ ଲୋକଙ୍କୁ ଅତ୍ୟନ୍ତ ହୀନଚକ୍ଷୁରେ ଦେଖୁଥିଲେ ?

(ଖ) ସାହେବ ଆମ ଦେଶର କିରାଣୀମାନଙ୍କୁ ଯାଇଚ୍ଛା ତାହା ଗାଳି ଦେଉଥିଲେ ଓ ଘଣ୍ଟା ଘଣ୍ଟା ଧରି ଠିଆ କରୁଥିଲେ।

(ଗ) ମଧୁବାବୁ ୧୯୨୧ରେ ବିହାର ଓଡ଼ିଶାର ମନ୍ତ୍ରୀ ହୋଇଥିଲେ।

(ଘ) ସେତେବେଳେ ମଧୁବାବୁଙ୍କର ଦରମା ୬୪ ହଜାର ଟଙ୍କା ଥିଲା।

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର (୨x୩)**

(କ) ମଧୁବାବୁ ତାଙ୍କ ଅଫିସରୁ କେବଳ ଗୋଟିଏ ଚେୟାର ରଖି ସବୁ ଚେୟାର ଉଠାଇ ନେଲେ। ସେକ୍ରେଟାରୀଙ୍କୁ ଡକାଇ ଦି ତିନି ଘଣ୍ଟା କାମରେ ଲାଗିରହିଲେ।

(ଖ) ସଭାରେ ମଧୁବାବୁଙ୍କ କଥାଶୁଣି ଲୋକେ କେହି କେହି କହିଲେ, "ନିଜେ ମନ୍ତ୍ରୀ ହୋଇ ଅନ୍ୟଙ୍କୁ ସ୍ୱାର୍ଥ ଛାଡ଼ିବା ପାଇଁ କହିବାର ମୂଲ୍ୟ କ'ଣ ?"

(ଗ) ସେହିବର୍ଷ ବଧୁବାବୁ ସରକାରଙ୍କୁ କହିଲେ ସେ ଦରମା ନ ନେଇ ମନ୍ତ୍ରୀ ରହିବାକୁ ଚାହାଁନ୍ତି। ମାତ୍ର ସରକାର ରାଜି ନ ହେବାରୁ ୧୯୨୩ ମସିହାରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ସେ ଚାଲି ଆସିଥିଲେ।

**୩.** ଅସଂଖ୍ୟ କ୍ରିୟା ଓ ଅନନ୍ତ ଜ୍ଞାନ ହେଲେ ମଧ ଶେଷକୁ ମନ ପାଖରେ ବହୁତ ଅଳ୍ପ କଥା ଅବଶେଷରେ ରହେ। ସେ ସବୁ କର୍ମର ପାଞ୍ଚଦଶଟା ଦୃଢ଼ ସଂସ୍କାର ବାକି ରହିଥାଏ। ଏ ସଂସ୍କାର ହିଁ ଆମର ପାଣ୍ଠି। ଆମେ ଜୀବନରୂପୀ ବ୍ୟବସାୟ କରି କେବଳ ସଂସ୍କାରରୂପୀ ସମ୍ପତ୍ତି ସଂଗ୍ରହ କରୁ। ବ୍ୟବସାୟୀ ଯେପରି ପ୍ରତିଦିନର, ମାସର ଓ ବର୍ଷଯାକର ଜମା-ଖର୍ଚ୍ଚ କରି ଶେଷର ଲାଭକ୍ଷତିର ହିସାବ କରେ, ଆମର ଜୀବନ ମଧ ସେହିପରି। ଅନେକ ସଂସ୍କାର ଜମାଖାତାରେ ପଡୁପଡୁ ଶେଷକୁ ଏକ ଅତ୍ୟନ୍ତ ସଂକ୍ଷିପ୍ତ ଓ ସରଳ ସାରାଂଶ ବାକି ରହେ।

ଯେତେବେଳେ ଜୀବନର ଅନ୍ତିମ ସମୟ ଆସେ, ସେତେବେଳେ ଜୀବନର ଜମା ଖର୍ଚ୍ଚ କଥା ଆତ୍ମାର ମନେପଡ଼େ। ଜନ୍ମଭରି କ'ଣ କ'ଣ କରିଛି, ସେ କଥା ଯେତେବେଳେ ମନେପକାଏ, ସେତେବେଳେ ଜମାଘରେ ଦୁଇ ଚାରୋଟି ବିଷୟ ଆଖିରେ ପଡ଼େ। ଏହାର ଅର୍ଥ ନୁହେଁ ଯେ, ସମୁଦାୟ କର୍ମ ଓ ଜ୍ଞାନ ବୃଥା ହୋଇଗଲା। ସେଗୁଡ଼ିକଙ୍କର କାମ ସରିଗଲା। ଦିଆନିଆ ହଜାର ପ୍ରକାର କରିବା ପରେ ଶେଷରେ ମୋଟ ଚାରିପାଞ୍ଚ ହଜାର ଲାଭ ବା ଦଶ କୋଡ଼ିଏ ହଜାର କ୍ଷତି - ଏତିକି ସାରକଥା ବ୍ୟବସାୟୀ ଜାଣିପାରେ। କ୍ଷତି ହୋଇଥିଲେ ମନ ଦବିଯାଏ, ଲାଭ ହୋଇଥିଲେ ମନ ଉଲ୍ଲସି ଉଠେ।

ଆମ ଜୀବନ ମଧ୍ୟ ସେହିପରି। ମରିବା ସମୟରେ ଯଦି ଖାଇବାର ବାସନା ହେଲା, ତେବେ ଜାଣିବ ଯେ, ଜୀବନଭରି କେବଳ ସୁସ୍ୱାଦୁ ଖାଦ୍ୟ ଖାଇବା ଅଭ୍ୟାସ କରାଯାଇଛି। ଭୋଜନ ବା ସ୍ୱାଦର ବାସନାକୁ ଆମ ଜୀବନଯାକର ଅର୍ଜନ ବୋଲି ବୁଝିବାକୁ ହେବ। କୌଣସି ମା'ର ମୃତ୍ୟୁ ସମୟରେ ଯଦି ପୁଅ ମନେପଡ଼େ, ତେବେ ତାର ପୁତ୍ର ସମ୍ବନ୍ଧୀୟ ସଂସ୍କାର ହିଁ ବଳବାନ ସାବ୍ୟସ୍ତ ହେଲା। ବାକି ଯେତେକ ଅସଂଖ୍ୟ କର୍ମ ସେ କରିଥିଲା; ସେ ସବୁ ଗୌଣ ବୋଲି ପ୍ରମାଣିତ ହେଲା। ପାଟୀଗଣିତରେ ଭଗ୍ନାଂଶ ପ୍ରଶ୍ନ ଥାଏ। କେତେ ବଡ଼ ବଡ଼ ସଂଖ୍ୟା। କିନ୍ତୁ ତାକୁ ସଂକ୍ଷେପ କରୁ କରୁ ଶେଷରେ ଏକ କିମ୍ବା ଶୂନ୍ୟ ଉତ୍ତର ହୁଏ। ସେହିପରି ଜୀବନର ନାନାବିଧ ସଂଖ୍ୟା ଚାଲିଯାଏ। ଶେଷର ମାତ୍ର ବଳବାନ ସଂସ୍କାର ହିଁ ସାରରୂପେ ରହେ, ଜୀବନରୂପୀ ପ୍ରଶ୍ନର ଏହା ହିଁ ଉତ୍ତର। ଅନ୍ତକାଳୀନ ସ୍ମରଣ ହିଁ ଜୀବନର ପରିଣତି।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୧x୪)**

(କ) ଜୀବନରୂପୀ ବ୍ୟବସାୟ କରି ଆମେ କ'ଣ ସଂଗ୍ରହ କରୁ ?

(ଖ) ଆମର ଜୀବନ ମଧ୍ୟ ସେହିପରି କହିବାର ଉପଲକ୍ଷ କ'ଣ ?

(ଗ) ଆତ୍ମାର କେତେବେଳେ କ'ଣ ମନେ ପଡ଼େ ?

(ଘ) ଜୀବନରୂପୀ ପ୍ରଶ୍ନର ଉତ୍ତର କ'ଣ ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) ଜୀବନର ଜମାଘରେ ଆତ୍ମାର କ'ଣ ଆଖିରେ ପଡ଼େ ?

(ଖ) ମରିବା ସମୟରେ ଖାଇବାର ବାସନା ଆସିଲେ କ'ଣ ହେବ ?

(ଗ) ଜୀବନର ନାନାବିଧ ସଂଖ୍ୟା କିପରି ଚାଲିଯାଏ ?

## ଉତ୍ତର

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର (୧x୪)**

(କ) ଜୀବନରୂପୀ ବ୍ୟବସାୟ କରି ଆମେ ସଂସ୍କାରରୂପୀ ସମ୍ପତ୍ତି ସଂଗ୍ରହ କରୁ।

(ଖ) ବ୍ୟବସାୟୀ ଯେପରି ପ୍ରତିଦିନର, ମାସର, ବର୍ଷଯାକର ଜମାଖର୍ଚ୍ଚ କରି ଶେଷରେ ଲାଭ କ୍ଷତିର ହିସାବ କରେ ଆମର ଜୀବନ ମଧ୍ୟ ସେହିପରି।

(ଗ) ଯେତେବେଳେ ଜୀବନର ଅନ୍ତିମ ସମୟ ଆସେ ସେତେବେଳେ ଜୀବନର ଜମା ଖର୍ଚ୍ଚ କଥା ଆତ୍ମାର ମନେପଡ଼େ।

(ଘ) କେବଳ ମାତ୍ର ବଳବାନ ସଂସ୍କାର ହିଁ ସାର - ଏହା ହିଁ ଜୀବନରୂପୀ ପ୍ରଶ୍ନର ଉତ୍ତର।

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର (୨x୩)**

(କ) ଜୀବନର ଅନ୍ତିମ ସମୟ ଆସିଲେ, ଜମାଘରେ ଆତ୍ମାର ଆଖିରେ ପଡ଼େ। ଜନ୍ମଭରି କ'ଣ କ'ଣ କରିଛି - ଯେତେବେଳେ ସେ ଦେଖେ, ସେତେବେଳେ ଜମାଘରେ ଦୁଇଚାରିଟି ବିଷୟ ଆଖିରେ ପଡ଼େ।

(ଖ) ଜାଣିବ ଯେ, ଜୀବନ ଭରି କେବଳ ସୁସ୍ୱାଦୁ ଖାଦ୍ୟ ଖାଇବା ଅଭ୍ୟାସ କରାଯାଇଛି। ଭୋଜନ ବା ସ୍ୱାଦ ବାସନା ହିଁ ଆମ ଜୀବନ ଯାକର ଅର୍ଜନ।

(ଗ) ପାଟୀଗଣିତରେ ଥିବା ବଡ଼ ବଡ଼ ସଂଖ୍ୟାକୁ ସଂକ୍ଷେପ କରୁକରୁ ଶେଷରେ ଏକ କିମ୍ବା ଶୂନ୍ୟ ରହିଲା ପରି ଜୀବନର ନାନାବିଧ ସଂଖ୍ୟା ଚାଲିଯାଏ।

୪. ଆଜିକାଲିକା ଯୁବକ କହୁଛନ୍ତି - ରାମ ନାମ, ରାମଙ୍କ ଭକ୍ତି, ରାମଙ୍କ ଉପାସନା - ଏ ସବୁ ଆମ ମୁଣ୍ଡରେ ପଶୁନାହିଁ। ଆମେ ଭଗବାନଙ୍କ କାମରେ ବିଶ୍ୱାସ କରୁଁ। ଭଗବାନଙ୍କର କାମ କିପରି କରିବାକୁ ହେବ ତା'ର ଦୃଷ୍ଟାନ୍ତ ଭରତ ଦେଖାଇଛନ୍ତି। ଭଗବାନଙ୍କର କାମ କରି ଭରତ ସେ ବିଚ୍ଛେଦକୁ ହଜମ କରିଦେଲେ। ଭଗବାନଙ୍କର କାମ କରୁଁ କରୁଁ ଭଗବାନଙ୍କର ବିଚ୍ଛେଦକୁ ଅନୁଭବ କରିବପାଇଁ ସୁଦ୍ଧା ସମୟ ନ ମିଳିବା ଗୋଟିଏ କଥା; ପୁଣି ଯାହାର ଭଗବାନଙ୍କ ସହିତ କିଛି ଦିଆନିଆ ନାହିଁ, ତାହା କଥା ନିଆରା। ଭଗବାନଙ୍କ କାମ କରୁଁ କରୁଁ ସଂଯମପୂର୍ଣ୍ଣ ଜୀବନ କଟାଇବା ଏ ସଂସାରରେ ଦୁର୍ଲଭ ବସ୍ତୁ। ଭରତଙ୍କର ଏ ମନୋବୃତ୍ତିରେ ନିର୍ଗୁଣ ଭାବରେ କାମ କରିବାର ମନୋବୃତ୍ତି ଥିଲେ ସୁଦ୍ଧା ତାହା ମଧ୍ୟରୁ ସଗୁଣର ଆଧାର ଲୋପ ପାଇ ନ ଥିଲା। "ପ୍ରଭୋ ରାମ! ଆପଣଙ୍କର ଆଜ୍ଞା ମୋର

ଶିରୋଧାର୍ଯ୍ୟ। ଆପଣ ଯାହା କହିବେ, ତହିଁରେ ମୋର ସନ୍ଦେହ ନାହିଁ।" ଏହା କହି ଭରତ ଯେମିତି ଲେଉଟିଲେ ସଙ୍ଗେ ସଙ୍ଗେ ପଛକୁ ଫେରି ରାମଙ୍କୁ ଚାହିଁ କହିଲେ, "ଭଗବାନ୍, ମନ ମାନୁନାହିଁ, ମନ ଦକଦକ ହେଉଛି।" ରାମ ତୁରନ୍ତ ବୁଝିପାରିଲେ ଏବଂ କହିଲେ - "ଏ ପାଦୁକା ନେଇଯାଅ।" ସଗୁଣ ପ୍ରତି ଆଦର ଶେଷ ପର୍ଯ୍ୟନ୍ତ ରହିଲା। ନିର୍ଗୁଣକୁ ଶେଷରେ ସଗୁଣ ଆର୍ଦ୍ର କରିଦେଲା। ପାଦୁକାରେ ଲକ୍ଷ୍ମଣଙ୍କ ମନ ମାନି ନ ଥାନ୍ତା। ତାଙ୍କ ଦୃଷ୍ଟିରୁ ଘୋଳ ପିଇ ଦୁଧର ସ୍ୱାଦ ମେଣ୍ଟାଇଲା ଭଳି ଏ କଥା ହୋଇଥାନ୍ତା। ଭରତଙ୍କ ଭୂମିକା ଏହାଠାରୁ ଭିନ୍ନ ଥିଲା। ସେ ବାହାରୁ ଦେଖିବାକୁ ଦୂରରେ ରହି କର୍ମ କରୁଥିଲେ; କିନ୍ତୁ ମନରେ ରାମମୟ ଥିଲେ। ଭରତ ନିଜର କର୍ତ୍ତବ୍ୟ ପାଳନ କରିବାରେ ହିଁ ରାମ-ଭକ୍ତି ରହିଛି ବୋଲି ମଣୁଥିଲେ ସୁଦ୍ଧା ସେ ପାଦୁକାର ଆବଶ୍ୟକତା ଉପଲବ୍ଧି କରିଥିଲେ। ତାହା ଅଭାବରେ ସେ ରାଜକାର୍ଯ୍ୟ ଚଳାଇ ପାରୁ ନ ଥିଲେ। ସେ ପାଦୁକାର ଆଜ୍ଞା ରୂପେ ନିଜର କର୍ତ୍ତବ୍ୟ କରି ଯାଉଥିଲେ। ଲକ୍ଷ୍ମଣ ଯେପରି ରାମଙ୍କର ଭକ୍ତ, ଭରତ ମଧ୍ୟ ସେହିପରି ଭକ୍ତ। ଦୁହିଁଙ୍କର ଭୂମିକା ପଦାକୁ ଭିନ୍ନ ଭିନ୍ନ ଥିଲା। ଭରତ କର୍ତ୍ତବ୍ୟନିଷ୍ଠ ଥିଲେ, ତତ୍ତ୍ୱନିଷ୍ଠ ଥିଲେ; ତଥାପି ତାଙ୍କ ତତ୍ତ୍ୱନିଷ୍ଠା ନିମନ୍ତେ ପାଦୁକାର ଆର୍ଦ୍ରତା ଲୋଡ଼ାଥିବାର ଅନୁଭୂତ ହେଲା।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୧x୪)**

(କ) ଆଜିକାଲିକା ଯୁବକ କ'ଣ କହୁଛନ୍ତି ?

(ଖ) ଭରତ କେଉଁ ଦୃଷ୍ଟାନ୍ତ ଦେଖାଇଛନ୍ତି ?

(ଗ) ଭରତଙ୍କ ମନୋବୃତ୍ତିର ରୂପ କିପରି ଥିଲା ?

(ଘ) ଭରତଙ୍କ ତତ୍ତ୍ୱନିଷ୍ଠା ନିମନ୍ତେ କାହାର ଲୋଡ଼ା ହେଲା ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) ଭରତ କ'ଣ କହି ଲେଉଟିଲେ ?

(ଖ) ରାମଙ୍କର 'ଏ ପାଦୁକା ନେଇଯାଅ'ର ଗୂଢ଼ାର୍ଥ କ'ଣ ଥିଲା ?

(ଗ) ଲକ୍ଷ୍ମଣଙ୍କ ମାନସିକତା ସମ୍ପର୍କରେ କ'ଣ କୁହାଯାଇଛି ?

## ଉତ୍ତର

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର (୧x୪)**

(କ) ଆଜିକାଲିକା ଯୁବକ କହୁଛନ୍ତି - ରାମ ନାମ, ରାମଙ୍କ ଭକ୍ତି, ରାମଙ୍କ ଉପାସନା ଏ ସବୁ ତାଙ୍କ ମୁଣ୍ଡରେ ପଶୁନାହିଁ।

(ଖ) ଭଗବାନଙ୍କ କାମ କିପରି କରିବାକୁ ହେବ ତା'ର ଦୃଷ୍ଟାନ୍ତ ଭରତ ଦେଖାଇଛନ୍ତି।

(ଗ) ଭରତଙ୍କ ମନୋବୃତ୍ତିରେ ନିର୍ଗୁଣ ଭାବରେ କାମ କରିବାର ପ୍ରବୃତ୍ତି ଥିଲେ ସୁଦ୍ଧା ସେଥିରୁ ସଗୁଣର ଆଧାର ଲୋପ ପାଇ ନଥିଲା।

(ଘ) ଭରତଙ୍କ ତତ୍ତ୍ୱନିଷ୍ଠା ନିମନ୍ତେ ପାଦୁକାର ଆର୍ଦ୍ରତା ଲୋଡ଼ାଥିବାର ଅନୁଭୂତ ହେଲା।

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) "ପ୍ରଭୋ ରାମ, ଆପଣଙ୍କର ଆଜ୍ଞା ଶିରୋଧାର୍ଯ୍ୟ। ଆପଣ ଯାହା କହିବେ ତହିଁରେ ମୋର ସନ୍ଦେହ ନାହିଁ" - ଏହା କହି ଭରତ ଲେଉଟିଲେ।

(ଖ) "ସଗୁଣ ପ୍ରତି ଆଦର ଶେଷପର୍ଯ୍ୟନ୍ତ ରହିଲା। ନିର୍ଗୁଣକୁ ଶେଷରେ ସଗୁଣ ଆର୍ଦ୍ର କରିଦେଲା।" ଏହାହିଁ ଗୂଢ଼ାର୍ଥ ଥିଲା।

(ଗ) ପାଦୁକାରେ ଲକ୍ଷ୍ମଣଙ୍କ ମନ ମାନି ନ ଥା'ନ୍ତା। ତାଙ୍କ ମତରେ ଘୋଳପିଇ ଦୁଧର ସ୍ୱାଦ ମେଣ୍ଟାଇବା ଭଳି ଏହା ହୋଇଥା'ନ୍ତା।

**୫.** କିନ୍ତୁ ମନୁଷ୍ୟ ସ୍ମରଣ କରିବାକୁ ଚାହେଁ ନାହିଁ। ପାସ୍କଲ ନାମକ ଜଣେ ଫରାସୀ ଦାର୍ଶନିକ ଥିଲେ। ତାଙ୍କର ଖଣ୍ଡିଏ ବହିର ନାମ 'ପାଁସେ'। 'ପାଁସେ'ର ଅର୍ଥ ହେଉଛି ବିଚାର। ସେ ଏ ପୁସ୍ତକରେ ବିବିଧ ପ୍ରକାରର ସ୍ଫୁଟ ବିଚାର ଦେଇଛନ୍ତି। ତହିଁରେ ସେ ଗୋଟିଏ ସ୍ଥାନରେ କହିଛନ୍ତି, "ମୃତ୍ୟୁ ସର୍ବଦା ପଛରେ ଛିଡ଼ା ହୋଇଛି। କିନ୍ତୁ ମନୁଷ୍ୟ ତାକୁ କିପରି ଭୁଲିବ, ସେଥିପାଇଁ ସତତ ଉଦ୍ୟମ କରୁଥାଏ। କେବେ ସେ ମନକୁ ଆଣେ ନାହିଁ ଯେ, ମୃତ୍ୟୁକୁ ମନେରଖି ସେ କିପରି ଚଳିବ।" ମନୁଷ୍ୟ ମରଣ ଶବ୍ଦକୁ ସୁଦ୍ଧା ସହିପାରେ ନାହିଁ। ଖାଇବାବେଳେ ଯଦି କେହି ମୃତ୍ୟୁର ନାମ ଧରନ୍ତି, ତେବେ କହନ୍ତି - "କି ଅଶୁଭ କଥା ମୁହଁରେ ଧରୁଛ ?" ଏସବୁ ସତ୍ତ୍ୱେ ଆମେ ପାଦେ ପାଦେ ହୋଇ ମୃତ୍ୟୁଆଡ଼କୁ ଆଗେଇ ଚାଲିଛୁ। ବମ୍ବେର ଟିକେଟ କାଟି ଥରେ ରେଳରେ ବସିଯିବା ପରେ ଆମେ ପଛକେ ଖାଲି ବସିଥାଉଁ, ଗାଡ଼ି କିନ୍ତୁ ଆମକୁ ନେଇ ବମ୍ବେରେ ଛାଡ଼ିଦେବ। ଜନ୍ମହେବା ମାତ୍ରେ ଆମେ ମୃତ୍ୟୁର ଟିକଟ କାଟି ରଖିଛୁ। ଏଣୁ ଆପଣ ଏବେ ବସି ରହନ୍ତୁ ବା ଦୌଡ଼ନ୍ତୁ। ବସି ରହିଲେ ମଧ୍ୟ ମୃତ୍ୟୁ ଆସିବ; ଦୌଡୁଥିଲେ ମଧ୍ୟ ଆସିବ। ଆପଣ ମୃତ୍ୟୁଚିନ୍ତା କରନ୍ତୁ ବା ନ କରନ୍ତୁ, ସେ ନ ଆସି ରହିବ ନାହିଁ। ଅନ୍ୟାନ୍ୟ ବିଷୟ ଅନିଶ୍ଚିତ ହୋଇପାରିଥାଏ; କିନ୍ତୁ ମରଣ ନିଶ୍ଚିତ। ସୂର୍ଯ୍ୟ ଅସ୍ତାଚଳ ଆଡ଼କୁ ଯିବାମାତ୍ରେ ଆମ ଆୟୁର କେତେକାଂଶ ଖାଇଯାଏ। ଜୀବନର ଗୋଟିଏ ଗୋଟିଏ ଭାଗ ଏହିପରି କଟିଯାଉଛି, ଜୀବନର କ୍ଷୟ ଘଟୁଛି, ବିନ୍ଦୁ ବିନ୍ଦୁ ହୋଇ ନିଃଶେଷ ହେଉଛି। - ତଥାପି ମନୁଷ୍ୟର ଚିନ୍ତା ନାହିଁ। ଜ୍ଞାନେଶ୍ୱର କହିଛନ୍ତି, - "ଆଶ୍ଚର୍ଯ୍ୟବୋଧ ହେଉଛି।" ଜ୍ଞାନଦେବଙ୍କୁ ଆଶ୍ଚର୍ଯ୍ୟବୋଧ ହେଉଛି ଯେ, ମନୁଷ୍ୟ ଏଡ଼େ ନିଶ୍ଚିନ୍ତତା ଅନୁଭବ କରେ କାହିଁକି ? ମନୁଷ୍ୟ

ମରଣକୁ ଏତେ ଭୟ କରେ ଯେ, ସେ ମୃତ୍ୟୁର ଚିନ୍ତା ସୁଦ୍ଧା ସହିପାରେ ନାହିଁ। ସେ ସର୍ବଦା ସେଇ ବିଚାରରୁ ଦୂରେଇ ରହିବା ପାଇଁ ଇଚ୍ଛା କରେ, ଆଖିରେ ଅନ୍ଧପୁଟୁଳି ବାନ୍ଧି ବସିଥାଏ। ଯୁଦ୍ଧକୁ ଯାଉଥିବା ସୈନିକ ଯୁଦ୍ଧକଥା ଯେପରି ମନକୁ ନ ଆସିବ ସେଥିପାଇଁ ସେ ନାଚେ, ଖେଳେ, ଗାଏ, ସିଗାରେଟ ପିଏ। ପାସ୍କଲ କହୁଛନ୍ତି - "ମରଣକୁ ସର୍ବତ୍ର ପ୍ରତ୍ୟକ୍ଷ ଦେଖୁଥିଲେ ହେଁ ଏ ଟମୀ, ଏ ସୈନିକ ତାକୁ ପାଶୋରିବା ପାଇଁ ଖାଇବା-ପିଇବାରେ ଓ ନାଚ-ଗୀତରେ ମତ୍ତ ହୋଇରହେ।"

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୧x୪)**

(କ) ପାସ୍କଲଙ୍କ ପୁସ୍ତକର ନାମ କ'ଣ ?

(ଖ) ଖାଇବାବେଳେ ମୃତ୍ୟୁର ନାମ ଧରିଲେ କ'ଣ କୁହନ୍ତି ?

(ଗ) ମନୁଷ୍ୟର କେଉଁ ବିଷୟରେ ଚିନ୍ତା ନାହିଁ ?

(ଘ) ମନୁଷ୍ୟ ମୃତ୍ୟୁର ଚିନ୍ତା ସୁଦ୍ଧା ସହିପାରେ ନାହିଁ କାହିଁକି ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) ପାସ୍କଲ ତାଙ୍କ ପୁସ୍ତକରେ କ'ଣ କହିଛନ୍ତି ?

(ଖ) କାନେଶ୍ୱରଙ୍କୁ କ'ଣ ଆଶ୍ଚର୍ଯ୍ୟ ବୋଧ ହୋଇଛି ?

(ଗ) ଯୁଦ୍ଧକୁ ଯାଉଥିବା ସୈନିକ କ'ଣ କରେ ?

*୬.* ଆଳସ୍ୟ ଛାଡ଼ିବା ପାଇଁ ଶାରୀରିକ-ଶ୍ରମ କରିବା ଆବଶ୍ୟକ। ଆଳସ୍ୟକୁ ଜିତିବା ପାଇଁ ଏହା ହିଁ ଏକମାତ୍ର ଉପାୟ। ଯଦି ଏ ଉପାୟ ଅବଲମ୍ବନ ନ କରାଯିବ, ତେବେ ପ୍ରକୃତି ଏହାର ଶାସ୍ତି ନ ଦେଇ ଛାଡ଼ିବ ନାହିଁ। ବ୍ୟାଧିରୂପେ କିମ୍ବା ଅନ୍ୟ କୌଣସି କଷ୍ଟରୂପେ ସେ ଦଣ୍ଡ ଅବଶ୍ୟ ଭୋଗ କରିବାକୁ ହେବ। ଆମକୁ ଶରୀର ମିଳିଛି, ଏଣୁ ଶ୍ରମ ଆମକୁ ନିଶ୍ଚୟ କରିବାକୁ ହେବ। ଶରୀର-ଶ୍ରମରେ ଯେଉଁ ସମୟ ବ୍ୟୟିତ ହୁଏ, ତାହା ବୃଥା ଯାଏନାହିଁ। ଏହାର ପ୍ରତିଦାନ ଅବଶ୍ୟ ମିଳେ। ଉତ୍ତମ ସ୍ୱାସ୍ଥ୍ୟ ଲାଭ ହୁଏ। ବୁଦ୍ଧି ସତେଜ, ତୀବ୍ର ଓ ଶୁଦ୍ଧ ହୁଏ।

ଅନେକ ଚିନ୍ତାଶୀଳ ବ୍ୟକ୍ତିଙ୍କ ବିଚାରରେ ମଧ୍ୟ ତାଙ୍କର ମୁଣ୍ଡବଥା, ପେଟବଥାର ପ୍ରତିବିମ୍ବ ପଡ଼େ। ଏଣୁ ବିଚାରଶୀଳ ଲୋକେ ଯଦି ଖରାରେ, ଉନ୍ମୁକ୍ତ ପବନରେ, ପ୍ରକୃତି-କୋଳରେ ପରିଶ୍ରମ କରିବେ, ତେବେ ତାଙ୍କ ବିଚାର ମଧ୍ୟ ତେଜସ୍ୱୀ ହୋଇଯିବ। ଶାରୀରିକ ରୋଗର ମନ ଉପରେ ଯେପରି ପ୍ରଭାବ ପଡ଼େ, ସେହିପରି ଶାରୀରିକ ସ୍ୱାସ୍ଥ୍ୟର ମଧ୍ୟ ପ୍ରଭାବ ପଡ଼େ। ଏହା ଅନୁଭୂତିସିଦ୍ଧ। ଯକ୍ଷ୍ମା ହୋଇଗଲେ ଦାର୍ଜିଲିଂ ବା ଅନ୍ୟ କେଉଁଠି ପାହାଡ଼ ଉପରକୁ ଶୁଦ୍ଧ ବାୟୁ ପାଇଁ ଯିବା ବା ସୂର୍ଯ୍ୟକିରଣର ପ୍ରୟୋଗ କରିବା ପୂର୍ବରୁ ଯଦି ବାହାରେ କୋଦାଳ ଧରି ହାଣିବା, ଗଛରେ ପାଣିଦେବା ଓ କାଠ ଚିରିବା କାମ କରାଯାଏ, ତେବେ ମନ୍ଦ କ'ଣ ହେବ ?

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୧x୪)**

(କ) ଆଳସ୍ୟ ଛାଡ଼ିବା ପାଇଁ କ'ଣ କରିବା ଆବଶ୍ୟକ ?

(ଖ) କେଉଁ ରୂପରେ ଦଣ୍ଡ ଭୋଗ କରିବା ପାଇଁ ହେବ ?

(ଗ) ବିଚାର କିପରି ତେଜସ୍ୱୀ ହେବ ?

(ଘ) କାହାକୁ ଅନୁଭୂତି ସିଦ୍ଧ କୁହାଯାଏ ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) ଆଳସ୍ୟକୁ ଜିତିବା ପାଇଁ ଉପାୟ କ'ଣ ? ଏ ଉପାୟ ଅବଲମ୍ବନ ନ କଲେ କ'ଣ ହେବ ?

(ଖ) ଶରୀର ଶ୍ରମରେ ପ୍ରତିଦାନ କ'ଣ ମିଳିଥାଏ ?

(ଗ) ଯକ୍ଷ୍ମା ରୋଗୀଙ୍କ ସମ୍ପର୍କରେ ଏଠାରେ କ'ଣ କୁହାଯାଇଛି ?

*୭.* ଏପରି ସାବଧାନତା ଅବଲମ୍ବନ କରିବା ଆବଶ୍ୟକ, ଯଦ୍ୱାରା ଆଳସ୍ୟକୁ ଆଦୌ ସୁଯୋଗ ନ ମିଳିବ। ଏଡ଼େ ବଡ଼ ନଳରାଜା, କିନ୍ତୁ ଗୋଡ଼ ଧୋଇବାବେଳେ ଟିକିଏ ଅଂଶ ଅଧୁଆ ରହିଗଲା। ସେହିବାଟେ କଳି ଭିତରେ ପଶିଗଲା। ନଳରାଜା ଅତ୍ୟନ୍ତ ଶୁଦ୍ଧ, ସର୍ବପ୍ରକାରେ ସ୍ୱଚ୍ଛ ଥିଲେ; କିନ୍ତୁ ଦେହ ଟିକିଏ ଅଧୁଆ ରହିଗଲା, ଏତେକ ଆଳସ୍ୟ ବା ଅସାବଧାନତା ରହିଗଲାରୁ ସଙ୍ଗେ ସଙ୍ଗେ କଳି ଭିତରକୁ ପଶିଗଲା। କିନ୍ତୁ ଆମର ତ ଦେହ ଗୋଟାକ ଯାକ ଅଧୁଆ ରହିଛି। ଆଳସ୍ୟ ତ ଯେକୌଣସି ବାଟେ ଆମ ଦେହରେ ପଶିପାରେ। ଦେହ ଅଳସ ହେବା ମାତ୍ରେ ମନ ଓ ବୁଦ୍ଧି ମଧ୍ୟ ଅଳସ ହୋଇଯାଏ। ଏହି ଆଳସ୍ୟ ଉପରେ ଆଜିର ସମାଜ ରଚିତ ହୋଇଛି। ତହିଁରୁ ଅନନ୍ତ ଦୁଃଖ ଉପୁଜିଲାଣି। ଏଣୁ ଯଦି ଆମେ ଏହି ଆଳସ୍ୟକୁ ଦୂର କରିପାରିବା, ତେବେ ସବୁ ନ ହେଲେ ମଧ୍ୟ ଅନେକ ଦୁଃଖ ଆମେ ଦୂର କରିପାରିବା।

ଆଜିକାଲି ଚାରିଆଡ଼େ ସମାଜ-ସଂସ୍କାର ବିଷୟରେ ଆଲୋଚନା ହେଉଛି। ସାଧାରଣ ଲୋକକୁ ମଧ୍ୟ ଅତି କମ୍‌ରେ ଏତିକି ସୁଖ ମିଳିବା ଆବଶ୍ୟକ; ଏଣୁ ସେଥିପାଇଁ ଅମୁକ ପ୍ରକାରର ସମାଜ ରଚନା ଆବଶ୍ୟକ ବୋଲି ବିଚାର ଚାଲିଛି। ଏହି ଦିଗରେ ଅତିଶୟ ସୁଖ ତ, ଅନ୍ୟ ଦିଗରେ ଅତିଶୟ ଦୁଃଖ। ଏକ ଦିଗରେ ସମ୍ପତ୍ତିର ପାହାଡ଼ ତ, ଅନ୍ୟ ଦିଗରେ ଦାରିଦ୍ର୍ୟର ଅତଳ ଗହ୍ୱର। ଏ ସାମାଜିକ ବିଷମତା ଦୂରହେବ କିପରି ? ସମସ୍ତ ଆବଶ୍ୟକ ସୁଖ ସହଜରେ ଲାଭ କରିବାର ଗୋଟିଏ ମାତ୍ର ଉପାୟ ଅଛି। ତାହା ହେଉଛି - ଆଳସ୍ୟ ଛାଡ଼ି ସମସ୍ତେ ପରିଶ୍ରମ କରିବାକୁ ପ୍ରସ୍ତୁତ ହେବେ। ଆମର ଦୁଃଖର ପ୍ରଧାନ କାରଣ ହେଉଛି ଆମର ଆଳସ୍ୟ। ଯଦି ସମସ୍ତେ ଶାରୀରିକ ପରିଶ୍ରମ କରିବା ପାଇଁ ସଂକଳ୍ପ କରନ୍ତେ, ତେବେ ଏ ଦୁଃଖ ଦୂର ହୋଇଯାଆନ୍ତା।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୧x୪)**

(କ) ଆଳସ୍ୟକୁ ସୁଯୋଗ ନ ଦେବା ପାଇଁ ଆମକୁ କ'ଣ କରିବାକୁ ପଡ଼ିବ ?

(ଖ) ଦେହ ଅଳସ ହେଲା ମାତ୍ରେ କ'ଣ ଘଟେ ?

(ଗ) ଆଜିକାଲି ଚାରିଆଡ଼େ କାହା ବିଷୟରେ ଆଲୋଚନା ହେଉଛି ?

(ଘ) ଆମର ଦୁଃଖର ପ୍ରଧାନ କାରଣ କ'ଣ ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୨x୩)**

(କ) ନଳରାଜାଙ୍କ ଦେହରେ କଳି କିପରି ପ୍ରବେଶ କରିଥିଲା ?

(ଖ) ଆଳସ୍ୟ ଦୂର କରିପାରିଲେ କ'ଣ ଘଟିବ ?

(ଗ) ଆମର ଦୁଃଖ କିପରି ଦୂର ହୋଇପାରିବ ?

୮. ମରଣକୁ ସ୍ମରଣ ରଖିବାର ଦ୍ୱିତୀୟ କାରଣ ହେଉଛି, ଯେପରି ମୃତ୍ୟୁର ଭୟାନକତାର ସମ୍ମୁଖୀନ ହୋଇ ହେବ, ତାହାର ବାଟ ବାହାର କରିହେବ । ଏକନାଥଜୀ ମହାରାଜଙ୍କର ଗୋଟିଏ କଥାଶୁଣ । ଜଣେ ଭଦ୍ରବ୍ୟକ୍ତି ତାଙ୍କୁ ପଚାରିଲେ – 'ମହାରାଜ, ଆପଣଙ୍କ ଜୀବନ କେଡ଼େ ସରଳ କେଡ଼େ ନିଷ୍ପାପ ! ଆମ ଜୀବନ ସେପରି ନୁହେଁ କାହିଁକି ? କେବେ କାହାରି ଉପରେ ବିରକ୍ତ ହୁଅନ୍ତି ନାହିଁ, କାହାରି ସହିତ କଳିକଜିଆ, ମନୋମାଳିନ୍ୟ ନାହିଁ । କେଡ଼େ ଶାନ୍ତ ପ୍ରେମପୂର୍ଣ୍ଣ ଆପଣଙ୍କ ସ୍ୱଭାବ !" ଏକନାଥ କହିଲେ – "ମୋ କଥା ଏଇକ୍ଷଣି ଛାଡ଼ । ତୁମ ବିଷୟରେ ମୁଁ ଗୋଟିଏ କଥା ଜାଣି ସାରିଲାଣି । ଆଜିଠାରୁ ସପ୍ତମ ଦିନରେ ତୁମର ମୃତ୍ୟୁ ଘଟିବ । ଏବେ ଏକନାଥଙ୍କ କହିବା କଥାକୁ ମିଛ ମଣିବ କିଏ ? ସାତ ଦିନରେ ମୃତ୍ୟୁ ! କେବଳ ୧୬୮ ଘଣ୍ଟା ବାକି ! ହେ ଭଗବାନ, ଏ କି ଅନର୍ଥ । ସେ ଲୋକ ଶୀଘ୍ର ଘରକୁ ଧାଇଁଗଲା । ତାକୁ କିଛି ବୁଦ୍ଧି ଦିଶୁ ନ ଥାଏ । ଶେଷ ସମୟ ଆସିଯିବାର ଆଭାସ ମିଳିଲେ ମଣିଷ ଯେଉଁ ଆୟୋଜନରେ ଲାଗେ, ସେ ସେହିଥିରେ ଲାଗିଗଲା । ସେ ଅସୁସ୍ଥ ହୋଇ ପଡ଼ିଲା । ବିଛଣାରେ ପଡ଼ି ରହିଲା । ଛଅଦିନ ବିତିଗଲା । ସପ୍ତମ ଦିନ ଏକନାଥ ତାକୁ ଭେଟିବାକୁ ଆସିଲେ । ସେ ନମସ୍କାର କଲା । ଏକନାଥ ପଚାରିଲେ, "ଖବର କ'ଣ ?" ସେ କହିଲା, "ଏଥର ବାହାରିଲି ।" ନାଥଜୀ ପଚାରିଲେ – "ଏ ଛଅ ଦିନରେ କେତେ ପାପ କଲ ? କେତେ ପାପଚିନ୍ତା ମନକୁ ଆସିଲା ?" ମରଣାପନ୍ନ ବ୍ୟକ୍ତି କହିଲା – "ନାଥଜୀ ପାପକଥା ବିଚାରିବାକୁ ତ ଆଦୌ ଅବସର ମିଳିଲା ନାହିଁ, ମୃତ୍ୟୁ ସର୍ବଦା ଆଖି ଆଗରେ ଛିଡ଼ା ହୋଇଛି ।" ନାଥଜୀ କହିଲେ, "ମୋ ଜୀବନ ଏତେ ନିଷ୍ପାପ କାହିଁକି, ତାହାର ଉତ୍ତର ଏବେ ମିଳିଲା ତ ।" ମୃତ୍ୟୁରୂପୀ ବ୍ୟାଘ୍ର ସର୍ବଦା ଆଗରେ ଛିଡ଼ାହୋଇ ରହିଲେ ପାପକଥା ମନକୁ ଆସିବ ପୁଣି କିପରି ? ପାପ କରିବା ପାଇଁ ମଧ୍ୟ ନିଶ୍ଚିନ୍ତତା ଲୋଡ଼ା । ଅତଏବ ପାପରୁ ମୁକ୍ତ ହେବାର ଉପାୟ ଅଛି ।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୧x୪)**

(କ) ମରଣକୁ ସ୍ମରଣ ରଖିବାର ଦ୍ୱିତୀୟ କାରଣ କ'ଣ ?

(ଖ) ଏକନାଥଜୀ ଭଦ୍ରବ୍ୟକ୍ତିଙ୍କୁ କ'ଣ କହିଲେ ?

(ଗ) ମୃତ୍ୟୁ ଖବର ଶୁଣି ଭଦ୍ରବ୍ୟକ୍ତି ଜଣକ କ'ଣ କଲେ ?

(ଘ) ଏକନାଥଜୀଙ୍କ ପ୍ରଶ୍ନରେ ଭଦ୍ରବ୍ୟକ୍ତି କ'ଣ କହିଲେ ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୨x୩)**

(କ) ଏକନାଥଜୀଙ୍କୁ ଭଦ୍ରବ୍ୟକ୍ତି ଜଣକ କ'ଣ କହିଲେ ?

(ଖ) କେଉଁ ଅନର୍ଥ କଥା ଏଠାରେ ଉଲ୍ଲିଖିତ ?

(ଗ) ମରଣାପନ୍ନ ବ୍ୟକ୍ତିଟି ଏକନାଥଜୀଙ୍କୁ କ'ଣ କହିଥିଲେ ?

୯. କଲେଜରେ ଅଧ୍ୟାପକ ତର୍କଶାସ୍ତ୍ର ପଢ଼ାନ୍ତି – 'ମନୁଷ୍ୟ ମରଣଶୀଳ, ସକ୍ରେଟିସ ମନୁଷ୍ୟ, ଏଣୁ ସକ୍ରେଟିସ୍ ମରିବ ।' ଏହି ପ୍ରକାରର ଅନୁମାନ କରିବା ସେ ଶିଖାନ୍ତି । ସେ ସକ୍ରେଟିସଙ୍କ ଉଦାହରଣ ଦିଅନ୍ତି – 'ଆପଣା ଉଦାହରଣଟି ଦିଅନ୍ତି ନାହିଁ କାହିଁକି ? ଅଧ୍ୟାପକ ତ ମରଣଶୀଳ; କିନ୍ତୁ ସେ ଶଖାଇବେ ନାହିଁ ଯେ, ସମୁଦାୟ ମନୁଷ୍ୟ ମରଣଶୀଳ । ଅତଏବ ମୁଁ ଅଧ୍ୟାପକ ଏବଂ ତୁମେ ଛାତ୍ର ମଧ୍ୟ ମରଣଶୀଳ ।' ସେ ମରଣକୁ ସକ୍ରେଟିସ ଉପରକୁ ପେଲି ଦିଅନ୍ତି । କାରଣ ସକ୍ରେଟିସ ତ ମରି ସାରିଛି । ସେ ଆପଣଙ୍କ ସହିତ କଳି କରିବାକୁ ଆସିବ ନାହିଁ । ଶିଷ୍ୟ ଓ ଗୁରୁ ଦୁହେଁ ସକ୍ରେଟିସକୁ ମୃତ୍ୟୁହାତରେ ସମର୍ପଣ କରି ଦେଇ ନିଜ ପାଇଁ 'ତୋ କଥା ମୋ କଥା ଚୁପ୍ ଚୁପ୍' ପରି ନିଷ୍ପତ୍ତି କରିନିଅନ୍ତି; ଯେପରିକି ସେମାନେ ବୁଝିଯାଇଛନ୍ତି ଯେ, ଆମେ ଖୁବ୍ ସୁରକ୍ଷିତ ହୋଇ ରହିଛୁ ।

ଏହିପରି ମୃତ୍ୟୁକୁ ଭୁଲିବା ପାଇଁ ଏ ଉଦ୍ୟମ ସର୍ବତ୍ର ଜାଣିଶୁଣି ଚାଲିଛି; କିନ୍ତୁ ଏହା ଫଳରେ ମୃତ୍ୟୁ କୁଆଡ଼େ ଯିବ ? କାଲି ଯଦି ମା' ମରିଯିବ ତେବେ ମୃତ୍ୟୁ ମୁହଁ ଦେଖେଇବ । ମନୁଷ୍ୟ ନିର୍ଭୀକ ଭାବରେ ମୃତ୍ୟୁର ବିଚାର କରି ଏ ଚେଷ୍ଟା ସୁଦ୍ଧା କରେନାହିଁ ଯେ, ସେଥିରୁ ବାଟ କିପରି ବାହାରିବ । ଗୋଟିଏ ହରିଣ ପଛରେ ବାଘ ଗୋଡ଼େଇଛି । ଚଞ୍ଚଳ ହରିଣ ଖୁବ୍ ଜୋରରେ ଡିଆଁ ମାରୁଛି; କିନ୍ତୁ ତା ବଳ ହଟିଆସୁଛି । ଶେଷକୁ ସେ ହଟିଗଲା, ଏବେ ସୁଦ୍ଧା ସେ ବାଘ ଯମଦୂତ ହୋଇ ଧାଇଁଆସୁଛି, ସେତେବେଳେ ସେ ହରିଣର ଦଶା କ'ଣ ହୁଏ ? ସେହି ବାଘଆଡ଼କୁ ସେ ଚାହିଁ ସୁଦ୍ଧା ପାରେ ନାହିଁ । ସେ ମାଟିରେ ମୁହଁ ଓ ଶିଙ୍ଗ ଗୁଞ୍ଜି ଛିଡ଼ା ହୋଇଯାଏ, ଯେପରିକି ନିରାଧାର ହୋଇ କହେ – 'ନେ,

ଆ ମତେ ଖା ।' ସେହିପରି ଆମେ ମଧ୍ୟ ମରଣ ମୁହଁକୁ ଚାହିଁପାରୁ ନାହିଁ । ତହିଁରୁ ରକ୍ଷା ପାଇବା ପାଇଁ ଆମେ ହଜାର ହଜାର ଉପାୟ କାଢ଼ି ବସୁ । ତଥାପି ତା'ର ଜୋର ଏତେ ଶେଷକୁ ସେ ଆମ ବେକ ମୋଡ଼ିଦିଏ ।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୧x୪)**

(କ) ତର୍କଶାସ୍ତ୍ର ପଢ଼ାଇଲା ବେଳେ ଅଧ୍ୟାପକ କ'ଣ ଉଦାହରଣ ଦିଅନ୍ତି ?

(ଖ) ମରଣକୁ ସେ ସକ୍ରେଟିସ୍‌ଙ୍କ ଉପରକୁ ପେଲି ଦିଅନ୍ତି କାହିଁକି ?

(ଗ) ମଣିଷ କେଉଁ ଚେଷ୍ଟା କରେ ନାହିଁ ?

(ଘ) ଅସହାୟ ହରିଣଟି ବାଘକୁ କ'ଣ କହେ ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୨x୩)**

(କ) ଅଧ୍ୟାପକ ଆପଣାର ଉଦାହରଣ ଦିଅନ୍ତି ନାହିଁ କାହିଁକି ?

(ଖ) ଶିଷ୍ୟ ଓ ଗୁରୁ ଦୁହେଁ କ'ଣ ବୁଝି ଯାଇଛନ୍ତି ବୋଲି ବର୍ଣ୍ଣିତ ?

(ଗ) ହରିଣର ଦଶା ସହିତ ଆମ ଦଶାକୁ କିପରି ତୁଳନା କରାଯାଇଛି ?

**୧୦.** ମନ୍ଦିରର ଚୂଳ ଦେଖାଯାଏ, ମୂଳଦୂଆ ଦିଶେନାହିଁ । ରାମଙ୍କ ଯଶ ସଂସାର ବ୍ୟାପିଛି; କିନ୍ତୁ ଲକ୍ଷ୍ମଣଙ୍କୁ କିଏ ମନେ ପକାଉଛି ? ଚଉଦ ବର୍ଷଯାଏ ଏ ଦଣ୍ଡ ସିଧା ହୋଇ ରହିଲା, ଟିକିଏ ନଇଁଲା ନାହିଁ । ନିଜେ ପଛରେ ରହି ସେ ରାମଙ୍କ ଯଶବାନା ଉଡ଼େଇଲେ । ରାମ ଅତ୍ୟନ୍ତ କଠିନ କର୍ମ ଲକ୍ଷ୍ମଣଙ୍କଦ୍ୱାରା କରାଉଥିଲେ । ସୀତାଙ୍କୁ ବଣରେ ଛାଡ଼ିବା କାମ ଆଖର ଲକ୍ଷ୍ମଣଙ୍କ ଉପରେ ଦିଆଗଲା ଏବଂ ଲକ୍ଷ୍ମଣ ତାକୁ ତୁଲେଇଲେ । ଲକ୍ଷ୍ମଣଙ୍କର କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ହିଁ ନ ଥିଲା । ସେ ରାମଙ୍କ ଆଖି, ରାମଙ୍କ ହାତ ଗୋଡ଼, ରାମଙ୍କ ମନ ପାଲଟି ଯାଇଥିଲେ । ନଦୀ ଯେପରି ସମୁଦ୍ରରେ ମିଶିଯାଏ,ସେହିପରି ଲକ୍ଷ୍ମଣଙ୍କ ସେବା ରାମଙ୍କ ମଧ୍ୟରେ ମିଶିଯାଇଥିଲା । ସେ ରାମଙ୍କର ଛାୟା ହୋଇ ଯାଇଥିଲେ । ଲକ୍ଷ୍ମଣଙ୍କର ଏ ଭକ୍ତି ସଗୁଣ ।

ଭରତଙ୍କର ଭକ୍ତି ଏହାର ବିପରୀତ, ନିର୍ଗୁଣ ଥିଲା । ତୁଳସୀ ଦାସ ତାଙ୍କ ଚିତ୍ର ମଧ୍ୟ ଖୁବ୍ ଭଲ ଆଙ୍କିଛନ୍ତି । ଯେତେବେଳେ ରାମ ବଣକୁ ଗଲେ, ସେତେବେଳେ ଭରତ ଅଯୋଧ୍ୟାରେ ନ ଥିଲେ । ଯେତେବେଳେ ଭରତ ଆସିଲେ, ସେତେବେଳକୁ ଦଶରଥ ମରି ସାରିଥିଲେ । ଗୁରୁ ବଶିଷ୍ଠ ତାଙ୍କୁ ବୁଝାଉଥିଲେ ଯେ ତୁମେ ରାଜତ୍ୱ କର । ମାତ୍ର ଭରତ କହିଲା - "ମୁଁ ରାମଙ୍କୁ ଭେଟିବି ।" ରାମଙ୍କୁ ଭେଟିବା ପାଇଁ ତାଙ୍କ ଅନ୍ତର ଛଟପଟ ହେଉଥିଲା; କିନ୍ତୁ ତାହା ସଙ୍ଗେ ସଙ୍ଗେ ରାଜ୍ୟର ବ୍ୟବସ୍ଥା ମଧ୍ୟ ସେ କରୁଥିଲେ । ତାଙ୍କର ଧାରଣା ଥିଲା ଯେ, ଏ ରାଜ୍ୟ ରାମଙ୍କର, ଏହାର ବ୍ୟବସ୍ଥା କରିବା ଅର୍ଥ ରାମଙ୍କ କାମ କରିବା । ସମ୍ପତ୍ତି ସବୁ ମାଲିକର । କେବଳ ତାର ବ୍ୟବସ୍ଥା କରିବାଟାକୁ ସେ ନିଜର କର୍ତ୍ତବ୍ୟ ମଣୁଥିଲେ । ଲକ୍ଷ୍ମଣଙ୍କ ପରି ଭରତ ମୁକ୍ତ ହୋଇପାରୁ ନ ଥିଲେ । ଏହା ହିଁ ଭରତଙ୍କର ଭୂମିକା । ରାମଭକ୍ତିର ଅର୍ଥ ହେଉଛି ରାମଙ୍କ କାମ କରିବା । ନ ହେଲେ ସେ ଭକ୍ତିର କି ମୂଲ୍ୟ ଅଛି ? ସବୁ ବ୍ୟବସ୍ଥା କରିଦେଇ ଭରତ ରାମଙ୍କୁ ଭେଟିବା ପାଇଁ ବଣକୁ ଆସିଲେ । "ଭାଇନା, ଏ ରାଜ୍ୟ ଆପଣଙ୍କର । ଆପଣ ..." ଯେମିତି କହିବାକୁ ଯାଇଛନ୍ତି, ରାମ ସଙ୍ଗେ ସଙ୍ଗେ ତାଙ୍କୁ କହିଲେ, "ଭରତ ! ତୁ ରାଜତ୍ୱ କର ।" ଭରତ ସଙ୍କୁଚିତ ହୋଇଗଲେ । ସେ କହିଲେ, "ଆପଣଙ୍କର ଆଜ୍ଞା ଶିରୋଧାର୍ଯ୍ୟ ।" ରାମଙ୍କର ଆଜ୍ଞା ପାଳନ କରିବା ଭରତଙ୍କର ଧର୍ମ । ସେ ତାଙ୍କର ସର୍ବସ୍ୱ ରାମଙ୍କଠାରେ ଉତ୍ସର୍ଗ କରି ଦେଇଥିଲେ ।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୧x୪)**

(କ) ମନ୍ଦିରର କ'ଣ ଦିଶେ ଓ କ'ଣ ଦିଶେନାହିଁ ?

(ଖ) ଲକ୍ଷ୍ମଣଙ୍କର ସ୍ୱତନ୍ତ୍ର ଅସ୍ତିତ୍ୱ ନଥିଲା କିପରି ?

(ଗ) ଭରତ ଗୁରୁ ବଶିଷ୍ଠଙ୍କୁ କି ଉତ୍ତର ଦେଇଥିଲେ ?

(ଘ) ରାମ ଭକ୍ତିର ଅର୍ଥ କ'ଣ ଥିଲା ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୨x୩)**

(କ) କେଉଁ କଠିନ ଆଦେଶ ଲକ୍ଷ୍ମଣ ପାଳନ କରିଥିଲେ ବୋଲି କୁହାଯାଇଛି ?

(ଖ) ତୁଳସୀ ଦାସ ଭରତଙ୍କର କିଭଳି ଚିତ୍ର ଅଙ୍କନ କରିଛନ୍ତି ?

(ଗ) ଭରତଙ୍କର କ'ଣ ଧାରଣା ଥିଲା ?

## ପଦ୍ୟ ବିଭାଗ

**ନିମ୍ନ ପଦ୍ୟାଂଶ ସହିତ ସଂଯୁକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ ।** (୧x୫)

**୧.** ଖଣ୍ଡ ଖଣ୍ଡ ଧଳା ମେଘ ସୁନୀଳ ଅମ୍ବରେ,
ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ ।

ରଜନୀରେ ନୀଳାକାଶେ ଚନ୍ଦ୍ରମା ଉଜ୍ଜ୍ୱଳ,
ବିରାଜଇ ଦଶଦିଶ କରିଣ ଧବଳ ।

ଉଜ୍ଜ୍ୱଳ ନକ୍ଷତ୍ରମାଳା ଚନ୍ଦ୍ର ସଙ୍ଗତରେ,
ଶୋଭନ୍ତି ପ୍ରଫୁଲ୍ଲ ପୁଷ୍ପ ପରାୟେ ଅମ୍ବରେ ।

ନଦୀ-ପୁଷ୍କରିଣୀ ଜଳ ଏବେ ସୁନିର୍ମଳ,
କ୍ରୀଡ଼ନ୍ତି ହରଷେ ତହିଁ ଧଳା ହଂସଦଳ ।

ଧାନ୍ୟକ୍ଷେତ୍ରେ ପକ୍ୱଶାଳି ଦିଶଇ ସୁନ୍ଦର,
ଦରଶନେ ଆନନ୍ଦିତ ମନ କୃଷକର ।

ସୁନୀଳ ଅପରାଜିତା ଫୁଟିଅଛି ବନେ,
ବନ୍ଧୂଳି କୁସୁମ ରଙ୍ଗ ତୋଷଇ ଲୋଚନେ ।

ଧରିଛି ଅଗସ୍ତି ଦ୍ରୁମ କୁସୁମ ମଞ୍ଜରୀ,
ବଙ୍କିମ ଦିଶାଇ ଯାହା ବାଳଇନ୍ଦୁ ପରି ।

ପ୍ରଦୋଷେ ଫୁଟଇ ଜହ୍ନିଫୁଲ ଘରେ ଘରେ,
ବାଳକେ ତୋଳନ୍ତି ତାହା ମହା ଆନନ୍ଦରେ ।

ପ୍ରଫୁଲ୍ଲ କୁସୁମବନୁ ପୁଷ୍ପଗନ୍ଧ ହରି,
ଶୀତଳ ସୁରଭି ପଦ୍ମକାନନେ ସଞ୍ଚରି ।

ନଚାଇ ତରଙ୍ଗେ ନଦୀ ସରୋବର ନୀର,
ନଚାଇଣ ଶସ୍ୟାବଳୀ ବହଇ ସମୀର ।

ରଜନୀରେ କୁମାରୀଏ ମହା ଆନନ୍ଦରେ,
ମଣ୍ଡିଣ ସୁନୀଳ କେଶ ଶୁଭ୍ର କୁସୁମରେ ।

### ପ୍ରଶ୍ନାବଳୀ

(କ) ଆକାଶରେ ଧଳା ମେଘକୁ କିପରି କଳ୍ପନା କରାଯାଇଛି ?

(ଖ) ପ୍ରଫୁଲ୍ଲ ପୁଷ୍ପର ଶୋଭା ସହିତ କାହାକୁ ତୁଳନା କରାଯାଇଛି ?

(ଗ) କୃଷକର ମନ କାହିଁକି ଆନନ୍ଦିତ ହୁଏ ?

(ଘ) ଅଗସ୍ତି ଦ୍ରୁମରେ କୁସୁମ ମଞ୍ଜରୀ କିପରି ଦେଖାଯାଉଛି ?

(ଙ) ସମୀରର ବହମାନତାକୁ କ'ଣ ବୋଲି କୁହାଯାଇଛି ?

### ଉତ୍ତର

(କ) ନୀଳ ସମୁଦ୍ରରେ ବୋଇତ ଭାସିଲା ପରି ବର୍ଣ୍ଣନା କରାଯାଇଛି ।

(ଖ) ଚନ୍ଦ୍ର ସହିତ ଉଜ୍ଜ୍ୱଳ ନକ୍ଷତ୍ରମାଳାଙ୍କର ବର୍ଣ୍ଣନାଦେବାକୁ ଯାଇ ଆକାଶରେ ପ୍ରଫୁଲ୍ଲ ପୁଷ୍ପ ଶୋଭାକୁ ବର୍ଣ୍ଣନା କରାଯାଇଛି ।

(ଗ) ଧାନ କ୍ଷେତରେ ପକ୍ୱଶାଳିର ସୌନ୍ଦର୍ଯ୍ୟ ଦର୍ଶନ କରି କୃଷକର ମନ ଆନନ୍ଦିତ ହୁଏ ।

(ଘ) ବାଳଇନ୍ଦୁ ପରି ବଙ୍କିମ ଦେଖାଯାଉଛି ।

(ଙ) ନଦୀ ସରୋବର ନୀର ଓ ଶସ୍ୟାବଳୀକୁ ନଚାଇ ସମୀର ବହୁଥିବାର କୁହାଯାଇଛି ।

**୨.** ଯିବାପାଇଁ ହେବ ରଣ ପ୍ରାଙ୍ଗଣେ ଯିବା ପାଇଁ ହେବ ବୀର
ମାରିବାକୁ ହେବ ଲକ୍ଷ ସଇନି ଫୋପାଡ଼ି ଲକ୍ଷ ତୀର ।

ତରୁଣୀ ବକ୍ଷଲାଗି ପ୍ରିୟତମ ଜନ୍ମନୁହଇଁ ତବ
ଜନ୍ମଭୂମିର ମଙ୍ଗଳ ଲାଗି ଜୀବନ ଦେବାକୁ ହେବ ।

ଶତେକ ସୈନ୍ୟ ସାଥେ ରଣ କରି ବିଜୟଲକ୍ଷ୍ମୀ ବରି
ଆସିବ ଯେ ଦିନ କୋଟି ଗଉରବେ ନେବି ମୁଁ ଆଦର କରି ।

ଆଗେ ବାଜୁଥିବ ସଂଗ୍ରାମ ବାଜା ପଛେ ଆସୁଥିବ ତମେ
ବିଜୟ କେତନ ହାତେ ଧରିଥିବ ଦେଖିବି ନୟନ କଣେ ।

ବନ୍ଧାଇ ନେବି କୁଟୀରେ ସୋହାଗେ ପଦ ବନ୍ଦନା କରି
ଚାଲ ପ୍ରିୟତମ ସମର କ୍ଷେତ୍ରେ ବକ୍ଷେ ଅନଳ ଭରି ॥

### ପ୍ରଶ୍ନାବଳୀ

(କ) କେଉଁଠିକି ଯିବା ପାଇଁ ହେବ ବୋଲି କବିତାରେ ଆହ୍ୱାନ ଦିଆଯାଇଛି ?

(ଖ) କେତେ ସଇନିକୁ କିପରି ମାରିବାକୁ ହେବ ବୋଲି ବର୍ଣ୍ଣିତ ?

(ଗ) ପ୍ରିୟତମର ଜନ୍ମ କେଉଁ ଉଦ୍ଦେଶ୍ୟରେ ବୋଲି ବର୍ଣ୍ଣିତ ?

(ଘ) ପ୍ରିୟତମକୁ କେଉଁଦିନ ବରଣ କରି ନେବ ବୋଲି ପ୍ରିୟା କହୁଛି ?

(ଙ) ଆଖିରେ କ'ଣ ଦେଖିବାର ଇଚ୍ଛାପୋଷଣ କରିଛି ?

### ଉତ୍ତର

(କ) ରଣପ୍ରାଙ୍ଗଣେ ଯିବାପାଇଁ ହେବ ବୋଲି ଆହ୍ୱାନ ଦିଆଯାଇଛି ।

(ଖ) ଲକ୍ଷେ ସଇନିକୁ ଲକ୍ଷେ ତୀର ଫୋପାଡ଼ି ମାରିବାକୁ ହେବ ବୋଲି କୁହାଯାଇଛି ।

(ଗ) ତରୁଣୀବକ୍ଷ ଲାଗି ପ୍ରିୟତମର ଜନ୍ମନୁହେଁ, ଜନ୍ମଭୂମିର ମଙ୍ଗଳ ଲାଗି ଜୀବନ ଦେବା ଉଦ୍ଦେଶ୍ୟରେ ତାଙ୍କର ଜନ୍ମ ବୋଲି ବର୍ଣ୍ଣିତ ।

(ଘ) ପ୍ରିୟତମ ଫେରିଆସିବେ, ସେହିଦିନ କୋଟି ଗୌରବ ସହ ବରଣ କରିନେବ ବୋଲି ପ୍ରିୟା କହିଛି ।

(ଙ) ଆଗରେ ସଂଗ୍ରାମ ବାଜା ବାଜୁଥିବ, ପଛରେ ବିଜୟ କେତନ ଧରି ପ୍ରିୟ ଆସୁଥିବାର ଦୃଶ୍ୟ ଦେଖିବାର ଇଚ୍ଛାପୋଷଣ କରାଯାଇଛି ।

୩. ଜଗବନ୍ଧୁ ହୋ, କିଛି ମାଗୁନାହିଁ ତୋତେ,
ଧନ ମାଗୁନାହିଁ ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ ।

ଆନଦରଶନ ନ ଲୋଡ଼େ ନୟନ ଏକା ତୁମ୍ଭ ଦେଖାବିନା
ଶୁଣିବାକୁ କାନ ନ ଇଚ୍ଛଇ ଆନ ତୁମ୍ଭ ଚରିତେ କାମନା ।

ଜିହ୍ୱା ନ ବାଞ୍ଛଇ ଗ୍ରାମ୍ୟଗୀତ ଗାଇବାକୁ ରଜନୀ ଦିବସ
ତୁମ୍ଭ ନାମାବଳୀ କେବଳ ସଙ୍ଗାଳି ହୋଇଥାଉ ପୀତବାସ ।

ନାସା ମୋର ତୃପ୍ତ ନ ଲଭଇ ଆନ ସୁବାସ ଦ୍ରବ୍ୟ ଆଘ୍ରାଣେ
ତବ ଛଡ଼ାମାଳ ତୁଳସୀ କୁସୁମ ଚନ୍ଦନ କର୍ପୂର ଧ୍ୟାନେ ।

ମୋ ହସ୍ତ ଆଙ୍ଗୁଳି ରାମବନମାଳୀ ହରେକୃଷ୍ଣ, ଜପୁଥାଉ
ବୋଲେ ବନମାଳୀ ମୋ ବେନିଚରଣ ତୋ ତୀର୍ଥଭ୍ରମଣେ ଧାଉଁ ॥

### ପ୍ରଶ୍ନାବଳୀ

(କ) ଜଗବନ୍ଧୁଙ୍କୁ କ'ଣ କ'ଣ ନ ମାଗି ଭକ୍ତଟିଏ କ'ଣ ମାଗୁଛି ?

(ଖ) କାନ କ'ଣ କରିବା ପାଇଁ କାମନା କରୁଛି ?

(ଗ) ଜିହ୍ୱାର କ'ଣ ବାଞ୍ଛା ଅଛି ବୋଲି ବର୍ଣ୍ଣିତ ?

(ଘ) କବିଙ୍କର କାହା ଉପରେ ଧ୍ୟାନ କେନ୍ଦ୍ରିତ ବୋଲି ଉଲ୍ଲିଖିତ ?

(ଙ) ସଂପୃକ୍ତ କବିତାର ରଚୟିତା କିଏ ?

### ଉତ୍ତର

(କ) ଜଗନ୍ନାଥଙ୍କୁ ଧନ କିମ୍ବା ଜନ ନ ମାଗି କେବଳ ଶରଧାବାଲିରୁ ହାତେ ମାଗୁଛି ।

(ଖ) କେବଳ ତମରି (ଜଗନ୍ନାଥଙ୍କର) ଚରିତ ଶ୍ରବଣରେ କାମନା କରୁଛି ।

(ଗ) ପୀତବାସଙ୍କର ନାମାବଳୀ ଜପ କରିବା ପାଇଁ ଜିହ୍ୱାର ବାଞ୍ଛା ଅଛି ।

(ଘ) ଜଗବନ୍ଧୁଙ୍କର ଛଡ଼ାମାଳ, ତୁଳସୀ, କୁସୁମ, ଚନ୍ଦନ କର୍ପୂରରେ କବିଙ୍କର ଧ୍ୟାନ ବୋଲି ବର୍ଣ୍ଣିତ ।

(ଙ) ବନମାଳୀ ସଂପୃକ୍ତ କବିତାର ରଚୟିତା ଅଟନ୍ତି ।

୪. ସହସା ପ୍ରଥମ ଉର୍ମି ମହାକାଳ ନୀରେ
ଖେଳିଲା ଅନନ୍ତ ମହାମହେଶ-ଆଦେଶେ ।
ସହସା ପ୍ରକାଶେ ଜ୍ୟୋତିଧାରା ତୋ ଶରୀରେ
ଶୁଭ୍ର ମନ୍ଦାକିନୀ ଯଥା ବ୍ୟୋମକେଶ କେଶେ ॥

ସାକ୍ଷୀ ତୁହିରେ ଗଗନ, ସୃଷ୍ଟିପ୍ରକ୍ରିୟାର
ଦେଖିଲ କେମନ୍ତେ ଜ୍ୟୋତି ଭେଦି ତମୋରାଶି ।
ପ୍ରକାଶିଲା କୋଟିକୋଟି ସୁନ୍ଦର ସଂସାର
ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା ତୋ ଦେହେ ବିନ୍ୟାସି ॥

ପୃଥିବୀ ଜନମ ତୁହି ଦେଖିଲୁ ଗଗନ
ଜଳ-ସ୍ଥଳ-ଅଗ୍ନି-ବାୟୁ ସଂଗ୍ରାମ ଭୈରବ ।
ଦେଖିଲୁ ହିମାଦ୍ରି ଆଦି ଗିରି ଉନ୍ନମନ
ଅଚଳ ଶିଖରୁ ନଦନଦୀର ଉଦ୍ଭବ ॥

ପୁଷ୍ପର ପ୍ରଥମ ହାସ୍ୟ ତୋହରି ଗୋଚର
ପ୍ରଥମ ଜୀବର ସୃଷ୍ଟି ତୋର ସନ୍ନିଧାନେ ।
ସୃଷ୍ଟି ଆଦି ନରନାରୀ ଅଗ୍ରତେ ତୋହର
ସର୍ବଦର୍ଶୀ ଅଟୁ ତୁହି ବିଧିର ବିଧାନେ ॥

ଅତୀତର ଇତିହାସ କେ ଜାଣେ ତୋପରି
ସୁଖଦୁଃଖମୟ ଯେତେ ଘଟଣା ନିଚୟ ।
ଘଟିଛି ଜଗତେ ସବୁ ବିଦିତ ତୋହରି
ତୋ ଅଗ୍ରତେ ରାଜ୍ୟନାଶ, ରାଜ୍ୟ ଅଭ୍ୟୁଦୟ ॥

### ପ୍ରଶ୍ନାବଳୀ

(କ) ଅନନ୍ତ ମହାମହେଶଙ୍କ ଆଦେଶରେ ଅକସ୍ମାତ କ'ଣ ଘଟିଲା ?

(ଖ) ଜ୍ୟୋତିଧାରାର ପ୍ରକାଶର ସ୍ୱରୂପ କିପରି ଥିଲା ?

(ଗ) ଗଗନ କାହାର ଉଦ୍ଭବ ଦେଖିଲା ବୋଲି ବର୍ଣ୍ଣିତ ଅଛି ?

(ଘ) ଗଗନ ଆଗରେ ଆଉ କ'ଣ ଘଟିଥିଲା ବୋଲି ବର୍ଣ୍ଣିତ ?

(ଙ) ଇତିହାସର କ'ଣ ବୋଲି ଗଗନକୁ କାହିଁକି କୁହାଯାଇଛି ?

## ଉତ୍ତର

(କ) ମହାମହେଶଙ୍କ ଆଦେଶରେ ମହାକାଳର ଜଳରେ ଅକସ୍ମାତ ପ୍ରଥମ ଉର୍ମି ଖେଳି ଉଠିଲା ଓ ଶରୀରେ ଜ୍ୟୋତିଧାରା ପ୍ରକାଶିତ ହେଲା ।

(ଖ) ବ୍ୟୋମକେଶଙ୍କ କେଶରେ ଶୁଭ୍ରମନ୍ଦାକିନୀ ଧାରା ସଦୃଶ ଜ୍ୟୋତିଧାରାର ପ୍ରକାଶ ଘଟିଲା ।

(ଗ) ପୃଥିବୀର ଜନ୍ମ, ଜଳ, ସ୍ଥଳ, ଅଗ୍ନି, ବାୟୁ ସଂଗ୍ରାମର ଉଦ୍ଭବ ଗଗନ ଦେଖିଥିଲା ।

(ଘ) ପ୍ରଥମ ଜୀବର ସୃଷ୍ଟି ଏବଂ ଆଦି ନରନାରୀଙ୍କର ସୃଷ୍ଟି ଗଗନ ସମ୍ମୁଖରେ ଘଟିଥିଲା ।

(ଙ) ଜଗତରେ ଘଟୁଥିବା ସକଳ ଦୁଃଖସୁଖର ଘଟଣା ଓ ରାଜ୍ୟନାଶ ଏବଂ ରାଜ୍ୟ ଅଭ୍ୟୁଦୟ ଗଗନର ଜ୍ଞାତ ସାରରେ ଘଟିଛି ।

**୫.** ଶିଷ୍ୟନ୍ତ ଘେନି ମୁନି ପ୍ରବେଶ ଯମୁନାର କୂଳେ
ମଥା ଯୋଗାଣ ଘେନି ଅର୍ଜୁନ ସେ ବୃକ୍ଷଠାରେ ମିଳେ ।

ଦେଖିଲେ ବୃକ୍ଷରେ ପତ୍ର ଗୋଟିୟେକ ନାହିଁ
ଆଶ୍ରିଜ ଅର୍ଜୁନ ସେ ବୃକ୍ଷକୁ ପୁଣ ଚାହିଁ ।

ଦେଖିଲା ଦ୍ରୋଣଙ୍କର ପଡ଼ିଛି ପାଦଗତି
ଅର୍ଜୁନ ବୋଇଲେ ଗୁପତବିଦ୍ୟା ଶିଖାଇଲେ କୁରୁପତି ।

ସେହିମତି ଅର୍ଜୁନ ପାଦଗତି କଲା
ପାଞ୍ଚଗୋଟି ନାରାଜ ଭୂମିକି ମାଇଲା ।

ତହିଁର ଉପରେ ସ୍ନାହାନ ସଞ୍ଜା ଥୋଇ
ଅବଲୋକନ ଶର ବିନ୍ଧିଲାକ ତହିଁ ।

ବଂକ୍ଷିଗୋଟିମାନ ଯେ ପକାଇଲା ଛେଦି
ସ୍ନାହାନ ସଞ୍ଜାମାନ ଘେନି ସେ ଚଳଇ ମନଭେଦୀ ।

ଗୁରୁଙ୍କର ସନ୍ନିଧେ ନେଇ ସ୍ନାହାନ ସଞ୍ଜାଦିଲେ
ସୁଗନ୍ଧ ଚନ୍ଦନ ସେ ମଥାରେ ଲଗାଇଲେ ।

ଯମୁନା ନଦୀରେ ସେ ପଶିଲେ ଦ୍ରୋଣେଯାଇ
ସମସ୍ତ ଶିଷ୍ୟମାନେ ପଶିଲେ ଝସାଇ ।

## ପ୍ରଶ୍ନାବଳୀ

(କ) ମୁନିଶିଷ୍ୟମାନଙ୍କୁ ଘେନି କେଉଁଠାରେ ପ୍ରବେଶ କଲେ ?

(ଖ) ବୃକ୍ଷପାଖରେ ପହଞ୍ଚି ଅର୍ଜୁନ କ'ଣ ଦେଖିଲେ ।

(ଗ) ଦ୍ରୋଣଙ୍କର ପାଦଗତିକୁ ଦେଖି ଅର୍ଜୁନ କ'ଣ ଭାବିଲେ ?

(ଘ) ପାଦଗତିକୁ ଦେଖି ଅର୍ଜୁନ କ'ଣ କଲେ ?

(ଙ) ସ୍ନାହାନ ସଞ୍ଜା ରଖି ଅର୍ଜୁନ କ'ଣ କଲେ ?

## ଉତ୍ତର

(କ) ମୁନି ଶିଷ୍ୟମାନଙ୍କୁ ଧରି ଯମୁନା ନଦୀକୂଳରେ ପ୍ରବେଶ କଲେ ।

(ଖ) ବୃକ୍ଷ ପାଖରେ ପହଞ୍ଚି ବୃକ୍ଷରେ ଗୋଟିଏ ହେଲେ ପତ୍ର ନଥିବାର ଦେଖିଲେ ।

(ଗ) ଦ୍ରୋଣଙ୍କର ପାଦଗତିକୁ ଦେଖି ଅର୍ଜୁନ ଭାବିଲେ ଯେ, ଗୁରୁଦେବ କୁରୁପତିଙ୍କୁ କୌଣସି ଗୁପତ ବିଦ୍ୟା ଶିଖାଇଛନ୍ତି ।

(ଘ) ଅର୍ଜୁନ ଗୁରୁଙ୍କ ପରି ପାଦଗତି କରି ଭୂମିକୁ ପାଞ୍ଚଗୋଟି ଶରମାରି ତା' ଉପରେ ସ୍ନାହାନ ସଞ୍ଜା ରଖିଦେଲେ ।

(ଙ) ଅବଲୋକନ ଶର ପ୍ରୟୋଗ କରି ଅର୍ଜୁନ ବୃକ୍ଷ ସଂଲଗ୍ନ ବଂକ୍ଷିଗୁଡ଼ିକୁ କାଟି ପକାଇଲେ ।

**୬.** ତତ୍‌କ୍ଷଣେ କପୋତ କପୋତୀ । ଆସି ମିଳିଲେ ବୃକ୍ଷକତି ॥
ତୁଣ୍ଡେ ଆହାର ଦୃଢ଼େ ଧରି । ଲୋଡ଼ନ୍ତି ବୃକ୍ଷେ ଅନୁସରି ॥
ନ ଦେଖି ଚାହିଁ ଦଶଦିଗେ । ପୁଣି ଦେଖନ୍ତି ଭୂମିଭାଗେ ॥
ବନ୍ଧନଜାଲ ମଧ୍ୟେ ଦୃଢ଼େ । ବେନି ବାଳକ ଧଡ଼ପଡ଼େ ॥
ରଡ଼ନ୍ତି ପ୍ରାଣର ବିକଳେ । ନାଦ କରନ୍ତି କୋଳାହଳେ ॥
ଦେଖି କପୋତୀ ଦୃଢ଼ ଚିତ୍ତେ । ଭୂମିରେ ପଡ଼ି ମୋହଗତେ ॥
ବାଳକ ଦେଖି ବୃକ୍ଷତଳେ । କାନ୍ଦଇ ଜୀବନ ବିକଳେ ॥
ବାଳକ ସ୍ନେହଭର ଆଶେ । ଡେଇଁ ପଡ଼ିଲା ଜାଲପାଶେ ॥
ପୁତ୍ରଙ୍କ ମୁଖେ ମୁଖ ଦେଇ । ଦେଖି କପୋତ ବିଚାରଇ ॥
ମୁଁ ଏକା ଏକା ବୃକ୍ଷେ ଥାଇ । କେମନ୍ତେ ଧରିବିଟି ଦେହୀ ॥
ଏମନ୍ତେ କରଇ ରୋଦନ । କ୍ଷଣ କ୍ଷଣକେ ଅଚେତନ ॥
ପଡ଼ଇ ପୁଣ ପୁଣ ତଳେ । ବସଇ ପୁଣି ବୃକ୍ଷଡ଼ାଳେ ॥
ପ୍ରାଣୁ ଅଧିକ ମୋର ସୁତେ । ପଡ଼ିଲେ ଶବର ଆୟତ୍ତେ ॥
ପତ୍ନୀ ପଡ଼ିଲା ଜାଲ ମଧ୍ୟେ । ପ୍ରାଣ ଧରିବି କେଉଁ ସାଧେ ॥

## ପ୍ରଶ୍ନାବଳୀ

(କ) ବୃକ୍ଷପାଖରେ କେଉଁମାନେ କିପରି ପହଞ୍ଚିଲେ ?

(ଖ) କପୋତ କପୋତୀ ଭୂମି ଉପରେ କ'ଣ ଦେଖିଲେ ?

(ଗ) ବେନି ବାଳକଙ୍କର ଦଶା ଦେଖି କପୋତୀର କ'ଣ ହେଲା ?

(ଘ) ବାଳକଙ୍କ ସ୍ନେହ ବଶ ହୋଇ କପୋତୀ କ'ଣ କଲା ?

(ଙ) ପତ୍ନୀ ଓ ବାଳକଙ୍କ ଦଶାଦେଖି କପୋତ କ'ଣ ଭାବିଲା ?

୭. ଭୁଆସୁଣୀ ମାଜେ ପାଦର ପାହୁଡ଼ ଏଥି
ମୁକୁଳା ବେଣୀରେ ପଖାଳେ ଦେଇଣ ମେଥି
ନଣନ୍ଦ ତାହାର ଅଧିକ ଚତୁରୀ ଗାଲରେ ହଳଦୀ ମାଖେ
ହଲିଲା ପାଣିରେ ମୁହଁର ଛବିକୁ ଦେଖେ ॥
ସେଇ ପଥେ ଫେରେ ଗ୍ରାମବଧୂ ସାରି ସକାଳ ସ୍ନାହାନ ଏକା
ଧୂଳିରେ ଆଙ୍କି ସଜଳ ଚରଣ ରେଖା
ମାଆ ବୋଲି ଥରେ ଡାକିବାକୁ ପ୍ରାଣଲୋଡ଼େ
ପୃଥିବୀର ସମ ସହନଶୀଳା ସେ ଅସୀମ କରୁଣାବତୀ
ନୟନେ ଶତେକ ଯୁଗର ବେଦନା ଲେଖା।
ଏପଥେ ଗ୍ରାମର ତରୁଣ ବିଦେଶ ଯାଏ
ଲେଉଟା ପଥକୁ ନୂତନ ଘରଣୀ ଆକୁଳେ ଅନାଇ ଥାଏ
କି ବାରତା ତା'ରେ ଆଣେ କିଏ ଜାଣେ
ଆଧାର ଲୋଭୀ ଏ କାକ
ଏ ଗ୍ରାମ ଦେବତୀ ସେ କଥା ବୁଝେ କି ହାୟ !

## ପ୍ରଶ୍ନାବଳୀ

(କ) ପୋଖରୀ ତୁଠରେ ଭୁଆସୁଣୀ କ'ଣ କରୁଥାଏ ?
(ଖ) ନଣନ୍ଦଟିଏର ବର୍ଣ୍ଣନା ଏଠାରେ କିପରି ହୋଇଛି ?
(ଗ) ସ୍ନାନସାରି ଗ୍ରାମବଧୂର ଫେରିବାକୁ କିପରି ବର୍ଣ୍ଣନା କରାଯାଇଛି ?
(ଘ) ଗ୍ରାମବଧୂକୁ ମାଆ ବୋଲି ଡାକିବାକୁ କାହିଁକି ପ୍ରାଣ ଲୋଡ଼େ ?
(ଙ) ନୂତନ ଘରଣୀ ସମ୍ପର୍କରେ କ'ଣ କୁହାଯାଇଛି ?

୮. ଯେ ସୁରନର ନାଗଭାଷା । ବିବିଧ ବାକ୍ୟ ଉପଦେଶା ॥
କୃଷ୍ଣମହିମା ଯହିଁ ଶୁଣି । ସେ ସର୍ବ ବାକ୍ୟରେ ମୂର୍ଦ୍ଧନି ॥
ଯେବେ ନ ଥାଇ କୃଷ୍ଣରସ । ସେ ସଂସକୃତେ କାର୍ଯ୍ୟ କିସ ॥
ପାଟବସନେ ଗୁଞ୍ଜାଫଳ । ଥିଲେ ନୋହଇ ମହୁମୂଲ୍ୟ ॥
ଚିରାକନାରେ ମଣିବର । ଥିଲେ ନ ତୁଟେ ମୂଲ ତା'ର ॥
ସୁର-ଭାଖା ହିଁ ରସମୟେ । ସେ ନାରିକେଳ ଫଳ ପ୍ରାୟେ ॥
କ୍ଳେଶ ହୋଅଇ ରସଭୋଗ । ସବୁଙ୍କୁ ନୋହେ ଉପଯୋଗ ॥
ଭାଷା ସୁପକ୍ୱରମ୍ଭା ପ୍ରାୟ । କୋମଳ ସ୍ୱାଦୁ ରସମୟ ॥
ଅକ୍ଲେଶେ କରି ତାକୁ ଭୋଗ । ସବୁ ଜୀବନେ ଉପଯୋଗ ॥
କି ପରାକୃତ ସଂସକୃତ । ସେ ଭାବଗ୍ରାହୀ ନନ୍ଦସୁତ ॥
ଗାଳି ଶୁଣଇ ଗୋପୀମୁଖେ । ବେଦ ନ ଶୁଣେ ତେତେ ସୁଖେ ॥
ଏ ଭାବ ମନରେ ବିଚାରି । ଭାଷାକୁ ଅବଜ୍ଞା ନ କରି ॥

## ପ୍ରଶ୍ନାବଳୀ

(କ) କେଉଁ ବାକ୍ୟକୁ (ମୂର୍ଦ୍ଧନି) ଶ୍ରେଷ୍ଠ ବାକ୍ୟ ବୋଲି କୁହାଯାଇଛି ?
(ଖ) କୃଷ୍ଣ ନାମ ବିନା ସଂସ୍କୃତ ଭାଷାକୁ କାହା ସହିତ ତୁଳନା କରାଯାଇଛି ?
(ଗ) ସୁର-ଭାଖା (ଭାଷା)କୁ ନାରିକେଳ ପରି କାହିଁକି କୁହାଯାଇଛି ?
(ଘ) କେଉଁ ଭାଷା ସବୁ ଜୀବନରେ ଉପଯୋଗ ହୁଏ ?
(ଙ) କେଉଁ ଭାବକୁ ମନରେ ବିଚାର କରି ଭାଷାକୁ ଅବଜ୍ଞା ନ କରିବା ଉଚିତ ବୋଲି ବର୍ଣ୍ଣିତ ?

୯. ବିନୟ ସୂଚଇ ମହତ୍, ପ୍ରଭାତ ସୂଚେ ସୂର୍ଯ୍ୟ ଆଗମନ
ବସନ୍ତ ସମୟ ସୂଚକ କୋମଳ ମଧୁର କୋକିଳ ସ୍ୱନ।
ନୀଚପ୍ରଶଂସାରୁ ମହତ ଭର୍ତ୍ସନା ଶତଗୁଣେ ଶ୍ରେୟସ୍କର
କୁକ୍କୁଟ ମୁକୁଟେ କି କାର୍ଯ୍ୟ ମୟୂର ପୁଚ୍ଛରେ ସିନା ଆଦର।
ଇହକାଳୁ ପରକାଳରେ ଅଧିକ ଯତଃଖ୍ୟାତି ମହତର
ନଷ୍ଟକୁସୁମର ବାସ ହୋଇଥାଏ ଅଚିରେ ଅଧିକତର।
ସାହସ କଳ୍ପ ତରୁ ଜାତକରେ ମହତ ହୃଦୟ ସ୍ୱର୍ଗ
ସେ ପାଦପେ ଫଳେ ସୁଧାମୟ ଫଳ ଭୁଞ୍ଜନ୍ତି ମାନବ ବର୍ଗ।
ଧନ୍ୟ ସାହସକୁ ମରଣଭୟକୁ ସାହସ କରିଛି ଜୟ
ଏକା ସାହସର ଭୃତ୍ୟ ଭାବେ ଥା'ନ୍ତି ରାଜଶ୍ରୀ ସମ୍ପଦଚୟ।
ଅସାଧ୍ୟ ସାଧଇ ଅଲଭ୍ୟ ଲଭଇ ମାନବ କରି ସାହସ
ସାହସ ପ୍ରସାଦେ ଆବିଷ୍କାର କଲେ ଆମେରିକା କଲମ୍ବସ।
ଅନନ୍ତ ମାର୍ଗରେ ବିଚରଇ ନର ସାହସର କର ଧରି
ଦୁଃଖ ରତ୍ନାକରୁ ସୁଖ ମହାରତ୍ନ ସାହସ ପାରେ ଉଦ୍ଧରି।

## ପ୍ରଶ୍ନାବଳୀ

(କ) ପ୍ରଭାତ କାହାର ସୂଚନା ଦେଇଥାଏ ?
(ଖ) ବସନ୍ତ ସମୟକୁ କି, ସୂଚନା ଦିଏ ?
(ଗ) କାହାକୁ ଅଧିକ ଶ୍ରେୟସ୍କର ବୋଲି ଦର୍ଶାଯାଇଛି ?
(ଘ) ସାହସକୁ କାହିଁକି ଧନ୍ୟ ବୋଲି କହିବା ?
(ଙ) ସାହସ କ'ଣ ଉଦ୍ଧାର କରିପାରେ ବୋଲି ବର୍ଣ୍ଣିତ ?

୧୦. ଦେବୀ ବୀଣାପାଣି ଶାଶ୍ୱତ ସେବକ । କବି ରାଧାନାଥ ସୁଷମା ଗ୍ରାହକ ॥
ଭ୍ରମି ବହୁ ସ୍ଥାନ ବିଶାଳ ଭାରତେ । ନଦନଦୀ ମରୁ କାନନ ପର୍ବତେ ॥
ଦେଖିଲେ ପ୍ରକୃତି ବିବିଧ ପ୍ରକାଶ । କିନ୍ତୁ ଶୋଭାଲବ୍ଧ ଶୁଦ୍ଧ ଅଭିଳାଷ ॥
ସୁଖ-ଶାନ୍ତି-ପ୍ରୀତି ନାହିଁ ଏକାଧାରେ । ନ ପାଇଲେ ଯଥା ମିଳେ ତୋହଠାରେ ॥
ଉତ୍କଳର ତୁହି ସୌନ୍ଦର୍ଯ୍ୟର ଖଣି । ସାରସ୍ୱତ ନେତ୍ରେ ବାଛି ତହୁଁ ମଣି ॥
ସୁଦକ୍ଷ ବିଦ୍ଧାଣି ରଚି ଯେଉଁ ହାର । ଅର୍ପିଲେ ଉତ୍କଳ ଭାରତୀ ଗଳାର ॥
ଚିରଦିନ ତାହା ରାଜିବ ରୁଚିର । ତା’ ଦେଖି ଭାବୁକେ ଲୋଡ଼ିବେ ତୋ ତୀର ॥
ମୁଁ ଅଧମ ମୋର ଭାବୁକତା ନାହିଁ । ତଥାପି ଏ ପ୍ରାଣ କେ ଜାଣେ କି ପାଇଁ ॥
ନିରନ୍ତର ଲୋଡ଼େ ସୌନ୍ଦର୍ଯ୍ୟ ବ୍ୟାକୁଳେ । ତେଣୁ ଭାବିଥିଲି ଆସି ତୋ’ର କୁଳେ ॥
ଦେଖିବି ତୋ ଶୋଭା ଦିନେ ନିକାଞ୍ଚନେ । କର୍ମ ବନ୍ଧେ ଥିଲା ମନ କଥା ମନେ ॥

## ପ୍ରଶ୍ନାବଳୀ

(କ) କବି ରାଧାନାଥଙ୍କୁ କିପରି ବର୍ଣ୍ଣନା କରାଯାଇଛି ?

(ଖ) କେଉଁଠି କେଉଁଠି ରାଧାନାଥ ପ୍ରକୃତିର ବିବିଧ ପ୍ରକାଶ ଦେଖିଥିଲେ ?

(ଗ) ଚିଲିକା (ତୋହ) ଠାରେ ଏକାଧାରରେ କ’ଣ ମଳିଥାଏ ?

(ଘ) କ’ଣ ଦେଖି ଭାବୁକ ମାନେ ତୋ’ର ତୀର ଖୋଜିହେବେ ?

(ଙ) ଚିଲିକା ତୀରକୁ କବି କାହିଁକି ଆସିବେ ବୋଲି କହିଛନ୍ତି ?

# ସମ୍ବାଦ ଲିଖନ

- ସବୁ ଘଟଣା ସମ୍ବାଦ ହୋଇ ପାରେନାହିଁ।
- ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇଥିବ।
- ସମାଜରେ ଏହାର ପ୍ରାସଙ୍ଗିକତା ଥିବ।
- ସମ୍ବାଦ କେବେ ବିଜ୍ଞାପନ ହୁଏନାହିଁ।
- ଘଟଣାବଳୀର ସଜ୍ଜୀକରଣ ମଧ୍ୟ ନୁହେଁ।
- ସତ୍ୟ ଓ ନିର୍ଭୁଲ ହେବା ଉଚିତ।
- ପ୍ରାମାଣିକ ସତ୍ୟ ଉପରେ ଆଧାରିତ ହେବା ବାଞ୍ଛନୀୟ।
- ଘଟଣା ଘଟିବାର ସ୍ଥାନ, ସମୟ ଓ କାରଣ ପ୍ରଦର୍ଶିତ ହେବା କଥା।
- ସେଥିପାଇଁ ନିଷ୍ପାପର ଏବଂ ନିରପେକ୍ଷ ଅନୁସନ୍ଧାନ ଆବଶ୍ୟକ।
- ସଂକ୍ଷିପ୍ତ ହେବା ଉଚିତ।
- ସରଳ ବାକ୍ୟରେ ପ୍ରକାଶିତ ହେବା କଥା।
- ଭାଷା ସରଳ, ବୋଧଗମ୍ୟ ହେବା ଉଚିତ।
- ଅସମ୍ପୂର୍ଣ୍ଣ ଓ ଭିତ୍ତିହୀନ ସମ୍ବାଦ ବର୍ଜ୍ଜନୀୟ।
- ସମ୍ବାଦର ପୂର୍ବାପର ସମ୍ପର୍କ ଓ ପ୍ରଭାବ ସୂଚିତ ହେବା କଥା।
- ଯୁକ୍ତି ଓ ବିବରଣୀ ମଧ୍ୟରେ ସାମଞ୍ଜସ୍ୟ ରହିବ।

## ସମ୍ବାଦ ପ୍ରସ୍ତୁତିର ବିଧି

**ଶୀର୍ଷକ : (ଶିରୋନାମା)**

- ଆକର୍ଷକ
- ଚମତ୍କାରୀ
- ସମୁଦାୟ ଘଟଣାର ସଂକ୍ଷିପ୍ତ ସାର ଏଥିରେ ସୂଚିତ ହେବା ଆବଶ୍ୟକ।

**ସୂଚନା :**

- ପ୍ରକାଶଯୋଗ୍ୟ ସମ୍ବାଦର ସାରାଂଶକୁ ଗୋଟିଏ ବାକ୍ୟରେ ସୂଚନା ଆକାରରେ ପ୍ରକାଶ କରିବାକୁ ହୋଇଥାଏ।
- ସମ୍ବାଦ ପାଠ ପାଇଁ ପାଠକର ଉତ୍କଣ୍ଠା ଜାଗ୍ରତ କରିବା ଯୋଗ୍ୟ।
- ସୂଚନା ପ୍ରଦତ୍ତ ହେବ।
- ମୂଳ ଘଟଣାର ଏହା ପରିଚୟ ହେବ।

**ବିବରଣୀ :**

- ସମ୍ବାଦର ବିସ୍ତୃତ, ସଂକ୍ଷିପ୍ତ ବିବରଣୀ ଏଥିରେ ପ୍ରଦତ୍ତ ହେବ।
- ଉପଯୁକ୍ତ ପ୍ରମାଣ ଓ ଯୁକ୍ତି ମାଧ୍ୟମରେ ଏହା ବର୍ଣ୍ଣିତ ହେବ।

**ସମାପ୍ତି :**

- ପୂର୍ବ ଘଟଣା ଓ ଭବିଷ୍ୟତରେ ଏହାର ସାମାଜିକ ପ୍ରଭାବ ସମ୍ପର୍କରେ ଏଥିରେ ସୂଚିତ ହେବ।

୦ ପ୍ରତ୍ୟେକ ସମ୍ବାଦ ନିମ୍ନ ***୬ଟି*** **'କ'**ର ଉତ୍ତର ଦେଇ ପାରୁଥିଲେ ତାହା ସମ୍ପୂର୍ଣ୍ଣ ବୋଲି ବିବେଚିତ ହୋଇଥାଏ।

ସେଗୁଡ଼ିକ ହେଲା : **କିଏ; କ'ଣ, କିପରି; କେତେବେଳେ; କେଉଁଠାରେ ଓ କାହିଁକି।**

## ସମ୍ବାଦର ବିଭାଗୀକରଣ

- ଆନ୍ତର୍ଜାତିକ
- ଆନ୍ତଃରାଜ୍ୟ ସମ୍ବନ୍ଧିତ
- ଦେଶୀୟ
- ରାଜ୍ୟ ସମ୍ପର୍କିତ
- ଅଞ୍ଚଳ ସମ୍ପର୍କିତ
- ରାଜନୈତିକ
- ସାମାଜିକ ସମସ୍ୟାମୂଳକ - ମୂଲ୍ୟବୋଧମୂଳକ
- ଅପରାଧମୂଳକ
- ଦୁର୍ଘଟଣା ସମ୍ପର୍କିତ
- କୋର୍ଟ କଚେରୀ ବା ଆଇନ ସମ୍ପର୍କିତ ସମ୍ବାଦ
- ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସାକ୍ଷାତକାର
- ମାନବିକତାମୂଳକ
  (ସାମାଜିକ ବ୍ୟକ୍ତିମାନଙ୍କର ଜୀବିକା ଓ ଜୀବନମୂଳକ)
- ସାମାଜିକ ଅନୁଷ୍ଠାନ ସମ୍ପର୍କୀୟ - ସଭା ସମ୍ମିଳନୀ, ପୁସ୍ତକ ଉନ୍ମୋଚନ
- ପର୍ବପର୍ବାଣୀ ପାଳନ ସମ୍ପର୍କୀୟ
- ଜନଗଣନା

- ସରକାରୀ ଯୋଜନା – ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ ଇତ୍ୟାଦି
- ଧର୍ମସଭା
- ସାଂସ୍କୃତିକ ଅନୁଷ୍ଠାନ ସମ୍ପର୍କୀୟ
- ନିର୍ବାଚନ (ସାଧାରଣ ନିର୍ବାଚନ, ଆନୁଷ୍ଠାନିକ ନିର୍ବାଚନ)

ୃ ଏ ସବୁ ପ୍ରକାର ସମ୍ବାଦ ପ୍ରସ୍ତୁତ କାଳରେ ଯେ କୌଣସି ସମ୍ବାଦପତ୍ରର ସମ୍ପାଦକଙ୍କ ଉଦ୍ଦେଶ୍ୟରେ ଏକ ଅଗ୍ରଲେଖ ପ୍ରସ୍ତୁତ ହେବ। ଏଥିରେ ଅନ୍ୟାନ୍ୟ ଦରଖାସ୍ତ ଲିଖନର ଆଙ୍ଗିକର ସ୍ୱରୂପ ଅନୁସୃତ ହେବ। ସମ୍ବୋଧନ, ଅନୁରୋଧ, ଉପସଂହାର ପରେ ବାମପଟରେ ସ୍ଥାନ ଓ ତାରିଖ ଓ ଶେଷରେ ପ୍ରେରକ ଓ ପ୍ରାପକଙ୍କ ଠିକଣା ରହିବ।

ୃ ସାଧାରଣ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବାଦ ଓ ଏହାର ପ୍ରକାଶ ନିମିତ୍ତ ସମ୍ବାଦପତ୍ରର ସମ୍ପାଦକଙ୍କ ପାଖକୁ ଅଗ୍ରଲେଖ ସମ୍ବଳିତ ଏକ ପତ୍ର ପ୍ରସ୍ତୁତି ଆବଶ୍ୟକ।

ୃ ସମ୍ବାଦପତ୍ରର ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ଏହାର ଆବଶ୍ୟକତା ନ ଥାଏ।

**ପରୀକ୍ଷାରେ ଦୁଇଟି ପ୍ରଶ୍ନ ପଡ଼ିବ। ଗୋଟିକର ଉତ୍ତର ଦେବାକୁ ହେବ। ୧୫୦ ଶବ୍ଦ ମଧ୍ୟରେ ଉତ୍ତର ପ୍ରସ୍ତୁତ ହେବ। ଉତ୍ତରଟି ୫ ନମ୍ବରରୁ ମୂଲ୍ୟାୟନ କରାଯିବ।**

**କେତେକ ନମୂନା**

୧. ଅଗ୍ରଲେଖ

ସମ୍ପାଦକ

ସମ୍ବାଦ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର

ମହାଶୟ,

ଆମେ ଏ ସମ୍ବାଦଟି ଆପଣଙ୍କ ବହୁଳ ପ୍ରସାରିତ ଖବରକାଗଜରେ ପ୍ରକାଶନ ନିମନ୍ତେ ପଠାଉଛୁ। ଏହାର ଗୁରୁତ୍ୱ ଦୃଷ୍ଟିରୁ ଆପଣଙ୍କ ଖବରକାଗଜରେ ସ୍ଥାନିତ କରିବାକୁ ଅନୁରୋଧ।

ଆପଣଙ୍କର

ମୁରଲୀଧର ଗନ୍ତାୟତ

ଶୀର୍ଷକ / ଶିରୋନାମା : ବିପତ୍ତି ବେଳେ ବାହାଘର ମଉଜ ମହଙ୍ଗା ପଡ଼ିଲା

ସୂଚନା – କୋଭିଡ଼ ନିୟମକୁ ଅମାନ୍ୟ କରି ଜାକଜମକରେ ବାହାଘରର ଆୟୋଜନ କରିଥିବା ବର, ବରପିତାଙ୍କ ସମେତ ପାଞ୍ଚଜଣ ଗିରଫ।

ବିବରଣୀ :

ଗୋପାଳପୁର / ତା. ୪/୭/୨୦୨୦ – କରୋନା ମହାମାରୀକୁ ନେଇ ସାରା ବିଶ୍ୱ ଭୀତକାତର ଥିବାବେଳେ ପୁଅ ବାହାଘରକୁ ଜାକଜମକରେ ପାଳନ କରି ବ୍ରହ୍ମପୁର ସହରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହରଡ଼ଘଣାରେ ପଡ଼ିଛନ୍ତି। କୋଭିଡ଼ ନିୟମ ଓ ସାମାଜିକ ଦୂରତା ନିୟମ ଉଲଂଘନ ଅଭିଯୋଗରେ ପୋଲିସ୍ ବର, ବରପିତା ସମେତ ୫ ଜଣଙ୍କୁ ଗିରଫ କରିଛି।

ସୂଚନାଯୋଗ୍ୟ ଯେ ଏଇମାସ ଦୁଇ ତାରିଖ ରାତି ଆଠଟା ବେଳେ ଗୋପାଳପୁରସ୍ଥିତ ହୋଟେଲ୍ ସିଟି କ୍ଲବ୍‌ରେ କୃଷ୍ଣଚନ୍ଦ୍ରଙ୍କ ପୁଅ ଦୀପକର ବାହାଘର ଅନୁଷ୍ଠିତ ହୋଇଥିଲା। ସମସ୍ତ କଟକଣା ସତ୍ତ୍ୱେ ଭୋଜି, ନାଚଗୀତ, ବର ଶୋଭାଯାତ୍ରା, ରୋଷଣି ଇତ୍ୟାଦିର ଆୟୋଜନ କରାଯାଇଥିଲା। ଏ ବାହାଘର ପାଇଁ ପୋଲିସର ଅନୁମତି ନିଆଯାଇଥିଲେ ମଧ୍ୟ – ନିର୍ଦ୍ଦିଷ୍ଟ ଆଇନ ଆଦୌ ପାଳନ କରାଯାଇନଥିଲା। ତେଣୁ ସାଧାରଣ ଲୋକଙ୍କ ଠାରୁ ଖବର ପାଇ ପୋଲିସ୍ ଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ବିଶ୍ୱରେ, ଭାରତରେ, ଓଡ଼ିଶାରେ ଏବଂ ବିଶେଷ କରି ଗଞ୍ଜାମ ବ୍ରହ୍ମପୁରରେ କରୋନା ମହାମାରୀର ପ୍ରକୋପ ବଢ଼ୁଥିବା ବେଳେ ଶିକ୍ଷିତ, ସଚେତନ ଓ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିଙ୍କର ନିୟମ କାନୁନକୁ ଏପରି ଉପହାସ, ଆଇନ ଓ ସାମାଜିକ ବିଧିବ୍ୟବସ୍ଥା ପ୍ରତି ଏପରି ଦୃଷ୍ଟିଭଙ୍ଗୀ ହିତକାରକ ମନେ ହୁଏନାହିଁ।

୨. ଜଳାଭାବ : ଚାଷୀ ଚିନ୍ତାରେ – ଶିରୋନାମା :

ସୂଚନା : ବର୍ଷାଭାବ ଯୋଗୁଁ ଚାଷକାର୍ଯ୍ୟ ବ୍ୟାହତ ହେତୁ ଚାଷୀକୂଳ ଚିନ୍ତାରେ

ବିବରଣୀ :

ନିଶ୍ଚିନ୍ତକୋଇଲି, ୭/୭/୨୦୨୦

ଆଷାଢ଼ ମାସ ସରିଲାଣି, ଶ୍ରାବଣ ମାସକୁ ଧାରା ଶ୍ରାବଣ କୁହାଯାଏ। ହେଲେ ଏ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲ୍ଲାର ନିଶ୍ଚିତକୋଇଲି ଅଞ୍ଚଳରେ ଯେତିକି ବର୍ଷା ହୋଇଛି, ସେତିକିରେ ମାଟି ଓଦା ହୋଇନାହିଁ। କେନାଲରେ ପାଣି ମଧ୍ୟ ଆସିବାର ନାହିଁ। ତେଣୁ ଏ ଅଞ୍ଚଳରେ ଜଳାଭାବ ଯୋଗୁଁ ଚାଷକାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏ ଯାଏ ତଳିରୁଆ ହୋଇ ପାରିନାହିଁ ଅପର ପକ୍ଷରେ ପ୍ରଚଣ୍ଡ ଖରା ଫଳରେ ପାଣିଥିବା ଜମି ମଧ୍ୟ କ୍ରମଶଃ ଶୁଖିଶୁଖି ଯାଉଛି। ଏ ଅଞ୍ଚଳର ଚାଷକାର୍ଯ୍ୟ ସମ୍ପୂର୍ଣ୍ଣ ରୂପରେ ଉଠାଜଳ ଉପରେ ନିର୍ଭରଶୀଳ, ଦୀର୍ଘ କେତେମାସ ଧରି ବର୍ଷା ହୋଇନାହିଁ। ତେଣୁ ଚାଷକାର୍ଯ୍ୟ ବନ୍ଦ ଓ ଚାଷୀକୂଳ ହତାଶ ହୋଇ ବସିଛନ୍ତି।

ଯଦି ଏ ଅଞ୍ଚଳରେ ଥିବା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କରାଯାଇ ପାରନ୍ତା ତେବେ ସାମୟିକ ଭାବେ ଚାଷୀ ଆଶ୍ୱସ୍ତ ହୋଇପାରେନ୍ତ ବୋଲି ବିଶ୍ୱାସ।

ଏହାସହ ଏକ ଅଗ୍ରଲେଖ ସଂଯୁକ୍ତ ହୋଇ ପ୍ରେରଣ କରାଯିବ ଏହିପରି :

- ପଞ୍ଚାୟତ ତରଫରୁ ଗ୍ରାମ ବିଶୋଧନ
- ଭୋକର ଜ୍ୱାଳା : ମା'-ପୁଅଙ୍କର ଆତ୍ମହତ୍ୟା ଉଦ୍ୟମ
- ଶିକ୍ଷା ବକାଶ ପାଇଁ ଯୁବପୀଢ଼ିଙ୍କ ଅଣ୍ଟାଭିଡ଼ା
- ବ୍ୟାଙ୍କ ମ୍ୟାନେଜରଙ୍କ ଘରୁ ଚୋରୀ
- ମହଙ୍ଗା ପଡ଼ିଲା ଖଟି
- ଚାକିରୀ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଅସଦାଚରଣ
- ଦୂଷିତ ପୁଷ୍କରିଣୀରୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ
- କୋଭିଡ଼ ବୀରଙ୍କୁ ଅଭିନନ୍ଦନ
- ଯୁବ କବିଙ୍କୁ ପୁରସ୍କାର
- ଯୁବ ପ୍ରତିଭା ସମ୍ମାନ
- ଅଧ୍ୟାପକ ଶୂନ : ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ
- ସଙ୍ଗରୋଧ କେନ୍ଦ୍ରରେ ଅବ୍ୟବସ୍ଥା
- ପ୍ରବାସୀ ଫେରନ୍ତାଙ୍କ ତୁମୁଳ କାଣ୍ଡ
- ଗୋଷ୍ଠୀ ସଂକ୍ରମଣ ଆଶଙ୍କା
- ଗୋଷ୍ଠୀ ଉନ୍ନୟନ କେନ୍ଦ୍ରରେ ନିଃଶୁଳ୍କ ଯୋଗଶିକ୍ଷା
- ଯୁବକ ସଂଘ ତରଫରୁ ରକ୍ତଦାନ ଶିବିର ଆୟୋଜନ
- ଯୁବଗୋଷ୍ଠୀର କରୋନା ସଚେତନତା କାର୍ଯ୍ୟକ୍ରମ
- ହରିଶ୍ଚନ୍ଦ୍ର ଯୋଜନାରେ ଜାଲିଆତି
- ପୁସ୍ତକମେଳାରେ ବ୍ୟବସାୟ ମାନ୍ଦା
- ମଧ୍ୟବିତ୍ତଙ୍କ ଉପରେ କରୋନା ପ୍ରହାର ଇତ୍ୟାଦିକୁ ନେଇ କରାଯାଇପାରେ।

# ପ୍ରବନ୍ଧ

**ପ୍ରଶ୍ନପତ୍ରରେ ତିନିଗୋଟି ପ୍ରବନ୍ଧ ଉଲ୍ଲେଖ ଥିବ । ଗୋଟିଏ ବଷୟ ଉପରେ ପ୍ରବନ୍ଧ ଲେଖିବାକୁ ହେବ । ୧୫୦ ଶବ୍ଦ ବ୍ୟବହାର କରିବାକୁ ହେବ । ୫ ନମ୍ବରରୁ ଏହାର ମୂଲ୍ୟାଙ୍କନ କରିବାକୁ ହେବ ।**

**ସମୟ ସୀମିତ**

- ବ୍ୟବହୃତ ହେବାକୁ ଥିବା ଶବ୍ଦ ସଂଖ୍ୟା ସୀମିତ ।
- ତେଣୁ ପ୍ରବନ୍ଧ ରଚନାର ବିଧି ଅନୁସରଣ କରି ଏହାର ପ୍ରସ୍ତୁତି ଆବଶ୍ୟକ ।

**ବିଧି ହେଉଛି**

- ବିଷୟବସ୍ତୁର ଉପସ୍ଥାପନା
- ବିଷୟ ବର୍ଣ୍ଣନା
- ଉପସଂହାର କ୍ରମାନ୍ୱୟରେ ହିଁ ସଜ୍ଜିତ ହୋଇଥିବ

**ଆବଶ୍ୟକ**

- ଉପକ୍ରମ ବା ଉପସ୍ଥାପନାରେ ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ରହିବ ।
- ବିବେଚନା ବା ବିଷୟବର୍ଣ୍ଣନା କ୍ରମରେ ଶଂସିତ ବିଷୟର ରୂପରେଖ, ଆବଶ୍ୟକତା, ଉପଯୋଗିତା, ଗୁଣ, ଅବିଗୁଣ - ଏ ସବୁର ଯୁକ୍ତି ଓ ପ୍ରମାଣ ଭିତ୍ତିକ ବର୍ଣ୍ଣନା ରହିବ ।
- ଉପସଂହାରରେ ସମୁଦାୟ ବିଷୟର ସାରାଂଶ ହିଁ ପ୍ରଦତ୍ତ ହେବ ।
- କ୍ରମାନ୍ୱୟରେ ସଜ୍ଜିତ ଏହି ତିନୋଟି ସ୍ତର ମଧ୍ୟରେ ସମନ୍ୱୟ ରହିବ ।
- ଭାଷା ସରଳ ।
- ଯୁକ୍ତି ପ୍ରମାଣସିଦ୍ଧ ଓ ଗ୍ରହଣଯୋଗ୍ୟ ହେବ ।
- କୌଣସି ଯୁକ୍ତି ବା ପ୍ରମାଣର ପୁନରାବୃତ୍ତି ହେବା ଅନୁଚିତ ।

**ବିଷୟବସ୍ତୁ ଆଧାରରେ ପ୍ରବନ୍ଧକୁ ନିମ୍ନ ପ୍ରକାରରେ ବିଭକ୍ତ କରାଯାଇପାରେ ।**

(କ) ବିବରଣାତ୍ମକ

(ଖ) ବର୍ଣ୍ଣନାତ୍ମକ

(ଗ) ସମାଲୋଚନାତ୍ମକ

(ଘ) ତଥ୍ୟମୂଳକ

(ଙ) ଚିନ୍ତାମୂଳକ

(ଚ) ମୁକ୍ତିମୂଳକ

(ଛ) ଜୀବନୀମୂଳକ

(ଜ) ସାହିତ୍ୟ ତତ୍ତ୍ୱମୂଳକ

(ଝ) ଐତିହାସିକ

(ଞ) ବୈଜ୍ଞାନିକ

(ଟ) ଆବେଗ ପ୍ରଧାନ

(ଠ) ରମ୍ୟରଚନାଧର୍ମୀ

(ଡ) ସାମାଜିକ ସମସ୍ୟାମୂଳକ

(ଢ) ରଚିମୂଳକ ଇତ୍ୟାଦି

## ପ୍ରବନ୍ଧ ରଚନାର କେତୋଟି ନମୂନା

**୧. କରୋନା ମହାମାରୀ**

**ଉପକ୍ରମ :**

- ମହାମାରୀ କ'ଣ ?
- କରୋନା ମହାମାରୀ କ'ଣ ?

**ବିଷୟବସ୍ତୁ :**

- ଏହାର ସ୍ୱରୂପ କ'ଣ
- ଏହାର ଲକ୍ଷଣ କ'ଣ
- ସୃଷ୍ଟି ହେବାର ସମ୍ଭାବିତ କାରଣ
- କିପରି ବ୍ୟାପିଥାଏ
- ମହାମାରୀର ଆକ୍ରାନ୍ତ କିପରି ହୁଅନ୍ତି
- ଭୟାଭୟତା
- ସମ୍ଭାବ୍ୟ ଉପଚାର
- ଉପଚାରର ପଦକ୍ଷେପ
- ସରକାରୀ ପ୍ରୟାସ
- ପ୍ରତିଷେଧକ ଔଷଧ ବା ଟୀକା

**ଉପସଂହାର :** ମାନବ ସମାଜର ଏହି ହାନୀକାରକ ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବାର ପ୍ରୟାସର ଆବଶ୍ୟକତା ଓ ଗୁରୁତ୍ୱ ।

୨. **ସ୍ୱଦେଶୀ ଚେତନା**

**ଉପକ୍ରମ :**

- ଉତ୍ପାଦିତ ସାମଗ୍ରୀର ବିନିଯୋଗ ହିଁ ସଭ୍ୟତାର ବିକାଶର ସୂତ୍ର
- ପରମୁଖାପେକ୍ଷୀ ହେବାରେ ଆଧୁନିକ ମଣିଷର ଦୃଷ୍ଟିଭଙ୍ଗୀ
- ଦେଶୀୟ ବସ୍ତୁ ପ୍ରତି ଆକର୍ଷଣ ହୀନତା

**ବିଷୟବସ୍ତୁ :**

ନୂତନ ଆବିଷ୍କାର ଓ ଉଦ୍ଭାବନ ଯୋଗୁଁ ସାଧାରଣ ଜନତାର ବିଳାସ ସାମଗ୍ରୀ ପାଇଁ ଆକର୍ଷଣ

- ଆର୍ଥିକ ସ୍ୱଚ୍ଛଳତା ଯୋଗୁଁ ଏଗୁଡ଼ିକ କ୍ରୟ କରିବା ଦକ୍ଷତା ବୃଦ୍ଧି
- ଏ ବସ୍ତୁ ସବୁର ସହଜ ଉପଲବ୍ଧ
- ବିଦେଶୀ ବସ୍ତୁ ପ୍ରତି ଆକର୍ଷଣ ହେତୁ ଦେଶୀୟ ବସ୍ତୁ ପ୍ରତି ହତାଦର
- ଦେଶୀୟ ଅର୍ଥନୀତି ଉପରେ ଏହାର ପ୍ରଭାବ
- ଏଥିରୁ ମୁକ୍ତି ପାଇଁ ଦେଶୀୟ ବସ୍ତୁ ପ୍ରତି ଆକର୍ଷଣ ବୃଦ୍ଧି ପ୍ରୟାସ
- ସରକାରୀ ଉଦ୍ୟୋଗ
- ସ୍ୱଦେଶୀ ହେବାରେ ସ୍ୱାବଲମ୍ବନଶୀଳତାର ବୃଦ୍ଧି
- ସ୍ୱାଭିମାନର ଉତ୍‌ଥାନ

**ଉପସଂହାର :**

- ବିଦେଶୀ ବସ୍ତୁ ପ୍ରତି ଅତ୍ୟଧିକ ଆକର୍ଷଣରୁ ମାନସିକ ପରାଧୀନତା।
- ଦେଶର ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ସ୍ୱଦେଶୀ ଚିନ୍ତା – ବସ୍ତୁ ପ୍ରତି ଅଧିକ ସଚେତନତା ଏକ ଜାତୀୟ ପ୍ରବୃତ୍ତି ହେବା ଉଚିତ।

୩. **ରାଜନୀତି ଓ ଛାତ୍ର**

**ଉପକ୍ରମ :**

- ରାଜନୀତିର ସଂଜ୍ଞା
- ଛାତ୍ରର ସ୍ୱରୂପ ଓ ମହତ୍ତ୍ୱ

**ବିଷୟବସ୍ତୁ :**

- ରାଜନୀତିର ସ୍ୱରୂପ – ପ୍ରକୃତ ଓ ବାସ୍ତବ
- ଛାତ୍ର ନିକଟରେ ତା'ର ଭବିଷ୍ୟତ
- ପରିବାର ଓ ଗୁରୁଜନଙ୍କର ଆଶା ଓ ବିଶ୍ୱାସର ରୂପ – ବର୍ତ୍ତମାନର ପରିପ୍ରେକ୍ଷୀରେ ଛାତ୍ରର ରାଜନୈତିକ କାର୍ଯ୍ୟକଳାପ ସହିତ ସଂପୃକ୍ତି।
- ଆବଶ୍ୟକତା
- ଦୁରୁପଯୋଗ ହେବାର ଆଶଙ୍କା

**ଉପସଂହାର :**

ରାଜନୀତିକ ବାତାବରଣ ସହିତ ଛାତ୍ରର ଅତ୍ୟଧିକ ସଂପୃକ୍ତି ହେଲେ ସେମାନେ ଲକ୍ଷ୍ୟଚ୍ୟୁତ ହେବା ଆଶଙ୍କିତ ହୋଇଥାଏ – ତେଣୁ ରାଷ୍ଟ୍ରର ଭବିଷ୍ୟ ଗଠନ ପାଇଁ ରାଜନୀତି ଓ ଶିକ୍ଷା ଉପରେ ଯଥାଯଥ ସନ୍ତୁଳିତ ଗୁରୁତ୍ୱ ପ୍ରଦାନର ଆବଶ୍ୟକତା।

**ଗୁଣ ଦୃଷ୍ଟିରୁ ପ୍ରବନ୍ଧ ଦୁଇ ପ୍ରକାରର**

**୧. ବସ୍ତୁନିଷ୍ଠ**

- ଅଜ୍ଞାତ ବା ସ୍ୱଳ୍ପଜ୍ଞାତ ବସ୍ତୁକୁ ପରିଚିତ କରାଇବା
- ବିଚାରଶୀଳତା ଓ ଚିନ୍ତାଶୀଳତା ମାଧ୍ୟମରେ ପ୍ରକାଶ କରିବା
- ଜ୍ଞାନପ୍ରବଣ
- ଗୁରୁସ୍ଥାନରେ ରହି ଶିକ୍ଷା ପ୍ରଦାନ
- ଗୁରୁଗମ୍ଭୀର
- ବିଚାର ବା ବୋଧଜ୍ଞାନରୁ ସୃଷ୍ଟି
- ଯୁକ୍ତି ଓ ପ୍ରମାଣ ମାଧ୍ୟମରେ ମତାମତର ପୁଷ୍ଟି ସାଧନ ଆବଶ୍ୟକ
- ନ ଜାଣିଥିବା ବସ୍ତୁ/ଘଟଣା/ଇତ୍ୟାଦି ସମ୍ପର୍କରେ ଯୁକ୍ତି ଓ ପ୍ରମାଣ ମାଧ୍ୟମରେ ବିଚାରଶୀଳ ବକ୍ତବ୍ୟର ଉପସ୍ଥାପନା ଏଥିରେ ଘଟେ।

**ବସ୍ତୁନିଷ୍ଠ ପ୍ରବନ୍ଧର କେତେକ ଉଦାହରଣ**

୧. ଟେଲିଭିଜନ

୨. ଐତିହାସିକ ସ୍ଥାନ ଭ୍ରମଣ

୩. ବେକାରୀ ସମସ୍ୟା

୪. ସ୍ୱାସ୍ଥ୍ୟ ସମସ୍ୟା

୫. ବନୀକରଣ

୬. ପର୍ଯ୍ୟାବରଣ ସୁରକ୍ଷା

୭. କାଳିଆ ଯୋଜନା

୮. ସମୟାନୁବର୍ତ୍ତିତା

୯. କୁଟୀର ଶିଳ୍ପ

୧୦. ସବୁଜ ବିପ୍ଳବ

**୨. ବ୍ୟକ୍ତିନିଷ୍ଠ**

- ଭାବ ବ୍ୟଞ୍ଜକ
- ଆବେଗ ଏହାର ଭିତ୍ତି
- ଅନୁଭୂତି ବା ହୃଦୟରୁ ନିଷ୍ପନ୍ନ
- ବ୍ୟକ୍ତିଗତ ରୁଚି, ଭାବନା ପ୍ରକାଶିତ
- ବ୍ୟକ୍ତିଗତ ଚିନ୍ତାବସ୍ତୁ ସାର୍ବିକ ମହତ୍ତ୍ୱ ଲାଭ କରିବା ଆବଶ୍ୟକ
- ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବ୍ୟକ୍ତିତ୍ୱର ପ୍ରକାଶ ଏଥିରେ ଘଟିଥାଏ
- ରମ୍ୟ ରଚନା ପ୍ରାୟ ଏଇ ପର୍ଯ୍ୟାୟର ଅନ୍ତର୍ଭୁକ୍ତ

**ବ୍ୟକ୍ତିନିଷ୍ଠ ପ୍ରବନ୍ଧର କେତେକ ଉଦାହରଣ**

୧. ତୁମର ପ୍ରିୟ ଲେଖକ

୨. ସାହିତ୍ୟ ସଭା

୩. ଦେଖିଥିବା ପୁସ୍ତକ ମେଳା

୪. ଧର୍ମସଭା

୫. ଭବିଷ୍ୟତର ଲକ୍ଷ୍ୟ

**ସେହିପରି ନିମ୍ନ ବିଷୟରେ ପ୍ରବନ୍ଧ ଲେଖିବାର ଅଭ୍ୟାସ କରାଯାଇପାରେ ଏବଂ କେଉଁ ଦୃଷ୍ଟିଭଙ୍ଗୀ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ତାହାକୁ ନୋଟ୍ ଖାତାରେ ଲେଖି ରଖାଯାଇପାରେ**

- ପ୍ରିୟ ଖେଳାଳି
- ପ୍ରିୟ ଲେଖକ
- ଉପସ୍ଥିତ ଥିବା ଏକ ସାହିତ୍ୟ ସଭା
- ପୁସ୍ତକ ଗଠନର ଅଭ୍ୟାସ
- ଲେଖିବା ଅଭ୍ୟାସ
- ଖାଦ୍ୟ ରଚି
- ସୁସ୍ଥ ଶରୀର ସୁସ୍ଥ ମନ
- ଯୋଗାଭ୍ୟାସ
- ଆମ ଅଞ୍ଚଳର ଏକ ବିଶିଷ୍ଟ ପର୍ବ
- ଓଡ଼ିଆର ସ୍ୱାଭିମାନ
- ୨୦୨୦ ମସିହାର ରଥଯାତ୍ରା
- ଅନ୍‌ଲାଇନ୍ ପାଠପଢ଼ା
- କର୍ମଯୋଗାଣ
- ନିଯୁକ୍ତି ମେଳା
- ପୁସ୍ତକ ମେଳା
- ପ୍ରତ୍ୟୁତ୍ପନ୍ନମତିତା
- ଆପଣା ମହତ ଆପେ ରଖି
- ଐତିହାସିକ ସ୍ଥାନ ଦର୍ଶନ
- ଧାର୍ମିକ ଅନୁଷ୍ଠାନ
- ମୋ ଭବିଷ୍ୟତ

# ପ୍ରତଲିଖନ

**ପରୀକ୍ଷାରେ ଦୁଇଟି ପ୍ରଶ୍ନ ପଡ଼ିବ । ଗୋଟିକର ଉତ୍ତର ଦେବାକୁ ହେବ । ସମୁଦାୟ ୫ ନମ୍ବରରୁ ମୂଲ୍ୟାୟନ କରାଯିବ**

- ସମ୍ବାଦ ପ୍ରେରଣର ଏକ ମାଧ୍ୟମ ।
- ଡାକଘରେ ଦାଖଲ କରାଯାଇ ପାରେ ।
- କୋରିଅର କମ୍ପାନୀ ମାଧ୍ୟମରେ ଏହା ପଠାଯାଇପାରେ ।
- ବ୍ୟକ୍ତି ବା ଅନୁଷ୍ଠାନରେ ବ୍ୟକ୍ତିଗତ ଭାବରେ ଦିଆଯାଇପାରେ ।

ଭିନ୍ନ ଭିନ୍ନ ପ୍ରକାରର ପତ୍ରର ବ୍ୟବହାର ଅଛି । ସେଗୁଡ଼ିକର ଲିଖନ ପଦ୍ଧତି ବା ଆଙ୍ଗିକ ମଧ୍ଯ ଭିନ୍ନ ଭିନ୍ନ ।

**ପତ୍ରର ପ୍ରଭାରଭେଦ ଓ ସେଗୁଡ଼ିକର ଲିଖନ ପଦ୍ଧତି ବା ଆଙ୍ଗିକ**

**୧. ବ୍ୟକ୍ତିଗତ ବା ଘରୋଇ ପତ୍ର :**

ଜଣେ ନିଜର ବ୍ୟକ୍ତିଗତ ଭାବ, ସମସ୍ୟା, ଅନୁଭୂତି ଇତ୍ୟାଦି ବର୍ଣ୍ଣନା କରି ନିଜର ପରିଚିତ / ବନ୍ଧୁବାନ୍ଧବ / ଗୁରୁଜନ / ଲଘୁଜନମାନଙ୍କୁ ପ୍ରେରଣ କରିପାରେ ।

**ଏହାର ଆଙ୍ଗିକ ବା ରଚନାବିଧି**

- ଦକ୍ଷିଣ ପାର୍ଶ୍ୱର ଉପରେ ସ୍ଥାନ ଓ ଦିନାଙ୍କ
- ବାମ ପାର୍ଶ୍ୱରେ ସମ୍ବୋଧନ ଓ ସମ୍ବୋଧନ ପରେ 'କମା' ରହିବ
- ଆରମ୍ଭରେ ଗୁରୁଜନମାନଙ୍କୁ ସମ୍ମାନ ଜ୍ଞାପନ ଓ ଲଘୁଜନମାନଙ୍କୁ ଆଶିଷ ପ୍ରଦାନ କରାଯାଇଥାଏ । ଏଥିପାଇଁ ଗୋଟିଏ ପାରାଗ୍ରାଫ୍ ବ୍ୟବହୃତ ହୁଏ ।
- ପତ୍ର ଲେଖିବାର ଉଦ୍ଦେଶ୍ୟ ସହିତ ପତ୍ରର ବିଷୟବସ୍ତୁ ପାଇଁ ଅନ୍ୟ ଏକ ପାରାଗ୍ରାଫ୍ ବ୍ୟବହାର କରାଯାଏ ।
- ପତ୍ରର ସମାପ୍ତି ପାଇଁ ଅନ୍ୟ ଏକ ଅନୁଚ୍ଛେଦ ବ୍ୟବହୃତ ହୁଏ ।
- ପରିସମାପ୍ତିରେ ଦକ୍ଷିଣ ପାର୍ଶ୍ୱର ଶେଷରେ 'ଇତି' ଏବଂ ପ୍ରେରକ ଓ ପ୍ରାପକଙ୍କ ସମ୍ପର୍କ ଭିତ୍ତିରେ ନିଜର ପରିଚୟ ପ୍ରଦତ୍ତ ହୁଏ । ଯଥା:- ଶୁଭେଚ୍ଛୁ ଭାଇ, ହିତାକାଂକ୍ଷୀ, କିମ୍ବା ସ୍ନେହର, ସ୍ନେହବଦତ ଇତ୍ୟାଦି ଲେଖାଯାଇ ସମ୍ପର୍କ ସୂଚିତ ହୁଏ ।
- ଶେଷରେ ଠିକଣା ସ୍ତମ୍ଭରେ : ଦକ୍ଷିଣ ପାର୍ଶ୍ୱରେ ପ୍ରାପକଙ୍କ ଠିକଣା ଓ ବାମ ପାର୍ଶ୍ୱରେ ପ୍ରେରକଙ୍କ ଠିକଣା ପ୍ରଦାନ କରିବାକୁ ହୁଏ ।

**ନମୁନା**

ସମ୍ବୋଧନ; ସ୍ଥାନ :
(ସମ୍ପର୍କ ଅନୁଯାୟୀ) ତାରିଖ :
ଆଶିଷ ଭିକ୍ଷା ବା ସମ୍ମାନ ଜ୍ଞାପନ
ବିଷୟବସ୍ତୁ
ଉପସଂହାର

ଇତି
ସମ୍ପର୍କ ଅନୁସାରେ
ପରିଚୟ

ଠିକଣା

| ପ୍ରେରକ | ପ୍ରାପକ (ଟିକେଟ) |
|---|---|

**୨. ଆବେଦନ ପତ୍ର / ଦରଖାସ୍ତ**

- ଏହା ଆନୁଷ୍ଠିକ
- ବ୍ୟକ୍ତିଗତ ସୁଖ ଦୁଃଖର ଅବକାଶ ରହେନାହିଁ
- ସରକାରୀ ବା ବେସରକାରୀ ଅନୁଷ୍ଠାନର ଅଧିକାରୀମାନଙ୍କୁ ଏହା ଲେଖାଯାଏ ।
- ବିଭାଗୀୟ କର୍ତ୍ତୃପକ୍ଷ, ଅନୁଷ୍ଠାନର ମୁଖ୍ୟ ଇତ୍ୟାଦିଙ୍କୁ ଏହା ଲେଖାଯାଏ ।
- ବ୍ୟକ୍ତିଗତ, ଗୋଷ୍ଠୀଗତ ଅଥବା ସାମୂହିକ ସମସ୍ୟାର ଉଲ୍ଲେଖ ସହିତ ତାହାର ସମାଧାନ ପାଇଁ ଏଥିରେ ପ୍ରାର୍ଥନା ବା ଦାବୀ ଉପସ୍ଥାପନ କରାଯାଏ ।

ଏଭଳି ପତ୍ର ରଚନା ନିମିତ୍ତ ନିର୍ଦ୍ଦିଷ୍ଟ ରଚନା ପଦ୍ଧତି ବା ଆଙ୍ଗିକର ବ୍ୟବହାର କରାଯାଏ

ସମୁଦାୟ ପତ୍ରକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ ।

**ପ୍ରଥମ ଭାଗଟି ଏହାର ସମ୍ବୋଧନ ଭାଗ**

- ବାମପାର୍ଶ୍ୱରେ ସଂପୃକ୍ତ ସଂସ୍ଥାର ଅଧିକାରୀଙ୍କୁ ସମ୍ବୋଧନ ରହିବ ।
- ଏଥିରେ ସଂପୃକ୍ତ ଅଧିକାରୀଙ୍କ ପଦବୀ, ଅଞ୍ଚଳ (କାର୍ଯ୍ୟାଳୟ)ର ନାମ, ଜିଲ୍ଲା ଇତ୍ୟାଦି ରହିବ ।

(ଯଦି ଏହା ଗୋଟିଏ କାର୍ଯ୍ୟାଳୟରୁ ଅନ୍ୟ ଏକ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ହୁଏ - ତେବେ କାର୍ଯ୍ୟାଳୟର ପତ୍ର ସଂଖ୍ୟା ଓ ତାରଖ ପ୍ରଦତ୍ତ ହୋଇପାରେ)

- ଦରଖାସ୍ତ ବା ଆବେଦନ ପତ୍ର ସମ୍ପର୍କୀୟ ସୂଚନା ବନ୍ଧନୀ ମଧ୍ୟରେ ପ୍ରଦତ୍ତ ହେବ।
- ପତ୍ର ଉଲ୍ଲିଖିତ ସମସ୍ୟା ସମ୍ପର୍କରେ ଯଦି ସଂପୃକ୍ତ ସଂସ୍ଥାର କର୍ତ୍ତୃପକ୍ଷଙ୍କ ବ୍ୟକ୍ତିଗତ ଅନ୍ୟ କେହି ଅଧସ୍ତନ କର୍ତ୍ତୃପକ୍ଷ ଜାଣିବା ଆବଶ୍ୟକ ହୁଏ - ତେବେ ବନ୍ଧନୀ ମଧ୍ୟରେ ତାଙ୍କ ଜରିଆରେ - ବା ମାଧ୍ୟମରେ ବୋଲି ଲେଖିବାକୁ ହେବ।
- ସମ୍ବୋଧନରେ ମହାଶୟ / ମହାଶୟା ବୋଲି ଉଲ୍ଲେଖ କରିବାକୁ ହେବ।

**ବିଷୟ ବର୍ଣ୍ଣନା ଏହାର ଦ୍ୱିତୀୟ ସ୍ତର**

- ଏଥିରେ ପତ୍ରପ୍ରେରକଙ୍କର ଅଭିପ୍ରାୟ ଓ ବିଷୟର ପ୍ରବେଶ ରହିବ।
- ଏହାପରର ଅନ୍ୟ ଏକ ଅନୁଚ୍ଛେଦରେ ସମସ୍ୟାର ଉତ୍‌ଥାପନ, ସମସ୍ୟାରୁ ଭୋଗୁଥିବା ଦୁଃଖ ବା ଅସୁବିଧା ଇତ୍ୟାଦିର ବର୍ଣ୍ଣନା ରହିବ।

**ତୃତୀୟ ସ୍ତର - ଉପସଂହାର**

- ଏଥିରେ ସମସ୍ୟାର ସମାଧାନର ପନ୍ଥାର ସୂଚନା ଦିଆଯାଇପାରେ ନଚେତ୍ ସମାଧାନ ପାଇଁ ବିହିତ କାର୍ଯ୍ୟପନ୍ଥା ଗ୍ରହଣ କରିବାର ଅନୁରୋଧ କରାଯାଇପାରେ।
- ଦରଖାସ୍ତର ଅନ୍ତିମ ଭାଗରେ - ଦକ୍ଷିଣ ପାର୍ଶ୍ୱରେ 'ଇତି', ବିଶମ୍ବଦ, ବିନୀତ, ଗୁଣମୁଗ୍ଧ - ଇତ୍ୟାଦି ପରେ ପ୍ରେରକଙ୍କ ନାମ ରହିବ। ପ୍ରେରକ ଯଦି ଗୋଷ୍ଠୀ ବା ସମୂହ ହୋଇଥିବେ ତେବେ ସେମାନଙ୍କର ନାମ ବା ଦସ୍ତଖତ ରହିବ।
- ବାମ ପାର୍ଶ୍ୱରେ ସ୍ଥାନ ଏବଂ ତାରିଖ ରହିବ।
- ତଳେ ଠିକଣାରେ ପ୍ରାପକଙ୍କ ପଦବୀ ଓ କାର୍ଯ୍ୟାଳୟ ଉଲ୍ଲେଖ ହେବ ଓ ପ୍ରେରକଙ୍କ ନାମ ଓ ଠିକଣା ରହିବ।

**୩. ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର**

- ମୁଦ୍ରିତ ମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଓ ବିଶେଷ ମାଧ୍ୟମ।
- ଜନତା, ଗୋଷ୍ଠୀ, ଅଞ୍ଚଳ ଇତ୍ୟାଦିର ସମସ୍ୟା, ଅସନ୍ତୋଷ

କର୍ତ୍ତୃପକ୍ଷଙ୍କର ଉଦାସୀନତା ବା କାର୍ଯ୍ୟଦକ୍ଷତା ଅବା ଅବହେଳା, ଦୁର୍ନୀତି

ସରକାରଙ୍କର ଉନ୍ନୟନମୂଳକ କାର୍ଯ୍ୟ ଓ ପଦକ୍ଷେପ ଇତ୍ୟାଦି ସମ୍ପର୍କରେ ଏଥିରେ ମତାମତ ପ୍ରକାଶିତ ହୁଏ

- ବ୍ୟକ୍ତିବିଶେଷ / ଅନୁଷ୍ଠାନର କର୍ତ୍ତୃପକ୍ଷ ବା ସରକାରଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏହା ପ୍ରସ୍ତୁତ ହୁଏ।
- ଏହା ସଂକ୍ଷିପ୍ତ, ତଥ୍ୟାଶ୍ରୟୀ ଓ ସମସ୍ୟାର ଭୟାବହତା ଓ ତାର ଆପାତଃ ସମାଧାନର ସୂଚନା ଏଥିରେ ପ୍ରଦତ୍ତ ହୋଇଥାଏ।

**ଆରମ୍ଭରେ :**

- ସମ୍ବାଦ ପତ୍ରର ସମ୍ପାଦକଙ୍କର କାର୍ଯ୍ୟାଳୟଗତ ଠିକଣା ରହିବ।
- ବାମ ପାର୍ଶ୍ୱରେ ସମ୍ବୋଧନ ରହିବ

(ବନ୍ଧନୀରେ ବର୍ଣ୍ଣିତ ହେବାକୁ ଥିବା ସମସ୍ୟାର ସୂଚନା ରହିବ)

**ମଧ୍ୟଭାଗରେ :**

- ସମସ୍ୟା, ସମସ୍ୟା ପାଇଁ ଉପୁଜୁଥିବା ଅସୁବିଧା ଏବଂ ସମାଧାନର ଆପାତଃ ଉପାୟ ଇତ୍ୟାଦି ଅନ୍ୟ ଏକ ଅନୁଚ୍ଛେଦରେ ରହିବ।

**ଉପସଂହାର :**

- ଏଥିରେ ବିଚାର ଓ ନିଷ୍ପତ୍ତି ପାଇଁ ଅନୁରୋଧ ରହିବ।
- ପତ୍ରର ଦକ୍ଷିଣ ପାର୍ଶ୍ୱରେ 'ଇତି', 'ଆପଣଙ୍କର ସୌଜନ୍ୟମୁଗ୍ଧ' ଭଳି ସମ୍ମାନ ସୂଚକତା ଜ୍ଞାପିତ ହେବ।

**ଶେଷରେ :** ବାମ ପାର୍ଶ୍ୱରେ ସ୍ଥାନ ଏବଂ ଦିନାଙ୍କ ରହିବ

**ଶେଷରେ ଠିକଣା ପର୍ଯ୍ୟାୟରେ**

- ଦକ୍ଷିଣ ପାର୍ଶ୍ୱରେ ପ୍ରାପକଙ୍କ ପଦବୀ, କାର୍ଯ୍ୟାଳୟର ଠିକଣା ଓ ବାମ ପାର୍ଶ୍ୱରେ ପ୍ରେରକଙ୍କ ଯୋଗାଯୋଗ ନିମିତ୍ତ ଠିକଣା ରହିବ।

**୪. ବାଣିଜ୍ୟିକ / ବ୍ୟାବସାୟିକ ପତ୍ର**

କୌଣସି ବ୍ୟବସାୟିକ ପ୍ରତିଷ୍ଠାନ ସହିତ ବସ୍ତୁକ୍ରୟ, ବିକ୍ରୟ, ବସ୍ତୁର ନିର୍ଦ୍ଧାରିତ ମାନ ସମ୍ପର୍କୀୟ ଅଭିଯୋଗ; ଯୋଗାଣ ସଂକ୍ରାନ୍ତୀୟ ବିଳମ୍ବ ଇତ୍ୟାଦି ସମ୍ପର୍କରେ ହେଉଥିବା ଯୋଗାଯୋଗ ଏହି ଶ୍ରେଣୀର। ଏଥିରେ ମୂଲ୍ୟ ନିର୍ଦ୍ଧାରଣ, ଯୋଗାଣ ସମ୍ପର୍କୀୟ ସର୍ତ୍ତ, ଅର୍ଥ ଆଦାନ ପ୍ରଦାନ ସମ୍ପର୍କୀୟ ଚୁକ୍ତି ବିଷୟକ ସୂଚନା ମଧ୍ୟ ଏଥିରେ ଦିଆଯାଇଥାଏ।

**ଲକ୍ଷଣ:** ସଂକ୍ଷିପ୍ତ, ସ୍ପଷ୍ଟ, ମାର୍ଜିତ, ଆବେଗଶୂନ୍ୟ ଓ ନିୟମବଦ୍ଧ ହେବା ଆବଶ୍ୟକ।

**ପ୍ରଥମ ପର୍ଯ୍ୟାୟ :**

- ସଂପୃକ୍ତ ସଂସ୍ଥା ବା ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟଗତ ପଦବୀ ସମ୍ପର୍କିତ ସମ୍ବୋଧନ ରହିବ।
- ପତ୍ରର ବିଷୟ (ବନ୍ଧନୀ ମଧ୍ୟରେ)
- ପୂର୍ବ ଯୋଗାଯୋଗ ପତ୍ର ସଂଖ୍ୟା ତା ଦିନାଙ୍କର ସୂଚନା ଆବଶ୍ୟକ ସ୍ଥଳେ ରହିବ। (ବନ୍ଧନୀ ମଧ୍ୟରେ)
- ମହାଶୟ / ମହାଶୟା ଭଳି ସମ୍ବୋଧନ ରହିବ।

**ଦ୍ୱିତୀୟ ପର୍ଯ୍ୟାୟ :**

- ଦୃଷ୍ଟି ଆକର୍ଷଣ ପାଇଁ ସୂଚନା ପାଇଁ ଗୋଟିଏ ଅନୁଚ୍ଛେଦ।
- ପର ଅନୁଚ୍ଛେଦରେ ଆବଶ୍ୟକତା ଅନୁସାରେ ନିର୍ଦ୍ଦିଷ୍ଟ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ।
- ଅନ୍ୟ ଏକ ଅନୁଚ୍ଛେଦରେ ପ୍ରସ୍ତାବିତ କାର୍ଯ୍ୟାବଳୀ ବା ପଦକ୍ଷେପ ନେବା ସମ୍ପର୍କରେ ସୂଚନା ଏଥିରେ ରହିବ।

**ଉପସଂହାର :**

- ପତ୍ରର ପାର୍ଶ୍ୱରେ 'ଇତି' ସହିତ 'ବିଶ୍ୱସ୍ତ' ଏବଂ ପତ୍ର ପ୍ରେରକଙ୍କର ନାମ, ପଦବୀ, ବ୍ୟବସାୟିକ ପ୍ରତିଷ୍ଠା ଇତ୍ୟାଦିର ସୂଚନା ରହିବ।
- ବାମ ପାର୍ଶ୍ୱରେ ସ୍ଥାନ ଏବଂ ଦିନାଙ୍କ ରହିବ।
- ବାମ ପାର୍ଶ୍ୱରେ ବିଶେଷ ଦ୍ରଷ୍ଟବ୍ୟ (ବି.ଦ୍ର.)- ଶିରୋନାମାରେ ପୂର୍ବ ଅଭିଜ୍ଞତା; ପୂର୍ବ ପତ୍ରାଳାପର ନକଲ ଇତ୍ୟାଦି ସମ୍ପର୍କରେ ସୂଚନା ପ୍ରଦତ୍ତ ହେବ।
- ବସ୍ତୁର କ୍ରୟ କିମ୍ବା ଫେରସ୍ତ କାଳରେ ସେଗୁଡ଼ିକର ତାଲିକା ପ୍ରସ୍ତୁତ ହୋଇ ଏଥିରେ ସଂଯୁକ୍ତ ହୋଇପାରେ।
- ଏବଂ ଶେଷରେ ଠିକଣାରେ

  ଦକ୍ଷିଣ ପାର୍ଶ୍ୱରେ ପ୍ରାପକଙ୍କର ନାମ, ପଦବୀ, କାର୍ଯ୍ୟାଳୟର ଠିକଣା

  ଓ ବାମ ପାର୍ଶ୍ୱରେ ପ୍ରେରକଙ୍କର ନାମ, ପଦବୀ ଓ ଅନୁଷ୍ଠାନ ବା କାର୍ଯ୍ୟାଳୟର ଠିକଣା ରହିବ।

**୫. ନିମନ୍ତ୍ରଣ ପତ୍ର**

ବିବାହ, ବ୍ରତ, ପର୍ବପର୍ବାଣୀ, ବିଗ୍ରହ ପ୍ରତିଷ୍ଠା, ଗୃହ ପ୍ରତିଷ୍ଠା, ଉଦ୍‌ଘାଟନ ସମାରୋହ, ସଭାସମିତି ଆଦି ସାମାଜିକ ଅନୁଷ୍ଠାନମାନଙ୍କରେ ଯୋଗଦେବା ପାଇଁ ଏ ପ୍ରକାର ପତ୍ର ରଚିତ ହୋଇଥାଏ।

- ପତ୍ରର ଉପର ଅଂଶ ଆରମ୍ଭରେ ମଙ୍ଗଳ ସୂଚକ 'ଶ୍ଳୋକ'ଟିଏ ଦିଆଯାଏ।
- ମହାଶୟ / ମହାଶୟା ଆଦି ସମ୍ବୋଧନ (ପତ୍ରର ବାମ ପାର୍ଶ୍ୱରେ) ଏବଂ ସମ୍ବୋଧନ ପରେ କମା ରହିବ।
- ଉତ୍ସବର ପରିଚୟ
- ତାରିଖ, ସମୟ ପ୍ରଦତ୍ତ ହେବ।
- ଅନ୍ୟ ଏକ ଅନୁଚ୍ଛେଦରେ ଯୋଗ ଦେବା ପାଇଁ ପ୍ରାର୍ଥନା ରହିବ।
- ପତ୍ରର ଦକ୍ଷିଣ ପାର୍ଶ୍ୱର ଶେଷରେ 'ଇତି' 'ଆପଣଙ୍କର ଦର୍ଶନାଭିଳାଷୀ / ଆଗମନ ପ୍ରତୀକ୍ଷାରେ' ଇତ୍ୟାଦି ପରେ ପ୍ରେରକଙ୍କ ନାମ ରହିବ।
- ଅନୁଷ୍ଠାନ ତରଫରୁ ନିମନ୍ତ୍ରଣ ପ୍ରସ୍ତୁତ ହେଉଥିଲେ – ଅନୁଷ୍ଠାନର କର୍ମକର୍ତ୍ତାଙ୍କର ନାମ ତଳକୁ ପଦବୀ ରହିବ।
- ନମନ୍ତ୍ରଣ ଦେଉଥିବା ବ୍ୟକ୍ତି ବା ଅନୁଷ୍ଠାନର ଠିକଣା ରହିବ।
- ବାମ ପାର୍ଶ୍ୱରେ ସ୍ଥାନ ଓ ଦିନାଙ୍କ ରହିବ।
- ସର୍ବଶେଷରେ କାର୍ଯ୍ୟସୂଚୀ / ନିର୍ଘଣ୍ଟର ସୂଚନା ସଂଯୁକ୍ତ ହେବ।
- ଏତଦ୍‌ବ୍ୟତୀତ ବିବାହ ନିମନ୍ତ୍ରଣ ପତ୍ରର ଆରମ୍ଭର ଉପରେ 'ଓଁ ଶ୍ରୀ ପ୍ରଜାପତୟେ ନମଃ' ରହିବ ଏବଂ ଆଙ୍ଗିକରେ ଅନ୍ୟାନ୍ୟ ଅବୟବ ଅପରିବର୍ତ୍ତିତ ରହିବ।
- ମାତ୍ର ଦଶାହ ବା ଏକାଦଶାହ କାର୍ଯ୍ୟରେ ଯୋଗଦେବା ପାଇଁ ପ୍ରସ୍ତୁତ ନିମନ୍ତ୍ରଣ ପତ୍ରର ଉପର ଅଂଶରେ '୮ ଓଁ ଗଙ୍ଗା' ବୋଲି ଉଲ୍ଲିଖିତ ହେବ।
- ସମୁଦାୟ ପତ୍ରଟି କେବଳ କଳା କାଳିରେ ଛାପା ହେବ।
- ଉପସଂହାରରେ ଦକ୍ଷିଣ ପାର୍ଶ୍ୱର ଶେଷରେ

  'ଇତି'

  ଆପଣଙ୍କର ହତଭାଗ୍ୟ/ଭାଗ୍ୟହୀନ

  ପୁତ୍ର/କନ୍ୟା ଇତ୍ୟାଦି

  ନିବେଦକଙ୍କର ନାମ ରହିବ
- ବାମ ପାର୍ଶ୍ୱରେ ସ୍ଥାନ ଓ ଦିନାଙ୍କ ସହିତ ଶେଷରେ କାର୍ଯ୍ୟସୂଚୀ ରହିବ।

## କେତେକ ପତ୍ରର ଅନୁଶୀଳନୀ

- ଗାଁ ପୁଷ୍କରିଣୀ ପରିଷ୍କାର ପାଇଁ ବି.ଡି.ଓ.ଙ୍କୁ ଦରଖାସ୍ତ
- ଗାଁ ଶ୍ମଶାନର ପୁନରୁଦ୍ଧାର ପାଇଁ ବି.ଡି.ଓ.ଙ୍କୁ ଦରଖାସ୍ତ
- ଗାଁରେ ବିଦ୍ୟୁତ୍ ସରବରାହର ସ୍ଥିରତା ପାଇଁ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ପତ୍ର ।
- ଗ୍ରାମ ପାଠାଗାରକୁ କେତେକ ଗ୍ରନ୍ଥାବଳୀ ଯୋଗାଣ ପାଇଁ ଏକ ପୁସ୍ତକ ପ୍ରକାଶନ ସଂସ୍ଥାକୁ ପତ୍ର ।
- ଜଳବାହିତ ରୋଗର ପ୍ରତିକାର ପାଇଁ ସ୍ୱାସ୍ଥ୍ୟ ବିଭାଗର କର୍ତ୍ତୃପକ୍ଷଙ୍କୁ ପତ୍ର ।
- ଖେଳପଡ଼ିଆକୁ ସ୍କୁଲ୍ ସହିତ ସଂଯୁକ୍ତ କରୁଥିବା ରାସ୍ତା ମରାମତି ପାଇଁ ଉନ୍ନୟନ ଅଧିକାରୀଙ୍କୁ ପତ୍ର ।
- ବିବାହ ଉତ୍ସବ ପାଳନ ପାଇଁ ଗୋଷ୍ଠୀକେନ୍ଦ୍ରକୁ ଯୋଗାଇ ଦେବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପତ୍ର ।
- ସାନଭାଇକୁ ଛାତ୍ରାବାସରେ ରଖାଇବା ପାଇଁ କଲେଜ ଅଧ୍ୟକ୍ଷଙ୍କୁ ପତ୍ର ।
- କଲେଜରେ ନେଇଥିବା ବିଷୟ ପରିବର୍ତ୍ତନ ପାଇଁ ଅଧ୍ୟକ୍ଷଙ୍କୁ ପତ୍ର ।
- ଛାତ୍ରାବାସରୁ ତିନିଦିନ ଛୁଟିରେ ଯିବା ପାଇଁ ତତ୍ତ୍ୱାବଧାରକଙ୍କୁ ପତ୍ର ।
- ତୁମ ଜେଜେଙ୍କର ବାର୍ଦ୍ଧକ୍ୟଭତ୍ତାଧାରୀ ତାଲିକାରେ ନାମ ଉଠାଇବା ପାଇଁ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ପତ୍ର ।
- ଗ୍ରାମର ଜନୈକ ନିରାଶ୍ରୟା ରୁଗ୍ଣ ବୃଦ୍ଧାଙ୍କୁ ଚିକିତ୍ସାରେ ସହାୟତା ପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅନୁରୋଧ ।
- ବେଆଇନ୍ କ୍ୟାବିନ୍ ବସାଇ ରାସ୍ତା ଅବରୋଧ କରୁଥିବା ଦର୍ଶାଇ ପଞ୍ଚାୟତ ବା ମ୍ୟୁନିସ୍‌ପାଲିଟି ଅଧିକାରୀଙ୍କୁ ଦରଖାସ୍ତ ।
- ପ୍ରଶ୍ନପତ୍ରରେ ତ୍ରୁଟି ଦର୍ଶାଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କୁ ପତ୍ର ।
- ସାନ ଭଉଣୀର ବିବାହ ନିମନ୍ତ୍ରଣ ପତ୍ର ।
- ସ୍କୁଲର ପ୍ରଧାନଶିକ୍ଷକଙ୍କ ଅବସର ଉତ୍ସବ ପାଳନ ସଂକ୍ରାନ୍ତୀୟ ସମ୍ବାଦ ପ୍ରକାଶନ ପାଇଁ ଗୋଟିଏ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ।
- ହାତୀ ଉପଦ୍ରବରେ ଫସଲ ହାନୀ ହେଉଥିବା ଦର୍ଶାଇ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ।
- ତୁମ ପାଖ ଜଙ୍ଗଲରୁ କାଠ ମାଫିଆଙ୍କ କାଠଚୋରୀ ଦର୍ଶାଇ ବନଖଣ୍ଡର କର୍ତ୍ତୃପକ୍ଷଙ୍କୁ ପତ୍ର ।
- କରୋନା ଭାଇରସ୍‌ର ପ୍ରତିଷେଧକ ଭାବରେ ତୁମ ଗାଁର ଯୁବକ ସଂଘ ନେଇଥିବା ପଦକ୍ଷେପସବୁ ଜଣାଇ ସମ୍ବାଦପତ୍ରକୁ ପତ୍ର ।
- ବୃକ୍ଷରୋପଣର ଉପକାରିତା ଦର୍ଶାଇ ସାନ ଭାଇ ପାଖକୁ ପତ୍ର ।
- ଐତିହାସିକ ସ୍ଥାନ ଦର୍ଶନ ପାଇଁ ଯବା ନିମିତ୍ତ ଅନୁମତି ଭିକ୍ଷା କରି ବାପାଙ୍କ ନିକଟକୁ ପତ୍ର ।
- ଜନ୍ମଦିନ ପାଳନର ବିବରଣୀ ଦେଇ ସାଙ୍ଗ ନିକଟକୁ ପତ୍ର ।
- ମୋବାଇଲ୍ ଚୋରୀ ସମ୍ପର୍କରେ ପୁଲିସ୍ ଥାନାରେ ଅଭିଯୋଗ ପତ୍ର ।
- ଡ୍ରାଇଭିଂ ଲାଇସେନ୍ସ ନବୀକରଣ ପାଇଁ ଆର୍.ଟି.ଓ.ଙ୍କୁ ଦରଖାସ୍ତ ।

# ବ୍ୟାକରଣ

## ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା

**ପ୍ରତ୍ୟେକ ବିଭାଗରୁ ଚାରିଗୋଟି ଲେଖାଏଁ ପ୍ରଶ୍ନ ଆସିବ । ସେଥିରୁ ଦୁଇଟି ଲେଖାଏଁର ଉତ୍ତର ଦେବାକୁ ହେବ । ପ୍ରତି ଠିକ୍ ଉତ୍ତର ପାଇଁ ୧ ନମ୍ବର ଲେଖାଏଁ ମିଳିବ ।**

### ବିଶେଷ୍ୟ

ପ୍ରଶ୍ନ : କାହାକୁ କହନ୍ତି ?

ଉତ୍ତର : ବାକ୍ୟ ମଧ୍ୟରେ ବ୍ୟବହୃତ ପଦ ଯଦି ନାମକୁ ବୁଝାଉଥିବ - ତାହା ବିଶେଷ୍ୟ ।

ପ୍ରଶ୍ନ : ଭାବ ଦୃଷ୍ଟିରୁ ଏହା କେତେ ପ୍ରକାର ?

ଉତ୍ତର : ପାଞ୍ଚ ପ୍ରକାର ।

ପ୍ରଶ୍ନ : ନାମବାଚକ ଓ ସଂଜ୍ଞାବାଚକ ବିଶେଷ୍ୟ ଭିତରେ ପ୍ରଭେଦ କ'ଣ ?

ଉତ୍ତର : ପ୍ରଭେଦ ନାହିଁ ।

ପ୍ରଶ୍ନ : ନିମ୍ନବାକ୍ୟରେ ନାମବାଚକ ବିଶେଷ୍ୟ କିଏ ?

"ଆଦିକବି ସାରଳାଦାସ ମହାଭାରତ ରଚନା କରିଥିଲେ ।"

ଉତ୍ତର : ସାରଳାଦାସ ଓ ମହାଭାରତ ।

ପ୍ରଶ୍ନ : 'ଓଡ଼ିଶା ଗୋଟିଏ ଗ୍ରାମବହୁଳ ରାଜ୍ୟ' - ଏ ବାକ୍ୟରେ ନାମବାଚକ ବିଶେଷ୍ୟ କିଏ ?

ଉତ୍ତର : ଓଡ଼ିଶା

ପ୍ରଶ୍ନ : ଉପରୋକ୍ତ ବାକ୍ୟରେ 'ଗ୍ରାମ' କେଉଁବାଚକ ବିଶେଷ୍ୟ ?

ଉତ୍ତର : ଜାତିବାଚକ

ପ୍ରଶ୍ନ : 'କବିମାନଙ୍କ ମଧ୍ୟରେ କାଳିଦାସ ଶ୍ରେଷ୍ଠ ।' ଏ ବାକ୍ୟରେ ଜାତିବାଚକ ବିଶେଷ୍ୟ କିଏ ?

ଉତ୍ତର : କବି

ପ୍ରଶ୍ନ : ନାମବାଚକ ବିଶେଷ୍ୟ କିଏ ?

ଉତ୍ତର : କାଳିଦାସ

ପ୍ରଶ୍ନ : କୌଣସି ବସ୍ତୁକୁ ଯେତେ ଭାଙ୍ଗିଲେ ବି ଅବଶେଷରେ ନାମରେ ପରିବର୍ତ୍ତନ ନ ଘଟିଲେ ତାକୁ କ'ଣ କୁହାଯାଏ ?

ଉତ୍ତର : ବସ୍ତୁବାଚକ ବିଶେଷ୍ୟ

ପ୍ରଶ୍ନ : ବସ୍ତୁବାଚକ ବିଶେଷ୍ୟର ଉଦାହରଣ ଦିଅ ।

ଉତ୍ତର : କାଠ, ପାଣି, ସୁନା, ଲୁହା, କାଗଜ, ପଥର ଇତ୍ୟାଦି

ପ୍ରଶ୍ନ : ଏ ସବୁରୁ ତିଆରି ବସ୍ତୁଗୁଡ଼ିକ କେଉଁ କେଉଁ ବିଶେଷ୍ୟର ଅନ୍ତର୍ଭୁକ୍ତ ?

ଯଥା - ଖଟ, ଚେୟାର, ଟେବୁଲ, କବାଟ

ସରବତ୍, ବରଫ

କାନଫୁଲ, ମୁଦି

ଶାବଳ, କଡ଼େଇ, ଖଡ଼ିକା

ବହି, ଖାତା

ମୂର୍ତ୍ତି - ପଥର ବାସନ ଇତ୍ୟାଦି ସବୁ

ଉତ୍ତର : ଜାତିବାଚକ ବିଶେଷ୍ୟ ।

**ଗୁଣଗୁଡ଼ିକର ନାମ - ଗୁଣବାଚକ ବିଶେଷ୍ୟ**

ଯେପରି, ଦୟା, କ୍ଷମା, ମମତ୍ୱ, ମୈତ୍ରୀ, ଦାୟିତ୍ୱ, କରୁଣା ଇତ୍ୟାଦି ।

ଅବସ୍ଥା - ଯଥା, ଶୈଶବ, ବାର୍ଦ୍ଧକ୍ୟ, ଯୌବନ ଇତ୍ୟାଦି ମଧ୍ୟ ଏହି ପର୍ଯ୍ୟାୟରେ ।

ପ୍ରଶ୍ନ : 'ସାଧୁତା ଏକ ବିଶେଷ ଗୁଣ' । କେଉଁଟି ବିଶେଷ୍ୟ ପଦ ?

ଉତ୍ତର : ସାଧୁତା

ପ୍ରଶ୍ନ : 'ଯୌବନରେ ଶ୍ରୀରାମ ବନବାସ କରିଥିଲେ' । ଏ ବାକ୍ୟରେ ଯୌବନରେ କେଉଁ ପଦ ?

ଉତ୍ତର : ଅବସ୍ଥାବାଚକ ବିଶେଷ୍ୟ

**କ୍ରିୟାର ନାମକୁ ବୁଝାଇଲେ କ୍ରିୟାବାଚକ ବିଶେଷ୍ୟ ହୁଏ ।**

ଯଥା - ପହଁରିବା, ଖାଇବା, ଦେଖିବା, ଶୁଣିବା, ଶୋଇବା, ଖାଇବା, ପଢ଼ିବା, ଲେଖିବା ଇତ୍ୟାଦି ।

ପ୍ରଶ୍ନ : ନିମ୍ନ ଶବ୍ଦପୁଞ୍ଜରେ କେଉଁଗୁଡ଼ିକ ବିଶେଷ୍ୟ ପଦ।

ରାମ, ସୁନା, ଯିବା, ସେମାନେ, ଆହା, ସୁନ୍ଦର

କୃଷ୍ଣ, ସୌନ୍ଦର୍ଯ୍ୟ, ପତି, କିନ୍ତୁ ଯାଇଥିଲେ।

ଦୁଷ୍ଟ, କଲମ, ବହି, ହସିବା, ଆସନ୍ତୁ, ମାତ୍ର

କେତେବେଳେ, ଓହୋ; ଇଟା, ମାଟି, ଯାହା

ନାଚିବା, ଦୌଡୁଛି, ଖେଳୁଛି, ଶୁଣିଲେ, ଭାତ

ଉତ୍ତର : ଏ'ସବୁ କ୍ଷେତ୍ରରେ ରେଖାଙ୍କିତ ପଦଗୁଡ଼ିକ ବିଶେଷ୍ୟ ପଦ ଅଟନ୍ତି।

ପ୍ରଶ୍ନ : **ରେଖାଙ୍କିତ ପଦଗୁଡ଼ିକ କି ପ୍ରକାର ବିଶେଷ୍ୟ ?**

(କ) ସାରଳା ଦାସ ଚଣ୍ଡୀପୁରାଣ ଲେଖିଥିଲେ ?

ଉତ୍ତର : ନାମବାଚକ ବିଶେଷ୍ୟ।

(ଖ) ସାହସର ସହିତ ବିପଦର ସମ୍ମୁଖୀନ ହୁଅ।

ଉତ୍ତର : ଗୁଣବାଚକ ବିଶେଷ୍ୟ।

(ଗ) ଦେବାଠାରୁ ପୁଣ୍ୟ ନାହିଁ।

ଉତ୍ତର : କ୍ରିୟାବାଚକ ବିଶେଷ୍ୟ।

(ଘ) ଟେବୁଲ ଉପରେ କଲମ ଅଛି।

ଉତ୍ତର : ଟେବୁଲ୍ ବସ୍ତୁବାଚକ

କଲମ - ନାମବାଚକ

(ଙ) ହିମାଳୟ ବିଶ୍ୱର ସର୍ବୋଚ୍ଚ ପର୍ବତ।

ଉତ୍ତର : ହିମାଳୟ - ନାମବାଚକ

ପର୍ବତ - ଜାତିବାଚକ

ପ୍ରଶ୍ନ : **ବିଶେଷ୍ୟ ପଦଗୁଡ଼ିକ ଚିହ୍ନାଅ।**

(କ) ରୂପା ଏକ ମୂଲ୍ୟବାନ ଧାତୁ।

ଉତ୍ତର : ରୂପା, ଧାତୁ

(ଖ) ପାଣି ପିଇବ ଛାଣି।

ଉତ୍ତର : ପାଣି

(ଗ) ରାଧାନାଥ ଓଡ଼ିଶାର ବିଖ୍ୟାତ କବି।

ଉତ୍ତର : ରାଧାନାଥ, ଓଡ଼ିଶାର, କବି

## ବିଶେଷଣ

**ଅନ୍ୟପଦର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ଓ ନିର୍ଦ୍ଦିଷ୍ଟତାକୁ ବୁଝାଇଲେ ବିଶେଷଣ ପଦ ହୁଏ।**

ପ୍ରଶ୍ନ : **ନିମ୍ନ ବାକ୍ୟରେ ଥିବା ବିଶେଷଣ ପଦକୁ ଚିହ୍ନାଅ।**

(କ) ଆମ୍ବଟି ଅତ୍ୟନ୍ତ ମଧୁର।

ଉତ୍ତର : ଅତ୍ୟନ୍ତ

(ଖ) କଲିକତାର ଦୃଶ୍ୟ ଅତୀବ ମନୋରମ।

ଉତ୍ତର : ଅତୀବ

(ଗ) ହରିଣଟି ବେଗରେ ଦୌଡୁଛି।

ଉତ୍ତର : ବେଗରେ

(ଘ) ପବନ ଅତି ଧୀରେ ବହୁଅଛି।

ଉତ୍ତର : ଅତି

(ଙ) ଶିକ୍ଷକ ପିଲାମାନଙ୍କୁ ପ୍ରାଞ୍ଜଳ ଭାବରେ ବ୍ୟାକରଣ ବୁଝାଇ ଦେଲେ।

ଉତ୍ତର : ପ୍ରାଞ୍ଜଳ

(ଚ) ଉଡ଼ନ୍ତା ଚଢ଼େଇ ଧରିବା ଅସମ୍ଭବ।

ଉତ୍ତର : ଉଡ଼ନ୍ତା

(ଛ) ସୁଶୀଳ ଛାତ୍ର ସଫଳତା ପାଆନ୍ତି।

ଉତ୍ତର : ସୁଶୀଳ

(ଜ) ଛିଣ୍ଡା ସପରେ ଶୁଅନାହିଁ।

ଉତ୍ତର : ଛିଣ୍ଡା

(ଝ) ପୁସ୍ତକର ତୃତୀୟ ଗଳ୍ପ ମୋତେ ଭଲ ଲାଗେ।

ଉତ୍ତର : ତୃତୀୟ

(ଞ) ମୋତେ ଦଶଟଙ୍କା ଧାର ଦେଇଥିବ।

ଉତ୍ତର : ଦଶ

(ଟ) ଭରଣେ ଧାନର ଦାମ୍ କେତେ ?

ଉତ୍ତର : ଭରଣେ

(ଠ) ଗରଜିଲା ମେଘ ବରଷେ ନାହିଁ।

ଉତ୍ତର : ଗରଜିଲା

(ଡ) ତାଙ୍କର ଅକ୍ଷର ଖୁବ୍ ସୁନ୍ଦର।

ଉତ୍ତର : ଖୁବ୍

(ଢ) ବର୍ଷା ବିନ୍ଦୁବିନ୍ଦୁ ପଡୁଛି।

ଉତ୍ତର : ବିନ୍ଦୁବିନ୍ଦୁ

(ଣ) ଗଛଟି ଡେଙ୍ଗା

ଉତ୍ତର : ଡେଙ୍ଗା

(ତ) ତୁମେ ଚଞ୍ଚଳ ଆସିବ।

ଉତ୍ତର : ଚଞ୍ଚଳ

ପ୍ରଶ୍ନ : ଉପଯୁକ୍ତ ବିଶେଷଣ ସାହାଯ୍ୟରେ ଶୂନ୍ୟସ୍ଥାନ ପୂରଣ କର।

(କ) ବୈଶାଖ ମାସରେ _______ ଖରା ହୁଏ।

ଉତ୍ତର : ଟାଣ

(ଖ) _______ ରାତିରେ ବାଟ ଦେଖାଯାଏ ନାହିଁ।

ଉତ୍ତର : ଅନ୍ଧାର

(ଗ) _______ ମେଘ ବରଷେ ନାହିଁ।

ଉତ୍ତର : ଗରଜିଲା

(ଘ) ଚିଲିକାର ପାଣି _______ ଲୁଣିଆ।

ଉତ୍ତର : ଅତ୍ୟନ୍ତ

(ଙ) _______ ପୁଅର ଭାଗ ନାହିଁ।

ଉତ୍ତର : ଶୋଇଲା

(ଚ) _______ ନାବରେ ନଦୀପାର ହେବା ବିପଦ।

ଉତ୍ତର : ଦଦରା

(ଛ) _______ ଜଳ ପାନ କରନାହିଁ।

ଉତ୍ତର : ଦୂଷିତ

(ଜ) କାବ୍ୟର _______ ଅଧ୍ୟାୟ ଗୁରୁତ୍ୱପୂର୍ଣ୍ଣ।

ଉତ୍ତର : ପ୍ରଥମ

(ଝ) ପରୀକ୍ଷାରେ _______ ଅଙ୍କ ପଡ଼ିଥିଲା।

ଉତ୍ତର : ସହଜ /ଜଟିଳ

ପ୍ରଶ୍ନ : **ନିମ୍ନ ଶବ୍ଦ ମଧ୍ୟରୁ ବିଶେଷଣ ପଦ ଚିହ୍ନାଅ।**

(କ) ଓଜନ, ରାମେଶ୍ୱର, କଳା, ପୁରୁଷ, ବେଦ

ଉତ୍ତର : ଓଜନ, କଳା

(ଖ) ଭୁସ୍‌ଭୁସ୍; ଘାସୁଆ, ନାଟକ, ଚମତ୍କାର

ଉତ୍ତର : ଭୁସ୍‌ଭୁସ୍, ଚମତ୍କାର

(ଗ) ମଧୁର, ଯେମିତି, ସାଧୁତା, ସରଳ, ଓଃ

ଉତ୍ତର : ମଧୁର, ସରଳ

(ଘ) ରାଧାନାଥ, ବିନୟୀ, ଜ୍ଞାନ, ନିଷ୍ଠୁର

ଉତ୍ତର : ବିନୟୀ, ନିଷ୍ଠୁର

## ସର୍ବନାମ

**ବିଶେଷ୍ୟ, ବିଶେଷଣ କିମ୍ବା ବାକ୍ୟାଂଶ ପରିବର୍ତ୍ତେ ଯାହା ଅର୍ଥବୋଧକତା ରକ୍ଷା କରି ବ୍ୟବହୃତ ହୁଏ - ତାହା ସର୍ବନାମ।**

ଗୁଣ ଓ ବ୍ୟବହାର ଦୃଷ୍ଟିରୁ ଏଗୁଡ଼ିକ ବହୁତ ପ୍ରକାରର, ଯେପରି -

- ମୁଁ, ତୁମ୍ଭେ, ସେ, ସେମାନେ, ଆମେ, ମୋତେ, ଆମର, ସେମାନଙ୍କର ଇତ୍ୟାଦି - ପୁରୁଷବାଚକ।
- କିଏ, କ'ଣ, କେଉଁଠି, କାହିଁକି, କାହାର, କେହି ଇତ୍ୟାଦି ପ୍ରଶ୍ନବାଚକ।
- ଯାହା, ତାହା, ସେହି, ଏଇ - ଇତ୍ୟାଦି ନିର୍ଦ୍ଦେଶାତ୍ମକ।
- କିଛି, କେହି - ବ୍ୟବହାର ଦୃଷ୍ଟିରୁ ଅନିଶ୍ଚିୟତାବାଚକ।
- ଯେ, ଯିଏ - ବେଳେବେଳେ ବିଶେଷ୍ୟ ପଦ ପରିବର୍ତ୍ତେ ବ୍ୟବହୃତ ହୋଇ ଦୁଇଟି ବାକ୍ୟକୁ ଯୋଗ କରନ୍ତି ଏବଂ ସମୁଚ୍ଚୟୀ ବୋଲି ଗୃହୀତ ହୁଅନ୍ତି।
- ସବୁ, ଉଭୟେ, ପ୍ରତ୍ୟେକ, ଆଉ ଇତ୍ୟାଦି ନିର୍ଣ୍ଣୟାତ୍ମକ।
- ନିଜେ, ବଳେ, ଆପେ ଇତ୍ୟାଦି ଗୁରୁତ୍ୱାରୋପକ ସର୍ବନାମ।
- ନିଜେ, ନିଜକୁ, ନିଜର, ନିଜଦ୍ୱାରା ଇତ୍ୟାଦି ଆତ୍ମବାଚକ ସର୍ବନାମ।

ପ୍ରଶ୍ନ : **ନିମ୍ନ ବାକ୍ୟରେ ଥିବା ସର୍ବନାମ ପଦକୁ ଚିହ୍ନାଇ ଦିଅ।**

(କ) ବାଳସୂର୍ଯ୍ୟଙ୍କୁ ଦେଖି ହନୁମାନ ତାହା ଖାଇବାକୁ ଲାଳାୟିତ ହେଲେ।

ଉତ୍ତର : ତାହା

(ଖ) ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହେଲେ ବି ଏଠାରେ ବହୁତ ବସ୍ତି ରହିଛି।

ଉତ୍ତର : ଏଠାରେ

(ଗ) ବିଚାରପତି ଆଜି ତାଙ୍କର ରାୟ ଶୁଣାଇଲେ।

ଉତ୍ତର : ତାଙ୍କର

(ଘ) ଶିକ୍ଷକ ଛାତ୍ରକୁ ପଚାରିଲେ, "ତୁମ ନାମ କ'ଣ ?"

ଉତ୍ତର : ତୁମ

(ଙ) ଏ ସଂସାରକୁ ଧର୍ମ ରକ୍ଷା କରିଛି - ଏହା ଆଦୌ ଭୁଲ ନୁହେଁ।

ଉତ୍ତର : ଏହା

(ଚ) ଆମେ କେଉଁଠି ନାଚିବା ?

ଉତ୍ତର : କେଉଁଠି

ପ୍ରଶ୍ନ : **ଉପଯୁକ୍ତ ସର୍ବନାମ ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ସ୍ୱାର୍ଥପର ଲୋକ ଆଗେ _______ ସୁଖ ଚାହେଁ ।

ଉତ୍ତର : ନିଜର / ଆପଣାର

(ଖ) _______ ପ୍ରକୃତରେ ଉଚ୍ଚମନା, _______ ମହତ୍ତ୍ୱ ଦିନେ ନା ଦିନେ ସମସ୍ତେ ଅନୁଭବ କରିବେ ।

ଉତ୍ତର : (୧) ଯିଏ, (୨) ତାଙ୍କର

(ଗ) ଯେଉଁମାନେ ପରର ଉପକାର କରନ୍ତି _______ ଧନ୍ୟ ।

ଉତ୍ତର : ସେମାନେ

(ଘ) ଏ ଘଣ୍ଟାଟି _______ ତାଙ୍କୁ ଦେଇ ଦିଅ ।

ଉତ୍ତର : ଯାହାର

(ଙ) _______ ଦେଶ ଯାଇ _______ ଫଳ ଖାଇ ।

ଉତ୍ତର : (୧) ଯେ, (୨) ସେ

(ଚ) _______ ପରିଚୟ ସୃଷ୍ଟି କର ।

ଉତ୍ତର : ନିଜେନିଜର

(ଛ) ରାମବାବୁ _______ ଆସି ପହଞ୍ଚିବେ ।

ଉତ୍ତର : ବଳେ

(ଜ) ଦୁଇଟି କଲମ ମଧ୍ୟରୁ _______ ମୂଲ୍ୟବାନ ।

ଉତ୍ତର : ପ୍ରତ୍ୟେକଟି

## ଅବ୍ୟୟ

**ଯେଉଁ ପଦ ରୂପ, ବଚନ, କାଳ, ବିଭକ୍ତି, କାରକ, ଲିଙ୍ଗ ଆଦି ଭେଦରେ ଆଦୌ ପରିବର୍ତ୍ତିତ ହୁଏନାହିଁ - ତାହା ଅବ୍ୟୟ ।**

ବ୍ୟବହାର ଓ ଗୁଣ ଦୃଷ୍ଟିରୁ ଏହା ବିବିଧ

- ଓ, ଆଉ, ମଧ୍ୟ, ଏବଂ - ସଂଯୋଗକ
- କିନ୍ତୁ, ମାତ୍ର, ପରନ୍ତୁ, ଅଥଚ - ବିଯୋଜକ
- ସହ, ବିନା, ସହିତ - ପଦାନ୍ୱୟୀ
- ଦ୍ୱାରା, ଦେହୀ, ଠାରୁ - ବିଭକ୍ତିସୂଚକ
- ଯେବେ, କେବେ, ଅଧୁନା, ହଠାତ୍ ଇତ୍ୟାଦି - କାଳସୂଚକ
- ନ, ନା, ନଚେତ୍ ଇତ୍ୟାଦି - ନିଷେଧାର୍ଥକ
- ଯଦି, ଯେବେ, କାଳେ - ସମ୍ଭାବନାସୂଚକ
- ବାରମ୍ବାର, ଘନଘନ ଇତ୍ୟାଦି - ବୀପ୍ସାର୍ଥକ
- କାହିଁକି, କି, ପରା - ପ୍ରଶ୍ନସୂଚକ

ଆହୁରି ଏହିପରି ଅନେକ ପ୍ରକାରର

ପ୍ରଶ୍ନ : **ନିମ୍ନୋକ୍ତ ବାକ୍ୟରେ ଥିବା ଅବ୍ୟୟ ପଦ ଚିହ୍ନାଅ ।**

(କ) ଠନ୍‌ଠନ୍ କରି ଘଣ୍ଟାରେ ଦଶଟା ବାଜିଲା ।

ଉତ୍ତର : ଠନ୍‌ଠନ୍

(ଖ) ବ୍ୟବସାୟରେ ଲାଭ ନଚେତ୍ କ୍ଷତି ହୋଇପାରେ ।

ଉତ୍ତର : ନଚେତ୍

(ଗ) ଇସ୍ - କି କଦର୍ଯ୍ୟ ଲୋକ !

ଉତ୍ତର : କି

(ଘ) ଫଡ୍‌ଫଡ୍ କରି ଚଢ଼େଇ ଉଠିଗଲେ ।

ଉତ୍ତର : ଫଡ୍‌ଫଡ୍

(ଙ) ସତ୍ୟ ଛଡ଼ା ଜୀବନରେ ପୂର୍ଣ୍ଣତା ନାହିଁ ।

ଉତ୍ତର : ଛଡ଼ା

(ଚ) ଯଦି ସେ ଆସିବେ, ମୁଁ ଯିବି ।

ଉତ୍ତର : ଯଦି

(ଛ) ଅବଶ୍ୟ ତାଙ୍କୁ ଆସିବାକୁ ହେବ ।

ଉତ୍ତର : ଅବଶ୍ୟ

ପ୍ରଶ୍ନ : **ଉପଯୁକ୍ତ ଅବ୍ୟୟ ପଦ ଦେଇ ଶୂନ୍ୟସ୍ଥାନ ପୂରଣ କର ।**

(କ) ମଣିଷ _______ ଅନୀତି କରିବ, ଦଣ୍ଡ ପାଇବ ।

ଉତ୍ତର : ଯଦି

(ଖ) ଗୋବିନ୍ଦ ଭୁଲ କଲା _______ ଦଣ୍ଡ ପାଇଲା ।

ଉତ୍ତର : ତେଣୁ

(ଗ) ଭାନୁ _______ ରାନୁ କେହି ଜଣେ ହେଲେ ଚଳିବ ।

ଉତ୍ତର : କିମ୍ବା

(ଘ) ଜୀବନ _______ ଯୌବନ ଚିରସ୍ଥାୟୀ ନୁହେଁ ।

ଉତ୍ତର : ଓ

(ଙ) ମୁଁ ତାଙ୍କୁ _______ ପିଜୁଳି ଦେଲି, ସେ ମୋତେ _______ ଆମ୍ବ ଦେଲେ ।

ଉତ୍ତର : ଯେତିକି, ସେତିକି

(ଚ) _______ ତାଙ୍କର ସଞ୍ଚୟ ଶେଷ ହେବାରେ ଲାଗିଲା ।

ଉତ୍ତର : କ୍ରମେକ୍ରମେ

(ଛ) ଅପମାନିତ ହୋଇ ସେ ଜୀବନକୁ _______ କରିଦେଲେ ।

ଉତ୍ତର : ଛି

ପ୍ରଶ୍ନ : **ନିମ୍ନ ପ୍ରଦତ୍ତ ଶବ୍ଦପୁଞ୍ଜରୁ ଅବ୍ୟୟକୁ ଚିହ୍ନାଇ ଦିଅ।**

(କ) ବିଚ୍ଛେଦ, ସୌନ୍ଦର୍ଯ୍ୟ, ଗୋବିନ୍ଦ, ମାତ୍ର

ଉତ୍ତର : ମାତ୍ର

(ଖ) ବ୍ୟବସାୟ, ବନ୍ଧୁର, ଉଦାର, ଲାଗଲାଗ

ଉତ୍ତର : ଲାଗଲାଗ

(ଗ) ନାଚିବା, କୃଷି, ବାଣିଜ୍ୟ, ବିଷ୍ଣୁ, କାଳେ

ଉତ୍ତର : କାଳେ

(ଘ) ଆହା, ଦୁଃଖୀ, ଭୋଗୀ, ଭିକ୍ଷୁକ

ଉତ୍ତର : ଆହା

(ଙ) ଯାତନା, ବେଦନା, ବିନା, ଦେଖୁଛି, ସେମାନେ

ଉତ୍ତର : ବିନା

(ଚ) ରୁବିନା, ଅଫିସ, ଏବେଏବେ, ଯାଉଛି

ଉତ୍ତର : ଏବେଏବେ

(ଛ) ପୁଲିସ୍, ଜନତା, ସାଧାରଣ, ମାତ୍ରେ, ପକଳାଇଲେ

ଉତ୍ତର : ମାତ୍ରେ

## କ୍ରିୟାପଦ

**କାର୍ଯ୍ୟ ସମ୍ପାଦିତ ହେବା ବୁଝାଇଲେ ବା ସୂଚନା ମିଳିଲେ କ୍ରିୟାପଦ ହୁଏ।**

**ଧାତୁରେ ପ୍ରତ୍ୟୟ ଯୋଗ ହୋଇ କ୍ରିୟାପଦ ସୃଷ୍ଟି ହୁଏ।**

**ମନେରଖ :**

କାର୍ଯ୍ୟ ବୁଝାଇଲେ ବିଶେଷ୍ୟ – ଯେପରି ଖାଇବା, ଶୋଇବା, ହସିବା, ଦେଖିବା ଇତ୍ୟାଦି।

କାର୍ଯ୍ୟ ସମାପ୍ତି / ସମ୍ପାଦନ ପ୍ରକ୍ରିୟାକୁ ବୁଝାଇଲେ କ୍ରିୟାପଦ କୁହାଯିବ – ଯେପରି, ଖାଇ – ଖାଉଛି, ଶୋଇ – ଶୋଇଥିଲା, ହସି – ହସୁଥିଲା, ଦେଖି – ଦେଖିବ ଇତ୍ୟାଦି ...

- **ଦ୍ୱିପ୍ରକାର କ୍ରିୟା ଦେଖାଯାଏ**

(୧) **ସମାପିକା** – ବାକ୍ୟରେ ଅର୍ଥ ସମ୍ପୂର୍ଣ୍ଣ ପ୍ରକାଶ କରୁଥିଲେ : କିମ୍ବା ଅର୍ଥ ପ୍ରକାଶ ପାଇଁ ଅନ୍ୟ କ୍ରିୟା ଉପରେ ନର୍ଭର କରେନାହିଁ।

ଯେପରି – ଛାତରୁ **ଦେଖୁଛି;** ପରୀକ୍ଷା **ଦେଉଛି;** କପି କର **ନାହିଁ;** ଗୀତ **ଶୁଣୁଥାଅ,** ସିନେମା **ଦେଖ।**

(୨) **ଅସମାପିକା –** ବାକ୍ୟର ଅର୍ଥ ସମ୍ପୂର୍ଣ୍ଣ ହୁଏ ନାହିଁ – ଅର୍ଥ ପ୍ରକାଶ ପାଇଁ ଅନ୍ୟ କ୍ରିୟା ଉପରେ ନିର୍ଭର କରେ।

ଯଥା : ହାତ **ଧୋଇ,** ଗୀତ **ଶୁଣି,** ଫଳ **ଖାଇବାକୁ,** ପାନ **ଭାଙ୍ଗିବାର,** ଇତ୍ୟାଦି।

- **ପଦ ସହିତ ମିଶି ମଧ୍ୟ କ୍ରିୟାର ବ୍ୟବହାର ଦେଖାଯାଏ।**

(୧) **ଅମିଶ୍ର କ୍ରିୟା** – କେବଳ ଗୋଟିଏ ପଦ ରୂପେ କ୍ରିୟା ବ୍ୟବହୃତ।

ଯେପରି– ଫଳ **ବିକୁଛି;** ଆଗ୍ରହରେ **ପଢ଼ିଲି;** ଲୋଭରେ **ଖାଇଲି;**

(୨) **ମିଶ୍ର କ୍ରିୟା –** ଏକାଧିକ କ୍ରିୟାର ମିଶ୍ରଣରେ ପ୍ରସ୍ତୁତ କ୍ରିୟା :

ଯେପରି – ଫଳ ବିକ୍ରୟ କରୁଛି, ଆଗ୍ରହରେ ପଠନ କଲି, ଲୋଭରେ ଭୋଜନ କଲି। ଏସବୁଠି କ୍ରିୟା ବିଶେଷ୍ୟ ପଦ ସହ ଯୋଗ ହୋଇ କ୍ରିୟାକୁ ଏବଂ ମିଶ୍ରକ୍ରିୟାକୁ ବୁଝାଉଛି।

- **ପୁନଶ୍ଚ କର୍ମ ଆଧାରରେ କ୍ରିୟାକୁ ତିନି ଭାଗରେ ବିଭକ୍ତ କରାଯାଏ**

(୧) **ଅକର୍ମକ** – ବିନା କର୍ମରେ ବ୍ୟବହୃତ କ୍ରିୟା

ଯେପରି – ବାପା ପଢୁଛନ୍ତି, ବାସନ୍ତୀ ଗାଉଛି

(୨) **ସକର୍ମକ –** କ୍ରିୟା ପଦ ଗୋଟିଏ କର୍ମ ସହିତ ଯୁକ୍ତ ହେଲେ

ଯେପରି – ବାପା ଭାଗବତ ପଢୁଛନ୍ତି, ବାସନ୍ତୀ ଗୀତ ଗାଉଛି, ମଧୁ ଫଳ ଖାଉଛି

(୩) **ଦ୍ୱିକର୍ମକ –** ଦୁଇଟି କର୍ମ ସହ ସଂଯୁକ୍ତ ହେଲେ କ୍ରିୟା ପଦକୁ ଦ୍ୱିକର୍ମକ କ୍ରିୟା କୁହାଯାଏ। ଗୋଟିଏ ମୁଖ୍ୟ କର୍ମ, ଅନ୍ୟଟି ଗୌଣ କର୍ମ

ଯେପରି – ଶିକ୍ଷକ ବସନ୍ତକୁ ପ୍ରଶ୍ନ ପଚାରିଲେ। ବାପା ମୋତେ ଘଣ୍ଟାଟିଏ କିଣିଦେଲେ।

ଯେତେବେଳେ କ୍ରିୟାଟି କ'ଣର ଉତ୍ତର ଦିଏ ସେତେବେଳେ ତାହା ମୁଖ୍ୟ କର୍ମ।

କାହାକୁ – ଇତ୍ୟାଦିର ଉତ୍ତର ଦେଲେ ଗୌଣ କର୍ମ ହୁଏ।

- **ପ୍ରେରଣାର୍ଥକ କ୍ରିୟା**

ଅନ୍ୟକୁ ସାହାଯ୍ୟ ବା ପ୍ରେରଣା ଦେବା ବୁଝାଉଥିବା କ୍ରିୟାକୁ ପ୍ରେରଣାର୍ଥକ କ୍ରିୟା କୁହାଯାଏ।

ଯେପରି – ବ୍ୟାକରଣ ପଢ଼େଇଲେ, କ୍ଷୀର ଖୁଆଇଲେ

ପଢ଼ିବା ଓ ଖାଇବା କର୍ମ ପଢ଼େଇଲେ ଓ ଖୁଆଇଲେ ରୂପେ ଅନୁପ୍ରେରିତ ହୋଇ ବ୍ୟବହୃତ ହୋଇଛି।

ପ୍ରଶ୍ନ : **ନିମ୍ନ ବାକ୍ୟରେ ବ୍ୟବହୃତ କ୍ରିୟା ପଦକୁ ଚିହ୍ନାଅ।**

(କ) ସଚ୍ଚିନ୍‌କୁ ସମସ୍ତେ ଜାଣନ୍ତି।

ଉତ୍ତର : ଜାଣନ୍ତି

(ଖ) ଜୟଦେବଙ୍କୁ କିଏ ନ ଜାଣେ ?

ଉତ୍ତର : ଜାଣେ

(ଗ) ଆର୍ଯ୍ୟଭଟ୍ଟ ଜଣେ ଭାରତୀୟ ବିଜ୍ଞାନୀ ଥିଲେ।

ଉତ୍ତର : ଥିଲେ

(ଘ) ସାର୍ ମୋତେ ବ୍ୟାକରଣ ପଢ଼ାଇଲେ।

ଉତ୍ତର : ପଢ଼ାଇଲେ

(ଙ) ଟାଇଗର - ଦୌଡ଼ିଦୌଡ଼ି ଥକିଗଲା।

ଉତ୍ତର : ଦୌଡ଼ିଦୌଡ଼ି, ଥକିଗଲା

(ଚ) ସେ ଆସନ୍ତୁ - ମୁଁ କହିବି।

ଉତ୍ତର : ଆସନ୍ତୁ, କହିବି

ପ୍ରଶ୍ନ : **କିଏ କେଉଁ ପ୍ରକାର କ୍ରିୟା ଚିହ୍ନାଅ**

ଖେଳାଉଛି - ପ୍ରେରଣାର୍ଥକ

ଶୋଇଥିଲା - ସମାପିକା

ଶୋଉଶୋଉ - ଅସମାପିକା

ହାତୀକୁ ଦେଖିଲା - ସକର୍ମକ

ନେବି - ସମାପିକା

ଖାଇସାରି - ଅସମାପିକା

ଦେଖାଇବା - ପ୍ରେରଣାର୍ଥକ

ଖାଉଖାଉ - ମିଶ୍ରକ୍ରିୟା

ପଠନ କରୁଥିଲା - ମିଶ୍ରକ୍ରିୟା

ଗାୟନ କରିଥିଲେ - ମିଶ୍ରକ୍ରିୟା

ପଡ଼ିଯାଇ - ଅସମାପିକା କ୍ରିୟା

ପ୍ରଶ୍ନ : **ଶବ୍ଦପୁଞ୍ଜରୁ କ୍ରିୟା ପଦକୁ ଚିହ୍ନାଅ**

(କ) ସୁଦର୍ଶନ, ହଳଧର, ସତ୍ତ୍ୱେ, ଦେଖିଲେ

ଉତ୍ତର : ଦେଖିଲେ

(ଖ) ବିଶାଳ, ସାହସ, ଦେଖି, ଯେଣୁ

ଉତ୍ତର : ଦେଖି

(ଗ) ଖୁଆଇବା, ଖାଇବା, ହସିବା, ପ୍ରାଣକୃଷ୍ଣ

ଉତ୍ତର : ଖୁଆଇବା

(ଘ) ଭୋଜନ, ଗମନ, ବିଦାୟ, ଗୋପାଳ, ଦେଖୁଛି।

ଉତ୍ତର : ଦେଖୁଛି

(ଙ) କଟକ, ଜଗନ୍ନାଥ, ଭୁବନେଶ୍ୱର, ଚଳେଇଛନ୍ତି।

ଉତ୍ତର : ଚଳେଇଛନ୍ତି

